

ଗୋବିନ୍ଦାଙ୍କ ସହ କାମ କରିବା ପାଇଁ ଆଗ୍ରହୀ ଅନିସ୍

▶ପୃଷ୍ଠା ୧୪ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-304 ◆BHUBANESWAR ◆TUESDAY ◆30 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୦୪ ◆ଭୁବନେଶ୍ୱର ◆ମଙ୍ଗଳବାର ◆୩୦ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


■ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କୁ ଆଶ୍ୱସ୍ତି

## ସିବିଆଇ ତଦନ୍ତ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ



■ **ନୂଆଦିଲ୍ଲୀ, ୨୯ ।୪(ଏଜେନ୍ସି):** ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ହାଇକୋର୍ଟ ଦେଇଥିବା ରାୟ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ଏହି ଦୁର୍ନୀତି ମାମଲାରେ ସିବିଆଇ ତଦନ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ରୋକ୍ ଲଗାଇଛନ୍ତି। ତେବେ ପଶ୍ଚିମବଙ୍ଗ ଶିକ୍ଷା ବୋର୍ଡ ଦ୍ୱାରା ୨୫ ହଜାର ଶିକ୍ଷକ ଏବଂ ଅନ୍ୟ କର୍ମଚାରୀଙ୍କୁ ମିଳିଥିବା ନିଯୁକ୍ତିକୁ ହାଇକୋର୍ଟ ରଦ୍ଦ କରିବାକୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଶିକ୍ଷକ ନିଯୁକ୍ତି ରଦ୍ଦ ନିର୍ଦ୍ଦେଶ ଉପରେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ରୋକ୍ ଲଗାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲେ ହେଁ ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ଘୋଟାଲାକୁ ନେଇ ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ ଘୋର ଅସନ୍ତୋଷ ପ୍ରକଟ କରିବା ସହିତ ଯେଉଁ ଏଜେନ୍ସି ଏହି ପରୀକ୍ଷା ଆୟୋଜନ କରିଥିଲା ତାହା କିଭଳି ଓଏମଆର୍ ସିଟ୍ରେ ଜାଲିଆତି କରିପାରିଲା ବୋଲି ପ୍ରଶ୍ନ କରିଛନ୍ତି। ଏହାବ୍ୟତୀତ ଯେଉଁମାନେ ଶିକ୍ଷକ ଚୟନ ପ୍ରକ୍ରିୟାରେ ଭାଗ ନେବା ଉଚିତ ନୁହେଁ ସେମାନେ କିଭଳି ଚୟନ ବୋର୍ଡ ସହ ସାମିଲ ରହିଥିଲେ ତାହା ରାଜ୍ୟ ସରକାର ▶ପୃଷ୍ଠା-୯

■ ୩୨ ସହରରେ ତାପମାତ୍ରା ୪୦ ଡିଗ୍ରୀ ପାର୍

## ବାରିପଦାରେ ପାରଦ ପୁଣି ୪୫ ଡିଗ୍ରୀ ନିକଟତର



**ଆଜି ୯ ଜିଲ୍ଲାକୁ ରେଡ୍ ଆଲର୍ଟ**

**ସ୍ୱାଭାବିକଠାରୁ ୬ ଡିଗ୍ରୀ ଯାଏ ବଢ଼ିବ**

■ **ଭୁବନେଶ୍ୱର, ୨୯ ।୪(ସମିସ):** ଅସହ୍ୟ ତାତିରେ ଛଟପଟ ହେଉଛି ସାରା ଓଡ଼ିଶା। ଗୋଟିଏ ପରେ ଗୋଟିଏ ସହରରେ ତାପମାତ୍ରା ଲମ୍ବା ଲମ୍ଫ ମାରୁଛି। କେତେବେଳେ ଉତ୍ତର ଓଡ଼ିଶା ତ କେତେବେଳେ ପଶ୍ଚିମା ଓଡ଼ିଶା ପାଲଟୁଛି ନିଆଁ ପିଣ୍ଡୁଳା। ତାତି ସାଙ୍ଗକୁ ଉପକୂଳ ଓଡ଼ିଶାରେ ଗୁଳୁଗୁଳିରେ ସିଝୁଛନ୍ତି ଲୋକେ। ଗଲା ପ୍ରାୟ ମାସେ ହେବ କାଁ ଭାଁ ଛାଡ଼ିଦେଲେ ପ୍ରତିଦିନ ତାପମାତ୍ରା ତା'ର ତାଣ୍ଡବ ଦେଖାଉଛି। ସୋମବାର ରାଜ୍ୟର ୩୨ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪ ସହରରେ ଦିନ ତାପମାତ୍ରା ୪୪ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ଥିବା ରେକର୍ଡ ହୋଇଛି। ସୋମବାର ୪୪.୮ ଡିଗ୍ରୀ ସହ ବାରିପଦା ପୁଣି ଥରେ ରାଜ୍ୟର ପ୍ରଥମ ଓ ଦେଶର ତୃତୀୟ ଉତ୍ତପ୍ତ ସହର ▶ପୃଷ୍ଠା-୯

**ଧରାପଡ଼ିଲା ବିଜେପିର ନିର୍ଲଜ ଆଭିମୁଖ୍ୟ**

# 'ଅସ୍ମିତା' ଛଳନା, 'ଭାଷା' ପ୍ରତାରଣା

■ **ଭୁବନେଶ୍ୱର, ୨୯ ।୪(ସମିସ):** ଚଳିତ ନିର୍ବାଚନରେ ବିଜେପି 'ଓଡ଼ିଆ ଅସ୍ମିତା'କୁ ରାଜ୍ୟରେ ମୁଖ୍ୟ ପ୍ରସଙ୍ଗ କରିଛି। ଦଳର କେନ୍ଦ୍ରୀୟ ଶୀର୍ଷ ନେତାଙ୍କ ଠାରୁ ଆରମ୍ଭ କରି ରାଜ୍ୟ ନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ନିର୍ବାଚନ ପ୍ରଚାର ସମୟରେ ଲୋକଙ୍କୁ ଏହି 'ଓଡ଼ିଆ ଅସ୍ମିତା'ର କଥା କହି ଭୋଟ ଭିକ୍ଷା କରୁଛନ୍ତି। ତେବେ ଓଡ଼ିଆ ଅସ୍ମିତା ପ୍ରତି ବିଜେପିର ଥିବା ବାସ୍ତବ ଦରଦ କେତେ, ତାକୁ ଧରାପକାଇ ଦେଇଛି ଖୋଦ୍ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ। ବିଭାଗର ତଥ୍ୟରୁ ପୁଣି ଧରାପଡ଼ିଛି ବିଜେପିର ଓଡ଼ିଶା ଓ ଓଡ଼ିଆ ବିରୋଧୀ ମାନସିକତା। ଓଡ଼ିଆ 'ଅସ୍ମିତା' ଓ ଓଡ଼ିଆ 'ଭାଷା'କୁ କ୍ରମାଗତ ଅବହେଳା କରି ଆସିଥିବା କେନ୍ଦ୍ରର ବିଜେପି ସରକାର ଏବଂ ରାଜ୍ୟକୁ ଅବହେଳା ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରିଥିବା ଓଡ଼ିଶାର ବିଜେପି ନେତାମାନଙ୍କ କୁମ୍ଭୀରକାନ୍ଦଣା ଉପରୁ ପରଦା ହଟିଛି। ଶାସ୍ତ୍ରୀୟ ଭାଷା ଓଡ଼ିଆକୁ କେନ୍ଦ୍ରର ବିଜେପି ସରକାର କେବଳ ଅବହେଳା କରି ନାହାନ୍ତି; ନିରନ୍ତର ଉପେକ୍ଷା କରିଥିବାର ପ୍ରମାଣ ମନ୍ତ୍ରଣାଳୟ ଦସ୍ତାବିଜ୍‌ରୁ ପ୍ରମାଣିତ ହୋଇଛି।

ଦେଶର ମାତ୍ର ୬ଟି ଶାସ୍ତ୍ରୀୟ ଭାଷା ମଧ୍ୟରୁ ଓଡ଼ିଆ ଅନ୍ୟତମ। ମାତ୍ର ଅନ୍ୟ ଭାଷାର ପ୍ରଚାରପ୍ରସାର ନିମନ୍ତେ କେନ୍ଦ୍ର ସରକାର ଯେଉଁ ପରିମାଣର ଅନୁଦାନ ପ୍ରଦାନ କରିଛନ୍ତି ଓଡ଼ିଆକୁ ତାହାର ଶହେ ଭାଗରୁ ଭାଗେ ମଧ୍ୟ ମିଳିନାହିଁ। ବିଡ଼ମ୍ବନା ହେଉଛି ଗୋଟିଏ ଗୋଟିଏ ବର୍ଷ ତ ଓଡ଼ିଆ ଭାଷାର ବିକାଶ ପାଇଁ କେନ୍ଦ୍ର ସରକାର ଟଙ୍କାଟିଏ ମଧ୍ୟ ଆର୍ଥିକ ଅନୁଦାନ ପ୍ରଦାନ କରିନାହାନ୍ତି। ଶାସ୍ତ୍ରୀୟ ମାନ୍ୟତା ପାଇଥିବା ୬ଟି ଯାକ ଭାଷା ତୁଳନାରେ ୨୦୧୯-୨୦ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଆ ଭାଷାକୁ ସର୍ବନିମ୍ନ ଅନୁଦାନ ମିଳିଛି। ଯାହା ଓଡ଼ିଆ ଭାଷା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ସ୍ପଷ୍ଟ କରିଛି ଓ ରାଜ୍ୟ ବିଜେପି ନେତାଙ୍କ ମୁହଁ ଉପରୁ ମିଛ ଓଡ଼ିଆ ଦରଦର ଖୋଳପାକୁ କାଢ଼ି ଦେଇଛି। ୨୦୧୭-୧୮ରୁ ୨୦୧୯-୨୦ ପର୍ଯ୍ୟନ୍ତ ମୋଟ ୩ ବର୍ଷରେ ସଂସ୍କୃତ ଭାଷାର ପାଇଁ କେନ୍ଦ୍ର ସରକାର ୬୪୦ କୋଟି ଟଙ୍କା ବ୍ୟୟ କରିଛନ୍ତି; ମାତ୍ର ୨୦୧୯-୨୦ ଆର୍ଥିକ ବର୍ଷରେ ଓଡ଼ିଆ ଭାଷା ପାଇଁ କେନ୍ଦ୍ର ସରକାର ଟଙ୍କାଟିଏ ଆର୍ଥିକ ସହାୟତା ପ୍ରଦାନ କରିନାହାନ୍ତି ଓ ▶ପୃଷ୍ଠା-୯

- **ଶାସ୍ତ୍ରୀୟ ଭାଷା ମଧ୍ୟରେ ଓଡ଼ିଆ ଭାଷାକୁ କେନ୍ଦ୍ରର ସର୍ବନିମ୍ନ ଅନୁଦାନ**
- **ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ଉପେକ୍ଷା**
- **୩ ବର୍ଷରେ ସଂସ୍କୃତକୁ ୬୪୦ କୋଟି, ଓଡ଼ିଆକୁ ଟଙ୍କାଟିଏ ନାହିଁ**
- **ସଂସଦରେ ପ୍ରଶ୍ନ ଉଠାଇଥିଲେ ବିଜେଡି ସାଂସଦ ମାନସ ମଙ୍ଗରାଜ**
- **ପୂର୍ବତନ ସାଂସଦ ତଥାଗତ ଶତପଥୀ ମଧ୍ୟ ଉଠାଇଥିଲେ ପ୍ରଶ୍ନ**
- **ଏନ୍‌ଡିଏ ଶାସନ କାଳରେ ସବୁଠୁ ବେଶୀ ପ୍ରତାରିତ ଓଡ଼ିଆ ଭାଷା**



# ଆଜି ନାମାଙ୍କନ ଭରିବେ ନବୀନ

**ନାମାଙ୍କନ ଦାଖଲ ପୂର୍ବରୁ ନେବେ ମା' ତାରାତାରିଣୀଙ୍କ ଆଶୀର୍ବାଦ**

**ଦଳୀୟ କର୍ମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

**ଚିକିଟିରେ ଜନ ସମାବେଶକୁ ସମ୍ବୋଧନ କରିବେ କାର୍ତ୍ତିକ ପାଣ୍ଡିଆନ**



■ **ବ୍ରହ୍ମପୁର/ଛତ୍ରପୁର, ୨୯ ।୪(ସମିସ):** ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ବିଧାନସଭା ଆସନରୁ ଆସନ୍ତାକାଲି ନାମାଙ୍କନ ଦାଖଲ କରିବେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୦୦୦ ମସିହାରୁ ହିଞ୍ଜିଳି ବିଧାନସଭା ଆସନରୁ କ୍ରମାଗତ ବିଜୟଲାଭ କରି ଆସୁଛନ୍ତି ଓ ଚଳିତ ନିର୍ବାଚନରେ ମଧ୍ୟ ଆସିକା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲା ସଦର ମହକୁମା ଛତ୍ରପୁରରେ ନାମାଙ୍କନ ପତ୍ର ଦାଖଲ କରିବେ। ଏଥିଲାଗି ସମଗ୍ର ଗଞ୍ଜାମ ଜିଲ୍ଲାରେ କର୍ମୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖାଦେଇଛି। ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଜଣାଇ ଜିଲ୍ଲାର ହଜାର ହଜାର କର୍ମୀ ଓ ନେତା ଛତ୍ରପୁରରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ରାଜ୍ୟକୁ ଦୃଢ ନେତୃତ୍ୱ ଦେଉଥିବା ଗଞ୍ଜାମ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟକ୍ରମରେ ସ୍ୱତପ୍ରବୃତ୍ତ ଭାବେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରି ଷଷ୍ଠଥର ଲାଗି ପୁନଃ ରାଜ୍ୟର ▶ପୃଷ୍ଠା-୯

■ ସମ୍ବଲପୁର ବିଜେପିକୁ ଶକ୍ତ ଧକ୍କା

## ଦଳ ଛାଡ଼ିଲେ ସାଂସଦ ନିତେଶ ଗଙ୍ଗଦେବ

■ **ଭୁବନେଶ୍ୱର, ୨୯ ।୪(ସମିସ):** ସମ୍ବଲପୁର ବିଜେପିକୁ ଆଜି ଲାଗିଛି ଆଉ ଏକ ବଡ଼ ଝଟକା। ସମ୍ବଲପୁର ସାଂସଦ ନୀତେଶ ଗଙ୍ଗଦେବ ଆଜି ଦଳ ଛାଡ଼ିଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏହା ସହିତ ଦେବଗଡ଼ ରାଣୀ ତଥା ତାଙ୍କର ଧର୍ମପତ୍ନୀ ଅରୁନ୍ଧତୀଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ ଚଳିତଥର ତାଙ୍କ ବଦଳରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାଂସଦ ଟିକଟ ମିଳିବା ପରେ ନିତେଶ ଦଳ ଉପରେ ଖପ୍ପା ଥିବା ନେଇ ଚର୍ଚ୍ଚା ହୋଇ ଆସୁଥିଲା। ନିକଟରେ ଦଳର କୌଣସି ସାଂଗଠନିକ କାର୍ଯ୍ୟକ୍ରମରେ ନିତେଶଙ୍କୁ ଦେଖିବାକୁ ମିଳୁନଥିଲା। ତାଙ୍କର ଅନୁପସ୍ଥିତିକୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଥିବା ବେଳେ ସେ ଆଜି ଦଳକୁ ଇସ୍ତଫା ପ୍ରଦାନ କରିଛନ୍ତି। ନିତେଶଙ୍କ ଦଳ ଛାଡ଼ିବା ସମ୍ବଲପୁର ବିଜେପିକୁ ବଡ଼ କ୍ଷତି ପହଞ୍ଚାଇବ ବୋଲି ଆଲୋଚନା ହେଉଛି। ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ବିଜେପି କେବେ ହେଲେ ନିର୍ବାଚନ ଜିଣି ନଥିବା ▶ପୃଷ୍ଠା-୯

**ପତ୍ନୀଙ୍କୁ ସମର୍ଥନ କରିବାକୁ କଲେ ନିବେଦନ**



**ଚିତ୍ରକୋଣ୍ଡା, ମାଲକାନଗିରି, କୋଟପାଡ଼ରେ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର**

# ପ୍ରଗତିର ନବୀନ ଇଞ୍ଜିନ ସବୁଠୁ ଶକ୍ତିଶାଳୀ

- ନବୀନ ଇଞ୍ଜିନ୍ ଚାଲିବ, ଲୋକଙ୍କ ସମସ୍ୟା ସମାଧାନ ହେବ
- ମାଲକାନଗିରିକୁ ମୁଖ୍ୟମନ୍ତ୍ରୀ ସବୁଠାରୁ ଅଧିକ ଭଲ ପାଆନ୍ତି
- ଏଇଠାରୁ ଆରମ୍ଭ ବିଏସ୍‌କେୱାଇ, ଲକ୍ଷ୍ମୀ, ଟଙ୍କିକିଆ ଚାଉଳ
- ସପ୍ତଧାରା ଜଳସେଚନ ପ୍ରକଳ୍ପକୁ ମିଳିଛି ୪୦୦୦ କୋଟି
- ଦିନେ ଏଠି ସାଇକଲ ଗଡୁ ନ ଥିଲା; ଆଜି ବିମାନ ଉଡୁଛି
- ମାଲକାନଗିରିରେ ୧୨୭ କୋଟିର ବିକାଶ କାମ ଚାଲିଛି
- ଚିତ୍ରକୋଣ୍ଡାର ୧୮ ପଞ୍ଚାୟତରେ ୧୦୦ କୋଟିର କାମ
- କୋଟପାଡ଼ରେ ୨୭୦ କୋଟିରେ ପାଇପ୍ ପାଣି ପହଞ୍ଚିବ
- ବିଜେଡି ପ୍ରାର୍ଥୀଙ୍କୁ ୯୦%ରୁ ଅଧିକ ଭୋଟରେ ଜିତାନ୍ତୁ



■ **ମାଲକାନଗିରି/ଚିତ୍ରକୋଣ୍ଡା, ୨୯ ।୪ (ସମିସ):** ଦିନ ଥିଲା ମାଲକାନଗିରିରେ ସାଇକେଲ ଖଣ୍ଡେ ବି ଗଡୁନଥିଲା, ଆଜି ଉଡାଜାହାଜ ଉଡୁଛି। ଅଶାନ୍ତ ମାଲକାନଗିରିରେ ଆଜି ଶାନ୍ତି ବିରାଜମାନ। ବିଚ୍ଛିନ୍ନାଞ୍ଚଳକୁ ସ୍ୱାଭିମାନ ସେତୁ ନିର୍ମାଣ ହେବା ପରେ ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ▶ପୃଷ୍ଠା-୯

**ଲୋକହିତ ବିରୋଧୀ କେନ୍ଦ୍ରମନ୍ତ୍ରୀଙ୍କୁ କଟୁ ସମାଲୋଚନା**

## ମିଠା କଥା କହି ଭୋଟ ମାଗୁଥିବା ଠକଙ୍କ ପ୍ରତି ସାବଧାନ ରୁହନ୍ତୁ

**ନାମାଙ୍କନ ପୂର୍ବରୁ ଏସ୍‌ଏଚ୍‌ଜି ମା'ଙ୍କ ଦୁବାଇ ଗସ୍ତ ବନ୍ଦକଲେ କେନ୍ଦ୍ରମନ୍ତ୍ରୀ**

**କ୍ଷମତାକୁ ଆସିଲେ ଆଉ କ'ଣ କ'ଣ କରିବେ ଚିନ୍ତା କରନ୍ତୁ**

■ **ମାଲକାନଗିରି/ କୋଟପାଡ଼, ୨୯ ।୪(ସମିସ):** ନବରଙ୍ଗପୁର ଲୋକସଭା କ୍ଷେତ୍ର ଅଞ୍ଚଳର ମାଲକାନଗିରି, ଚିତ୍ରକୋଣ୍ଡା, କୋଟପାଡ଼ ଅଞ୍ଚଳରେ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର ଅବସରରେ ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ବିରୋଧୀ ଦଳ, ବିଶେଷ କରି ଓଡ଼ିଶାବାସୀଙ୍କ ହିତ ▶ପୃଷ୍ଠା-୯

## ଲୋକକଥା



ଡବଲ ଇଞ୍ଜିନ ଲଗେଇ ଟାଣିବେ
ବଳ ପାଉନାହିଁ ବୋଲି,
ଲୋକେ ଜାଣିଲେଣି ତାହା ମିଛ ଇଏ
ତୁଛାଟାରେ ଖାଲି ଗୁଲି।
ଲୋକ କି ପାରିବେ ଭୁଲି,
ହାଣ୍ଡିଶାଳେ ପଡ଼େ ମହଙ୍ଗା ମାଡ଼ ତ,
ଜଳିପାରେ ନାହିଁ ଚୁଲି !!

**ରାଜ୍ୟରେ ୩ୟ ପର୍ଯ୍ୟାୟରେ ୬ ଲୋକସଭା ଓ ୪୨ ବିଧାନସଭା ଆସନ ଲାଗି ବିଜ୍ଞପ୍ତି ଜାରୀ**

# ଚାରି ଆସନରେ ବଡ଼ ଲଢ଼େଇ

■ **ଭୁବନେଶ୍ୱର, ୨୯ ।୪(ସମିସ):** ଆସନ୍ତା ମେ ୨୫ ତାରିଖରେ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ଏଥିପାଇଁ ଆଜିଠାରୁ ତୃତୀୟ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତୃତୀୟ ପର୍ଯ୍ୟାୟ ୬ଟି ଲୋକସଭା ଏବଂ ଏହା ଅନ୍ତର୍ଗତ ୪୨ ବିଧାନସଭା ଆସନରେ ମତଦାନ ହେବାକୁ ଯାଉଛି। ତେବେ ଏହି ପର୍ଯ୍ୟାୟରେ ସମ୍ବଲପୁର, ଭୁବନେଶ୍ୱର, ପୁରୀ ଏବଂ କଟକ ଲୋକସଭା ଆସନରେ ଲଢ଼େଇ ରୋଚକ ମୋଡ଼ ନେଇଛି।

ଚଳିତ ସାଧାରଣ ନିର୍ବାଚନରେ ସବୁଠାରୁ ବଡ଼ ଲଢ଼େଇ ସମ୍ବଲପୁର ଲୋକସଭା ଆସନରେ ହେବାକୁ ଯାଉଛି। ବିଜେପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିପକ୍ଷରେ ମଇଦାନକୁ ଓହ୍ଲାଇଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ଅନ୍ୟପକ୍ଷରେ କଂଗ୍ରେସ ଏହି ଆସନ ପାଇଁ ପ୍ରାର୍ଥୀ ପରିବର୍ତ୍ତନ କରି ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିବା ପରେ ଲଢ଼େଇ ରୋଚକ ମୋଡ଼ ନେଇଛି। ସ୍ଥାନୀୟ ଲୋକଙ୍କ ମତରେ ଏଠାରୁ ପ୍ରଣବ-ଧର୍ମେନ୍ଦ୍ରଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦିତା ସହ ଲଢ଼େଇ ଦ୍ୱିମୁଖୀ ହେବ। ତେବେ କଂଗ୍ରେସ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହି ଆସନରେ ବିଜେଡି-ବିଜେପି ଲଢ଼େଇକୁ ନେଇ ସାଧାରଣରେ ଉତ୍କଣ୍ଠା ଚରମ ସୀମାରେ ପହଞ୍ଚିଛି ଓ ଉଭୟ ଶିବିର ବିଜୟ ନେଇ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି।

ଏହି ପର୍ଯ୍ୟାୟରେ ଅନ୍ୟତମ ଚର୍ଚ୍ଚିତ ଲଢ଼େଇ ଭୁବନେଶ୍ୱରରେ ହେବ। ଭୁବନେଶ୍ୱରରେ ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ପୁନଃ ଟିକଟ ଦେଇଥିବା ବେଳେ ବିଜେଡି ମନ୍ମଥ ରାଉତରାୟଙ୍କୁ ମୈଦାନକୁ ଓହ୍ଲାଇଛି। ସେହିପରି କଂଗ୍ରେସ ପକ୍ଷରୁ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଅପରାଜିତା ମାତ୍ର ▶ପୃଷ୍ଠା-୯



- **ସମ୍ବଲପୁରରେ ପ୍ରଣବ-ଧର୍ମେନ୍ଦ୍ରଙ୍କ ଲଢ଼େଇକୁ ନେଇ ବଢୁଛି ଉତ୍କଣ୍ଠା**
- **ଭୁବନେଶ୍ୱରରେ କଡ଼ା ଆହ୍ୱାନର ସମ୍ମୁଖୀନ ହେଉଛନ୍ତି ଅପରାଜିତା**
- **ପୁରୀ ରାଜନୀତିକୁ ସରଗରମ କରିଛି ସମ୍ବିତ-ଅରୂପ ମୁକାବିଲା**
- **ବିଜେଡି ଗଡ଼ କଟକରେ ସଂତୃପ୍ତଙ୍କ ପ୍ରତି ବଢୁଛି ଜନସମର୍ଥନ**

## 'ଦ କିଙ୍ଗ୍ ଅଫ୍ ଫରେଷ୍ଟ' ଗ୍ୟାଙ୍ଗ୍ ମୁଖିଆକୁ ପୁଲିସ ଏନ୍‌କାଉଣ୍ଟର୍

**କୁଖ୍ୟାତ ସୁବାସ ନାଁରେ ଅଛି ୧୮ ରୁ ଊର୍ଦ୍ଧ୍ୱ ସଂଗିନ୍ ମାମଲା**

**ଗୋଟିଏ ମାଉଜର, ଗୁଳି ଓ ୩ ଖୋକା ଜବତ**



■ **ଢେଙ୍କାନାଳ/କାମାକ୍ଷାନଗର, ୨୯।୪(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ନୂଆ ଆଲତୁମା ଅଞ୍ଚଳର ଖୁଣ୍ଟାପଶି ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ସୁବାସ ଖୁଣ୍ଟିଆକୁ ପୁଲିସ ଏନ୍‌କାଉଣ୍ଟର କରିଛି। ଗୋଡ଼ରେ ଗୁଳି ବାଜିବାରୁ ସୁବାସ ଆହତ ହୋଇଛି। ସୋମବାର ସକାଳ ପ୍ରାୟ ୪ଟାରେ ସୁବାସ ତା'ର ୩ ସହଯୋଗୀଙ୍କ ସହ ଡକାୟତି ଯୋଜନା କରୁଥିବା ବେଳେ କାମାକ୍ଷାନଗର ଥାନାଠାରୁ ପ୍ରାୟ ୩ କିମି ଦୂର ଖୁଣ୍ଟାପଶି-ଗୁଣ୍ଡିଚାନାଳୀ ରିଜର୍ଭ ଜଙ୍ଗଲ ▶ପୃଷ୍ଠା-୯

## ସନ୍ଦେଶଖାଲି ଘଟଣାରେ ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ସିବିଆଇ ତଦନ୍ତକୁ ବିରୋଧ କାହିଁକି



ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ପଶ୍ଚିମବଙ୍ଗର ବହୁ ଚର୍ଚ୍ଚିତ ସନ୍ଦେଶଖାଲି ଘଟଣାକୁ ନେଇ ସୁପ୍ରିମକୋର୍ଟରୁ ରାଜ୍ୟ ସରକାରଙ୍କୁ ବଡ଼ ଝଟ୍‌କା ଲାଗିଛି। ସନ୍ଦେଶଖାଲି ଘଟଣାର ସିବିଆଇ ତଦନ୍ତ ଲାଗି ନିକଟରେ କୋଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲା ବେଳେ ଏହାକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସୋମବାର ଏହି ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି କରିଥିଲେ ହେଁ ସିବିଆଇ ତଦନ୍ତକୁ ରାଜ୍ୟ ସରକାର କାହିଁକି ବିରୋଧ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସନ୍ଦେଶଖାଲିରେ ଯାହା କିଛି ଘଟିଛି ତାହା ସାମ୍ନାକୁ ଆସିବା ଦରକାର। ଏଥିପାଇଁ ସିବିଆଇ ତଦନ୍ତ କରୁଛି। ଏହାଦ୍ୱାରା ସେଠାକାର ପୀଡ଼ିତଙ୍କୁ ନ୍ୟାୟ ମିଳିପାରିବ। କିନ୍ତୁ ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ବିରୋଧରେ ରାଜ୍ୟ ସରକାର କିଭଳି କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ବୋଲି ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ବି ଆର ଗଭାଇ ଏବଂ ଜଷ୍ଟିସ୍ ସନ୍ଦୀପ ମେହଟ୍ଟା ଏହି ପ୍ରସଙ୍ଗରେ ଶୁଣାଣି କରି ଏହି ରାୟ ଦେଇଥିଲା ବେଳେ ହାଇକୋର୍ଟଙ୍କ ରାୟ ଉପରେ ରୋକ୍ ଲଗାଇବାକୁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ହାଇକୋର୍ଟ ଦେଇଥିବା ରାୟ ରାଜ୍ୟର ସରକାରୀ କଳ ବିରୋଧରେ ଯାଇଥିବାରୁ ଏହା ଉପରେ ରୋକ୍ ଲାଗିବା ଜରୁରୀ ବୋଲି ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷ ରଖିଥିବା ଓକିଲ ଯୁକ୍ତି ବାଢ଼ିଥିଲେ। ହେଲେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଅଗ୍ରାହ୍ୟ କରିଦେବା ସହିତ ଜଣେ ସାଧାରଣ ଲୋକ ବିରୋଧରେ ରାଜ୍ୟ ସରକାର କିଭଳି କୋର୍ଟରେ ପିଟିସନ ଦାଏର କରିପାରିବେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସନ୍ଦେଶଖାଲି ମହିଳା ଯୌନ ଶୋଷଣ ଏବଂ ଜୋରଜବରଦସ୍ତି ଜମି ହଡ଼ପ ମାମଲାରେ ସିବିଆଇ ତଦନ୍ତ କରି ରିପୋର୍ଟ ଦେବାକୁ କୋଲକାତା ହାଇକୋର୍ଟ ଗତ ୧୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ।ଏହାସହିତ ସିବିଆଇ ଯାଞ୍ଚ କାର୍ଯ୍ୟରେ ରାଜ୍ୟ ସରକାର ସବୁ ଦିଗରୁ ସହଯୋଗ କରିବାକୁ କହିଥିଲେ। କିନ୍ତୁ ହାଇକୋର୍ଟଙ୍କ ଏହି ରାୟକୁ ରାଜ୍ୟ ସରକାର ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ହାଇକୋର୍ଟ ଏହି ଘଟଣାରେ ଏକପାଖିଆ ରାୟ ଦେବା ସହିତ ରାଜ୍ୟ ପ୍ରଶାସନ ଏବଂ ପୁଲିସର ମର୍ଯ୍ୟାଦା ଓ ମନୋବଳକୁ କ୍ଷତି ପହଞ୍ଚାଇଛନ୍ତି ବୋଲି ଯୁକ୍ତି ଦର୍ଶାଇଥିଲେ। ପଶ୍ଚିମବଙ୍ଗରେ କୌଣସି ମାମଲାରେ ସ୍ୱଚ୍ଛତାର ସହ ତଦନ୍ତ କରାଯାଉ ନାହିଁ ବୋଲି କୁହାଯିବା ପରେ ଏହା ରାଜ୍ୟ ସରକାରଙ୍କ ପ୍ରତି ଅପମାନ ବୋଲି ମଧ୍ୟ ପିଟିସନରେ ଦର୍ଶାଯାଇଥିଲା। ତେଣୁ ଏହି ପ୍ରସଙ୍ଗରେ ତୁରନ୍ତ ଶୁଣାଣି କରାଯାଇ ହାଇକୋର୍ଟଙ୍କ ରାୟ ଉପରେ ରୋକ୍ ଲଗାଇବାକୁ ରାଜ୍ୟ ସରକାର ଯୁକ୍ତି କରିଥିଲେ। ତେବେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଆଗ୍ରାହ୍ୟ କରିଦେବା ସହିତ ଆସନ୍ତା ଜୁଲାଇ ମାସରେ ଏହା ଉପରେ ପରବର୍ତ୍ତୀ ଶୁଣାଣି କରିବାକୁ କହିଛନ୍ତି।

● କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ଟ୍ରାଏଲ କୋର୍ଟରେ କାହିଁକି ଜାମିନ ଆବେଦନ କରି ନ ଥିଲ



ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରିବନ୍ଦ କେଜ୍ରିୱାଲଙ୍କ ଜାମିନ ପ୍ରସଙ୍ଗରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ଦୀପଙ୍କର ଦତ୍ତାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲା ବେଳେ ଟ୍ରାଏଲ କୋର୍ଟରେ କେଜ୍ରିୱାଲ କାହିଁକି ଜାମିନ ପାଇଁ ଆବେଦନ କରି ନଥିଲେ ବୋଲି ପ୍ରଶ୍ନ କରିଥିଲେ। ତେବେ କେଜ୍ରିୱାଲଙ୍କ ଗିରଫଦାରୀ ଆଇନସମ୍ମତ ହୋଇ ନ ଥିବାରୁ ଏହା କରାଯାଇ ନଥିଲା ବୋଲି ତାଙ୍କ ଓକିଲ ଅଭିଷେକ ମନୁସିଂହଭି କହିଥିଲେ। ସେହିପରି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନ୍ୟାୟିକ ବିଚାରଧାରା ପରିସର ପରିବ୍ୟାପ୍ତ ଥିବାରୁ ସୁପ୍ରିମକୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଛି ବୋଲି ମନୁସିଂହଭି କହିଥିଲେ। ତେବେ ଏହି ପ୍ରସଙ୍ଗରେ ପୁଣିଥରେ ମଙ୍ଗଳବାର ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

● ହେମନ୍ତଙ୍କ ଜାମିନ ପ୍ରସଙ୍ଗ

## ହାଇକୋର୍ଟଙ୍କ ଉପରେ ନିଷ୍ପତ୍ତି ଛାଡ଼ିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ଜମି ଦୁର୍ନୀତି ଓ ଅର୍ଥ ହେରଫେର ମାମଲାରେ ଇଡି ଦ୍ୱାରା ଗିରଫ ହୋଇ ବର୍ତ୍ତମାନ ଜେଲରେ ଥିବା ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଅନ୍ତରୀଣ ଜାମିନ ଆବେଦନ ସମ୍ପର୍କରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ସୋରେନ୍ ପୂର୍ବରୁ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ଏହା ଉପରେ ରାୟ ପ୍ରଦାନରେ ବିଳମ୍ବକୁ ନେଇ ସେ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଥିଲେ। ବର୍ତ୍ତମାନ ଲୋକସଭା ନିର୍ବାଚନ ଚାଲିଥିବାରୁ ନିର୍ବାଚନ ପ୍ରଚାର ଲାଗି ତାଙ୍କୁ ତୁରନ୍ତ ଜାମିନ ମିଳିବା ଉଚିତ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ତେବେ ଏହି ପ୍ରସଙ୍ଗରେ ଆସନ୍ତା ମେ' ୬ରେ ଶୁଣାଣି କରିବାକୁ ସୁପ୍ରିମକୋର୍ଟ କହିଥିଲା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ମଧ୍ୟ ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଏହାବ୍ୟତୀତ ହାଇକୋର୍ଟ ଜାମିନ ଦେବା ପ୍ରସଙ୍ଗରେ ନିଷ୍ପତ୍ତି ନେବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୭ ତାରିଖରେ ସୋରେନ ନିଜ ଦାଦାଙ୍କର ଅନ୍ତିମ ସଂସ୍କାରରେ ଯୋଗ ଦେବା ପାଇଁ ରାଞ୍ଚିସ୍ଥିତ ପିଏମଏଲଏ କୋର୍ଟରେ ଅନ୍ତରୀଣ ଜାମିନ ଆବେଦନ କରିଥିଲେ। କିନ୍ତୁ କୋର୍ଟ ଏହାକୁ ଖାରଜ କରିଦେଇଥିଲେ।

● ଟ୍ରକ୍‌କୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ୍

## ୩ ଶିଶୁଙ୍କ ସମେତ ୧୦ ମୃତ; ୨୩ ଆହତ



ରାୟପୁର,୨୯।୪(ଏଜେନ୍ସି)

ଛତିଶଗଡ଼ର ବେମେତରା ଜିଲ୍ଲାରେ ରବିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ହେବା ସହିତ ୨୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳାଙ୍କ ସମେତ ୪ ଜଣ ଶିଶୁ ରହିଥିବା ଜଣାପଡ଼ିଛି। ମିଳିଥିବା ଖବର ଅନୁସାରେ ବେମେତରା ଜିଲ୍ଲାର ପଥରା ଗ୍ରାମର ପ୍ରାୟ ୩୫ ଜଣ ସିମଗା ନିକଟସ୍ଥ ଏକ ଗ୍ରାମରେ ଅନୁଷ୍ଠିତ ଏକ ପାରମ୍ପରିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଏକ ପିକ୍‌ଅପ୍ ଭ୍ୟାନ ଯୋଗେ ଯାଇଥିଲେ। କାର୍ଯ୍ୟକ୍ରମ ସାରି ସେମାନେ ଘରକୁ ଫେରୁଥିବା ବେଳେ ବେମେତରା ଥାନା ନିକଟସ୍ଥ ଛକରେ ରାସ୍ତାରେ ଛିଡା ହୋଇଥିବା ଏକ ଟ୍ରକ୍‌କୁ ଏହି ପିକ ଅପ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିବା କୁହାଯାଇଛି। ଆହତମାନଙ୍କୁ ଚିକିତ୍ସା ପାଇଁ ରାୟପୁର ଏମ୍ସରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆଗତ ପିଟିସନ ଖାରଜକଲେ ହାଇକୋର୍ଟ

ନୂଆଦିଲ୍ଲୀ,୨୯।୪(ଏଜେନ୍ସି)

ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରି ଭଗବାନ ଓ ଧାର୍ମିକ ସ୍ଥଳକୁ ପାଥେୟ କରି ଭୋଟ୍ ମାଗୁଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଆଗତ ଏକ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମୋଦୀଙ୍କୁ ୬ ବର୍ଷ ପାଇଁ ନିର୍ବାଚନ ଲଢିବାରୁ ବାସନ୍ଦ କରିବାକୁ ଆବେଦନ କରାଯାଇଥିଲେ ହେଁ ଏହାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ସୋମବାର ଏହାକୁ ଖାରଜ କରିଦେଇଛନ୍ତି।ଆବେଦନକାରୀଙ୍କ ଅନୁସାରେ ନିକଟରେ ପ୍ରଧାନମନ୍ତ୍ରୀ ମୋଦୀ ଉତ୍ତରପ୍ରଦେଶର ପିଲିଭିଟ୍‌ର ଏକ ନିର୍ବାଚନୀ ସଭାରେ ଭୋଟରଙ୍କୁ ହିନ୍ଦୁ ଓ ଶିଖ ସଂପ୍ରଦାୟ ଦେବାଦେବୀଙ୍କ ସମେତ ପୂଜାସ୍ଥଳ ନାଁରେ ବିଜେପିକୁ ଭୋଟ ଦେବା ପାଇଁ ଆହ୍ୱାନ କରିଥିଲେ। ଏହାକୁ ବିରୋଧ କରି ଆଇନଜୀବୀ ଆନନ୍ଦ ଏସ୍ ଜାନ୍ଦେଲ ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ କରିଥିଲେ।ଜଷ୍ଟିସ ସଚିନ ଦତ୍ତାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି।

● ଅମିତ ଶାହଙ୍କ 'ଏଡିଟେଡ୍ ଭିଡିଓ' ମାମଲା

## ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀ ପୁଲିସର ସମନ

ନୂଆଦିଲ୍ଲୀ, ୨୯ ।୪(ଏଜେନ୍ସି)

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଡକ୍ଟରର୍ଡ ଭିଡିଓ ମାମଲାର ତଦନ୍ତରେ ସହଯୋଗ କରିବା ପାଇଁ ନିଜ ମୋବଇଲ ଫୋନ୍ ଧରି ମେ' ୧ ତାରିଖରେ ଦିଲ୍ଲୀ ଆସିବାକୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡିଙ୍କୁ ଦିଲ୍ଲୀ ପୁଲିସ ଆଜି ସମନ ପଠାଇଛି। ଲୋକସଭା ନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଶାହଙ୍କ ଏହି ଡକ୍ଟରର୍ଡ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରଲ୍ ହୋଇଛି। ମୁଖ୍ୟମନ୍ତ୍ରୀ ରେବନ୍ତଙ୍କ ବ୍ୟତୀତ ତେଲଙ୍ଗାନା କଂଗ୍ରେସର ଆଉ ୪ ନେତାଙ୍କୁ ମଧ୍ୟ ଦିଲ୍ଲୀ ପୁଲିସ୍ ଅନୁରୂପ ନୋଟିସ୍ ଜାରି କରିଛି। ଅମିତ ଶାହଙ୍କ ଡକ୍ଟରର୍ଡ ଭିଡିଓ ମୁଖ୍ୟମନ୍ତ୍ରୀ ରେବନ୍ତ ନିଜ ଏକ୍ସ(ପୂର୍ବର ଟ୍ୱିଟର) ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଗତକାଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଇଣ୍ଡିଆନ୍ ସାଇବର୍ କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର ପକ୍ଷରୁ ଅଭିଯୋଗ ପାଇବା ପରେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଏ ସମ୍ପର୍କରେ ଏକ ଏଫଆଇଆର ପଞ୍ଜିକୃତ କରିଛି। ଡକ୍ଟରର୍ଡ ଭିଡିଓରେ ଅମିତ ଶାହ କହୁଛନ୍ତି ଯେ ସମସ୍ତ ପ୍ରକାରର ସଂରକ୍ଷଣ ବ୍ୟବସ୍ଥା ହଟାଇ ଦିଆଯିବ। ଶାହ କିନ୍ତୁ ପ୍ରକୃତରେ କହିଥିଲେ, ତେଲଙ୍ଗାନାରେ ମୁସଲିମଙ୍କୁ ଯେଉଁ ସଂରକ୍ଷଣ ସୁବିଧା ମିଳୁଛି ତାକୁ ହଟାଇବା ପାଇଁ ଉପାୟ ଖୋଜି ବାହାର କରାଯିବ। ସୂଚନା ଓ ପ୍ରଯୁକ୍ତି ଆଇନର ଧାରା ୧୫୩/୧୫୩(ଏ) /୪୬୫/୪୬୯ /୧୭୧(ଜି) ଓ ୬୬(ସି) ଅନୁଯାୟୀ ଏହି କେସ୍ ପଞ୍ଜିକୃତ ହୋଇଥିବା ଦିଲ୍ଲୀ ପୁଲିସ୍ କହିଛି। ଏପ୍ରିଲ ୨୩ ବିଜୟ ସଙ୍କଳ୍ପ ସଭାରେ ଅମିତ ଶାହ କହିଥିଲେ ଯେ ତେଲଙ୍ଗାନାରେ ବିଜେପି ସରକାର ଗଢ଼ିଲେ ରାଜ୍ୟରେ ଅସାମ୍ବିଧାନିକ ଭାବେ ଯେଉଁଭଳି ମୁସଲିମଙ୍କୁ ସଂରକ୍ଷଣ ସୁବିଧା ଦିଆଯାଉଛି ତାହାକୁ ହଟାଇ ଦିଆଯିବ। ସମ୍ବିଧାନ ଅନୁଯାୟୀ ସଂରକ୍ଷଣ ପାଇବାର ଅଧିକାର କେବଳ ଅନଚସୂଚିତ



ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟ ପଛୁଆ ବର୍ଗ ବା ଓବିସିଙ୍କର ରହିଛି। ଧର୍ମ ବିଚାରରେ ସଂରକ୍ଷଣର ବ୍ୟବସ୍ଥା ସମ୍ବିଧାନରେ ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ରେବନ୍ତ ଓ ଅନ୍ୟ କଂଗ୍ରେସ ନେତାମାନେ ଭାଇରଲ କରିଥିବା ଡକ୍ଟରର୍ଡ ଭିଡିଓରେ ଶାହଙ୍କ ବକ୍ତବ୍ୟର କିଛି ଅଂଶ ଏଡିଟ୍ କରାଯାଇ ବାଦ ଦିଆଯାଇଛି ଓ ଏପରି କରାଯାଇଛି ଯେ ଶାହ କହିଛନ୍ତି, ସମଗ୍ର ସଂରକ୍ଷଣ ବ୍ୟବସ୍ଥାକୁ ସମୂଳେ ହଟାଇ ଦିଆଯିବ। ଡକ୍ଟରର୍ଡ ଭିଡିଓ ପ୍ରସାରଣ/ ଭାଇରାଲ କରିବା ଦ୍ୱାରା ଲୋକଙ୍କୁ ଭୁଲ ବାର୍ତ୍ତା ଦିଆଯାଉ ଥିବାରୁ ତାହା ଏକ ଦୋଷାବହ ତଥା ଦଣ୍ଡନୀୟ କାର୍ଯ୍ୟ।

## ଆମେରିକାରେ ଇସ୍ରାଏଲ ସମର୍ଥକଙ୍କ ଜୟ ଶ୍ରୀରାମ ନାରା

ଓ୍ୱାଶିଂଟନ,୨୯।୪(ଏଜେନ୍ସି) : ଇସ୍ରାଏଲ ଏବଂ ହମାସ ଯୁଦ୍ଧ ପରିପ୍ରେକ୍ଷୀରେ ଏବେ ଆମେରିକାରେ ଭିନ୍ନ ମତ ପ୍ରକାଶ ପାଇବାରେ ଲାଗିଛି। କିଛି ଲୋକ ଇସ୍ରାଏଲକୁ ସମର୍ଥନ କରୁଥିବା ବେଳେ ଆଉ କିଛି ପାଲେଷ୍ଟାଇନ ସପକ୍ଷରେ ଆନ୍ଦୋଳନ, ବିକ୍ଷୋଭ କରୁଛନ୍ତି। ତେବେ ଏଭଳି ସ୍ଥିତିରେ ଏକ ଭିନ୍ନ ଘଟଣା ଦେଖିବାକୁ ମଳିଛି। ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ ଲସ୍ ଆଞ୍ଜେଲସ୍ (ୟୁସିଏଲ୍‌ଏ)ରେ ଜଣେ ଇସ୍ରାଏଲ ସମର୍ଥକ ଜୟ ଶ୍ରୀରାମ ସ୍ଲୋଗାନ ଦେଇ ଭାରତକୁ ନିନ୍ଦା କରୁଥିବା ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି।ୟୁସିଏଲ୍‌ଏ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ସମୟରେ ପାଲେଷ୍ଟାଇନ ପକ୍ଷର କେତେକ ଲୋକ ଭାରତ ବିରୋଧୀ ବୟାନ ଦେଇଥିଲେ । ଏହାର ଜବାବରେ ଇସ୍ରାଏଲ ସପକ୍ଷବାଦୀ ଜୟଶ୍ରୀରାମ ସ୍ଲୋଗାନ ଦେଇଥିଲେ । ଯାହାକି କେବଳ ସେଠାକାର ପ୍ରବାସୀ ଭାରତୀୟ ନୁହନ୍ତି , ଦେଶବାସୀଙ୍କୁ ମଧ୍ୟ ଚକିତ କରିଦେଇଛି।

## ଯୌନ ଉତ୍ପୀଡ଼ନ ମାମଲାରେ ଫସିଲେ ଦେବେଗୌଡ଼ାଙ୍କ ନାତି

## ଅଶ୍ଳୀଳ ଭିଡିଓ ମାଧ୍ୟମରେ ମହିଳାଙ୍କୁ କରୁଥିଲେ ବ୍ଲାକମେଲ୍ !

ବେଙ୍ଗାଲୁରୁ,୨୯।୪(ଏଜେନ୍ସି)

ଜେଡିଏସ୍ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡାଙ୍କ ନାତି ପ୍ରଜ୍ୱଳ ରେଭାନ୍ନା ଯୌନ ଉତ୍ପୀଡ଼ନ ମାମଲାରେ ଫିସିଥିବା ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ପୂର୍ବରୁ ଆସିଥିବା ଅଶ୍ଳୀଳ ଭିଡିଓ ମାମଲାର ଅନ୍ତ ହୋଇ ନଥିବା ବେଳେ ଏବେ ଏକ ନୂଆ ବିଷୟ ସାମ୍ନାକୁ ଆସିଛି। ପ୍ରଜ୍ୱଳ ଅଶ୍ଳୀଳ ଭିଡିଓ ମାଧ୍ୟମରେ ମହିଳାକର୍ମୀମାନଙ୍କୁ ବ୍ଲାକ୍‌ମେଲ୍ କରୁଥିବା ଅଭିଯୋଗ ହୋଇଛି। ଏଥିସହ ସେମାନଙ୍କ ସହ ଅନୈତିକ ସମ୍ପର୍କ ମଧ୍ୟ ରଖୁଥିଲେ ବୋଲି କୁହାଯାଇଛି।କର୍ଣ୍ଣାଟକର ଜଣେ ବିଜେପି ନେତା ୨୦୨୩ ଡିସେମ୍ବରରେ ଏ ସମ୍ପର୍କରେ ରାଜ୍ୟ ସଭାପତିଙ୍କୁ ଏକ ଚିଠି ଲେଖି ମହିଳାଙ୍କ ଯୌନ ଶୋଷଣର ପ୍ରାୟ ୩୦୦୦ ଭିଡିଓ ସହିତ ଏକ ପେନ୍ ଡ୍ରାଇଭ୍ ପାଇଛନ୍ତି ବୋଲି ଜଣାଇଥିଲେ। ପେନ୍



ଡ୍ରାଇଭ ଜରିଆରେ ମହିଳାମାନଙ୍କୁ ଏପରି କାର୍ଯ୍ୟରେ ଭାଗ ନେବାକୁ ବ୍ଲାକମେଲ କରାଯାଇଥିଲା ବେଳେ ଯେଉଁ ମହିଳାଙ୍କ ଭିଡିଓ ସାମ୍ନାକୁ ଆସିଥିଲା ସେମାନଙ୍କ ମଧ୍ୟରେ କିଛି ସରକାରୀ କର୍ମଚାରୀ ମଧ୍ୟ ସାମିଲ ଥିଲେ ବୋଲି ବିଜେପି ନେତା ଦେବରାଜ ଗୌଡ଼ା ଅଭିଯୋଗ କରିଛନ୍ତି। ଦେବରାଜ ପ୍ରଜ୍ୱଳଙ୍କ ସମେତ ଏଚ୍‌ଡି ଦେବଗୌଡା ପରିବାରର ଅନେକ ନେତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହି ଭିଡିଓ ଏବଂ ଫଟୋ ଥିବା ଅନ୍ୟ ଏକ ପେନ୍ ଡ୍ରାଇଭ୍ କଂଗ୍ରେସର ଜଣେ ଜାତୀୟସ୍ତରର ନେତାଙ୍କ ନିକଟରେ ପହଞ୍ଚି ସାରିଛି ବୋଲି ସେ କହିଛନ୍ତି। ଏଭଳି ଘଟଣାକୁ ନେଇ ପ୍ରଜ୍ୱଳଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ଜେଡିଏସ୍ ନେତାମାନେ ଏଚ୍‌ଡି ଦେବଗୌଡାଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୩୩ ବର୍ଷୀୟ ପ୍ରଜ୍ୱଳ କର୍ଣ୍ଣାଟକର ହାସନ ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି।

## ରାହୁଲ ରାଏବରେଲିରୁ ନିର୍ବାଚନ ଲଢ଼ିବା ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ଲୋକସଭା ନିର୍ବାଚନର ଦୁଇଟି ପର୍ଯ୍ୟାୟ ମତଦାନ ଶେଷ ହୋଇସାରିଥିଲା ବେଳେ ବାକି ୫ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ପ୍ରସ୍ତୁତି ନେବାରେ ଲାଗିଛନ୍ତି। କିନ୍ତୁ କଂଗ୍ରେସ ପାଇଁ ଅତ୍ୟନ୍ତ ମହତ୍ତ୍ୱ ରଖୁଥିବା ଉତ୍ତରପ୍ରଦେଶର ଆମେଥି ଏବଂ ରାୟବରେଲି ଭଳି ଦୁଇଟି ଆସନରେ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନାହିଁ। ଏହି ଦୁଇଟି ଆସନରେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଏବେ ମଧ୍ୟ ସସ୍‌ପେନ୍ସ ଜାରି ରହିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ୱାଏନାଡ ବ୍ୟତୀତ ଆମେଥିରୁ ନିର୍ବାଚନ ଲଢ଼ିବେ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା ବେଳେ ତାଙ୍କ ଭଉଣୀ ପ୍ରିୟଙ୍କା ରାଏବରେଲିରୁ ପ୍ରାର୍ଥୀ ହେବେ ବୋଲି କୁହାଯାଉଥିଲା। କିନ୍ତୁ ଏବେ ରାହୁଲ ହିଁ ରାଏବରେଲିରୁ ନିର୍ବାଚନ ଲଢିବେ ବୋଲି କୁହାଯାଉଛି। ଏନେଇ ସୋମବାର ଜାତୀୟ ଗଣମାଧ୍ୟମରେ ଖୁବ ଚର୍ଚ୍ଚା ଧରିଥିବା ଦେଖିବାକୁ ମିଳିଛି। ଉତ୍ତରପ୍ରଦେଶ କଂଗ୍ରେସ ପ୍ରଭାରୀ ଅବିନାଶ



ପାଣ୍ଡେ ରାହୁଲ ଗାନ୍ଧୀ ଆମେଥିରୁ ଓ ପ୍ରିୟଙ୍କା ଗାନ୍ଧୀ ରାଏବରେଲିରୁ ପ୍ରତିଦ୍ୱନ୍ଦ୍ୱିତା କରିବା ଉଚିତ୍ ବୋଲି ହାଇକମାଣ୍ଡକୁ ଅନୁରୋଧ କରିଛନ୍ତି।

## ମସଲାରେ ମିଶୁଛି ଇଥିଲିନ୍ ଅକ୍ସାଇଡ

# ଅପମିଶ୍ରଣ ସୃଷ୍ଟି କରୁଛି ସ୍ତନ କର୍କଟ

ନୂଆଦିଲ୍ଲୀ, ୨୯।୪ (ଏଜେନ୍ସି)

ସିଙ୍ଗାପୁର ଏବଂ ହଂକଂରେ ୨ଟି ଭାରତୀୟ ମସଲା ଉପରେ କଟକଣା ଲଗାଯାଇଛି। ଆମେରିକା ମଧ୍ୟ ଏହି ଅଭିଯୋଗ ଉପରେ ଯାଞ୍ଚ ଆରମ୍ଭ କରିଛି। ଏହି ସବୁ ଅଭିଯୋଗ ମଧ୍ୟରେ କେନ୍ଦ୍ର ସରକାର ସକ୍ରିୟ ହୋଇ ଯାଇଛନ୍ତି। ଭାରତରୁ ସିଙ୍ଗାପୁର ଏବଂ ହଂକଂ ପଠାଯାଉଥିବା ମସଲାର ଇଥିଲିନ ଅକ୍ସାଇଡ ଟେଷ୍ଟିଂ (ଇଟିଓ) କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରାଳୟ ଏବଂ ସ୍ପାଇସେସ୍ ବୋର୍ଡ ରପ୍ତାନୀ କରୁଥିବା କମ୍ପାନୀଙ୍କ ପାଇଁ ଏହି ପରୀକ୍ଷାକୁ ବାଧ୍ୟତାମୂଳକ କରିଦେଇଛି। ସେହିପରି ଅନ୍ୟ ଦେଶକୁ ପଠାଉଥିବା ମସଲାରେ ମଧ୍ୟ ଇଟିଓ ଯାଞ୍ଚ କରାଯିବ। ଏମଡିଏଚ ଏବଂ ଏଭରେଷ୍ଟର କିଛି ମସାଲା ବ୍ରାଣ୍ଡକୁ ନିଷିଦ୍ଧ କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଇଟିଓ ଯାଞ୍ଚ ନୂଆ ନୁହେଁ। ଭାରତରୁ ୟୁରୋପୀୟ ସଂଘ (ଇୟୁ) ର ଦେଶ ଏବଂ ବ୍ରିଟେନ ପଠା ଯାଉଥିବା ସାମଗ୍ରୀର ଇଟିଓ ଯାଞ୍ଚ ବାଧ୍ୟତାମୂଳକ ରହିଛି। ମାତ୍ର ସିଙ୍ଗାପୁର ଏବଂ ହଂକଂ ଭଳି ଦେଶକୁ ମସଲା ରପ୍ତାନୀ ପୂର୍ବରୁ ଏଫ୍ଲାଟକ୍ସିନ ଏବଂ ସୁଡାନ ଡାଇ ଟେଷ୍ଟିଂ ବାଧ୍ୟତାମୂଳକ ରହିଛି। ଏଫ୍ଲାଟକ୍ସିନ ଏବଂ ସୁଡାନ ଡାଇ ଯୋଗୁଁ କର୍କଟ ସହିତ ଚର୍ମ ଏବଂ ପେଟରେ ଭୟଙ୍କର ରୋଗ ସୃଷ୍ଟି ହୋଇଥାଏ। ଦ ୟୁନାଇଟେଡ ଷ୍ଟେଟ୍ସ ଇନଭାରମେଣ୍ଟାଲ ପ୍ରୋଟେକ୍ସନ ଏଜେନ୍ସି (ୟୁଏସଇପିଏ) ଏବଂ ଦ ଇଣ୍ଟରନ୍ୟାସନାଲ ଅଟୋମିକ ଏଜେନ୍ସି ଅନୁଯାୟୀ ଇଥିଲିନ ଅକ୍ସାଇଡ କର୍କଟର କାରଣ। ଏହା ଦ୍ୱାରା ଲିମ୍ଫୋମା, ଲ୍ୟୁକୋମିଆ ଏବଂ ସ୍ତନ କର୍କଟ ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ଯଦି କେହି ଦୀର୍ଘ ସମୟ ପର୍ଯ୍ୟନ୍ତ କିଛି ମାତ୍ରାରେ ବି ଇଥିଲିନ ଅକ୍ସାଇଡ ନିଅନ୍ତି ତେବେ ଡିଏନ୍‌ଏ କ୍ଷତି ହୋଇପାରେ। ମସ୍ତିଷ୍କ ଏବଂ ସ୍ନାୟୁ ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ। ଏହା ଦ୍ୱାରା ଆଖି, ଚର୍ମ ଏବଂ ନିଶ୍ୱାସପ୍ରଶ୍ୱାସ ସମ୍ବନ୍ଧିତ ରୋଗ ସୃଷ୍ଟି ହୋଇଥାଏ।



■ ଘାସରୁ ବନାଉଛନ୍ତି ଜିରା, ଇଟା ଗୁଣ୍ଡରୁ ଲଙ୍କାଗୁଣ୍ଡ
■ ଧନିଆ ଗୁଣ୍ଡରେ ଘୋଡ଼ା ମଳ, ମିଟ୍ ମସଲାରେ ଚୋକଡ଼
■ ହଳଦୀ ଗୁଣ୍ଡରେ ହଳଦିଆ ରଙ୍ଗ ଓ ଅମୃତଭଣ୍ଡା ପତ୍ର

ଭାରତରେ ଅପମିଶ୍ରିତ ସାମଗ୍ରୀ ବିକ୍ରି ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅନେକ ସମୟରେ ନକଲି କାରଖାନା, ନକଲି କୋଲ୍ଡଡ୍ରିଙ୍କ୍ସ, ନକଲି ମସାଲା, ନକଲି ତେଲ, ନକଲି ଘିଅ, ନକଲି ଅଣ୍ଡା, ଆଦି ଜବତ ହୋଇଥିବାର ଖବର ସାମ୍ନାକୁ ଆସୁଛି। ଅନେକ ହୋଟେଲ ଏବଂ ଦୋକାନ ବଜାରରେ ଖାଦ୍ୟ ପ୍ରସ୍ତୁତି ସମୟରେ ମଧ୍ୟ ନକଲି ସାମଗ୍ରୀ ବ୍ୟବହାର କରାଯାଉଛି। ଗତ ବର୍ଷ ଉତ୍ତର ଦିଲ୍ଲୀର ଜିନ୍ଦପୁର ଗ୍ରାମରୁ ଅନେକ ନକଲି ଜିରା ବସ୍ତା ଜବତ କରାଯାଇଥିଲା। ଏଠାରୁ ୪୦୦ ବସ୍ତା କାର୍ବେ ସିଡ (ହଲାଣ୍ଡ ଜିରା), ୫୦ ବସ୍ତା ଗାଜର, ୬୦ ବସ୍ତା ନକଲି ଜିରା, ୫ ଟିଣ ଗୁଡ଼ ଶିରା, ୫ ବସ୍ତା ମାର୍ବଲ ଷ୍ଟୋନ୍ ପାଉଡର, ୩୦୦ ବସ୍ତା ଧନିଆ, ୨୦୦ ବସ୍ତା ନିମ୍ନମାନର ପାନମଧୁରୀ, ପଲିସ ହୋଇଥିବା ଶହେ ବସ୍ତା କଳା ଲଙ୍କା ମିଳିଥିଲା। ଗିରଫ ଲୋକେ ଏକ ପ୍ରକାରର ଘାସ, ପଥର ଗୁଣ୍ଡ ଏବଂ ଏକ ପ୍ରକାର ଗୁଣ୍ଡ ବ୍ୟବହାର କରି ଜିରା ପ୍ରସ୍ତୁତ କରିଥିଲେ। ନକଲି ଜିରା ପ୍ରସ୍ତୁତ କରିବା ପାଇଁ ଅଧିକାଂଶ ସାମଗ୍ରୀ ରାଜସ୍ଥାନରୁ ଆସୁଥିଲା। ଏହି ନକଲି ଜିରା କେବଳ ଦିଲ୍ଲୀ ନୁହେଁ, ଅନେକ ରାଜ୍ୟକୁ ପଠା ଯାଇଥିଲା। ଅପମିଶ୍ରଣକାରୀ ମସଲାରେ ଏପରି ଜିନିଷ ମିଶାନ୍ତି ଯାହା ବିଷୟରେ ସାଧାରଣ ଲୋକ ସ୍ୱପ୍ନରେ ବି ଭାବି ପାରିବେ ନାହିଁ। ସଡ଼ି ଯାଇଥିବା ଚାଉଳକୁ ଗୁଣ୍ଡ କରି ତରକାରୀ ମସଲା ପ୍ରସ୍ତୁତ କରାଯାଉଥିଲା। ଚୋକଡ଼ ମଧ୍ୟ ମସଲାରେ ମିଶା ଯାଉଥିଲା। ପାଟନାରୁ ଏଭଳି ଘଟଣା ସାମ୍ନାକୁ ଆସିଥିଲା। ସେହିପରି ଧନିଆ ଗୁଣ୍ଡରେ ଘୋଡ଼ା ମଳ, ମିଟ୍ ମସାଲାରେ ଚାଉଳ, ଚୋକଡ଼, ଅନେକ ପ୍ରକାରର କେମିକାଲ , ଲଙ୍କା ଗୁଣ୍ଡରେ କିଛି ମାତ୍ରାରେ ଇଟା ଗୁଣ୍ଡ ଏବଂ ଅନ୍ୟ କେମିକାଲ, ହଳଦି ଗୁଣ୍ଡରେ ହଳଦିଆ ରଙ୍ଗ ଏବଂ ଅମୃତଭଣ୍ଡା ପତ୍ର ମିଶା ଯାଇଥାଏ। କିଛି ମସଲାରେ ଇଥିଲିନ ଅକ୍ସାଇଡ ମାତ୍ରାଠାରୁ ଅଧିକ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି।

# ଅପରାଧୀଙ୍କୁ ଟିକଟ ଦେବା ଓଡ଼ିଶା ବିଜେପିର ସଂସ୍କୃତି

**ଭୁବନେଶ୍ୱର, ୨୯ ।୪(ସମିସ):** ହଜାର ହଜାର ବର୍ଷ ଧରି ଗର୍ବିତ ଓଡ଼ିଆମାନେ ଓଡ଼ିଆ ସଂସ୍କୃତିକୁ ଅତ୍ୟନ୍ତ ବୀରତ୍ୱର ସହ ରକ୍ଷା କରି ଆସୁଛନ୍ତି। ସେମାନେ କେବଳ ମୋଗଲ ଓ ବ୍ରିଟିଶମାନଙ୍କ ଠାରୁ ରକ୍ଷା କରିନାହାନ୍ତି ବରଂ ଓଡ଼ିଆ, ଐତିହ୍ୟ ଓ ପରମ୍ପରା ପ୍ରତି ଗଭୀର ଭଲପାଇବା ଓ ପ୍ରତିବଦ୍ଧତା ଦ୍ୱାରା ଓଡ଼ିଆ ସଂସ୍କୃତିକୁ ସମୃଦ୍ଧ କରିଛନ୍ତି ବୋଲି ବିଜେଡି ମୁଖପାତ୍ର ସ୍ୱୟଂ ପ୍ରକାଶ ମହାପାତ୍ର ଓ ଇପ୍ସିତା ସାହୁ କହିଛନ୍ତି। ବିଜେଡି ମୁଖପାତ୍ର ଶ୍ରୀ ମହାପାତ୍ର ଓ ଶ୍ରୀମତୀ ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶା ବିଜେପି ଭଳି ରାଜନୈତିକ ଦଳର ଆବଶ୍ୟକତା ନାହିଁ। ଓଡ଼ିଆ ସଂସ୍କୃତି ବିଶ୍ୱର ଯେକୌଣସି ରାଜନୈତିକ ଦଳଠାରୁ ଏତେ ବଡ଼ ଯେ କୌଣସି ଦଳ ନିଜକୁ ବଡ଼ ଭାବି ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ଚିନ୍ତା କରିପାରିବେ ନାହିଁ। କିନ୍ତୁ ଓଡ଼ିଶା ବିଜେପି ସଂସ୍କୃତିକୁ ପ୍ରଥମେ ବୁଝିବା ଜରୁରୀ। ଏହି ଦଳର ସଂସ୍କୃତି ହେଉଛି ସେମାନଙ୍କ ବିରୋଧରେ ଜଘନ୍ୟ ଅପରାଧ କରିଥିବା ସମସ୍ତ ରାଜନୈତିକ ନେତାଙ୍କୁ ସେମାନଙ୍କ ନେତାଙ୍କ ସହ ମିଶାଇବା ଏବଂ ୨୦୨୪ରେ ହେବାକୁ ଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଦଳୀୟ ନୀତି ଗ୍ରହଣ କରିବା। ଓଡ଼ିଶା ବିଜେପି ଅପରାଧିକ ପୃଷ୍ଠଭୂମି ଥିବା କାହାକୁ ଛାଡେ ନାହିଁ ଏବଂ ସେମାନଙ୍କୁ ନିଜ ଦଳରେ ସାମିଲ କରେ ଏବଂ ସମ୍ମାନର ସହ ଟିକଟ ପ୍ରଦାନ କରିଥାଏ। ସେମାନେ ମୁଣ୍ଡ ଟେକି ଚାଲନ୍ତି ଏବଂ ସେମାନଙ୍କୁ ସମସ୍ତ ଗୌରବ ପ୍ରଦାନ କରନ୍ତି। ଏହା ହେଉଛି ବିଜେପି ସଂସ୍କୃତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

> ରାଜ୍ୟ ବିଜେପି ସଂସ୍କୃତି ବିଷୟରେ ଭଲ ଭାବେ ବୁଝିବା ଉଚିତ
>
> ଓଡ଼ିଆମାନେ ନିଜର ଐତିହ୍ୟ ଓ ସଂସ୍କୃତିକୁ ସୁରକ୍ଷା ଦେବାକୁ ସକ୍ଷମ
>
> ଜଘନ୍ୟ ଅପରାଧୀଙ୍କୁ କୋଳେଇ ନେଇ ଟିକଟ ଦେଇଛି ଓଡ଼ିଶା ବିଜେପି
>
> ଜେଲ୍ ଫେରନ୍ତାଙ୍କୁ ପୋଷ୍ଟର ବୟ କରିବା ବିଜେପିର ସଂସ୍କୃତି
>
> ବିଜେପିର ଅସଲ ସଂସ୍କୃତି କ'ଣ, ତାହା ସାଢ଼େ ୪ କୋଟି ଓଡ଼ିଆ ବୁଝିଗଲେଣି

ବିଜେପି ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଯିଏ କି କର୍ତ୍ତବ୍ୟରତ ଜଣେ ମହିଳା ପୁଲିସ ଅଧିକାରୀ ଅଫିସରଙ୍କୁ ଚାପୁଡା ମାରିବା, ତହସିଲଦାରଙ୍କୁ ଧକ୍କା ଦେବା ସହିତ ଜେଲ୍ ଯାଇଥିଲେ। ଏବେ ସେ ଜାମିନରେ ଅଛନ୍ତି ଏବଂ ତାଙ୍କ ବିରୋଧରେ ଅନେକ ଅପରାଧିକ ମାମଲା ରହିଛି। ଓଡ଼ିଶା ବିଜେପି ଏଭଳି ଲୋକଙ୍କୁ ସମର୍ଥନ କରୁଛି। ସେମାନଙ୍କ ଦଳରେ ଆଉ କେହି ଏଭଳି ସମ୍ମାନ ପାଇବାକୁ ନଥିଲେ କି ବୋଲି ବିଜେଡି ପ୍ରଶ୍ନ



କରିବା ସହ ଏହା ବିଜେପିର ସଂସ୍କୃତି ଏବଂ ଓଡିଆ ସଂସ୍କୃତି ନୁହେଁ ବୋଲି ବିଜେଡି କହିଛି। ଏହା ହିଁ ବାସ୍ତବ ବିଜେପି ସଂସ୍କୃତି। ସମାନ ଭାବେ ବିଜେପି ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଏକ ହତ୍ୟା ମାମଲାରେ ଜେଲରେ ଥିଲେ, ଏବେ ଜାମିନରେ ଅଛନ୍ତି। ଜଣେ ପୁଲିସ ଅଧିକାରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଭଳି ଲୋକମାନେ ସମାଜରେ ନେତୃତ୍ୱ ନେବେ। ଓଡ଼ିଶା ବିଜେପିର ଏଭଳି ଯୁବ ନେତାମାନେ ସ୍ୱାଭାବିକ ଭାବରେ ଅପରାଧୀକରଣ କ୍ଷେତ୍ରରେ ଓଡ଼ିଶାବାସୀଙ୍କୁ କିଭଳି ପ୍ରୋତ୍ସାହନ ଦେବେ ତାହା କୁହାଯାଇପାରେ ବୋଲି ବିଜେଡି କହିଛି।

ଓଡ଼ିଶା ବିଜେପିର ଆଉ ଜଣେ ରୋଲ ମଡେଲ ଏବେ ପ୍ରଶାନ୍ତ ଜଗଦେବ ସାଜିଛନ୍ତି। ସେ ବିଜେପିର ଟାଉନ ସଭାପତିଙ୍କୁ ମାଡ଼ ମାରିବା ସହ ମାତାଲ ଅବସ୍ଥାରେ ବିଜେପି କର୍ମୀଙ୍କ ଉପରକୁ ତାଙ୍କ କାର୍ ଚଳାଇଥିଲେ। ଶ୍ରୀ ଜଗଦେବଙ୍କ ବିରୋଧରେ ଓଡ଼ିଶା ବିଜେପି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏବେ ଓଡ଼ିଶା ବିଜେପି ତାଙ୍କୁ ମୁଣ୍ଡରେ ବସାଇ ଖୋର୍ଦ୍ଧାରୁ ବିଧାୟକ ଭାବେ ପ୍ରାର୍ଥୀ କରିଛି। ଏବେ ସେହି ଖୋର୍ଦ୍ଧା ଜିଲ୍ଲା ବିଜେପି କର୍ମୀମାନେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ସେମାନେ ଜାଣିପାରୁ ନାହାନ୍ତି କ'ଣ କରିବେ। ଏହା ହେଉଛି ଓଡ଼ିଶା ବିଜେପି ସଂସ୍କୃତି ବୋଲି ବିଜେଡି କହିଛି। ଓଡ଼ିଶା ବିଜେପିର ଅନ୍ୟ ଜଣେ ଅପରାଧୀକ ପୋଷ୍ଟର ବଏ ପ୍ରଦୀପ ପାଣିଗ୍ରାହୀ ରହିଛନ୍ତି। ସେ ଚାକିରି ପାଇଁ ଟଙ୍କା ନେ ଜେଲରେ ଥିଲେ, ଏବେ ଜାମିନରେ ଅଛନ୍ତି ଏବଂ ତାଙ୍କ ମାମଲା ଏବେ ବି ଚାଲୁଛି। ସେ ବ୍ରହ୍ମପୁର ଲୋକସଭା ପାଇଁ ପ୍ରାର୍ଥୀ ହୋଇଛନ୍ତି। ଓଡ଼ିଶା ବିଜେପି କର୍ମୀମାନେ ଶ୍ରୀ ପାଣିଗ୍ରାହୀଙ୍କ ବରୋଧରେ ଆନ୍ଦୋଳନ କରିଥିଲେ କିନ୍ତୁ ବର୍ତ୍ତମାନ ସେମାନେ ଭାଣ୍ଡିଆ ହେଇଗଲେ। ଏହା ହେଉଛି ବିଜେପିର ସଂସ୍କୃତି, ଓଡ଼ିଆ ସଂସ୍କୃତି ନୁହେଁ ବୋଲି ବେଜେଡି କହିଛି। ଅପରାଧିକ ପୃଷ୍ଠଭୂମି ଥିବା ଜଣେ ବି ନେତା କିପରି ବାଦ୍ ନ ପଡ଼ିବେ ତାହା ସୁନିଶ୍ଚିତ କରିବା ବିଜେପିର ସଂସ୍କୃତି। ଓଡ଼ିଶାବାସୀ ଏବେ ପ୍ରକୃତ ଓଡ଼ିଶା ବିଜେପି ସଂସ୍କୃତିକୁ ଜାଣିଗଲେଣି ଏବଂ ଓଡ଼ିଶା ବିଜେପି ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ଠାରୁ ଏହାକୁ ଲୁଚାଇ ରଖିପାରିବ ନାହିଁ ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାପାତ୍ର ଓ ଶ୍ରୀମତୀ ସାହୁ କହିଛନ୍ତି।

## ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ: ସରିଲା ପ୍ରାର୍ଥିପତ୍ର ପ୍ରତ୍ୟାହାର

# ୪ଟି ଲୋକସଭା କ୍ଷେତ୍ରରେ ୩୭ ପ୍ରତିଦ୍ୱନ୍ଦ୍ୱୀ

**ଭୁବନେଶ୍ୱର, ୨୯ ।୪(ସମିସ):** ଓଡ଼ିଶାରେ ପ୍ରଥମ ପର୍ଯ୍ୟା ଏକକାଳୀନ ସାଧାରଣ ନିର୍ବାଚନରେ ୪ଟି ଲୋକସଭା କ୍ଷେତ୍ର ଯଥା କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ପାଇଁ ମୋଟ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ହୋଇଛନ୍ତି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟ ପାଇଁ ଗତ ୧୮ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଥିଲା। ଗତ ୨୬ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ୩୮ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର ବୈଧ ରହିଥିଲା। ତେବେ ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିବାବେଳେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ଅତଏବ ୪ଟି ଲୋକସଭା କ୍ଷେତ୍ର ପାଇଁ ମୋଟ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ହୋଇଥିବା ନେଇ ସ୍ପଷ୍ଟ ହୋଇଛି। ୩୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ ଜଣ ପୁରୁଷ ପ୍ରାର୍ଥୀ ହୋଇଥିବାବେଳେ ୭ ଜଣ ମହିଳା ପ୍ରାର୍ଥୀ ମୈଦାନରେ ରହିଛନ୍ତି। କଳାହାଣ୍ଡି ଆସନ ପାଇଁ ୧୧ ଜଣ (ପୁରୁଷ ପ୍ରାର୍ଥୀ-୯, ମହିଳା ପ୍ରାର୍ଥୀ-୨), ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପାଇଁ ୪ ଜଣ (ପୁରୁଷ ପ୍ରାର୍ଥୀ-୪, ମହିଳା ପ୍ରାର୍ଥୀ-୦), ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପାଇଁ ୧୧ ଜଣ (ପୁରୁଷ ପ୍ରାର୍ଥୀ-୧୦, ମହିଳା ପ୍ରାର୍ଥୀ-୧) ଏବଂ କୋରାପୁଟ ସଂସଦୀୟ କ୍ଷେତ୍ର ପାଇଁ ୧୧ ଜଣ (ପୁରୁଷ ପ୍ରାର୍ଥୀ-୭, ମହିଳା ପ୍ରାର୍ଥୀ-୪) ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାଚରିବା ନେଇ ସ୍ପଷ୍ଟ ହୋଇଛି।

# ଗଞ୍ଜାମ ଜିଲ୍ଲାରେ ବଡ଼ ବିଜୟ ସୁନିଶ୍ଚିତ କରିବୁ

## ବିଜେଡିରେ ଯୋଗଦେଲେ ଶତାଧିକ ବିଜେପି ନେତା ଓ କର୍ମୀ




**ଭୁବନେଶ୍ୱର,୨୯ ।୪(ସମିସ):** ଓଡ଼ିଶା ହେଉଛି ନବୀନ ପଟ୍ଟନାୟକଙ୍କ ପରିବାର। ସେ ବିଜେଡି ମୁଖିଆ ନୁହନ୍ତି ସେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପରିବାରର ମୁଖିଆ। ସମସ୍ତଙ୍କ ସୁଖ ଦୁଃଖ ବୁଝୁଛନ୍ତି। ନୂଆ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସଂକଳ୍ପ ନେଇଛନ୍ତି ତାହାର ଜଣେ ଜଣେ ସଚ୍ଚା ସୈନିକ ଭାବେ ଆମେ କାମ କରିବୁ। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଯେପରି ୯୫%ରୁ ଅଧିକ ଭୋଟ ପାଇବେ ତାହା ସୁନିଶ୍ଚିତ କରିବା ପାଇଁ ଆମେ ଦିନ ରାତି ଏକ କରିବୁ। ଆଜି ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ନେତା ଓ କର୍ମୀ ଆଜି ବିଜେଡିରେ ଯୋଗଦେବା ପରେ ଏହା କହିଛନ୍ତି। ଆଜି ଶଙ୍ଖଭବନରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର ସମସ୍ତଙ୍କୁ ଉତ୍ତରୀୟ ଦେଇ ଦଳରେ ସ୍ୱାଗତ କରିଥିଲେ। ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମହାପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ ପ୍ରକାଶ କରିଥିଲେ।

ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଶ୍ରୀନିବାସ ରେଡ୍ଡୀ, ଅଞ୍ଜନା ପାତ୍ର, ସୀମାଦ୍ରି ରେଡ୍ଡୀ, ଜ୍ୟୋତିରାଜ ମହାରଣା, ଉଦୟନାଥ, ବସନ୍ତ ଦାସ, ରଘୁନାଥ ପାତ୍ର, ବିଜୟ ଚନ୍ଦ୍ର ଗନ୍ତାୟତ, ରବୀନ୍ଦ୍ର ପ୍ରଧାନ, ରବୀନ୍ଦ୍ରନାଥ ସାହୁ, ଅଜୟ ପ୍ରଧାନ, କୈବଲ୍ୟ ପ୍ରଧାନ, ଭାସ୍କର ପ୍ରଧାନ, ନିର୍ମଳ ପ୍ରଧାନ, ବାଳକୃଷ୍ଣ ସେଠୀ, ଆଲୋକ ମଲ୍ଲିକ, ସଞ୍ଜୟ ପାତ୍ର, ସନ୍ତୋଷ ସାହୁ, ମନୋଜ ଗୌଡ, ଦୂର୍ଯ୍ୟୋଧନ ରେଡ୍ଡୀ, କାଳିଆ ଗୌଡ, ହରିବନ୍ଧୁ ରେଡ୍ଡୀ, ରଙ୍କ ଗୌଡ, ବିଜୁ ଗୌଡ, ସୁଶାନ୍ତ ମହାନ୍ତି, ପ୍ରତାପ ଗୌଡ, ଈଶ୍ୱର ରେଡ୍ଡୀ, ବୁଲୁ କୁମାର ସେଠୀଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# କେବେ ସୁଧୁରିବେ ବିଜେପି ନେତା?

■ ପିଲାଙ୍କୁ ନେଇ ରାଜନୀତି ଚଳାଇଛନ୍ତି, ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛନ୍ତି
■ ଧର୍ମେନ୍ଦ୍ର ଓ ସମ୍ବିତଙ୍କ ବିରୋଧରେ ପୁଣି ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର, ୨୯ ।୪(ସମିସ):** ରାଜ୍ୟ ବିଜେପି ନେତାମାନେ ପିଲାଙ୍କୁ ନିର୍ବାଚନ ପ୍ରଚାରରେ ନିୟୋଜିତ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଉଥିଲେ ମଧ୍ୟ ସେମାନେ ସୁଧୁରିବାର ନାଁ ଧରୁ ନାହାନ୍ତି। ବରଂ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଅଧିକମାତ୍ରରେ ପିଲାଙ୍କୁ ବ୍ୟବହାର କରି ଲାଗିଛନ୍ତି। ଏପରିକି ନିର୍ବାଚନ କାମରେ ପିଲାମାନଙ୍କ ବ୍ୟବହାର ସମ୍ପୂର୍ଣ୍ଣ ବେଆଇନ୍ ବୋଲି ଗତକାଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସବୁ ଦଳକୁ ପତ୍ର ଲେଖି ଚେତାବନୀ ମଧ୍ୟ ଦେଲେ। ହେଲେ ଯାହା ଜଣାପଡୁଛି ବିଜେପି ନେତାମାନେ ଏହାକୁ ମାନିବା ପାଇଁ ନାରାଜ। ତେଣୁ ଏପରି ଅନୈତିକ କାର୍ଯ୍ୟରେ ଲିପ୍ତ ବିଜେପି ନେତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ରଖନ୍ତୁ ବୋଲି ବିଜେଡି ସିଇଓଙ୍କୁ ନିବେଦନ କରିଛି।



ବିଜେଡି କରିଥିବା ଅଭିଯୋଗ ଅନୁସାରେ ସମ୍ବଲପୁର ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଆଠମଲ୍ଲିକ୍‌ରେ ଅନୁଷ୍ଠିତ ନିର୍ବାଚନୀ ରାଲିରେ ଛୋଟ ପିଲାଙ୍କୁ ନିୟୋଜିତ କରିଥିଲେ। ୪୨ ଡିଗ୍ରୀ ଖରାରେ ଛୋଟ ପିଲାଙ୍କୁ ରାଧା କୃଷ୍ଣ ବେଶରେ ସଜାଇ ନିର୍ବାଚନ ସଭାରେ ବ୍ୟବହାର କରିଥିଲେ ଶ୍ରୀ ପ୍ରଧାନ। ସେହିପରି ପୁରୀ ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ମଧ୍ୟ ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରି ଚାଲିଛନ୍ତି ବୋଲି ବିଜେଡି କହିଛି। ଏନେଇ ବିଜେଡିର ଏକ ପ୍ରତିନିଧି ଦଳ ଧର୍ମେନ୍ଦ୍ର ଏବଂ ସମ୍ବିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ମୁଖ୍ୟ ନିର୍ବାଚନ କମିସନଙ୍କ ଉଦ୍ଦେଶ୍ୟରେ ଦୁଇଟି ଭିନ୍ନ ଭିନ୍ନ ଅଭିଯୋଗ ପତ୍ର ପ୍ରଦାନ କରିଛି। ଏହି ଦୁଇଟି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ। ବିଜେଡି କହିଛି ଯେ କେନ୍ଦ୍ରାପଡ଼ା ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ଭୁବନେଶ୍ୱର ସାଂସଦ ପ୍ରାର୍ଥିନୀ ଅପରାଜିତା ଷଡଙ୍ଗୀ, ବ୍ରହ୍ମପୁର ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଏବଂ ବିଜେପିର ଅନ୍ୟ ପ୍ରାର୍ଥୀମାନେ ଉଦ୍ଦେଶ୍ୟମୂଳକ ଭାବେ ନିର୍ବାଚନ ସଭା ଓ ରାଲିରେ ଛୋଟ ପିଲାଙ୍କୁ ନିୟୋଜିତ କରିବା ଦେଖାଯାଉଛି। ପିଲାମାନେ ଅତ୍ୟନ୍ତ ସମ୍ବେଦନଶୀଳ ବର୍ଗର ହୋଇଥିବା ବେଳେ ପ୍ରଚଣ୍ଡ ଖରାରେ ତାଙ୍କ ଜବୀନକୁ ବିପଦରେ ପକାଇବାରୁ କ୍ଷାନ୍ତ ହେଉ ନାହାନ୍ତି ବିଜେପି ନେତାମାନେ। ଏଭଳି କାର୍ଯ୍ୟକଳାପ ଶିଶୁ ଅଧିକାରକୁ କ୍ଷୁଣ୍ଣ କରିବା ସହ ଶିଶୁ ସୁରକ୍ଷା ସମ୍ପର୍କୀତ ଜାତୀୟ ଏବଂ ଅନ୍ତର୍ଜାତୀୟ ଆଇନର ଉଲଙ୍ଘନ କରୁଛି। ଯଦି ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତେବେ ଗଣତାନ୍ତ୍ରୀକ ବ୍ୟବସ୍ଥାରେ ନିର୍ବାଚନ ପ୍ରକ୍ରୀୟାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ଆଶଙ୍କା ସୃଷ୍ଟି ହେଲାଣି। ତେଣୁ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ବିଜେଡି ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଛି। ଏହା ଫଳରେ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତି ହେବା ଆଶଙ୍କା ଦୂର ହୋଇପାରିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ସାଂସଦ ସସ୍ମିତ ପାତ୍ର, ଡ଼ ପ୍ରିୟବ୍ରତ ମାଝୀ, ସୋଫିଆ ଆଲାମ, ଇପ୍ସିତା ସାହୁ, ମିହିର ରାୟ, ମଧୁସ୍ମିତା ନାୟକ, ମାହିକ୍ଷାତା ମିଶ୍ର ପ୍ରମୁଖ ସାମିଲ ଥିଲେ।

# ଟ୍ରେଲର-ବାଇକ୍ ଧକ୍କା; ୨ ସାଙ୍ଗ ମୃତ

**ସମ୍ବଲପୁର, ୨୯।୪(ସମିସ):** ସମ୍ବଲପୁର ସଦର ଥାନା କେନ୍ଦୁଘାଟି ନିକଟରେ ଟ୍ରେଲର ଚାପାରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ଭୋଇପାଲି ଗ୍ରାମର ଜୟନାରାଣ ବାଗ (୨୭) ଓ ବିଜ୍ଞାନ ମରେଇ (୩୨)। ଉଭୟ ପନିପରିବା ଓ ଅନ୍ୟ କିଛି ସାମଗ୍ରୀ କିଣି ଆଜି ପୂର୍ବାହ୍ନ ପ୍ରାୟ ୧୧ଟାରେ ବଜାରରୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ୫୩ ନମ୍ବର ଜାତୀୟ ରାଜପଥ ପାର ହୋଇ ବିପରୀତ ଦିଗକୁ ଆସୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରେଲର୍ ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ ରାସ୍ତାରୋକ କରିବାକୁ ବାହାରୁଥିବା ବେଳେ ସଦର ଥାନା ପୁଲିସ ପହଞ୍ଚି ସେମାନଙ୍କୁ ବୁଝାସୁଝା କରି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପୁଲିସ ଟ୍ରେଲର ଓ ବାଇକକୁ ଜବତ କରିଛି। ଟ୍ରେଲର ଡ୍ରାଇଭର ଫେରାର ହେଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

**ବଡ଼ଚଣା/ଭାପୁର, ୨୯/୪(ସମିସ):** ଯାଜପୁର ଜିଲା ୧୬ନଂ ଜାତୀୟ ରାଜପଥର ବଡ଼ଚଣା ଛକ ନିକଟରେ ଆଜି ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ପଦ୍ମାବତୀ ଗ୍ରାମର କେଶବ ବେହେରା (୩୨) ଓ ବିଜିପୁର ଗ୍ରାମର ଶତ୍ରୁଘ୍ନ ପଣ୍ଡା (୪୪)। ଆଜି ସକାଳେ ଉଭୟ ଏକ ବାଇକ୍‌ରେ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ବଡ଼ଚଣା ଛକ ନିକଟରେ ସେମାନଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଦୁଇ ଯୁବକ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଅଜଣା ଗାଡ଼ି ଦୁହିଁଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୁହିଁଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ପୁଲିସ ନମ୍ବର ୨୨୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ ବ୍ରହ୍ମପୁର ବିଧାନସଭା ଆସନରେ ୧୭ ପ୍ରାର୍ଥୀ

# ବ୍ୟବହାର ହେବ ୨ଟି ଇଭିଏମ୍!

**ବ୍ରହ୍ମପୁର, ୨୯ ।୪(ସମିସ):** ଆସନ୍ତା ୧୩ ତାରିଖରେ ଓଡ଼ିଶାରେ ହେବ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟଗ୍ରହଣ। ବ୍ରହ୍ମପୁର ଲୋକସଭା ଆସନ ସହିତ ଏହି କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା ଆସନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟସୀମା ଶେଷ ପରେ ଚୂଡ଼ାନ୍ତ ହୋଇଛି ପ୍ରାର୍ଥୀଙ୍କ ତାଲିକା। ଶେଷ ଦିନରେ ଗୋପାଳପୁର ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଉମାଚରଣ ନାୟକ ଓ ବ୍ରହ୍ମପୁର ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥିନୀ ଆଶା କୁମାରୀ ଦାଶ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ଗୋପାଳପୁର ପାଇଁ ମୋଟ ୧୦ ଜଣ ଓ ବ୍ରହ୍ମପୁର ଆସନ ପାଇଁ ସର୍ବାଧିକ ୧୭ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ବେହେରାଙ୍କଠାରୁ ସୂଚନା ମିଳିଛି। ଆଶା ଦାଶଙ୍କ ସ୍ୱାମୀ ତଥା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ସ୍ୱାଧୀନ ଭାବେ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବାରୁ ଆଶା ଦାଶ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା କହିଛନ୍ତି। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବା ସହିତ ଜନବିରୋଧୀ ନେତା ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ପ୍ରଚାର କରିବା ପାଇଁ ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା କହିଛନ୍ତି ଉମା ଚରଣ ନାୟକ।

ତେବେ ଚଳିତ ନିର୍ବାଚନରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିବା ସମ୍ଭାବନା ସ୍ପଷ୍ଟ ହେବାରେ ଲାଗିଛି। ଇଭିଏମ୍ ମେସିନରେ ଏଥର ୧୭ଜଣ ପ୍ରାର୍ଥୀଙ୍କ ଚିହ୍ନ ଦେଖିବାକୁ ମିଳିବ। ଗୋଟିଏ ଇଭିଏମ ମେସିନରେ ୧୫ ଜଣ ପ୍ରାର୍ଥୀ ଓ ଗୋଟିଏ 'ନୋଟା' କୁ ମିଶାଇ ମୋଟ ୧୬ଟି ସ୍ଥାନ ରହିଛି। ତେବେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ମୋଟ ୧୭ଜଣ ପ୍ରାର୍ଥୀ ଥିବାରୁ ଗୋଟିଏ ଇଭିଏମ ମେସିନ ସ୍ଥାନରେ ଏକକାଳୀନ ଦୁଇଟି ଇଭିଏମ ମେସିନ ବ୍ୟବହାର ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ କ୍ଷେତ୍ରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କ'ଣ ନିଷ୍ପତ୍ତି ନେଉଛନ୍ତି, ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ଠକେଇ ପାଇଁ ସାଇବର ଠକଙ୍କ ନିର୍ବାଚନୀ ଅସ୍ତ୍ର

# ଭୋଟର ଲିଷ୍ଟ ଅପ୍‌ଡେଟ୍ ନାଁରେ ଲିଙ୍କ୍ ପଠାଇ ଠକୁଛନ୍ତି

**ଭୁବନେଶ୍ୱର, ୨୯ ।୪(ସମିସ):** ସମୟ ସହ ତାଳଦେଇ ସାଇବର ଠକ ଲୋକଙ୍କୁ ଠକୁଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ସାଇବର ଠକ ଏହାକୁ ଅସ୍ତ୍ର କରିଛି। ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏଭଳି ଅଭିନବ ଉପାୟରେ ଠକେଇ ହେଉଥିବା ନେଇ ଅଭିଯୋଗ ଆସିଛି। ସାଇବର ଠକ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ ପାଇଁ ହ୍ୱାଟ୍ସଆପ ଆକାଉଣ୍ଟକୁ କରୁଛନ୍ତି ଟାର୍ଗେଟ। ପ୍ରଥମେ ଭୋଟର ଲିଷ୍ଟ ଅପଡେଟ ନାଁରେ ମୋବାଇଲକୁ ଏକ ଲିଙ୍କ୍ ପଠାଉଛନ୍ତି। ଏହାକୁ ଓପନ କଲେ ହ୍ୟାକ୍ ହୋଇଯାଉଛି ହ୍ୱାଟ୍ସଆପ। ପରେ ବ୍ୟକ୍ତିଙ୍କ ହ୍ୱାଟ୍ସଆପରେ ଥିବା ସମସ୍ତ ଗ୍ରୁପରେ ଏହି ଲିଙ୍କ୍ ସେୟାର କରି ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ଜାଲରେ ଫସାଇବାକୁ ଚେଷ୍ଟା କରୁଛନ୍ତି ହ୍ୟାକର। ଟିକିଏ ଅସାବଧାନ ହେଲେ ଆକାଉଣ୍ଟରୁ ଗାଏବ ହୋଇଯାଉଛି ଟଙ୍କା। ମାଲକାନଗିରି ଜିଲ୍ଲାର ଜଣେ ଶିକ୍ଷକଙ୍କ ମୋବାଇଲକୁ ଏଭଳି ଲିଙ୍କ୍ ଆସିବା ପରେ ତାଙ୍କ ଆକାଉଣ୍ଟ ହ୍ୟାକ ହୋଇଯାଇଥିଲା। ଏହାପରେ ତାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କର କଟି ଯାଇଥିଲା। ଏନେଇ ସେ ମାଲକାନଗିରି ଥାନା ଓ ଭୁବନେଶ୍ୱର ସାଇବର ସେଲର ଦ୍ୱାରସ୍ଥ ହୋଇଛନ୍ତି। କେବଳ ମାଲକାନଗିରି ନୁହେଁ; ଯାଜପୁର, କଟକ, ପୁରୀ, ବାଲେଶ୍ୱର, କୋରାପୁଟରୁ ଏଭଳି ମାଳମାଳ ଅଭିଯୋଗ ଆସୁଛି। ସାଇବର ଠକ ଲୋକଙ୍କୁ ହ୍ୱାଟ୍ସଆପ୍ ଏବଂ ହ୍ୱାଟ୍ସଆପ୍ ଗ୍ରୁପ୍‌କୁ ଲିଙ୍କ୍ ପଠାଇ ହ୍ୟାକ୍ କରି ଟଙ୍କା ଲୁଟୁଛନ୍ତି। ଏଭଳି ଠକେଇ ବଢୁଥିବାରୁ ଓଡ଼ିଶା ପୁଲିସ ସଚେତନ କରିଛି। ବିଭିନ୍ନ ଗ୍ରୁପ୍ ଏବଂ ହ୍ୱାଟ୍ସଆପ୍‌କୁ ଆସୁଥିବା ଲିଙ୍କ୍‌କୁ କ୍ଲିକ୍ କରନ୍ତୁ ନାହିଁ। ଭୋଟର ଲିଷ୍ଟ ଅପ୍‌ଡେଟ୍ ପାଇଁ ଜନସେବା କେନ୍ଦ୍ରକୁ ଯାଇ କରାନ୍ତୁ। ଆହୁରି ମଧ୍ୟ ମନଲୋଭା ଅଫର ଦେଇ ଠକି ପାରନ୍ତି ସାଇବର ଠକ। ଏହାକୁ ମଧ୍ୟ ଦୂରେଇ ରହିବାକୁ କୁହାଯାଇଛି।

> ● ଏକାଧିକ ଜିଲ୍ଲାରୁ ଅଭିଯୋଗ ଆସିବା ପରେ ପୁଲିସର ଚେତା ପଶିଲା
>
> ● ମୋବାଇଲ୍‌କୁ ଆସୁଥିଲା ଲିଙ୍କ୍‌କୁ କ୍ଲିକ୍ କରନ୍ତୁ ନାହିଁ: ପୁଲିସ

ସେହିପରି ସାଇବର ଠକ ମଧ୍ୟ ନିର୍ବାଚନା ପାଇଁ ବିଭିନ୍ନ ଅଫର ଦେଇ ହ୍ୱାଟ୍ସଆପ୍‌କୁ ମେସେଜ୍ ଦେଉଛନ୍ତି। ବିଭିନ୍ନ ଦଳର ବିଜ୍ଞାପନକୁ ସେୟାର କଲେ ଆକାଉଣ୍ଟକୁ ଆସିବା ୧ହଜାର ଟଙ୍କା। ଟଙ୍କା ସହ ମୋବାଇଲ୍ ଡାଟା ମିଳିବ ବୋଲି ମଧ୍ୟ ଲୋଭନୀୟ ଅଫର ଦେଉଛନ୍ତି। ଯେଉଁ ଅଫର ଦେଖି ଲୋକେ ସାଇବର ଠକଙ୍କ ଜାଲରେ ପଡ଼ି ଯାଉଛନ୍ତି। ଦିଆଯାଇଥିବା ଲିଙ୍କ୍‌କୁ କ୍ଲିକ୍ କରିବା ପରେ ସାଇବର ଠକ ମୋବାଇଲ୍ ହ୍ୟାକ୍ କରି ଟଙ୍କା ଆକାଉଣ୍ଟରୁ ଲୁଟି ନେଉଥିଲା। ତେଣୁ ନିର୍ବାଚନ ଅସ୍ତ୍ର କରି ସାଇବର ଠକ ଏକାଧିକ ଲୋକଙ୍କୁ ଠକୁଛନ୍ତି। ଠକେଇ ପାଇଁ ଠକ ଏକାଧିକ ବୋନାମି ଆକାଉଣ୍ଟ ଖୋଲିଛନ୍ତି। ଏହି ବେନାମି ଆକାଉଣ୍ଟକୁ ଆସୁଛି ଠକେଇ ଟଙ୍କା। ତେଣୁ ବ୍ୟାଙ୍କ୍‌କୁ ମଧ୍ୟ ପୁଲିସ ସଚେତନ କରିଛି। ବ୍ୟକ୍ତିଗତ ହାତ ହେଉନଥିଲେ କାହାରିକୁ ଆକାଉଣ୍ଟକ ଖୋଲିବାକୁ ଅନୁମତି ଦିଆନଯାଉ ବୋଲି ପୁଲିସ କହିଛି।

### ସମ୍ବଲପୁର ଦେଖିବ ଦୁଇ ପ୍ରଧାନଙ୍କ ଛକି-ଶୂନ ଖେଳ

# ଧର୍ମେନ୍ଦ୍ରଙ୍କ ରାସ୍ତାରେ କଣ୍ଟା ସାଜିବେ ନଗେନ୍ଦ୍ର

**ଭୁବନେଶ୍ୱର, ୨୯।୪(ସମିସ):** ଚଳିତ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା କ୍ଷେତ୍ରରେ ଦୁଇ ହେଭିୱେଟ୍ ନେତା ଏବେ ଅବତୀର୍ଣ୍ଣ। ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବିଜେପିରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରାର୍ଥୀ ହୋଇଥିବାରୁ ସମସ୍ତଙ୍କର ନଜର ଏହି ଲୋକସଭା ନିର୍ବାଚନମଣ୍ଡଳୀ ଉପରେ। ହେଲେ କଂଗ୍ରେସ ତା'ର ଲୋକସଭା ପ୍ରାର୍ଥୀ ବଦଳାଇ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ନଗେନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରିବା ପରେ ଧର୍ମେନ୍ଦ୍ରଙ୍କ ଶିବିରରେ ଭାଳେଣି ପଡ଼ିଛି।

ଧର୍ମେନ୍ଦ୍ର ପ୍ରାର୍ଥୀ ହେବା ପରେ ବିଜେପିର କିଛି ନେତା ଧରିନେଇଥିଲେ ଯେ ସମ୍ବଲପୁର ଏଥର ସେମାନଙ୍କ ହସ୍ତମୁଦି ମାହାଲ ହେବ। ହେଲେ ନଗେନ୍ଦ୍ର କଂଗ୍ରେସରୁ ପ୍ରାର୍ଥୀ ହେବା ପରେ ଧର୍ମେନ୍ଦ୍ରଙ୍କ ରାସ୍ତାର କଣ୍ଟା ସାଜିବେ। ଧର୍ମେନ୍ଦ୍ରଙ୍କ ସମର୍ଥକ ପ୍ରଚାର କରି ଚାଲିଛନ୍ତି ସେ ମାଟିର ପୁଅ ଆଉ ଚଷା ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ପ୍ରତି ଅହେତୁକ ଜନସମର୍ଥନ ରହିବ। ବିଜେଡି ପ୍ରାର୍ଥୀଙ୍କୁ ସେମାନେ ବିଦେଶୀ ଆଖ୍ୟା ଦେଇ ଅପପ୍ରଚାର ମଧ୍ୟ କରି ଚାଲିଛନ୍ତି। ଦେଖିବାକୁ ଗଲେ, ଧର୍ମେନ୍ଦ୍ର ମଧ୍ୟ ମାଟିର (ସମ୍ବଲପୁର) ପୁଅ ନୁହନ୍ତି। ସେ ଅନୁଗୋଳ ଜିଲ୍ଲାର ବାସିନ୍ଦା। ତେବେ ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ଓ ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ସମ୍ବଲପୁର ଲୋକସଭା କ୍ଷେତ୍ରରେ ଥିବାରୁ ତାହା ଧର୍ମେନ୍ଦ୍ରଙ୍କୁ ସୁହାଇବ ବୋଲି ତାଙ୍କ ସମର୍ଥକମାନେ ଯେଉଁ ଦିବାସ୍ୱପ୍ନ ଦେଖୁଛନ୍ତି, ତାହା ମଧ୍ୟ ଭୁଲ ପ୍ରମାଣିତ ହେବ। ଗତ ନିର୍ବାଚନରେ ଏହି ଦୁଇଟି ବିଧାନସଭା କ୍ଷେତ୍ରରୁ ବିଜେଡିର ବିଧାୟକ ଅଛନ୍ତି। ଧର୍ମେନ୍ଦ୍ର ଚଷା ସମ୍ପ୍ରଦାୟରୁ ଆସିଥିବାରୁ ବିଜେପି ପାଇଁ ଏକ ଆଶ୍ୱାସନା ଚଷା ଭୋଟ ତାଙ୍କ ସପକ୍ଷରେ ଯିବ। କିନ୍ତୁ ନଗେନ୍ଦ୍ର ମଧ୍ୟ ଚଷା ସମ୍ପ୍ରଦାୟର ହୋଇଥିବାରୁ ସେ ମଇଦାନକୁ ଆସିବା ପରେ ଚଷା ଭୋଟ





ଭାଗଭାଗ ହୋଇଯିବ ବୋଲି ରାଜନୈତିକ ସମୀକ୍ଷକମାନଙ୍କ କହିବା କଥା। ଏହା ଧର୍ମେନ୍ଦ୍ର ଓ ତାଙ୍କ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସମ୍ବଲପୁର ଜିଲ୍ଲାରେ କୁଲତା ଭୋଟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। କୁଲତା ଭୋଟ ଉପରେ ଧର୍ମେନ୍ଦ୍ର ନଜର ରଖିଥିବା ବେଳେ ନଗେନ୍ଦ୍ର ମଧ୍ୟ ପଛରେ ପଡ଼ିବେ ନାହିଁ।

ଅବଶ୍ୟ ନିର୍ବାଚନରେ ଜାତିଭିତ୍ତିକ ଭୋଟ ଯେ ବିଶେଷ ନିର୍ଣ୍ଣାୟକ ହେବ, ତାହା ରାଜନୈତିକ ପଣ୍ଡିତମାନେ ମନେ କରୁନାହାନ୍ତି। ନଗେନ୍ଦ୍ର କଂଗ୍ରେସ ପ୍ରାର୍ଥୀ ହେବା ପରେ ଧର୍ମେନ୍ଦ୍ରଙ୍କ ଶିବିର 'ଜୋର୍‌ସେ ଝଟକା ଧୀରେସେ ଲଗା' ନ୍ୟାୟରେ ବିଚଳିତ ହୋଇପଡ଼ିଛି। କାରଣ ନଗେନ୍ଦ୍ର ଆଠମଲ୍ଲିକ ନିର୍ବାଚନମଣ୍ଡଳୀରୁ ୩ଥର ବିଧାୟକ ରହିଛନ୍ତି। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଜନତା ଦଳ ଟିକଟରେ ବିଜୟୀ ହୋଇଥିବା ବେଳେ ୨୦୦୦ରୁ ୨୦୦୯ ଦୁଇଥର ବିଜୁ ଜନତା ଦଳରୁ ବିଧାୟକ ତଥା ମନ୍ତ୍ରୀ ବି ଥିଲେ। ଏପରିକି ସେ ୨୦୧୪ରେ ବିଜେଡି ଟିକଟରେ ସମ୍ବଲପୁରର ସାଂସଦ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୦୯ ପର୍ଯ୍ୟନ୍ତ ଛେଣ୍ଡିପଦା ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ରହିଥିଲା। ପରବର୍ତ୍ତୀ ସମୟରେ ଛେଣ୍ଡିପଦା ଆଠମଲ୍ଲିକରୁ ଅଲଗା ହୋଇ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ହେଲା। ନଗେନ୍ଦ୍ର ୩ଟି ପାଳିରେ ଦୀର୍ଘ ୧୪ବର୍ଷ ଧରି ଆଠମଲ୍ଲିକ ଓ ଛେଣ୍ଡିପଦା ବ୍ଲକ ସହ ଓତପ୍ରୋତ ଭାବେ ଜଡ଼ିତ। ତେଣୁ ଧର୍ମେନ୍ଦ୍ର ତଥା ତାଙ୍କ ଦଳ ଯେଉଁ ଭାବନା ରଖିଛନ୍ତି, ମାଟି ପୁଅ ଭାବେ ଅନୁଗୋଳର ଜିଲ୍ଲାର ଏହି ଦୁଇ ନିର୍ବାଚନମଣ୍ଡଳୀରେ ସେମାନଙ୍କ ପ୍ରଭାବ ଯଥେଷ୍ଟ ରହିବ; ବର୍ତ୍ତମାନ ନଗେନ୍ଦ୍ରଙ୍କ ଉପସ୍ଥିତି ପରେ ସେମାନଙ୍କର ଏ ଭାବନା ତାସ ଘର ଭଳି ଭାଙ୍ଗି ଯାଇଛି।

ଦେଖିବାକୁ ଗଲେ, ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ୪୦ ପ୍ରତିଶତ ଚଷା ସମ୍ପ୍ରଦାୟ ରହିଛନ୍ତି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ୩୦ରୁ ୩୫ ପ୍ରତିଶତ ରହିଛନ୍ତି। ତେଣୁ ନିର୍ବାଚନରେ ଜାତିଭିତ୍ତିକ କଥା ଉଠିଲେ ଧର୍ମେନ୍ଦ୍ର ଓ ନଗେନ୍ଦ୍ରଙ୍କ ମଧ୍ୟରେ ଏବେଠୁ ଛକି-ଶୂନ ଖେଳ ଆରମ୍ଭ ହୋଇଯାଇଛି। ସମ୍ବଲପୁର ଲୋକସଭା କ୍ଷେତ୍ରରେ ବିଜେପି ଧର୍ମେନ୍ଦ୍ରଙ୍କୁ ପ୍ରାର୍ଥୀ କରିବା ପରେ ଦଳ ଧରି ନେଇଥିଲା ଯେ ଓଡ଼ିଶାରୁ ଯଦି ଗୋଟିଏ ସିଟ୍ ସେମାନଙ୍କ ଖାତାକୁ ଯିବ ତାହା ହେଉଛି ସମ୍ବଲପୁର। ହେଲେ ବିଜେଡି ମାଷ୍ଟରଷ୍ଟ୍ରୋକ୍ ଖେଳି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶଙ୍କୁ ପ୍ରାର୍ଥୀ କରିବା ପରେ ବିଜେପିର ସେ ଦମ୍ଭ କମିଯାଇଛି। ଏପରି ସ୍ଥଳେ ପୁଣି କଂଗ୍ରେସ ନଗେନ୍ଦ୍ରଙ୍କୁ ପ୍ରାର୍ଥୀ କରିବା ପରେ ବିଜେପି ଶିବିରରେ ନିଦ ହଜାଇ ଦେଇଛି। ନଗେନ୍ଦ୍ର ଯେ ଧର୍ମେନ୍ଦ୍ରଙ୍କ ଭୋଟ ଭାଗ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ତାହା ରାଜନୈତିକ ସମୀକ୍ଷକମାନେ ଏବେଠାରୁ ସ୍ଥିର ନିଶ୍ଚିତ।

### ଜଳେଶ୍ୱର କଂଗ୍ରେସରେ ବିଦ୍ରୋହ

# ଦେବୀଙ୍କ ପ୍ରାର୍ଥିତ୍ୱକୁ ସୁଦର୍ଶନଙ୍କ ବିରୋଧ

**ଜଳେଶ୍ୱର, ୨୯।୪ (ସମିସ):** ଜଳେଶ୍ୱର ବିଧାନସଭା ପାଇଁ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ଦେବୀପ୍ରସନ୍ନ ଚାନ୍ଦଙ୍କ ନାମ ଘୋଷଣା ପରେ ବିଦ୍ରୋହ ଦେଖାଦେଇଛି। ଗତଥର ଦଳର ପ୍ରାର୍ଥୀ ହୋଇଥିବା ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ, ଦେବୀଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ବିଦ୍ରୋହ କରିଛନ୍ତି। ଜଳେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ପ୍ରାର୍ଥୀ ଚୟନର ମାପକାଠିକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ସେ କହିଛନ୍ତି, ଦଳର ଚରମ ଦୁର୍ଦ୍ଦିନ ସମୟରେ ଜଳେଶ୍ୱର କଂଗ୍ରେସର ସେ ମଙ୍ଗ ଧରିଥିଲେ। ଗତ ନିର୍ବାଚନ ପରଠାରୁ ଦୀର୍ଘ ୫ବର୍ଷ ଧରି ଦଳର



ସଂଗଠନକୁ ଗଢ଼ିଥିଲେ। ଜଳେଶ୍ୱରବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଅନେକ ସଂଗ୍ରାମ ଓ ଆନ୍ଦୋଳନ ଆୟୋଜନ କରିଥିଲେ। ଚାଷୀଙ୍କ ଅଭାବୀ ଧାନ ବିକ୍ରି, ଟାଟା ପାୱାରର ଶୋଷଣ ଓ ଜୁଲମ, ମଦ ଓ ନିଶାର ପ୍ରସାର, ଜଳ ନିଷ୍କାସନ ସମସ୍ୟା, ଭୂମିହୀନଙ୍କୁ ଘରଡିହ ପଟ୍ଟା ଓ ବାସହୀନମାନଙ୍କୁ ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତି ଇତ୍ୟାଦିକୁ ନେଇ ଅନେକ କାର୍ଯ୍ୟକ୍ରମ ଜଳେଶ୍ୱରରେ ଆୟୋଜନ କରାଯାଇଛି। ଲଗାତାର ଭାବରେ ଏହି ସବୁ କାର୍ଯ୍ୟକ୍ରମ କଲା ପରେ କଂଗ୍ରେସ ଦଳ ଶକ୍ତିଶାଳୀ ହୋଇଥିଲା ଓ ଜଳେଶ୍ୱରବାସୀଙ୍କ ଭିତରେ ବିଶ୍ୱାସ ଜନ୍ମିଥିଲା। ଏଭଳି ସ୍ଥିତିରେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରି ପୁଣିଥରେ କଂଗ୍ରେସକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଥିବା ସେ କହିଛନ୍ତି। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ସଭାପତି ହିସାବରେ ସେ ରାଜ୍ୟତମାମ ବୁଲି ସଂଗଠନକୁ ସୁଦୃଢ଼ କରିଥିଲେ। ପୁନଶ୍ଚ ନିର୍ବାଚନ ପରିପ୍ରେକ୍ଷୀରେ ଯେଉଁ ସବୁ କାର୍ଯ୍ୟ କରିବାକୁ ଦଳ କହିଥିଲା ସେ ସବୁକୁ ଅତ୍ୟନ୍ତ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ମାତ୍ର ତାଙ୍କୁ ଦଳ ଟିକଟ ନ ଦେବା ପଛରେ କାରଣ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି, ୨୦୨୩ ସେପ୍ଟେମ୍ବରରେ ତତ୍କାଳୀନ ଓଡ଼ିଶା ପାଇଁ ନିଯୁକ୍ତ ଏଆଇସିସି ପ୍ରଭାରୀ ଡ. ଏ ଚେଲ୍ଲାକୁମାର, ପିସିସି ସଭାପତି ଶରତ ପଟ୍ଟନାୟକ ଓ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଓଡ଼ିଶାର ୪୨ଜଣ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ସବୁଜ ସଙ୍କେତ ଦେଲା ବେଳେ ବାଲେଶ୍ୱର ଜିଲ୍ଲାରୁ ଭୋଗରାଇ ପାଇଁ ସତ୍ୟଶିବ ଦାସ, ବସ୍ତା ପାଇଁ ବିଜନ ନାୟକ ଓ ଜଳେଶ୍ୱର ପାଇଁ ତାଙ୍କୁ ସଙ୍କେତ ଦେଇ ନିର୍ବାଚନ ପ୍ରସ୍ତୁତିରେ ଆଗେଇ ଯିବାକୁ କହିଥିଲେ। ଏବେ ସେଥିରେ କାହିଁକି ପରିବର୍ତ୍ତନ ହେଲା ବୋଲି ସୁଦର୍ଶନ ପ୍ରଶ୍ନ ଉଠାଇଛନ୍ତି। ଏ ସଂପର୍କରେ ସେ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ ଇତ୍ୟାଦି ଦଳର ଶୀର୍ଷ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ମିଳନୀରେ କଂଗ୍ରେସ ଦଳର ବରିଷ୍ଠ ନେତା ସୁଦାମ ଚରଣ ପାତ୍ର, ହେମନ୍ତ କୁମାର ଗିରି, ପଦ୍ମଲୋଚନ ବେହେରା ଓ ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ଗୋଚ୍ଛାୟତ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ।

### ବ୍ରହ୍ମପୁର ଲୋକସଭା ଓ ଗୋପାଳପୁର ବିଧାନସଭା ଆସନ

# ଖାଲି ହେଉଛି 'ପଦ୍ମ' ପୋଖରୀ

**ବ୍ରହ୍ମପୁର,୨୯ ।୪(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି, ପଦ୍ମପୋଖରୀ ସେତେ ଖାଲି ହେବାରେ ଲାଗିଛି। ପଦ୍ମ ଛାଡ଼ି ନେତା ଓ କର୍ମୀ ଏବେ ବିଜେଡିମୁହାଁ ହେଉଛନ୍ତି। ସୋମବାର ବ୍ରହ୍ମପୁର ବିଧାୟକ ତଥା ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କ ବାସଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସାଂସଦ ତଥା ବିଜେଡି ରାଜ୍ୟ ଉପସଭାପତି ଓ ଇସ୍ତାହାର କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁଙ୍କ ଉପସ୍ଥିତିରେ ବହୁ ବିଜେପି ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଗଞ୍ଜାମ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ତୁମ୍ବେଶ୍ୱର ନାୟକଙ୍କ ନେତୃତ୍ୱରେ ପୂର୍ବତନ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ ସାହୁ, ବାବୁଲି ଶତପଥୀ, ଅସୀମ ପ୍ରଧାନ, ଲିପୁ ଗୋଟୁଲା ଓ ଗଉଞ୍ଜୁ ଗ୍ରାମର ଭାଗିରଥୀ ପାଣିଗ୍ରାହୀ ପ୍ରମୁଖ ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ପୂର୍ବରୁ ଏହି ସମସ୍ତ ନେତା ଓ କର୍ମୀ ବିଜେପିର ପ୍ରାଥମିକ ସଦସ୍ୟତାରୁ ନିଜ ନିଜର ଇସ୍ତଫା ଦେଇଥିଲେ। ନବାଗତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରାଯାଇଥିଲା। ବିଜେଡିରେ ସାମିଲ ହୋଇଥିବା ସମସ୍ତଙ୍କ ଦ୍ୱାରା ବିଜେଡିର ସାଙ୍ଗଠନିକ ସ୍ଥିତି ଆହୁରି ଅଧିକ ସୁଦୃଢ଼ ହେବ ବୋଲି କହିଛନ୍ତି ସାଂସଦ ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡା। ଏହି ଅବସରରେ ନୂତନ ଭାବେ ବିଜେଡିରେ ଯୋଗ ଦେଇଥିବା ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ସହ ତାଙ୍କ ହାତମୁଠା ଟାଣ କରିବାକୁ ସାମୂହିକ ସଂକଳ୍ପ ନେଇଥିଲେ।



- 'ଅତ୍ୟାଚାରୀ' ବନାମ 'ଜନନେତା' ମଧ୍ୟରେ ଲଢ଼େଇ
- ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ଟାଣ କରିବାକୁ ସାମୂହିକ ସଂକଳ୍ପ

ସେପଟେ ଦୀର୍ଘ ୧୬ବର୍ଷ ଧରି ବିଜେପିରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ପଦପଦବୀରେ ଥାଇ ସୁଦ୍ଧା ତାଙ୍କୁ ଗୋପାଳପୁରର ଅତ୍ୟାଚାରୀ ନେତାଙ୍କ ଶୋଷଣ ଓ ଅତ୍ୟାଚାରର ଶିକାର ହେବାକୁ ପଡ଼ିଥିବା କହିଛନ୍ତି ବିଜେପି ଛାଡ଼ିଥିବା ଯୁବନେତା ତୁମ୍ବେଶ୍ୱର ନାୟକ ଓ ସନ୍ତୋଷ ସାହୁ। ସେହିଭଳି ଜନବିରୋଧୀ ନେତାଙ୍କୁ ଆମଦାନୀ କରି ବିଜେପି ତା'ର ନିଜର ନୀତି ଓ ଆଦର୍ଶ ହରାଇଥିବା ଅଭିଯୋଗ କରିଛନ୍ତି। ଫଳରେ ଉଭୟ ବ୍ରହ୍ମପୁର ଲୋକସଭା ଓ ଗୋପାଳପୁର ବିଧାନସଭା ଆସନରେ ଚଳିତଥର 'ଅତ୍ୟାଚାରୀ ତଥା ଜନବିରୋଧୀ' ବନାମ 'ଜନନେତା'ଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ସେ କହିଛନ୍ତି। ଏଥର ଭୋଟର୍ ଉଚିତ ପ୍ରାର୍ଥୀ ବାଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରନ୍ତୁ ବୋଲି ଏହି ଅବସରରେ ସେ ଆହ୍ୱାନ ଦେଇଛନ୍ତି।

### ପୁରୀ ଲୋକସଭା: ନାମାଙ୍କନପତ୍ର ଦାଖଲ ଆରମ୍ଭ

# ପ୍ରଥମ ଦିନରେ ୫ ପ୍ରାର୍ଥିପତ୍ର ଦାଖଲ

**ପୁରୀ, ୨୯।୪(ସମିସ):** ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ପୁରୀ ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନ ବିଧାନସଭା ଆସନ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ଏନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରଥମ ଦିନରେ ୫ ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କ ସହ ଆସି ପାର୍ଥିପତ୍ର ଦାଖଲ କରିଛନ୍ତି। ବିଜେଡିରୁ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ସୁନୀଲ ମହାନ୍ତି, ସତ୍ୟବାଦୀରୁ ସଞ୍ଜୟ ଦାସବର୍ମା, ବିଜେପିରୁ ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର, ପିପିଲି ବିଧାନସଭା ଆସନରୁ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ହରେକୃଷ୍ଣ ସିଂହାରୀ ନିଜ ନିଜ ଦଳର ହଜାରହଜାର କର୍ମୀ ଓ ସମର୍ଥକଙ୍କ ଗହଣରେ ବିଶାଳ ପଟୁଆରରେ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି।

ନାମାଙ୍କନ ଦାଖଲର ପ୍ରଥମ ଦିନରେ ପ୍ରଥମେ ପ୍ରାର୍ଥିପତ୍ର ଦାଖଲ କରିଥିଲେ ପୁରୀ ସଦର ବିଜେଡି ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତି। ସେ ବଡ଼ଦାଣ୍ଡସ୍ଥିତ ବଗଲା ଧର୍ମଶାଳାଠାରୁ ପୁରୀ ପୌରପାଳିକା ଅନ୍ତର୍ଗତ ୩୨ଟି ୱାର୍ଡ ଓ ପୁରୀ ସଦର ଅନ୍ତର୍ଗତ ୨୨ଟି ପଞ୍ଚାୟତର ହଜାର ହଜାର କର୍ମୀଙ୍କୁ ସାଥୀରେ ଧରି ଶୋଭାଯାତ୍ରାରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାପରେ ଦୋଳମଣ୍ଡପ ସାହି ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୁରୀ ସହରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହୋଇଥିବା ବିକାଶମୂଳକ କାର୍ଯ୍ୟ ତଥା ତାଙ୍କ ବାପା ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ଗରିବ ଓ ପ୍ରତିଟି ଲୋକଙ୍କ ସହ ସମ୍ପର୍କକୁ ପାଥେୟ କରି ନିର୍ବାଚନ ଲଢ଼ିବେ। ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକଟି ଘରକୁ ଯାଇ ସେ ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରାର୍ଥିପତ୍ର ଦାଖଲ କରିବା ପରେ ପ୍ରଚାରକୁ ଆହୁରି





ଜୋରଦାର୍ କରିବେ ବୋଲି କହିଛନ୍ତି ସୁନୀଲ। ସୁନୀଲଙ୍କ ପ୍ରାର୍ଥିପତ୍ର ଦାଖଲ ଶୋଭାଯାତ୍ରାରେ ପୁରୀ ଲୋକସଭା ବିଜେଡି ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ବହୁ ଦଳୀୟ ନେତୃତ୍ୱ ସାମିଲ ଥିଲେ। ଶୁଭାଶିଷ କହିଛନ୍ତି, ସୁନୀଲଙ୍କ ପ୍ରାର୍ଥିପତ୍ର ଦାଖଲ ଶୋଭାଯାତ୍ରାରେ ପୁରୀ ସହର ଏବଂ ପୁରୀ ସଦରର ତୃଣମୂଳସ୍ତରର ନେତା, କର୍ମୀ ସମସ୍ତେ ସାମିଲ ହୋଇଛନ୍ତି। ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତିଙ୍କୁ ବିପୁଳ ସଂଖ୍ୟାରେ ବିଜୟୀ କରାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବେ।

ସେହିପରି ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସ ବର୍ମା ପ୍ରାଥିପତ୍ର ଦାଖଲ ପାଇଁ ବିରାଟ ବାଇକ୍ ଶୋଭାଯାତ୍ରାରେ ଆସିଥିଲେ। ସତ୍ୟବାଦୀ ଗୋପାଳଜୀଉ ମନ୍ଦିରରୁ ଆଶୀର୍ବାଦ ନେଇ ସଞ୍ଜୟ ହଜାର ହଜାର ସମର୍ଥକଙ୍କ ଗହଣରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସଞ୍ଜୟ କହିଛନ୍ତି, ପୁଣ୍ୟର ମାଟି ସତ୍ୟବାଦୀର ସେବା ପାଇଁ ମୋତେ ସୁଯୋଗ ମିଳିଛି। ନିଶ୍ଚିତ ସତ୍ୟବାଦୀର ଜନସାଧାରଣ ମୋତେ ଏବଂ ସାଂସଦ ପ୍ରାର୍ଥୀ ଅରୂପ

- ବିଜେଡିରୁ ସୁନୀଲ ମହାନ୍ତି, ସଞ୍ଜୟ ଦାସବର୍ମା
- ବିଜେପିରୁ ସମ୍ବିତ ପାତ୍ର, ଆଶ୍ରିତ ପଟ୍ଟନାୟକ
- ସ୍ୱାଧୀନ ପ୍ରାର୍ଥୀ ଭାବେ ହରେକୃଷ୍ଣ ସିଂହାରୀ

ପଟ୍ଟନାୟକଙ୍କୁ ଆଶୀର୍ବାଦ କରିବେ। ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ପାଇଁ କ୍ଷମତାକୁ ଆଣି ଓଡ଼ିଶାର ପ୍ରଗତିକୁ ଆହୁରି ଗତି ଦେବେ।

ପୁରୀ ଲୋକସଭା ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ଉତ୍ତରା ଛକରୁ ନିଜ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ହଜାର ହଜାର ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ସମ୍ବିତ କହିଛନ୍ତି, ସେ ଲଢୁନାହାନ୍ତି। ପ୍ରଧାନମନ୍ତ୍ରୀ ବନାରସ ସହ ପୁରୀରୁ ମଧ୍ୟ ଲଢୁଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କ ପ୍ରତିନିଧି ମାତ୍ର। ସେ ନିଷ୍ଠାପର ଭାବେ ପରିଶ୍ରମ କରିଛନ୍ତି, ମହାପ୍ରଭୁ ନିଶ୍ଚିତ ଫଳ ଦେବେ ବୋଲି କହିଛନ୍ତି। ପୁରୀ ଜିଲ୍ଲା ବିଜେପି ସଭାପତି ତଥା ପିପିଲି ବିଧାନସଭା ଆସନର ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ସମର୍ଥକଙ୍କ ସହ ଆସି ଅତିରିକ୍ତ ଉପଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ମଧ୍ୟ ତାଙ୍କ ବିଜୟକୁ ନେଇ ବେଶ୍ ଅଶାବାଦୀ ଅଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଭାବେ ପୁରୀ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ହରେକୃଷ୍ଣ ସିଂହାରୀ ନିଜ ସମର୍ଥକମାନଙ୍କ ସହ ଶୋଭାଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

### ବଡ଼ଚଣା ନିର୍ବାଚନ ମଣ୍ଡଳୀ

# ପୁରୁଣା ପ୍ରାର୍ଥୀଙ୍କୁ ଟକ୍କର୍ ଦେବାକୁ ବର୍ଷାଙ୍କ ଶିବିର ସଜବାଜ

**ଯାଜପୁର,୨୯ ।୪(ସମିସ):** ଯାଜପୁର ଜିଲ୍ଲାର ବଡ଼ଚଣା ନିର୍ବାଚନମଣ୍ଡଳୀ ରାଜ୍ୟର ଅନ୍ୟତମ ପ୍ରମୁଖ ନିର୍ବାଚନମଣ୍ଡଳୀ ଭାବେ ବେଶ୍ ଜଣାଶୁଣା। ଏହି ନିର୍ବାଚନମଣ୍ଡଳୀ ଯାଜପୁର ଜିଲ୍ଲାର ସୀମାନ୍ତ ନିର୍ବାଚନମଣ୍ଡଳୀ ହୋଇଥିବା ବେଳେ ଏହାକୁ ଲାଗି ଗୋଟିଏ ପଟେ ଢେଙ୍କାନାଳ, ଅନ୍ୟପଟେ କଟକ, କେନ୍ଦ୍ରାପଡ଼ା ଜିଲ୍ଲା ଲାଗି ରହିଛି। ତେଣୁ ଏହି ନିର୍ବାଚନମଣ୍ଡଳୀର ନିର୍ବାଚନୀ ହାୱା ଅନ୍ୟ ନିର୍ବାଚନ ମଣ୍ଡଳୀ ଉପରେ ପଡ଼ିଥାଏ।

ଦେଶ ସ୍ୱାଧୀନତା ପରବର୍ତ୍ତୀ ସମୟରେ କଂଗ୍ରେସ ଦଳରୁ ପ୍ରଥମ ବିଧାୟକ ଭାବେ ଏଠାରୁ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ନିର୍ବାଚିତ ହୋଇ ୧୯୫୦ରୁ ୧୯୫୬ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ଏହା ପରଠାରୁ ବିଭିନ୍ନ ରାଜନୈତିକ ଦଳର ବିଧାୟକ ଏଠାରୁ ପ୍ରତିନିଧିତ୍ୱ କରିଛନ୍ତି। ସେମାନଙ୍କ ମଧ୍ୟରୁ କଂଗ୍ରେସରୁ ସୀତାକାନ୍ତ ମହାପାତ୍ର ଏବଂ ଜନତା ଦଳ, ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି), ବିଜୁ ଜନତା ଦଳରୁ ଅମର ପ୍ରସାଦ ଶତପଥୀ ଏକାଧିକବାର ବିଧାୟକ ଭାବେ ନିର୍ବାଚିତ ହୋଇ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ହୋଇଛନ୍ତି।

୧୯୮୦ରୁ ୧୯୮୫, ୧୯୮୫ରୁ ୧୯୯୦ ଓ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ କଂଗ୍ରେସ ଦଳରୁ ସୀତାକାନ୍ତ ମହାପାତ୍ର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୯ରୁ ୧୯୯୦ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ମଧ୍ୟ ରହିଥିଲେ। ସେହିପରି ଅମର ପ୍ରସାଦ ଶତପଥୀ ୨୦୦୦ରୁ ୨୦୦୨ ପର୍ଯ୍ୟନ୍ତ କୃଷିମନ୍ତ୍ରୀ ଓ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଶାସକ ଦଳର ମୁଖ୍ୟ ସଚେତକ ପଦବୀରେ ରହିଥିଲେ। ପୂର୍ବ ନିର୍ବାଚନକୁ ଲକ୍ଷ୍ୟ କଲେ, ଏହା ବିଜୁ ଜନତା ଦଳ ସପକ୍ଷରେ ଯାଇଛି। ୨୦୦୦ରୁ ଆଜି ପର୍ଯ୍ୟନ୍ତ ୫ଥର ବିଧାନସଭା ନିର୍ବାଚନ ହୋଇଛି। ସେଥିମଧ୍ୟରୁ କେବଳ ୨୦୦୪ରେ



କଂଗ୍ରେସରୁ ସୀତାକାନ୍ତ ମହାପାତ୍ର ଓ ୨୦୦୯ରେ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ପକ୍ଷରୁ ଅମର ପ୍ରସାଦ ଶତପଥୀ ବିଜୟୀ ହୋଇଥିଲେ। ବାକି ୨୦୦୦, ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜୁ ଜନତା ଦଳରୁ ଅମର ପ୍ରସାଦ ଶତପଥୀ ବିଜୟ ଲାଭ କରିଥିଲେ।

ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ବିଜୁ ଜନତା ଦଳ ପ୍ରାର୍ଥୀ ଅମର ପ୍ରସାଦ ଶତପଥୀ ମୋଟ ୬୪, ୦୮୪ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଅମର ନାୟକ ୬୨, ୫୯୯ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ। ତୃତୀୟ ସ୍ଥାନରେ ଥିବା କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲ ମାତ୍ର ୯ ହଜାର ୩୨୨ ଖଣ୍ଡ ଭୋଟ ପାଇଥିଲେ।

ଚଳିତଥର ନିର୍ବାଚନ ରୋଚକ ହେବ ବୋଲି ଆଶା କରାଯାଉଥିଲା। କାରଣ ପୂର୍ବରୁ କଂଗ୍ରେସ ଦଳରେ ରହି ବିଜୁ ଜନତା ଦଳ ସହିତ ଲଢ଼ିଥିବା ପ୍ରାର୍ଥୀ ଜନ୍ମେଜୟ ଲେଙ୍କା ଓ କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଉଭୟ ବିଜେଡି ଟିକଟ ପାଇଁ ଲବି କରିବା ସହ ବିଧାୟକ ଅମର ପ୍ରସାଦ ଶତପଥୀ ଓ ତାଙ୍କ ପୁଅ ମଧ୍ୟ ଟିକଟ ଲବି କରୁଥିଲେ। କିନ୍ତୁ ବିଜେଡି ଏଠାରେ ମହିଳା କାର୍ଡ ଖେଳିବା ସହ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରିଛି। ଏହାସହ ବିଜେଡିର ଟିକଟ ଆଶାୟୀ କ୍ୟାପଟେନ, ଅମର ଓ ଜନ୍ମେଜୟ ସମସ୍ତେ ଏକାଠି ବର୍ଷାଙ୍କ ପାଇଁ ପ୍ରଚାର ଆରମ୍ଭ କରିଦେଇଛନ୍ତି। ଯାହା ବିରୋଧୀ ବିଜେପି ପ୍ରାର୍ଥୀ ଅମର ନାୟକଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତ ସାଧାରଣ ନିର୍ବାଚନରେ ଯଦିଓ ଅମର ନାୟକ ବିଜୁ ଜନତା ଦଳକୁ କଡ଼ା ଟକ୍କର ଦେଇଥିଲେ, କିନ୍ତୁ ଚଳିତ ନିର୍ବାଚନରେ ସେଭଳି କଡ଼ା ଟକ୍କର ମିଳିବ ନାହିଁ ବୋଲି ରାଜନୈତିକ ଆଲୋଚକ ମତ ଦେଉଛନ୍ତି। କାରଣ ବିଜୁ ଜନତା ଦଳର ୩ ଜଣ ନେତାଙ୍କ ଉଦ୍ୟମ ଓ ବର୍ଷାଙ୍କ ପ୍ରତି ଯୁବବର୍ଗଙ୍କ ସମର୍ଥନ ବିଜୁ ଜନତା ଦଳକୁ କୋଷେ ଆଗରେ ରଖିବ ବୋଲି ରାଜନୈତିକ ବିଶାରଦମାନେ ଆକଳନ କରୁଛନ୍ତି।

ସେହିପରି କଂଗ୍ରେସ ଦଳ ମଧ୍ୟ ପୂର୍ବ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଅଜୟ ସାମଲଙ୍କ ଉପରେ ପୁନର୍ବାର ଆସ୍ଥା ସ୍ଥାପନ କରିଛି। ଗତ ନିର୍ବାଚନରେ କଂଗ୍ରେସ ଏଠାରୁ ମାତ୍ର ୯ହଜାର ଭୋଟ ପାଇଥିବା ବେଳେ ଏଥର କେତେ ଭୋଟ ପାଇବ; ତାକୁ ନେଇ ନାନା ସନ୍ଦେହ ଦେଖାଦେଇଛି। କାରଣ ବିଜୁ ଜନତା ଦଳରୁ ଯାଇ କଂଗ୍ରେସ ଦଳରେ ମିଶିଥିବା ମନୋରମା ଆଚାର୍ଯ୍ୟଙ୍କୁ କଂଗ୍ରେସ ଟିକଟ ନ ଦେବା କାରଣରୁ କଂଗ୍ରେସର ଭୋଟ କମିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସମୀକ୍ଷକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଣୁ ଏଥର ନିର୍ବାଚନରେ କେବଳ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ରହିଛି।

## କୁଚିଣ୍ଡାରେ ପ୍ରଣବଙ୍କ ହାଇଭୋଲ୍ଟେଜ୍ ପ୍ରଚାର

# ବିଜେପି, କଂଗ୍ରେସ ପାଇଁ ଓଡ଼ିଶା ଏକ ବିନ୍ଦୁ ସମାନ; ବିଜେଡି ପାଇଁ ପରିବାର

**ସମ୍ବଲପୁର/କୁଚିଣ୍ଡା, ୨୯।୪(ସମିସ):** ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ କୁଚିଣ୍ଡାଠାରେ ସୋମବାର ବିଜେଡିର ହାଇଭୋଲଟେଜ୍ ପ୍ରଚାର ଦେଖିବାକୁ ମିଳିଛି। ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆଙ୍କ ବିଶାଳ ବାଇକ୍ ରାଲି ଓ ନିର୍ବାଚନୀ ସଭା ବିରୋଧୀ ଶିବିରରେ ହଟଚମଟ ସୃଷ୍ଟି କରିଛି। ଏହି ଅବସରରେ କଲେଜ ଛକ ପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ପ୍ରଣବ ପ୍ରକାଶ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣରେ ଘେରିଥିଲେ।

ମା' ସମଲେଶ୍ୱରୀ ଜୟ... କହି ଉଦ୍‌ବୋଧନ ଦେଇଥିଲେ ପ୍ରଣବ ପ୍ରକାଶ। ସେ କହିଥିଲେ ଯେ ବିଗତ ନିର୍ବାଚନରେ କୁଚିଣ୍ଡାବାସୀ ଶଙ୍ଖ ଚିହ୍ନ ଉପରେ ଭରସା ରଖି ବିଧାୟକ ପ୍ରାର୍ଥୀଙ୍କୁ ଜିତାଇଥିବାରୁ ଆଜି କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଅନେକ ବିକାଶମୂଳକ କାମ ହୋଇପାରିଛି। କିନ୍ତୁ ସାଂସଦ ଭାବେ ଯାହାକୁ ଆପଣମାନେ ନିର୍ବାଚିତ କଲେ, ସେ ଆପଣଙ୍କ ଗାଁ ମାଟି ମାଡ଼ିନାହାନ୍ତି ବୋଲି କହିଥିଲେ। ଏ ଅଞ୍ଚଳ ଖଣିଜସମ୍ପଦ ସମ୍ପନ୍ନ। ନାଲ୍‌କୋ, ଏମ୍‌ସିଏଲ ଭଳି କେନ୍ଦ୍ରୀୟ ଖଣିଜ ସଂସ୍ଥା ଏହି ଅଞ୍ଚଳରୁ ଖଣିଜ ପଦାର୍ଥ ଉତ୍ତୋଳନ କରି ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ଲାଭ କରୁଛନ୍ତି। ପ୍ରତିବଦଳରେ ଆପଣମାନଙ୍କୁ ଦେଉଛନ୍ତି କ'ଣ? କେବଳ ଧୂଆଁ ଓ ପାଉଁଶ। ସେହିଭଳି କୁଚିଣ୍ଡା ଅଞ୍ଚଳର ଲୋକେ ବର୍ଷକରେ ଥରେ କେନ୍ଦୁପତ୍ର ତୋଳି ରୋଜଗାର କରନ୍ତି। କର୍ପୋରେଟ୍ ପ୍ରେମରେ ପଡ଼ିଥିବା କେନ୍ଦ୍ର ସରକାର କେନ୍ଦୁପତ୍ରରେ ୧୮ ପ୍ରତିଶତ ଜିଏସଟି ଲଗାଇଛନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର ନିବେଦନ କଲା ସତ୍ତ୍ୱେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରୁନାହାନ୍ତି। ଏ ସମ୍ପର୍କରେ ଆପଣ ନିର୍ବାଚିତ କରିଥିବା ସାଂସଦ ଦିନେ ହେଲେ କେନ୍ଦ୍ର ସରକାରଙ୍କୁ ପଚାରିନାହାନ୍ତି ବୋଲି ପ୍ରଣବ ପ୍ରକାଶ କହିଥିଲେ। ସେ ଆହୁରି କହିଥିଲେ ଯେ କେନ୍ଦ୍ରରେ ବସିଥିବା ଭାରତୀୟ ଜନତା ପାର୍ଟି ଓ କଂଗ୍ରେସ ପାଇଁ ଓଡ଼ିଶା ଏକ ବିନ୍ଦୁ ସମାନ। କିନ୍ତୁ ବିଜୁ ଜନତା ଦଳ ପାଇଁ ଏହା ଏକ ପରିବାର। ତେଣୁ ଏବେ ସମୟ ଆସିଛି ଆପଣମାନେ ଏହାର ବିଚାର କରନ୍ତୁ। ଚଳିତ ନିର୍ବାଚନରେ ଥରେ ନୁହେଁ, ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ସଭାସ୍ଥଳରୁ ଗୋଟିଏ ନାରା ଦେଇଥିଲେ 'ଯୋଡ଼ିଶଙ୍ଖ ବାଜିବ କୁଚିଣ୍ଡାବାସୀ ହସିବ'।





ପ୍ରଣବ ପ୍ରକାଶ ପୂର୍ବାହ୍ନରେ ସ୍ଥାନୀୟ ସମଲେଇ ମନ୍ଦିରଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ସଭା ମଞ୍ଚ ଉପରେ ଶ୍ରୀ ଦାସଙ୍କୁ ବିରାଟ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା। ଏହି

### ପ୍ରଶ୍ନବାଣରେ ବିରୋଧୀଙ୍କୁ ଘାଇଲା କଲେ ପ୍ରଣବ

କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ବିଜେଡି କୁଚିଣ୍ଡା ନଗର ସଭାପତି ନବୀନ ହୋତା, ଅଶୋକ ପରିଡ଼ା, ମୁନୁ ମିଶ୍ର, ସଞ୍ଜିତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ଗଣେଶ ଅଗ୍ରୱାଲ, ବରିଷ୍ଠ ଓକିଲ ରବୀନ୍ଦ୍ର ନାୟକ, ବରାଦ ଶର୍ମା, ବୃନ୍ଦାବନ ମାଝୀ, ଭୀମରାଜ ପ୍ରସାଦ, ଗଗନ ଶର୍ମା, ଲକ୍ଷ୍ମଣ ସାହୁ ପ୍ରମୁଖଙ୍କ ସମେତ ଅଞ୍ଚଳର ହଜାର ହଜାର କର୍ମୀ ଟାଣ ଖରା ସତ୍ତ୍ୱେ ଯୋଗ ଦେଇଥିଲେ।

---

## ରାଜାଙ୍କ ଲକି ସ୍କୁଟର୍

# ନାମାଙ୍କନ ଭରିଲେ ରଣେନ୍ଦ୍ର



**କଟକ, ୨୯।୪(ସମିସ):** ସ୍କୁଟର ସହ ୪୦ ବର୍ଷର ସମ୍ପର୍କ। ଘରୁ ବାହାରିବା ବେଳେ ଥରୁଟିଏ ସ୍କୁଟରକୁ ଚାହିଁ ପଦାକୁ ପାଦ ବଢ଼ାନ୍ତି। ସୌଖୀନ ଗାଡ଼ିରେ ନିତିଦିନିଆ ଯାତାୟାତ; କିନ୍ତୁ ପୁରୁଣା ସାଥୀ ସ୍କୁଟର ପ୍ରତି ତାଙ୍କର ଯେମିତି ଯୋଡ଼ି ହୋଇ ରହିଛି ଏକ ଅପୂର୍ବ ଆତ୍ମୀୟତା। ଭୁବନେଶ୍ୱରସ୍ଥିତ ବିଧାୟକ କ୍ୱାର୍ଟର୍ସ ବାରଣ୍ଡାରେ ଛିଡ଼ା ହୋଇ ରହେ ସ୍କୁଟର, ହେଲେ ସେଥିରେ ଧୂଳି ଟିକେ ପଡ଼ିବାକୁ ଦିଆଯାଏନି। ଚାରି ଦଶନ୍ଧିର ପୁରୁଣା ଗାଡ଼ି ହେଲେ ବି ଦେଖିବାକୁ ନୂଆ ଭଳି। ଏମିତିକି ଏହି ଗାଡ଼ିଟି ତାଙ୍କ ପାଇଁ ଶୁଭ ବୋଲି ଏକ ବିଶ୍ୱାସ ବି ବସା ବାନ୍ଧିଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓରଫ ରାଜା ସ୍ୱାଇଁ ଆଉ ତାଙ୍କର ବଜାଜ ସୁପର ସ୍କୁଟରକୁ ନେଇ ଏମିତି ଏକ ଅନାଲୋଚିତ କାହାଣୀ ଅଛି। ସୋମବାର ରଣେନ୍ଦ୍ର ସ୍କୁଟର ଚଢ଼ି ନାମାଙ୍କନପତ୍ର ଦାଖଲ କରିବାକୁ ଯିବା ବେଳେ ଏହି କାହାଣୀକୁ ନେଇ ସାଧାରଣରେ ଆଲୋଚନା ହୋଇଥିଲା।

ଅଷ୍ଟମଥର ପାଇଁ ପୁନଃ ବିଧାୟକ ପ୍ରାର୍ଥୀ ଭାବେ ମନୋନୀତ ହେବା ପରେ ଆଜି ବିଜୁ ଜନତା ଦଳର ହେଭିୱେଟ୍ ନେତା ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୋମବାର ସକାଳ ୭ଟାରେ ଶ୍ରୀ ସ୍ୱାଇଁ ଆଠଗଡ଼ର ଆରାଧ୍ୟ ପ୍ରଭୁ ଶ୍ରୀ ଧବଳେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ତାଙ୍କ ପୁରୁଣା ସ୍କୁଟର ଚଳାଇ ଆଠଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଭିଡ଼ର ଆଗରେ ରହି ସ୍କୁଟର ଚଳାଉଥିବା ରଣେନ୍ଦ୍ରଙ୍କୁ ଦେଖି ଲୋକେ ତାଜୁବ ହେଉଥିଲେ। କିନ୍ତୁ ଆଠଗଡ଼ବାସୀଙ୍କ ପାଇଁ ଏହା କୌଣସି ନୂଆ ଘଟଣା ନଥିଲା। ୧୯୯୦ ମସିହାରୁ ରାଜାଙ୍କ ଏଭଳି ଠାଣି ଆଠଗଡ଼ବାସୀ ଦେଖି ଆସୁଛନ୍ତି। ନବେ ଦଶକରେ ରାଜାଙ୍କୁ ଜନତା ଦଳ ପ୍ରାର୍ଥୀ କରିଥିଲା। କଟକର ବାସିନ୍ଦା ରାଜା ଆଠଗଡ଼କୁ ପ୍ରଚାର ପାଇଁ ଯିବା ବେଳେ ସାଥିରେ ଏହି ସ୍କୁଟରକୁ ନେଇ ଯାଇଥିଲେ। ତାଙ୍କ ଜିତାପଟ୍ ପଛରେ ସ୍କୁଟରର ଅବଦାନ ଅଛି ବୋଲି ରାଜାଙ୍କର ଏକ ବିଶ୍ୱାସ ମଧ୍ୟ ଅଛି। ଏଣୁ ସ୍କୁଟର ପ୍ରତି ମୋହ ଭାଙ୍ଗି ପାରିନାହାନ୍ତି ରାଜା। ଏହି ସ୍କୁଟରଟିକୁ ରଣେନ୍ଦ୍ର ଖୁବ୍ ଭଲ ପାଇବା ସହ ଏହାକୁ ତାଙ୍କର ଲକି ସ୍କୁଟର ବୋଲି କହିଥା'ନ୍ତି। ତେଣୁ ପ୍ରତି ନିର୍ବାଚନରେ ନାମାଙ୍କନପତ୍ର ଦାଖଲ କରିବା ସମୟରେ ରଣେନ୍ଦ୍ର ତାଙ୍କର ଏହି ପୁରୁଣା ସାଥିକୁ ଭୁଲି ନ ଥାନ୍ତି।

---

## କଟକ ଲୋକସଭା ଆସନ

# କମି ଚାଲିଛି କଂଗ୍ରେସର ଭୋଟ୍

**କଟକ,୨୯।୪(ସମିସ):** ମର୍ଯ୍ୟାଦାଜନକ କଟକ ଲୋକସଭା ଆସନ ପାଇଁ ଲଢ଼େଇର ଚିତ୍ର ସ୍ପଷ୍ଟ ହୋଇଛି। ଏହି ନିର୍ବାଚନମଣ୍ଡଳୀ ଦୀର୍ଘ ଦଶନ୍ଧି ଧରି ବିଜେଡି ଦଖଲରେ ରହିଥିବା ବେଳେ ଦଳ ଡ. ସଂତୃପ୍ତ ମିଶ୍ରଙ୍କୁ ଆଗୁଆ ପ୍ରାର୍ଥୀ ଘୋଷଣା କରି ପ୍ରଚାର ମଇଦାନରେ ବେଶ ଆଗରେ ରହିଛି। ପରେ ବିଜେପି ପକ୍ଷରୁ ଭର୍ତ୍ତୃହରି ମହତାବଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଥିଲେ ମଧ୍ୟ କଟକ ଲୋକସଭା ଅନ୍ତର୍ଗତ ବିଭିନ୍ନ ବିଧାନସଭା ଜନତା ଦଖଲ କରିଥିଲା। ଏବେ ଯୋଡ଼ିଶଙ୍ଖ ନାରା ଦେଇ ବିଜେଡି ସବୁ ବିଧାନସଭା ଆସନ ଓ କଟକ ଲୋକସଭାରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ବିକାଶମୂଳକ କାର୍ଯ୍ୟ ପାଇଁ ବିଗତ ୬ଗୋଟି ସାଧାରଣ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଆସିଛନ୍ତି।

ଗୁରୁତ୍ୱପୂର୍ଣ୍ଣ ଯେ ଏହି ନିର୍ବାଚନମଣ୍ଡଳୀରେ କେବଳ ୨୦୧୯ ନିର୍ବାଚନକୁ ବାଦ୍ ଦେଲେ ବାକି ନିର୍ବାଚନଗୁଡ଼ିକରେ ବିଜୟୀ ବିଜେଡି ପ୍ରାର୍ଥୀଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ କଂଗ୍ରେସ ପ୍ରାର୍ଥୀ। କଂଗ୍ରେସ ଗତ ୬ଟି ଯାକ ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ କରିଆସିଛି, ହେଲେ ଦଳର ଭୋଟ ସଂଖ୍ୟା କମି କମି ଯାଇଥିବା ଦେଖାଯାଇଛି।

୧୯୯୮ରେ କଂଗ୍ରେସ ପ୍ରାର୍ଥୀ ମୁସ୍ତାଫିକ ଅହମ୍ମଦଙ୍କୁ ୨ ଲକ୍ଷ ୩୭ ହଜାର ୬୨୦, ୧୯୯୯ରେ କାହ୍ନୁଚରଣ ଲେଙ୍କାଙ୍କୁ ୨ ଲକ୍ଷ ୨ ହଜାର ୨୮୬ ଭୋଟ ମିଳିଥିଲା। ତେବେ ୨୦୦୪ରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକ ୩ଲକ୍ଷ ୨୩ହଜାର ୫୫୨ଭୋଟ ପାଇଥିଲେ। ୨୦୦୯ରେ କିନ୍ତୁ ଦଳର ପ୍ରାର୍ଥୀ ବିଭୂତି ଭୂଷଣ ମିଶ୍ରଙ୍କୁ ମିଳିଥିବା ଭୋଟ ସଂଖ୍ୟା ୨ଲକ୍ଷ ୨୮ହଜାର ୭୯୭କୁ ହ୍ରାସ ପାଇଥିଲା। ୨୦୧୪ରେ ସିନେତାରକା ଅପରାଜିତା ମହାନ୍ତି ଦଳର ପ୍ରାର୍ଥୀ ହୋଇ ୨ଲକ୍ଷ ୧୯ହଜାର ୩୨୩ଭୋଟ ପାଇବାକୁ ସକ୍ଷମ ହୋଇଥିଲେ। ୨୦୧୯ରେ କିନ୍ତୁ କଂଗ୍ରେସ ଦଳ ପ୍ରାର୍ଥୀ ହୋଇ ପଞ୍ଚାନନ କାନୁନଗୋ ମାତ୍ର ୯୯ହଜାର ୮୪୭ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନକୁ ଖସିଥିଲେ। ଏଥର ନିର୍ବାଚନରେ ଦଳ ପୁଣି ପ୍ରାର୍ଥୀ ବଦଳାଇ ସୁରେଶ ମହାପାତ୍ରଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ତେବେ କଂଗ୍ରେସ ଦଳ ତା'ର ପାରମ୍ପରିକ ଭୋଟ ହରାଇ ଚାଲୁଥିବା ବେଳେ ଏହାକୁ ହାତେଇବା ସୁରେଶଙ୍କ ପାଇଁ ଚାଲେଞ୍ଜ ହୋଇଛି। କଟକ ଲୋକସଭା ଆସନ ଅଞ୍ଚଳରେ ୭ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବାଙ୍କୀ, ବଡ଼ମ୍ବା, ଆଠଗଡ଼ ଓ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ରହିଛି। ଗତ ୨୦୧୯ କଟକ ଲୋକସଭା ଆସନ ଅନ୍ତର୍ଗତ ବାରବାଟୀ-କଟକ ବ୍ୟତୀତ ସବୁ ବିଧାନସଭା କ୍ଷେତ୍ରରେ ବିଜେଡି ବିଧାୟକ ପ୍ରାର୍ଥୀମାନେ ବିଜୟୀ ହୋଇପାରିଥିଲେ। ଅନ୍ୟପଟରେ ବାଙ୍କୀ, ବଡ଼ମ୍ବା, ଚୌଦ୍ୱାର-କଟକ ଓ ବାରବାଟୀ-କଟକରେ ମଧ୍ୟ ବିଜେପିର ଟିକଟ କଳି ଭର୍ତ୍ତୃହରିଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ଆସନ୍ତା ମେ' ୨୫ ତାରିଖରେ କଟକ ଲୋକସଭା ନିର୍ବାଚନ କ୍ଷେତ୍ରରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ଦିନ ଗଡ଼ିବା ସହ ନିର୍ବାଚନ ବାତାବରଣ ଆହୁରି ସରଗରମ ହେବ ବୋଲି ଜଣାପଡ଼ିଛି।

### ଯୋଡ଼ିଶଙ୍ଖ ନାରା ଦେଇ ବିଜୟ ଲକ୍ଷ୍ୟରେ ବିଜେଡି

### ଗୋଷ୍ଠୀକନ୍ଦଳ ପାଇଁ ବ୍ୟାକଫୁଟ୍‌ରେ ଭର୍ତ୍ତୃହରି

କ୍ଷେତ୍ରକୁ ଗତ ୨୦୧୯ ନିର୍ବାଚନରେ ବିଜୁ ... ନିର୍ବାଚନମଣ୍ଡଳୀରେ ଦଳୀୟ ଗୋଷ୍ଠୀ କନ୍ଦଳ ପାଇଁ ସେ ଏକ ପ୍ରକାର ବ୍ୟାକଫୁଟ୍‌ରେ ରହିଥିବା ଚର୍ଚ୍ଚା ହେଉଛି। ସେହିପରି ବହୁ ବିଳମ୍ବରେ କଂଗ୍ରେସ ଦଳ ଏଠାରେ ବରିଷ୍ଠ ନେତା ସୁରେଶ ମହାପାତ୍ରଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ସୁରେଶ ଏ ପର୍ଯ୍ୟନ୍ତ ପ୍ରଚାର ମଇଦାନକୁ ଓହ୍ଲାଇ ପାରିନାହାନ୍ତି। ଏହି ନିର୍ବାଚନ ମଣ୍ଡଳୀଟି ବିଗତ ୨୬ ବର୍ଷ ଧରି ବିଜୁ ଜନତା ଦଳ ଦଖଲରେ ରହିଛି। ବିଜେଡି କେବେ ପରାଜୟର ସ୍ୱାଦ ଚାଖିନି। ଏପରିକି, ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ୭ଗୋଟି ବିଧାନସଭା କ୍ଷେତ୍ରକୁ ଗତ ୨୦୧୯ ନିର୍ବାଚନରେ ବିଜୁ







---

## କେନ୍ଦୁଝର ଲୋକସଭା ଆସନ

# ପ୍ରଥମ ଦିନରେ ନାମାଙ୍କନ ଭରିଲେ ଧନୁର୍ଜୟ



**କେନ୍ଦୁଝର, ୨୯।୪ (ସମିସ):** ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ହେବାକୁ ଥିବା କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ଆଜି ଥିଲା ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନ। ପ୍ରଥମ ଦିନରେ ଲୋକସଭା ପାଇଁ ଗୋଟିଏ ଓ ବିଧାନସଭା ପାଇଁ ଗୋଟିଏ ନାମାଙ୍କନପତ୍ର ଦାଖଲ ହୋଇଥିବା ଜଣାପଡ଼ିଛି। ଏହାସହ ବିଭିନ୍ନ ନିର୍ବାଚନମଣ୍ଡଳୀ ନିମନ୍ତେ ୧୧ଜଣ ପ୍ରାର୍ଥୀ ନିର୍ବାଚନ ଅଧିକାରୀଙ୍କ ନିକଟରୁ ପ୍ରାର୍ଥିପତ୍ର ନେଇଥିବା ସୂଚନା ମିଳିଛି।

ପ୍ରଥମ ଦିନରେ କେନ୍ଦୁଝର ଲୋକସଭା ଆସନ ନିମନ୍ତେ ବିଜେଡି ପ୍ରାର୍ଥୀ ଧନୁର୍ଜୟ ସିଦୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ କାଳୀପଡ଼ିଆରୁ ପାରମ୍ପରିକ ଆଦିବାସୀ ବାଦ୍ୟ, ନୃତ୍ୟର ଆକର୍ଷଣୀୟ ଆୟୋଜନ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ସଂସଦୀୟ କ୍ଷେତ୍ରର ସମସ୍ତ ବିଧାୟକ ପ୍ରାର୍ଥୀଙ୍କ ସହ ଏକ ବିରାଟ ପଟୁଆରରେ ଆସି ପ୍ରାର୍ଥିପତ୍ର ଦାଖଲର ଶୁଭ ଅଭିଯାନ ଆରମ୍ଭ ହୋଇଥିଲା। ସେହିପରି ଆନନ୍ଦପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେପି ପ୍ରାର୍ଥୀ ଆଲୋକ ସେଠୀ ତାଙ୍କର ନାମାଙ୍କନ ଦାଖଲ କରିଥିବା ସୂଚନା ମିଳିଛି। ସେ ହାଟଡିହିର ଦଳୀୟ କାର୍ଯ୍ୟାଳୟରୁ ଏକ ବାଇକ୍ ଶୋଭାଯାତ୍ରାରେ ଆସି ଆନନ୍ଦପୁର ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ।

ଅନ୍ୟପକ୍ଷରେ ଆଜି ପ୍ରଥମ ଦିନରେ ୧୧ଜଣ ନାମାଙ୍କନପତ୍ର କିଣିଥିବା ଜଣାପଡ଼ିଛି। ଆନନ୍ଦପୁର ନିର୍ବାଚନମଣ୍ଡଳୀ ପାଇଁ ୨ଜଣ ନାମାଙ୍କନପତ୍ର ନେଇଥିବା ବେଳେ ଘସିପୁରା ନିର୍ବାଚନମଣ୍ଡଳୀ ନିମନ୍ତେ ୩ ଜଣ ନାମାଙ୍କନପତ୍ର ନେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ଜଣେ ଓ ପାଟଣା ନିର୍ବାଚନମଣ୍ଡଳୀ ନିମନ୍ତେ ଜଣେ ପ୍ରାର୍ଥିପତ୍ର ନେଇଥିବା ସୂଚନା ମିଳିଛି। ସେହିପରି କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଭାବେ ସସ୍ମିତାରାଣି ସିଂ, ଗଣେଶ ପ୍ରସାଦ ମୁଣ୍ଡା ନାମକ ଦୁଇଜଣ ପ୍ରାର୍ଥୀ ନାମାଙ୍କନପତ୍ର ନେଇଛନ୍ତି। ଅନ୍ୟପକ୍ଷପରେ ତେଲକୋଇ ନିର୍ବାଚନମଣ୍ଡଳୀ ନିମନ୍ତେ ବିଜେଡିର ମାଧବ ସର୍ଦ୍ଦାର, ବିଜେପିର ଫକୀର ମୋହନ ନାଏକ ନାମାଙ୍କନପତ୍ର ନେଇଥିବା ସୂଚନା ମିଳିଛି।

### ବିଧାନସଭା ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ ଜଣେ, କିଣିଲେ ୧୧ ଜଣ

---

## ବ୍ରହ୍ମପୁର: ପରାଜୟ ଭୟରେ ବିଜେପି ଭୀତତ୍ରସ୍ତ

# ପିଣ୍ଟୁଙ୍କୁ ମନାଇବାରେ ବିଜେପି ରାଜ୍ୟ ସଭାପତି ବିଫଳ

**ବ୍ରହ୍ମପୁର, ୨୯।୪(ସମିସ):** ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନରେ ବିଜେପିକୁ ଘାରିଛି ପରାଜୟ ଚିନ୍ତା। ରାଜ୍ୟର ବିଭିନ୍ନ ଆସନରେ ପ୍ରାର୍ଥୀ ଚୟନକୁ ନେଇ ଦଳ ଭିତରେ ଲାଗି ରହିଥିବା ଅସନ୍ତୋଷକୁ ନେଇ ଅକଳରେ ପଡ଼ିଛି ବିଜେପି। ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ଟିକଟ ଶେଷ ମୁହୂର୍ତ୍ତରେ କଟିବା ପରେ କେ. ଅନୀଲ କୁମାରଙ୍କୁ ଦଳ ବ୍ରହ୍ମପୁରରୁ ପ୍ରାର୍ଥୀ କରିଥିଲା। ଟିକଟ ପାଇବାରୁ ବଞ୍ଚିତ ହେବା ପରେ ପିଣ୍ଟୁ ଦାଶ ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଓହ୍ଲାଇଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଭାବେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରି ସେ ନିଜର ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି।

୧୩ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ। ଗତ ୨୮ ତାରିଖ ଅର୍ଥାତ୍ ରବିବାର ଦିନ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ଥିଲା। ଏହି ଅବସରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମଧ୍ୟ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ସୋମବାର ପୂର୍ବାହ୍ନରେ ଶ୍ରୀ ନଡ୍ଡା ଦିଲ୍ଲୀ ଫେରିଯିବା ପରେ ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସରେ ବିଦ୍ରୋହୀ ପ୍ରାର୍ଥୀ ପିଣ୍ଟୁ ଦାଶଙ୍କୁ ମନାଇବା ପାଇଁ ତାଙ୍କ ଗୋଷାଣି ନୂଆଗାଁସ୍ଥିତ ଘରକୁ ଯାଇଥିଲେ। ସାଙ୍ଗରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ଡାକ୍ତର ସୁବାସ ସାହୁ ମଧ୍ୟ ଥିଲେ। ପିଣ୍ଟୁଙ୍କ ସହ ଉଭୟ ନେତାଙ୍କର ଦୀର୍ଘ ୪୦ ମିନିଟର ଆଲୋଚନା ହୋଇଥିଲା। ଆଲୋଚନା ମଧ୍ୟରେ ପିଣ୍ଟୁଙ୍କ ଟିକଟ କଟିବା ପଛରେ ଜନବିରୋଧୀ ନେତା ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରଚ୍ଛନ୍ନ ହାତ ଥିବା ଦର୍ଶାଇ ତାଙ୍କର କଳାକାରନାମା ସମ୍ପର୍କରେ ରାଜ୍ୟ ସଭାପତିଙ୍କ ନିକଟରେ ପିଣ୍ଟୁ ବିଷ ଓଗାଳିଥିଲେ।

### ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ବିଷ ଓଗାଳିଲେ ପିଣ୍ଟୁ

ପିଣ୍ଟୁଙ୍କୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ ଅନୁରୋଧ କରିବା ସହ ଏହାର ପ୍ରତିବଦଳରେ କେନ୍ଦ୍ରୀୟ ପଦପଦବୀର ଲୋଭ ଦେଖାଇଥିଲେ ଶ୍ରୀ ସାମଲ। କିନ୍ତୁ ପିଣ୍ଟୁ ଏଥିରେ ସହମତି ପ୍ରକାଶ ନକରିବାରୁ ନିରାଶ ହୋଇଥିଲେ ରାଜ୍ୟ ବିଜେପି ସଭାପତି ଓ ଜିଲ୍ଲା ବିଜେପି ସଭାପତି। ମନମୋହନ ସାମଲଙ୍କ ଅନୁରୋଧକୁ ପିଣ୍ଟୁ ରଖି ନଥିଲେ। ଉଭୟ ନେତାଙ୍କୁ ଚା' ପିଆଇ ସମ୍ମାନର ସହ ବିଦା କରିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ବିଜେପିରେ ଟିକଟ କାରବାର ହୋଇଥିବା ନେଇ ପୂର୍ବରୁ ଦଳୀୟ ନେତାମାନେ ଅଭିଯୋଗ କରିଆସୁଥିବା ବେଳେ ବର୍ତ୍ତମାନ ବିଦ୍ରୋହୀ ପ୍ରାର୍ଥୀଙ୍କୁ ନାମାଙ୍କନ ପ୍ରତ୍ୟାହାର ପାଇଁ କେନ୍ଦ୍ରୀୟ ପଦପଦବୀର ଲାଳସା ଦେଖାଇବାକୁ ମଧ୍ୟ ଖୋଦ୍ ଦଳର ରାଜ୍ୟ ସଭାପତି ଆଗେଇ ଆସିବା ଚର୍ଚ୍ଚାର ବିଷୟ ହୋଇଛି।

ଜିଲ୍ଲା ସଡ଼କ ସୁରକ୍ଷା ସମୀକ୍ଷା ବୈଠକରେ ଉଦ୍‌ବେଗ

# ଜାତୀୟ ରାଜପଥରେ ୩ ବର୍ଷରେ ଗଲାଣି ୫୯୫ ଜୀବନ

ଅନୁଗୋଳ,୨୯।୪(ସମିସ)

ସଡ଼କ ସୁରକ୍ଷା ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଅଧ୍ୟକ୍ଷତା କରି ସଡ଼କ ସୁରକ୍ଷା ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ଜାତୀୟ ରାଜପଥ ଅଗ୍ରଗତି ପ୍ରତି ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା କୌଣସି ଦୃଷ୍ଟି ଦେଉନଥିବା ଯୋଗୁ ଦୈନିକ ଦୁର୍ଘଟଣା ଘଟି ବହୁ ଜୀବନ ହାନୀ ହେଉଛି। ଏଥିପାଇଁ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ୨୦୨୨ରେ ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ୧୫୪ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୨୩ ମସିହାରେ ୧୭୬ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ୨୦୨୪ ଅର୍ଥାତ ଚଳିତ ବର୍ଷ ଜାନୁଆରି ଠାରୁ ଏପ୍ରିଲ ମଧ୍ୟରେ ୭୦ଜଣଙ୍କର ମୃତ୍ୟୁ ହୋଇସାରିଲାଣି। ତଥାପି ଜାତୀୟରାଜପଥ ପ୍ରାଧିକାରଣ ଅଧିକାରୀଙ୍କ ଚେତା ପଶୁନାହିଁ। ଫଳରେ ଉପସ୍ଥିତ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ୫୫ନମ୍ବର ଜାତୀୟ ରାଜପଥର ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଥିବା ରନ୍ତଲେଇ ଗ୍ରାମଠାରୁ ଅନୁଗୋଳ ସହର ଦେଇ ବନରପାଳ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅବସ୍ଥା ବହୁ ଶୋଚନୀୟ ହୋଇଥିବାରୁ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ଯାଉଛି। ତେଣୁ ତାର ମରାମତି ପାଇଁ ବାରମ୍ବାର ସଡକ ସୁରକ୍ଷା କମିଟିରେ ଆଲୋଚନା ହେବା ସହ ଜିଲ୍ଲା ପ୍ରଶାସନର କଡା ନିର୍ଦ୍ଦେଶ ପରେ ଜାତୀୟ ରାଜପଥ




ବିଭାଗ ପକ୍ଷରୁ ଏହାର ମରାମତି କାର୍ଯ୍ୟ ଦୀର୍ଘ ୩ ମାସ ହେବ ଚାଲିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅଧା କାମ ସରିନାହିଁ। ଫଳରେ ଏହା ଉପରେ ଆଜି ଏହି ବୈଠକରେ ଆଲୋଚନା ସହ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ବୈଠକରେ ଅଧକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ୫୫ନମ୍ବର ଜାତୀୟ ରାଜପଥର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା, ହୁଲୁରିସିଂହା ସ୍ଥିତ ଲିଙ୍ଗରା ପୋଲର ସଂଯୋଗ ସ୍ଥଳ, ଅନୁଗୋଳ ଟାଉନ୍‌ଥାନା ଟ୍ରାଫିକ ଛକ ଏବଂ ଅନୁଗୋଳ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଗର୍ତ୍ତ ସୃଷ୍ଟିହୋଇ ବହୁ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି ବୋଲି ସଭ୍ୟ ବରିଷ୍ଠ ସାମ୍ବାଦିକ ସଂଗ୍ରାମ ଦାସ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଏହା ଉପରେ ଆଲୋଚନା ହୋଇ ୭ ଦିନ ମଧ୍ୟରେ ସମ୍ପୃକ୍ତ ସ୍ଥାନରେ ତୁରନ୍ତ ରାସ୍ତା ମରାମତି କରିବାକୁ ଅତିରିକ୍ତ ଜିଲ୍ଲାପାଳ ଜାତୀୟ ରାଜପଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ପୁଲିସ ବିଭାଗ ଓ ପରିବହନ ବିଭାଗ ମିଳିତ ଭାବେ ସଡକ ସୁରକ୍ଷା ଓ ଏହାର ସଚେତନତା ଦିଗରେ ଅଧିକରୁ ଅଧିକ କାର୍ଯ୍ୟ କରିବାପାଇଁ ନିଷ୍ପତି ହୋଇଥିଲା। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଡ଼ିଏସ୍‌ପି ବିରଞ୍ଚି ବାଗ, ତାଳଚେର ଏମ୍‌ଭିଆଇ ପ୍ରଣବ୍ରତ ମହାନ୍ତି, ଅନୁଗୋଳ ଏମ୍‌ଭିଆଇ ବିକାଶ ରଞ୍ଜନ ନାଏକ, ଅନୁଗୋଳ ଜୁନିୟର ଏମ୍‌ଭିଆଇ ଦିବ୍ୟଜ୍ୟୋତି ମହନ୍ତ ଏବଂ ଅନୁଗୋଳ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସନ୍ତୋଷ ମାଝୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରୋଟାରୀ ରୟାଲ ତରଫରୁ ଶୀତଳ ପାନୀୟ ଜଳ ଯନ୍ତ୍ର ଯୋଗାଣ



**ଅନୁଗୋଳ,୨୯।୪(ସମିସ):** ରୋଟାରୀ କ୍ଲବ ଅନୁଗୋଳ ରୟାଲ ତରଫରୁ ଅନୁଗୋଳ ଟାଉନ ହାଇସ୍କୁଲ ପରିସରରେ ଏକ ଶୀତଳ ପାନୀୟ ଜଳ ଯନ୍ତ୍ର ପ୍ରଦାନ କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ସ୍କୁଲ ପିଲା, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କ ନିମିତ୍ତ କ୍ଲବ ତରଫରୁ ଏହା ସ୍ଥାପନା କରାଯାଇଛି। କ୍ଲବ ସଭାପତି ରୋଟାରିଆନ ଡ଼ଃ ମାଇକେଲ ଜନ୍ ଏବଂ ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ଲବ ସମ୍ପାଦକ କୈଳାସ ଅଗ୍ରୱାଲା, ଡ଼ଃ ସୋମ୍ୟକାନ୍ତ ବିଶୋଇ, ବାଣୀଦେବ, ମଧୁଗୁପ୍ତା, ଅଶୋକ ମାଣ୍ଡୋଠିଆ, ମୁରାରୀ ଲାଲ ଅଗ୍ରୱାଲା, ଅମ୍ବିକା ପ୍ରସାଦ ସାହୁ, ରାଜେଶ ସରଲିଆ, ନିହାର ରଞ୍ଜନ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ରୋଟାରୀଆନ ପବନ ଅଗ୍ରୱାଲା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାଧାରଣ ନିର୍ବାଚନ ନିମନ୍ତେ ବିଜ୍ଞପ୍ତି

**ଅନୁଗୋଳ,୨୯।୪(ସମିସ):** ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷିରେ ଆଜି ଅନୁଗୋଳଜିଲ୍ଲା ଅନ୍ତର୍ଗତ ୫୯ ପାଲଲହଡ଼ା, ୭୦- ତାଳଚେର, ୭୧ - ଅନୁଗୋଳ, ୭୨ - ଛେଣ୍ଡିପଦା ଓ ୭୩ - ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶିତ ପାଇଛି। ସେହିପରି ୩ -ସମ୍ବଲପୁର (ଛେଣ୍ଡିପଦା ଓ ଆଠମଲ୍ଲିକ) ଓ ୯- ଢେଙ୍କାନାଳ (ଅନୁଗୋଳ, ତାଳଚେର,ପାଲଲହଡ଼ା) ସଂସଦୀୟ କ୍ଷେତ୍ର ନିମନ୍ତେ ମଧ୍ୟ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ବିଜ୍ଞପ୍ତି ଅନୁଯାୟୀ ସମସ୍ତ ୫ଗୋଟି ବିଧାନସଭା ମଣ୍ଡଳୀରେ ଆସନ୍ତା ମଇ ୨୫ ସକାଳ ୭ରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଜିଲ୍ଲାର ମୋଟ ୧୧୬୩ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ। ଆଜିଠାରୁ ପ୍ରାର୍ଥୀମାନେ ନାମାଙ୍କନପତ୍ର ଆସନ୍ତା ମଇ ୬ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଦାଖଲ କରିପାରିବେ। ଆଜିଠାରୁ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ (ସାଧାରଣ ଛୁଟି ବ୍ୟତିତ) ନାମାଙ୍କନପତ୍ର ସଂପୃକ୍ତ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ସେହିପରି ମଇ ୭ରେ ନାମାଙ୍କନପତ୍ର ଯାଞ୍ଚ ଓ ମଇ ୯ ଅପରାହ୍ନ ୩ଟା ପୂର୍ବରୁ ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିପାରିବେ। ଆଜି ପ୍ରଥମ ଦିନରେ ସମସ୍ତ ନିର୍ବାଚନମଣ୍ଡଳୀ ପାଇଁ କୌଣସି ପ୍ରାର୍ଥପତ୍ର ଦାଖଲ ହୋଇନଥିବା ନିର୍ବାଚନ କାର୍ଯ୍ୟାଳୟରୁ ଜଣାପଡିଛି।

## ପୋଖରୀରେ ବୁଡି ନାବାଳିକା ଛାତ୍ରୀ ମୃତ

**କଣିହାଁ/ଡେରଙ୍ଗ,୨୯।୪(ସମିସ):** କଣିହାଁ ବ୍ଲକ ଡେରଙ୍ଗ ଗ୍ରାମର ଜଣେ ନାବାଳିକା ଛାତ୍ରୀର ପାଣିରେ ବୁଡି ସୋମବାର ମୃତ୍ୟୁ ହୋଇଛି। ଗ୍ରାମର କ୍ଷୀରୋଦ ଗୋଛାୟତଙ୍କ ୧୦ ବର୍ଷର ଝିଅ ଲୁସି ସ୍କୁଲ ଛୁଟି ଯୋଗୁ ଘରେ ରହୁଥିଲେ। ସାଙ୍ଗସାଥୀଙ୍କ ସହିତ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ତୁରନ୍ତ ଉଦ୍ଧାର କରି ପରିବାରବର୍ଗ କଣିହା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। କଣିହାଁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲେ।

## ବ୍ୟବସାୟୀଙ୍କଠାରୁ ଲୁଟିନେଲ ମାଛ



**ତାଳଚେରସଦର,୨୯।୪(ସମିସ):** ତାଳଚେର ଟାଉନ ଥାନାଠାରୁ ମାତ୍ର ଶହେ ମିଟର ଦୂର ଫାଷ୍ଟଗେଟ୍ ନିକଟରେ ରହିଥିବା ମାଛ ମାର୍କେଟରୁ ଜୈନିକ ମାଛ ବ୍ୟବସାୟୀଙ୍କଠାରୁ ପ୍ରାୟ ୨୦ହଜାର ଟଙ୍କାର ମାଛ ଲୁଟିନେଇଥିବା ଘଟଣା ବ୍ୟବସାୟୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ଘଟଣାରୁ ପ୍ରକାଶ ଯେ, ସବୁଦିନ ପରି ଜୈନିକ ମାଛ ବ୍ୟବସାୟୀମାନେ ମାର୍କେଟକୁ ଆସି ମାଛ ବିକ୍ରି କରିଥାନ୍ତି। ସେହିଭଳି ତାଳଚେର ଟାଉନ ୧୬ନମ୍ବର ୱାର୍ଡର ସାରଙ୍ଗ ବେହେରା ବିଗତ ଦିନଭଳି ଆଜି ମଧ୍ୟ ମାଛ ବିକ୍ରି କରି ଆସିଥିଲେ। ମାତ୍ର ଅଧିକ ମାଛ ରଖି ଅଳ୍ପମାଛ ବିକ୍ରି କରିଚାଲିଥିବାବେଳେ ଏକାଧିକ ଯୁବକ ବ୍ରାଉନସୁଗାର ସେବନକରି ନିଶାଶକ୍ତ ଅବସ୍ଥାରେ ଆସି ୨୦ହଜାର ଟଙ୍କାର ମାଛ ନେଇ ପଳାଇଥିବା ସେ ଅଭିଯୋଗ କରିଛନ୍ତି। ଏହାପରେ ଉକ୍ତ ବ୍ୟବସାୟୀ ସମ୍ପୃକ୍ତ ନିଶାଖୋର ଯୁବକଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ଟେର ପାଇନଥିଲେ।

## କୋଇଲା ଖଣିରେ ଓଲଟିଲା ଲୋଡର

**ତାଳଚେରସଦର,୨୯।୪(ସମିସ):** ତାଳଚେର ଲିଙ୍ଗରାଜ କୋଇଲା ଖଣିର ଲୋକାଲ ସେଲରେ ଘଟିଛି ଅଘଟଣ। ଲୋକସେଲରେ କୋଇଲା ସଫା କରୁଥିବା ବେଳେ ହଠାତ୍ ଲୋଡରଟି ଭାରସ୍ୟାମ ହରାଇ ଓଲଟି ପଡିଥିଲା। ଏହାର ଚାଳକ ବିଶୁ ସାହୁ ଡେଇଁ ପଡି ଜୀବନ ରକ୍ଷା କରିଛନ୍ତି। ଏହି ଖଣିରେ କିଛିଦିନ ପୂର୍ବରୁ ଏହି ଲୋକାଲ ସେଲରେ ଏକ ଲୋଡର କୌଣସି କାରଣୁ ପୋଡି ଯାଇଥିବାବେଳେ ଆଜି ପୁଣି ଏକ ଅଘଟଣ ଘଟିଥିବାରୁ ସୁରକ୍ଷା ପ୍ରତି ଉଠିଛି ପ୍ରଶ୍ନ।

## ରୋଟାରୀ ପବ୍ଲିକ ସ୍କୁଲରେ ସ୍ୱାଭିମାନ ଦିବସ

**ଅନୁଗୋଳ,୨୯।୪(ସମିସ):** ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ସ୍ୱାଭିମାନ ଦିବସ ଓ ମଧୁଜୟନ୍ତୀ ପାଳିତ ହୋଇଯାଇଛି। ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର୍ ସରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅନୁଗୋଳ କଲେଜ୍ ଓଡ଼ିଆ ବିଭାଗର ମୁଖ୍ୟ କାହ୍ନୁଚରଣ ପାଢ଼ୀ, ଶିକ୍ଷାବିତ୍ ଡ. ପ୍ରସନ୍ନ କୁମାର ବରାଳ, ସମାଜସେବୀ ଅନୁକୂଳ ନନ୍ଦ, ଅନୁବାଦକ ଦୀନେଶ ମାଲି ଏବଂ ଡେସ୍କ ଇନ୍‌ଚାର୍ଜ ପ୍ରଦ୍ୟୁମ୍ନ ରାଉତ ପ୍ରମୁଖ ଅତିଥିରୂପେ ଯୋଗ ଦେଇଥିଲେ। ଲିପିକା ମହାପାତ୍ର ମଧୁବାବୁଙ୍କ କବିତା ଗାନ କରିଥିଲେ। ସମାରୋହରେ ଶ୍ରୀ ସର ମଧୁବାବୁଙ୍କ ଦେଶପ୍ରେମ, ଅସ୍ମିତା, ସ୍ୱାଭିମାନ ଏବଂ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଆଦ୍ୟ ଉଦ୍‌ଘୋଷଣା ତଥା ନିରନ୍ତର ପ୍ରୟାସର ପଟାନ୍ତର ନାହିଁ ବୋଲି କହିଥିଲେ। ଡ଼ା ବରାଳ ଓଡ଼ିଶାର ସ୍ୱାଭିମାନ ଓ ମଧୁବାବୁ ଙ୍କ ଉପରେ ସ୍?ତନ୍ତ୍ର ଆଲୋକପାତ କରିବା ସହ ତାଙ୍କ ସଙ୍ଘର୍ଷମୟ ଜୀବନର ସମୀକ୍ଷା କରିଥିଲେ। ଦୀନେଶ ମାଲି ମଧୁବାବୁଙ୍କ କବିତାର ହିନ୍ଦୀ ଅନୁବାଦ ପାଠ କରିଥିଲେ। ସମାରୋହରେବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ଘର ସମ୍ପାଦକ ଅରୁଣ ସାହୁ, କୋଷାଧ୍ୟକ୍ଷ ସତ୍ୟ ସୁନ୍ଦର୍ ଦାସ ଏବଂ ବଜରଙ୍ଗ ଲାଲଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦଳୀୟ ଟିକଟ୍ ପାଇଲେ ବିଧାୟକ ବ୍ରଜକିଶୋର

**ତାଳଚେରସଦର,୨୯।୪(ସମିସ):** ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଦଳୀୟ ଟିକେଟ ପାଇ ତାଳଚେର ଫେରିଛନ୍ତି। ଏଖବର ପ୍ରଚାରିତ ହେବାପରେ ଦଳୀୟକର୍ମୀ ଓ ତାଙ୍କ ଶୁଭେଚ୍ଛୁଙ୍କ ମହଲରେ ଖୁସିର ମାହୋଲ ଖେଳିଯାଇଛି। ଶ୍ରୀ ପ୍ରଧାନ ପୂର୍ବରୁ ସ୍ୱାଧୀନରୁ ଥରେ ଓ ବିଜେଡି ଦଳରୁ ୨ଥର ଟିକଟ୍ ପାଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଦଳର ସୁପ୍ରିମ ନବୀନ ପଟ୍ଟନାୟକ ତାଙ୍କ ପରେ ପୁନର୍ବାର ଆସ୍ଥା ପ୍ରକଟ କରି ଏଥର ମଧ୍ୟ ଟିକେଟ୍ ପ୍ରଦାନ କରିଛନ୍ତି। ଏନେଇ ଶ୍ରୀ ପ୍ରଧାନ ଦଳର ସୁପ୍ରିମୋଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ତାଳଚେର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ଆଜି ତାଳଚେରରେ ପହଞ୍ଚିବାପରେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ନାମାଙ୍କନପତ୍ର କିଣିଥିବା କୁହାଯାଉଛି।

ଜିଲ୍ଲା ପରିଷଦ ଜୋନ୍-୧ରେ ବିଜେଡି ପ୍ରାର୍ଥୀଙ୍କ ଜୋର୍‌ଦାର ପ୍ରଚାର

## ୩୫ଟି ବୁଥ୍ ଅଞ୍ଚଳରେ ବିଜେଡିକୁ ଦୃଢ ସମର୍ଥନ

ଅନୁଗୋଳ,୨୯।୪(ସମିସ)

ଅନୁଗୋଳ ବ୍ଲକ୍‌ର ଜିଲ୍ଲା ପରିଷଦ ଜୋନ୍-୧ ର ୯ ଗୋଟି ପଞ୍ଚାୟତ ଆଠମଲ୍ଲିକ ବିଧାନସଭା ଏବଂ ସମ୍ବଲପୁର ସଂସଦୀୟ କ୍ଷେତ୍ରର ଅଞ୍ଚଳ ଅଟେ। ଏହି ଅଞ୍ଚଳରେ ୨୦୦୦ ମସିହାଠାରୁ ବିଜେଡି ସବୁବେଳେ ନିର୍ବାଚନରେ ଆଗୁଆ ରହିଛି। ୨୦୧୯ ନିର୍ବାଚନରେ ବିଜେଡି ୬ ହଜାର ଭୋଟ୍‌ରେ ବିଜେପି ଠାରୁ ଆଗୁଆ ଥିବାବେଳେ ଗତ ଜିଲ୍ଲା ପରିଷଦ ନିର୍ବାଚନରେ ସ୍ଥିତାବସ୍ଥା ବଜାୟ ରଖିଥିଲା। ଗତ ସାଧାରଣ ନିର୍ବାଚନରେ ୯ ଗୋଟି ପଞ୍ଚାୟତରେ ବିଜେଡି ଆଗୁଆ ଥିବାବେଳେ ଜିଲ୍ଲା ପରିଷଦରେ ୮ ଗୋଟି ପଞ୍ଚାୟତରେ ଆଗୁଆ ଥିଲା। ୨୦୨୨ ମସିହାଠାରୁ ଏହି ଅଞ୍ଚଳରେ ବିକାଶଧାରାରେ ନଳିନୀ ପ୍ରଧାନ ପ୍ରତ୍ୟକ୍ଷ ଭାବେ ସାମିଲ୍ ଥିଲେ। ପ୍ରାୟତଃ ଏକଶହ କୋଟି ଟଙ୍କାର ରାସ୍ତାଘାଟ ପୋଲ



ନିର୍ମାଣ ଚାଲୁଥିବା ବେଳେ ସବୁ ମନ୍ଦିର ଓ ଦେବାଳୟ ସ୍ଥଳୀ ଏବଂ ପୂଜାସ୍ଥଳର ଉନ୍ନତି କାର୍ଯ୍ୟ ଜାରି ରହିଛି। ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ନଳିନୀ ପ୍ରଧାନ ୩୫ ବୁଥ୍‌ର ପ୍ରତ୍ୟେକ ଗ୍ରାମ ପରିକ୍ରମା କରି ସାରିଲେଣି। ପ୍ରତ୍ୟେକ ବୁଥ୍ ଓ ୱାର୍ଡରେ ସକ୍ରିୟ କର୍ମୀମାନଙ୍କୁ ସାକ୍ଷାତ କରି ନିର୍ବାଚନ ପରିଚାଳନା ପାଇଁ ଗୁରୁମନ୍ତ୍ର ଦେଇ ସାରିଲେଣି। ନଳିନୀ ପ୍ରଧାନ ଓ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତି ପୂର୍ବବତ୍ ସମର୍ଥନ ରହିଥିବାବେଳେ ନୂତନ ଭୋଟର୍ ବିଜେଡି ମୁହାଁ ଥିବା ଜଣାଯାଇଛି। ବିଜେଡି ବିଭିନ୍ନ ବିକାଶ କାର୍ଯ୍ୟକ୍ରମକୁ ଆଧାର କରି ନିର୍ବାଚନ ବୈତରଣୀ ପାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ବିରୋଧୀ ମିଥ୍ୟା ପ୍ରଚାର କରୁଥିବାରୁ ଲୋକମାନେ ପ୍ରତ୍ୟାଖ୍ୟାନ କରୁଥିବା ପରିଲକ୍ଷିତ ହେଉଛି।

● ହିଙ୍ଗୁଳା ଲୋକ ମହୋତ୍ସବ

## ଗୋଟିପୁଅ ନୃତ୍ୟରେ ଦର୍ଶକ ବିଭୋର

**ତାଳଚେରସଦର,୨୯।୪(ସମିସ):** ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ୨୦ତମ ଲୋକ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ମହାନଦୀ କୋଇଲା କମ୍ପାନୀର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ସମ୍ମାନୀତ ଅତିଥି ଭାବରେ ଏମ୍‌ସିଏଲ୍‌ର ି ନିର୍ଦ୍ଦେଶକ ବି. ଅଜିତ ବେଉରା, ହିଙ୍ଗୁଳା କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ବି. ମହମ୍ମଦ ମିୟା, ଭରତପୁର କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଦିବ୍ୟରଞ୍ଜନ ସାଏ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟବୋର୍ଡର ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ମୁରଲୀଧର ସାହୁ, ଅରୁଣ ପ୍ରଧାନ, ସଞ୍ଜୟ କୁମାର ସାହୁ, ସନ୍ତୋଷ ପ୍ରଧାନ ଓ ଗଗନ ବିହାରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କଟକର ଶିଳ୍ପୀ କଳା ନିକେତନର କଳାକାରମାନଙ୍କ ଦ୍ୱାର ପରିବେଷିତ ପାରମ୍ପରିକ ଲୋକନୃତ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ସେହିପରି ଏକାଗ୍ରତା ଗୋଟିପୁଅ ନୃତ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ନଟରାଜ କଳା ଏକାଡେମୀର କଳାକାରମାନେ ହନୁମାନ ଚାଳିଶା ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଶୋଭନା ମିଶ୍ର ପରିଚାଳନା କରିଥିଲେ। ସମସ୍ତ କଳାକାରମାନଙ୍କୁ ଅତିଥିମାନେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଜିଲ୍ଲାପାଳ ନାରାୟଣ ସେଠି, ସହକାରୀ ଜିଲ୍ଲାପାଳ ପୁଷ୍ପିତା ମଧୁମତି ଦେହୁରୀ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ଓ ନିରାକାର ରାଉଳ ପ୍ରମୁଖ ସହଯୋଗ କରିଥିଲେ।



## ବସଲା ପଞ୍ଚାୟତରେ କଂଗ୍ରେସର କର୍ମୀ ସମ୍ମିଳନୀ

**ଅନୁଗୋଳ,୨୯।୪(ସମିସ):** ବସଲା ଗ୍ରାମ ପଞ୍ଚାୟତ ଆଦିଆଘାଇ, ଦେହୁରୀ ସାହି ଆମ୍ବ ତୋଟାଠାରେ କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଚିତ୍ତରଞ୍ଜନ ନାଏକଙ୍କ ଆବାହକତ୍ୱରେ ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ବେହେରାଙ୍କ ଅଧ୍ୟକ୍ଷତାରେ ଏକ କର୍ମୀସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ଚିତ୍ତ ରଞ୍ଜନ ନାଏକ, ବରିଷ୍ଠ ଆଇନଜୀବୀ ସନ୍ତୋଷ ପଟ୍ଟନାୟକ, ଜିଲ୍ଲା ଉପସଭାପତି ସନତ ପ୍ରଧାନ, ଭଜମନ ଦାସ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବେଣୁଧର ସାହୁ, ପୂର୍ବତନ ସରପଞ୍ଚ ସହଦେବ ବେହେରା, ଭଗବାନ ସାହୁ, ବସଲା ଗ୍ରାମ ପଞ୍ଚାୟତର କୁମର ଦେହୁରୀ, ତପନ ଦେହୁରୀ, ରାଜୁ ସାହୁ, ଅଭିମନ୍ୟୁ ପାତ୍ର, ଜଙ୍ଗଲୀ ସାହୁ, ଟେମ୍ପୁ ସାହୁ, ଅକ୍ଷୟ ଭୋଇ, ଦଣ୍ଡଧର ଦେହୁରୀ, ଦୁର୍ଲଭ ଦେହୁରୀ, ରାଜନ ଦେହୁରୀ, ପ୍ରମୋଦ ଭୋଇ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

ଜାତୀୟ ରାଜପଥ କାମ ବିଳମ୍ବ ଓ ଆସପଣ୍ଡ ଧୂଳିରେ ଅସ୍ତବ୍ୟସ୍ତ ଲୋକେ

## ସମାଧାନ ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଇଣ୍ଡା,୨୯।୪(ସମିସ)

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ଏବେ କିଛିମାସ ହେବ ଆସପଣ୍ଡ ସହ ଧୂଳି ବ୍ୟାପକ ଉଡୁଛି। ଜାତୀୟ ରାଜପଥ ରାସ୍ତାକାମ କରୁଥିବା ଠିକାସଂସ୍ଥା ପକ୍ଷରୁ ଅବହେଳା କରାଯାଉଥିବା ଯୋଗୁ ଆସପଣ୍ଡ ବ୍ୟାପକ ମାତ୍ରାରେ ଉଡୁଥିବା ବେଳେ ବଇଣ୍ଡା ଗ୍ରାମବାସୀ ଅସ୍ତବ୍ୟସ୍ତ ହୋଇ ପଡିଲେଣି। ଫଳରେ ସୋମବାର ଦିନ ଏ ନେଇ ରାଜ୍ୟପାଳଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏ ନେଇ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ଭଗବାନ ଘିୱାଲା, ବଇଣ୍ଡା ଚନ୍ଦନ ଯାତ୍ରା କମିଟି ସଭାପତି ଜିତେନ୍ଦ୍ର ବେହେରା, ସାମ୍ବାଦିକ ପରୀକ୍ଷିତ ସାହୁ, ମାନସ ସାହୁ, ସନ୍ତୋଷ ପ୍ରଧାନ ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀ ସୋମବାର ବଇଣ୍ଡାଠାରେ ଥିବା ଠିକାସଂସ୍ଥାର କାର୍ଯ୍ୟାଳୟକୁ ଯାଇ ପରିଚାଳକ ରାଜବିହାରୀ ସିଂକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଗ୍ରାମବାସୀ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟରାଜପଥ କାମ ଚାଲୁଅଛି। ବିଶେଷ କରି ବଇଣ୍ଡା ଠାରେ ଏହି ରାସ୍ତା କାମ ଅତି ମନ୍ଥର ଗତିରେ ଚାଲୁଅଛି। ୨୦୧୮ ମେ ୧୭ରେ ବଇଣ୍ଡା ଠାରୁ ରାସ୍ତା ସମ୍ପ୍ରସାରଣ କାମ ଆରମ୍ଭ କରାଯାଇଥିବା ବେଳେ ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ କାମ ସରୁନାହିଁ। ବିଶେଷ କରି ବଇଣ୍ଡାଠାରେ ଫ୍ଲାଏ ଓଭର କାମ ଚାଲୁଥିବାବେଳେ ମାତ୍ର ଗୋଟିଏ ପାଖର ୩୦ ପ୍ରତିଶତ କାମ ସରିନାହିଁ। ଏହି ବ୍ରିଜ ନିର୍ମାଣରେ ଆସପଣ୍ଡ ବ୍ୟବହାର କରୁଥିବାବେଳେ ପାଣି ପକାଉନଥିବା ଯୋଗୁ ଆସ୍‌ପଣ୍ଡ ପ୍ରବଳ ମାତ୍ରାରେ ଉଡୁଛି। ଫଳରେ ଏହି ଆସପଣ୍ଡ ଗୁଡିକ ଉଡି ଲୋକଙ୍କ ଘରେ ପଶିଯାଉଛି। ଏପରିକି ଅନେକଥର ପ୍ରବଳ ମାତ୍ରାରେ ଉଡୁଥିବା ଯୋଗୁ ବଜାରରେ ଦେଇଥିବା ହୋଟେଲ ଓ ଅନ୍ୟ ଖାଦ୍ୟ ଦୋକାନଗୁଡିକରେ ଏହି ଆସପଣ୍ଡ ଉଡି ପଡୁଥିବାରୁ ଏହି ଖାଦ୍ୟ ଖାଇ ଅନେକ ବ୍ୟକ୍ତି ରୋଗରେ ପଡୁଛନ୍ତି। ସେହିପରି ଆସପଣ୍ଡ ଧୂଳି ଯୋଗୁ ଅନେକ ଶିଶୁ ରୋଗରେ ଆକ୍ରାନ୍ତ ହୋଇ ବଇଣ୍ଡା ମେଡିକାଲରେ ଚିକିସିତ ହେଉଛନ୍ତି। ଠିକାସଂସ୍ଥା ଆସ୍‌ପଣ୍ଡ ପକାଇବା ପରେ ପାଣି ପକାଉନଥିବା ଯୋଗୁଁ ଏପରି ଅସୁବିଧା ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସେହିପରି ଅନେକ ଡ୍ରେନଗୁଡିକ ନିମ୍ନମାନର ନିର୍ମାଣ କରାଯାଇଥିବା ଯୋଗୁ ଅନେକ ସ୍ଥାନରେ ଭାଙ୍ଗିଗଲାଣି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଠିକାସଂସ୍ଥାର ପରିଚାଳକ ରାଜ ବିହାରୀ ସିଂ କୁହନ୍ତି ଆସପଣ୍ଡ ଉପରେ ପାଣି ପକାଇବା ସହ ଅଞ୍ଚଳର ଥିବା ସମସ୍ୟା ଉପରେ ଧ୍ୟାନ ଦିଆଯିବ।

# ବାଇକ-ହାଇୱା ଧକ୍କା ; ଜଣେ ମୃତ

**ଆଳି/ପଟ୍ଟାମୁଣ୍ଡାଇ,୨୯ ।୪(ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ଗ୍ରାମ ପତ୍ରପୁର ବ୍ରିଜ ନିକଟରେ ଆଜି ବାଇକ-ହାଇୱା ଆମନା-ସାମ୍ନା ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ ଆଳି ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମର ଅଭିରାମ ମଲିକଙ୍କ ପୁଅ ବଣ୍ଟି ମଲିକ (୧୮) ଏକ ମୋଟର ସାଇକଲରେ ପଟ୍ଟାମୁଣ୍ଡାଇ ବଜାରରୁ କାମ ସାରି ଘରକୁ ଫେରିବା ସମୟରେ ହଠାତ ଆଳି ଆଡୁ ଦ୍ରୁତଗତିରେ ଆସୁଥିବାଏକ ହାଇୱା  ନମ୍ବର-ଓଡି୦୪-୧୪୫୬  ବାଇକ ସହ ଧକ୍କା ହେବା ଫଳରେ ବାଇକ ଆରୋହୀ ବଣ୍ଟି ମଲିକ ରାସ୍ତା ଉପରୁ ଛିଟିକି ପଡିଥିଲେ ।ଏଥିରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେବାରୁ ସ୍ଥାନୀୟ ଲୋକମାନେ ତାଙ୍କୁ ପଟ୍ଟାମୁଣ୍ଡାଇ ମେଡିକାଲକୁ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସ୍ଥାନୀୟ ଲୋକମାନେ ହାଇୱା ଗାଡିକୁ ଅଟକ ରଖି ଥିଲେ ।ଉକ୍ତ ଖବର ପାଇ ମୃତକଙ୍କ ଗ୍ରାମ ଗୋପାଳପୁରବାସୀ ଓ ସ୍ଥାନୀୟ ବାସିନ୍ଦା ପତ୍ରପୁର ବ୍ରିଜ ନିକଟରେ ପହଞ୍ଚି ୩ ଘଣ୍ଟା ଧରି ରାସ୍ତାରୋକ କରିଥିଲେ । ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ।ଆଳି ଥାନା ଆଇଆଇସି , ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି , ଏସଡ଼ିପିଓ ଓ ଆଳି ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକରୁ ଗାଡି ଚଳାଚଳ ସ୍ୱା ।ଭାବିକ ହୋଇଥିଲା ।ଆଳି ଅତିରିକ୍ତ ତହସିଲଦାର ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

● ପମ୍ପ ହାଉସ୍ ମଧ୍ୟରେ ପଞ୍ଚାୟତ ପ୍ରତିନିଧିଙ୍କ ମଦପିଆ ଭିଡିଓ ଭାଇରାଲ

# ଚାନ୍ଦୋଳ ଫାଣ୍ଡିରେ ଏତଲା ଦେଲେ ଗ୍ରାମବାସୀ; ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ଡେରାବିଶ,୨୯।୪ (ସମିସ):**ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନରଣପଡ଼ାଠାରେ ଥିବା ପମ୍ପ ହାଉସ୍‌ରେ ଗତକାଲି ବିଳମ୍ବିତ ରାତିରେ କେତେକ ପଞ୍ଚାୟତ ପ୍ରତିନିଧି, କର୍ମଚାରୀ ଓ ପଡ଼ୋଶୀ ପଞ୍ଚାୟତର ଜିଆରଏସ୍‌ଙ୍କ ନୈଶ୍ୟଭୋଜି ଓ ସୁରାପାନର ଭିଡ଼ିଓ ଭାଇରାଲ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତକାଲି ବିଳମ୍ବିତ ରାତିରେ ନରଣପଡ଼ା ପମ୍ପ ହାଉସ୍‌ରେ ଭୋଜି ଓ ମଦର ଆସର ଚାଲୁଥିବା ବେଳେ କେତେକ ଗ୍ରାମବାସୀ ସେଠାରେ ପହଞ୍ଚି ଏହାକୁ ତୀବ୍ର ବିରୋଧ କରିଥିଲେ । ଗ୍ରାମବାସୀମାନେ ଦେଖିବାକୁ ପାଇଥିଲେ କେତେକ ପଞ୍ଚାୟତ ପ୍ରତିନିଧି, କର୍ମଚାରୀ ଓ ପଡ଼ୋଶୀ ପଞ୍ଚାୟତର ଜଣେ ଜିଆରଏସ୍ ଏବଂ ଅନ୍ୟ କିଛି ଯୁବକ ଏହି ପମ୍ପ ହାଇସ୍ ମଧ୍ୟରେ ରୋଷେଇ କରି ଭୋଜି କରିବା ସହିତ ମଦପାନ କରୁଥିଲେ । ଗ୍ରାମବାସୀମାନେ ଏହାର ଭିଡ଼ିଓ ଉତ୍ତୋଳନ କରିବାରୁ ଉପରୋକ୍ତ ସମସ୍ତେ ସେଠାରୁ  କୌଶଳ କ୍ରମେ ଚମ୍ପଟ ମାରିଥିଲେ । ପରେ ଚାନ୍ଦୋଳ ଫାଣ୍ଡିରେ ଗ୍ରାମର ଦିଲ୍ଲିପ ମହାନ୍ତି, ସୁଧିର ରାଉତ, ମଧୁସୂଦନ ଘଡ଼େଇ, ସୁନୀଲ କୁମାର ସାହୁ ପ୍ରମୁଖ ଗ୍ରାମବାସୀ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି । ତେବେ ଏହାର ଭିଡ଼ିଓ ଭାଇରାଲ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏହି ଘଟଣା ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# ଭାରତୀୟ ଜୀବନ ବୀମା ନିଗମ କେନ୍ଦ୍ରାପଡ଼ା ଶାଖାର ନୂତନ ଗୃହ ପ୍ରବେଶ




**କେନ୍ଦ୍ରାପଡା,୨୯ ।୪(ସମିସ):** ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ର କେନ୍ଦ୍ରାପଡା ଶାଖା କାର୍ଯ୍ୟାଳୟ ଦୁହୁରିଆସ୍ଥିତ ନିଜସ୍ୱ ଗୃହକୁ ସ୍ଥାନାନ୍ତରିତ ହୋଇଛି । ଏହି ଅବସରରେ କେନ୍ଦ୍ରାପଡା ଶାଖାର ନୂତନ ଗୃହରେ ରବିବାର ଦିନ ସ୍ୱତନ୍ତ୍ର ପୂଜା କରାଯାଇ ସୋମବାର ଦିନ ନୂତନ ଗୃହପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହାପରେ ସେଠାରେ କାର୍ଯ୍ୟାଳୟ ବିଧିବଧ ଭାବେ କାର୍ଯ୍ୟ କରାଯାଇଥିଲା । ଏହାକୁ ଏଲ୍ଆଇସି  କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସିମ କୁମାର, କଟକ ମଣ୍ଡଳ ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର, କେନ୍ଦ୍ରାପଡା ଶାଖା ମୁଖ୍ୟ ପ୍ରବନ୍ଧକ ଶ୍ରୀକୁମାର କେ, ଅନ୍ୟ ଅଧିକାରୀମାନଙ୍କ ସହିତ କର୍ମଚାରୀ ବୃନ୍ଦ, ଉନ୍ନୟନ ଅଧିକାରୀ, ଅଭିକର୍ତ୍ତାବୃନ୍ଦ ଓ ବୀମାଧାରକଙ୍କ ଉପସ୍ଥିତିରେ ନୂତନ ଗୃହ ପ୍ରବେଶ ଉତ୍ସବ ସମାପନ ହୋଇଥିଲା । କଟକ ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ଅସିମ କୁମାର ନୂତନ ଗୃହ ପ୍ରବେଶର ଫିତାକାଟି ପ୍ରଦୀପ ପ୍ରଜ୍ୱଳନ କରି ଓ ପ୍ରଥମ ବୀମା ରସିଦ ବୀମାଧାରକଙ୍କୁ ଦେଇ ବୀମା କାଗଜ ନୂତନ ଗୃହରେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟାଳୟଟି ଶୀତତାପ ନିୟନ୍ତ୍ରିତ କରାଯାଇ ଗ୍ରାହକମାନଙ୍କ ସମସ୍ତ ସୁବିଧା କରାଯାଇଛି ବୋଲି ପ୍ରବନ୍ଧକ ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା

**ଡେରାବିଶ,୨୯।୪ (ସମିସ):** ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗତକାଲି ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଚାଟରାଚକଡ଼ା ସରପଞ୍ଚ ମମତା ରାଉତ ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ୫୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନ୍ ସମ୍ପାଦକ ବିବେକାନନ୍ଦ ସାମଲ ପୌରହିତ୍ୟ କରିଥିଲେ । ଏଥିରେ ଅତିଥିଭାବେ ଟାଏକ୍ୱୋଣ୍ଡୋ ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ, ଶିକ୍ଷାବିତ ଜୟନ୍ତ ବଳ, ଜିଲ୍ଲା ସଂଘ ସଭାପତି ନରେଶ କୁମାର ବାରିକ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତାକୁ ସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

### ଟାଙ୍କି ଥାଇ ଆସୁନି ପାଣି, ଶୁଣୁନି ପ୍ରଶାସନ

# ନମତରାରେ ଜଳଯାତନା ପାଇଁ ବଢୁଛି ଅସନ୍ତୋଷ

**ରାଜକନିକା/ଓଳାଭର,୨୯।୪(ସମିସ):** ପାଣି ଟୋପେ ପାଇଁ ଶେଷରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ମହିଳା ।ଏଥିପାଇଁ ମେଳି କରି ଅସନ୍ତୋଷ ଝାଡିଛନ୍ତି । ଏମିତିକି ପାଣି ନାହିଁ ତ ଭୋଟ ନାହିଁ ବୋଲି ରୋକ ଠୋକ ଚରମ ବାଣୀ ବି ଶୁଣାଇଛନ୍ତି

● ବିଡିଓଙ୍କୁ ଗୁହାରି ଜଣାଇଲେ ଶତାଧିକ ମହିଳା

।ଏଥିପାଇଁ ଯଦି ପ୍ରଶାସନର ନିଦ ନ ଭାଙ୍ଗେ ତେବେ ରାସ୍ତାରୋକ କରିବାକୁ ବି ଚେତାବନୀ ଦେଇଛନ୍ତି । ସୂଚନା ଅନୁସାରେ ନମତରା ଗ୍ରାମର ଦୁଇଟି ୱାର୍ଡବାସୀ ଦୀର୍ଘବର୍ଷ ହେବ ପାଇପ୍ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି ।ବହୁବାର ଏଥିନେଇ ଦାବି ସତ୍ତ୍ୱେ ବି ସେମାନଙ୍କ ଅଭିଯୋଗକୁ କେହି ବି କର୍ଣ୍ଣପାତ ନ କରିବାରୁ ଶେଷରେ ମହିଳାମାନେ ମେଳି କରି ପ୍ରଥମେ ସରପଞ୍ଚଙ୍କ ପାଖେ ଗୁହାରି କରିଥିଲେ ।ହେଲେ ତାଙ୍କ ଠାରୁ କୌଣସି ସନ୍ତୋଷଜନକ ପ୍ରତିଶ୍ରୁତି ନ ମିଳିବାରୁ ଶେଷରେ ରାଜକନିକା ବିଡ଼ିଓଙ୍କୁ ଭେଟି ଗୁହାରି କରିବାକୁ ନିଷ୍ପତ୍ତି ନେଲେ । ଆଜି ନମତରାର ୧୧ ନମ୍ବର ୱାର୍ଡର ବହୁ ମହିଳା ସକାଳେ ରାଜକନିକାରେ ପହଞ୍ଚି ବିଡ଼ିଓଙ୍କୁ ଦେଖା ନ ପାଇ ଶେଷରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଦାଶଙ୍କୁ କ୍ଷୋଭର ସହିତ ଲିଖିତ ଦାବି ପତ୍ର ଦେଇଥିଲେ । ଏହିପତ୍ରରେସେମାନେ ଦର୍ଶାଇଛନ୍ତି ଯେ ଦୀର୍ଘବର୍ଷ ହେବ ନମତରାରେ ଏକ ଲକ୍ଷେ ଲିଟର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ ହୋଇଥିବା ସତ୍ତ୍ୱେ ବି ନିର୍ଦ୍ଦିଷ୍ଟ ୧୧ ଓ୧୨ ନମ୍ବର ୱାର୍ଡବାସୀ ପାଇପ୍ ଯୋଗେ ପାଣି ପାଇବାରୁ ଏଯାଏ ବଞ୍ଚିତ ହୋଇ ରହିଛନ୍ତି । ଏଥିପାଇଁ ପଞ୍ଚାୟତ ପ୍ରଶାସନ ପାଖେ ଦୁଃଖ ଜଣାଇଥିଲେ କୌଣସି ପଦକ୍ଷେପ ନେଉ ନ ଥିବାରୁ ପାଣି ପାଇଁ ଦିନକୁ ଦିନ ଅତି ଦୟନୀୟ ସ୍ଥିତିରେ ରହିଛନ୍ତି ୱାର୍ଡବାସୀ ।ଯେହେତୁ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜଳସ୍ତର କମିବା ସହିତ ନଳକୂପ ବି ଅଚଳ ହୋଇ ପଡ଼ିଛି ।ପୋଖରୀ ,ଗାଡିଆ ଭଳି ଜଳ ଉତ୍ସ ବି ଶୁଖିଲା ପଡ଼ିଛି । ଏଥିପାଇଁ ପାଣିରଘୋର ସଙ୍କଟ ଦେଖା ଦେଇଛି ।ତୁରନ୍ତ ଏଠାରେ ପାଇପ୍ ପାଣିର ବ୍ୟବସ୍ଥା କରିବାକୁ ଲିଖିତ ଅଭିଯୋଗ ପତ୍ରରେ ଦର୍ଶାଯାଇଛି ।ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ବିଡ଼ିଓଙ୍କ ସହ ପରାମର୍ଶକ୍ରମେ ପଦକ୍ଷେପ ନେବାକୁ ନିଜ ପ୍ରତିକ୍ରିୟାରେ କହିଥଲେ ।ତେବେ ମହିଳାମାନଙ୍କ ଏଭଳି ଅଭିଯୋଗ ପରେ ବିଭାଗୀୟ ଅଧିକାରୀ କି ପଦକ୍ଷେପ ନେବେ ସମୟ ତ କହିବ ।ହେଲେ ପାଣି ପାଇଁ ଆଜି ତହ ତହ ଖରାରେ ମହିଳାମାନଙ୍କ ଏକାଠି ହେବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ଏଥିରେ ଶୁଭସ୍ମିତା ବେହେରା,ଅପରାଜିତା ବେହେରା,କନକ ଦାସ,ସ୍ୱିଗ୍ଧାମୟୀ ପଲାଇ,ସୁଜାତା ଦାସ, ରଞ୍ଜିତା ମଲ୍ଲିକ ,ବିଦ୍ୟା ଦାସ ,ଶାନ୍ତିଲତା ନାୟକ,ଛବିରାଣୀ ପଲାଇ,ଶଶୀରେଖା ମଲ୍ଲିକ ସାମିଲ ଥିବା ସହିତ ଦାବିପତ୍ରରେ ଶତାଧିକ ଲୋକଙ୍କ ସ୍ୱାକ୍ଷର ବି ରହିଥିଲା ।



# ମୃତ ଛାତ୍ରୀଙ୍କ ପରିବାରକୁ ଭେଟିଲେ ଅଂଶୁମାନ



**ମହାକାଳପଡ଼ା,୨୯ ।୪(ସମିସ):** ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡ଼ା ଗ୍ରାମର ଏବଂ ଗୋଜକ୍ଷବନ୍ଧ ଗାନ୍ଧିଜୀ ଉଚ୍ଚ ବିଦ୍ୟାପୀଠର  ନବମ ଶ୍ରେଣୀର ଛାତ୍ରୀ ଅଭିଲିପ୍ସା ବେହେରା ଗତ ଶନିବାର ଗ୍ରାମ ନିକଟସ୍ଥ ଲୁଣା ନଦୀରେ ଗାଧୋଇବାକୁ ଯାଇ ନଦୀରେ ଭାସିଯାଇ ମୃତ୍ୟୁବରଣ କରିଥିଲେ ।  ମୃତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି କେନ୍ଦ୍ରାପଡା ଲୋକସଭା ଆସନର ବିଜେଡି  ପ୍ରାର୍ଥୀ ଅଂଶୁମାନ ମହାନ୍ତି ।  ମଙ୍ଗଳପୁର ବିଜେଡି ନେତା ବିଭୂପଦ ପରିଡା, ଯୁବନେତା ରାକେଶ ମହାନ୍ତି ,କୀର୍ତ୍ତନ ମହାପାତ୍ର, ବିମଳ ଦାସ,ପ୍ରକାଶ ପରିଡା, ବାରଡାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, ଛାତ୍ରନେତା  ସ୍ମୃତି ରଞ୍ଜନ ପ୍ରଧାନ, ପିତାମ୍ବର ରାଉତରାୟ, ବାବାଜୀ ସ୍ୱାଇଁ, ରଘୁନାଥ ସେଠୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

# ଖଣତାରେ ବିଜେଡିର ମିଶ୍ରଣ ପର୍ବ

**ପଟ୍ଟାମୁଣ୍ଡାଇ,୨୯।୪(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଣତା ପଞ୍ଚାୟତରେ ଆଗାମୀ ସାଧାରଣ ନିର୍ବାଚନରେ ରେକର୍ଡ ବିଜୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବିଜେଡି । ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ବୃହତ ବିଜୟ ବ୍ୟବଧାନ ପାଇଁ ଦଳ ପକ୍ଷରୁ  ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ମିଶ୍ରଣ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସବୁବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ କୋଟି କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଭିନ୍ନ ବର୍ଗ ସମେତ ଆଞ୍ଚଳିକ ବିକାଶ ବିଜେଡିର ଏକମାତ୍ର ପରିଚୟ ହୋଇଥିବାରୁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଆହ୍ୱାନରେ ଡବଲ ଶଙ୍ଖରେ ଭୋଟ ଦେଇ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ରେକର୍ଡ ବ୍ୟବଧାନରେ ବିଜୟୀ କରିବାକୁ ନିବେଦନ କରିଥିଲେ ଓ ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବରିଷ୍ଠ ନେତା ନିମାଇ କର,ସରପଞ୍ଚ ଅନୀଲ ଲେଙ୍କା, ବରିଷ୍ଠ ନେତା ପଞ୍ଚାନନ ଧଳ, ସମିତି ସଭ୍ୟ ସୁରେଶ ଜେନା, ବ୍ଲକ ବିଜେଡି ଉପସଭାପତି ସୁବାଷ ଦାସ, ସର୍ବେଶ୍ୱର ମହାନ୍ତି, ମାଗୁଣି ଲେଙ୍କା,ବିରଞ୍ଚି ଦାଶ, ସମୀର ମଲିକ ସୁରେନ୍ଦ୍ର ଦାସ ପ୍ରମୁଖ ଭାଷଣ ଦେଇ ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ ଓ ଶେଷରେ ଅନିଲ ଲେଙ୍କା ଧନ୍ୟବାଦ ଦେଇଥିଲେ । ଏଥିରେ କଂଗ୍ରେସ ସମେତ ବିଭିନ୍ନ ଦଳର ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ବିଜେଡିରେ ସାମିଲ କରାଯାଇଥିଲା ।




# ଥଇଥାନ ଦାବିରେ ଶୁଖୁଆବସ୍ତିବାସିନ୍ଦାଙ୍କ ଜିଲ୍ଲାପାଳଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା,୨୯।୪(ସମିସ):** କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଶୁଖୁଆବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପଟ୍ଟାମୁଣ୍ଡାଇ ବେଲତଳର ଶୁଖୁଆପଡା ବସ୍ତିବାସିନ୍ଦା ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଦୀର୍ଘ ୪୦ବର୍ଷରୁ ଅଧିକ ସମୟ ଧରି ୩୦ଟି ପରିବାରର ୧୫୦ରୁ ଅଧିକ ଲୋକ ପିଲାଛୁଆଙ୍କୁ ଧରି ଘନ ଜଙ୍ଗଲ ପୂର୍ଣ୍ଣ ବେଲତଳସ୍ଥିତ ଶୁଖୁଆପଡା ବସ୍ତିର ବସବାସ କରି ଆସୁଛନ୍ତି । ୧୦ବର୍ଷ ପୂର୍ବରୁ ସରକାର ବସ୍ତିବାସିନ୍ଦା ଥଇଥାନ ଯୋଜନାରେ ଏହି ଶୁଖୁଆପଡା ବସ୍ତିବାସିନ୍ଦାଙ୍କୁ ପଟ୍ଟାମୁଣ୍ଡାଇ ସ୍ମାର୍ଟ ପାର୍କ ନିକଟରେ  ଗୃହ ନିର୍ମାଣ ପୂର୍ବକ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇ ଥଇଥାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହି ସମୟରେ ତତକାଳୀନ ଜିଲ୍ଲାପାଳ, ତହସିଲଦାର, ପୌରନିର୍ବାହୀ ଅଧିକାରୀ, ପୁଲିସ ଅଧିକାରୀ ଓ ପୌର ପରିଷଦର କାଉନସିଲରମାନଙ୍କୁ ଏକ ବୈଠକରେ ସ୍ଥିର କରାଯାଇଥିଲା ଯେ ପର୍ଯ୍ୟନ୍ତ ଶୁଖୁଆପଡା ବସ୍ତିବାସିନ୍ଦାଙ୍କୁ ଥଇଥାନ ନକରାଯାଇଛି ସେ ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ହଇରାଣ ହରକତ କରାଯିବନାହିଁ । କିନ୍ତୁ ସେହି ବସ୍ତି ମଧ୍ୟ ଦେଇ ଏକ ରାସ୍ତା ନିର୍ମାଣ କରାଯିବାକୁ ସ୍ଥିର କରାଯିବା ପରେ ସଂପୃକ୍ତ ରାସ୍ତା ନିର୍ମାଣକାରୀ ଠିକାସଂସ୍ଥା ପକ୍ଷରୁ ସେହି ବସ୍ତିକୁ ବିଭିନ୍ନ ସମୟରେ ଅସାମାଜିକ ଲୋକଙ୍କୁ ପଠାଯାଇ ସେମାନଙ୍କୁ ଧମକଚମକ ଦିଆଯାଉଥିବା ଅଭିଯୋଗ ହୋଇଛି । ଏଥିସହିତ ସେହି ବସ୍ତିରୁ ବଡ ବଡ ଗଛ ଗୁଡିକ ସେହି ସଂସ୍ଥା କାଟି ନେଉଥିବା ସେମାନେ ଅଭିଯୋଗ କରିଛନ୍ତି । ବସ୍ତିବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ  ସେମାନଙ୍କୁ ଥଇଥାନ କରାନଯାଇ ସେହି ବସ୍ତିରୁ ବଡ ବଡ ଗଛ ଗୁଡିକ କାଟିନେଲେ ସେମାନେ କିଭଳି ସେଠାରେ ବସବାସ କରିବେ । ପୁଲିସକୁ ଲଗାଇ ଜୋରଜବରଦସ୍ତି ସଂପୃକ୍ତ ଠିକାସଂସ୍ଥା ସେଠାରୁ ବଡ ବଡ ଗଛ କାଟିନେବାକୁ ଯୋଜନା କରିଥିବା ଅଭିଯୋଗ ହୋଇଛି । ବସ୍ତିବାସିନ୍ଦାମାନଙ୍କ ପକ୍ଷରୁ ଶୁଖୁଆପଡା ବସ୍ତିବାସିନ୍ଦା ସଙ୍ଘର ସଭାନେତ୍ରୀ ଶ୍ୟାମଳି ଦାସ, ସମ୍ପାଦିକା ଆଶାଲତା ସୁତାର, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦଳାଇ, ଝୁନା ସାହୁ, କବିତା ଭୋଇ, ସପନି ବେହେରା, ସଚିନା ତରାଇ, ଆରତୀ ସାହୁ, ରାଧାରାଣୀ ଭୋଇ, ସରସ୍ୱତୀ ମଣ୍ଡଳ, ମମତା ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ନିବେଦନ କରି କହିଛନ୍ତି ଯେ ସେମାନେ ରାସ୍ତା ନିର୍ମାଣକୁ ବିରୋଧ କରୁନାହାନ୍ତି । କିନ୍ତୁ ପ୍ରଥମେ ସେମାନଙ୍କୁ ଥଇଥାନ କରାଯିବା ପରେ ସେହି ବସ୍ତିରୁ ବଡ ବଡ ଗଛ ଗୁଡିକ କଟାଯାଇ ରାସ୍ତା ନିର୍ମାଣ କରାଯାଉ । ନଚେତ ସେମାନେ ରାଜରାସ୍ତାକୁ ଓହ୍ଲାଇ ଏଭଳି ଅନ୍ୟାୟ କାର୍ଯ୍ୟର ବିରୋଧ କରିବାକୁ ବାଧ ହେବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ପାନୀୟଜଳ ପ୍ରକଳ୍ପରୁ ବାହାରୁଛି ଆଇରନ ଓ ପଙ୍କୁଆ ପାଣି



**ଡେରାବିଶ,୨୯।୪ (ସମିସ):**ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁରଠାରେ ଥିବା ପାନୀୟ ଜଳ ପ୍ରକଳ୍ପରୁ ଆଇରନ ଯୁକ୍ତ ପଙ୍କୁଆ ପାଣି ବାହାରୁଥିବାରୁ ଏହା ଉପରେ ନିର୍ଭର କରୁଥିôବା ରଘୁଦେଇପୁର ଓ ନୋଳସାହି ଗ୍ରାମର ଲୋକମାନେ ପାନୀୟ ଜଳ ଓ ନିତ୍ୟବ୍ୟବହାର୍ଯ୍ୟ ପାଣି ଟୋପାଏ ପାଇବା ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଏହି ଉଭୟ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବର୍ଷାଧିକ କାଳ ହେବ ରଘୁଦେଇପୁର ଠାରେ ରଘୁଦେଇପୁରଠାରେ ଏହି ପ୍ରକଳ୍ପଟି ନିର୍ମାଣ କରାଯାଇ ଓଭର ହେଡ୍ ଟାଙ୍କିରୁ ରଘୁଦେଇପୁର ଓ ନୋଳ ସାହି ଗ୍ରାମକୁ ପାଣି ଯୋଗାଇ ଦିଆଯାଇଥିଲା । ତେବେ ଏହି ପ୍ରକଳ୍ପରୁ ଆଇରନଯୁକ୍ତ ପଙ୍କୁଆ ପାଣି ବାହାରୁôଥବାରୁ ଲୋକମାନେ ଏହାକୁ ବ୍ୟବହାର କରି ପାରୁନାହାଁନ୍ତି । ଅନ୍ୟପକ୍ଷରେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ଜଳସ୍ତର ହ୍ରାସ ପାଇ ଗ୍ରାମରେ ଥିବା ଅଧିକାଂଶ ନଳକୂପରୁ ଆଉ ପାଣି ବାହାରୁନାହିଁ । ଫଳରେ ଲୋକମାନେ ପାନୀୟ ଜଳ ପାଇଁ ଡହଳବିକଳ ହେଉଥିବା ଦେଖିବାକୁ ମିଳିଛି । ଏ ନେଇ ଗ୍ରାମବାସୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୁଦ୍ର କେଶରୀ ସେଠୀଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପଟି ଦୀର୍ଘ ବର୍ଷ ହୋଇଥିବାରୁ ପାଣିର ମାନ ଉପରେ ଆମେ ଆଶଙ୍କାରେ ରହିଛୁ । ଲୋକଙ୍କ ଅଭିଯୋଗ ଅନୁସାରେ ଆସନ୍ତା କାଲି ପାଣିର ନମୂନା ସଂଗ୍ରହ କରି ପରୀକ୍ଷା କରିବାକୁ ପଠାଯିବଏବଂ ବୋରିଂଟିକୁ ସଫା କରାଇଯିବ । ଯଦି ଏଥିରେ ପାଣି ଭଲ ନ ବାହାରେ ଅନ୍ୟ ଏକ ବୋରିଂ କରାଇବା ନିମନ୍ତେ ବିଭାଗୀୟ ସ୍ତରରେ ଉଦ୍ୟମ କରିବି ବୋଲି ସେ କହିଛନ୍ତି ।

### ରାସ୍ତା ପ୍ରଶସ୍ତିକରଣ ନାଁରେ ବୃକ୍ଷଶୂନ୍ୟ ହେଲାଣି ରାସ୍ତା

# ମଣିଷଙ୍କ ଭଳି ଗାଈଗୋରୁ ବି ଖୋଜୁଛନ୍ତି ଗଛଛାଇ

**ଓଳାଭର,୨୯।୪(ସମିସ):** ରାସ୍ତାର ଉନ୍ନତିକରଣ ପାଇଁ ଖରାଦିନ ହିଁ ବଳି ପଡନ୍ତି ଶହ ଶହ ଗଛ ।ଏଥିପାଇଁ ବୃକ୍ଷଶୂନ୍ୟ ହୋଇ ପଡୁଛି ରାସ୍ତା ।ପ୍ରଚଣ୍ଡ ତାତିରେ ଛାଇ ଟିକେ ପାଇଁ ପଥଚାରୀ ଗଛ ଖୋଜୁଥିବା ବେଳେ ଗାଈଗୋରୁ ବି ଛାଇରେ ଦଣ୍ଡେ ଠିଆ ହେବାର ଆଶାରେ ନିରାଶ ହେଉଛନ୍ତି ।ସୂଚନା ଅନୁସାରେ ରାଜକନିକା -ଓଳାଭର ରାଜ୍ୟ ରାଜପଥର ପ୍ରଶସ୍ତିକରଣରେ ଶହ ଶହଗଛ ବଳି ପଡିଲା । ଯେଉଁ ଗଛ ଦିନେ ଏହି ପାଞ୍ଚ କିଲୋମିଟର ରାସ୍ତାକୁ ଛାଇ ଦେଇ ଶୀତଳତା ଆଣୁଥିଲା ।ଏବେ ଏହି ରାସ୍ତା ଶୂନଶାନ ହୋଇପଡିଛି । ସେଇଭଳି ଏହି ରାସ୍ତାର ପେଗରପଡାରୁ ବରିପଡା ଯାଏ ମଧ୍ୟଚାରିବର୍ଷ ତଳେ ହୋଇ ଥିବା ରାସ୍ତା ପ୍ରଶସ୍ତିକରଣ ନାଁରେ ବଡ଼ ବଡ଼ ଗଛକାଟି ଛ କିଲୋମିଟର ରାସ୍ତାକୁ ବୃକ୍ଷଶୂନ୍ୟ କରି ଦିଆଗଲା ।ଅଥଚ ଏବେବି ଗୋଟାଏ ଗଛ ଲଗାଗଲା ନାହିଁ ।ଏବେ ପୁଣି ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରଧାନମନ୍ତ୍ରୀ ସଡକର ସିହୋପଡା - ହାଟସାହି ୫ କିଲୋମିଟର ରାସ୍ତାର ଦୁଇ ପାଖରେ ହୋଇଥିବା ବନୀକରଣ ଗଛକୁ ରାସ୍ତା ଉନ୍ନତିକରଣ ନାଁ ରେ କେତେକାଂଶରେ କାଟି ବୃକ୍ଷଶୂନ୍ୟ କରି ଦେବାର ମସୁଧା ପରିବେଶବିତ୍ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି ।ଏହାସହିତ ଆହୁରି ଛୋଟମୋଟ ଗାଁ ରାସ୍ତାରୁ ବି ଧିରେ ଧିରେ ଗଛ ଗୁଡିକଦୁର୍ବୃତ୍ତମାନେ କାଟି ନେଇ ରାସ୍ତା ଗୁଡ଼ିକୁ ବୃକ୍ଷଶୂନ୍ୟ କରି ଦିଆ ଗଲାଣି ।ଫଳରେ ନିଦାଘରେ ପଥଚାରୀ ଥଟ୍ଟା ମେଣ୍ଟାଇବା ପାଇଁ ଆଉ ଗଛ ଛାଇଖୋଜି ପାଉନି । ଗାଈଗୋରୁ ବି ଚରିବୁଲି ଟିକିଏ ଗଛ ଛାଇରେ ଛିଡା ହେବାର ସ୍ଥାନ ବି ମିଳୁନାହିଁ । ସବୁଠାରୁ ଚକିତ କଲା ଭଳି କଥା ହେଉଛି ସରକାରୀ ଭାବେ ବନ ବିଭାଗ,ପଞ୍ଚାୟତ ପ୍ରଶାସନ ମନରେଗାରେ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସବୁଜ ବନୀକରଣ କରାଯାଇ ପ୍ରଚୁର ବୃକ୍ଷରୋପଣ କରାଯାଇଛି ।ହେଲେ ତାହାର ଚିହ୍ନବର୍ଣ୍ଣ କେଉଁଠି ବି ଦେଖିବାକୁ ମିଳୁନାହିଁ ।ରାସ୍ତା ପ୍ରଶସ୍ତିକରଣ ନାଁରେ ଏଭଳି ତାଣ୍ଡବ ପରେ ହୁଏତ ଏହି ଅଞ୍ଚଳ ଦିନେ ବୃକ୍ଷଶୂନ୍ୟ ହୋଇ ପରିବେଶର ଯେ କେତେ କ୍ଷତିସାଧନ କରିବ ତାହା ଏବେ ଚିନ୍ତାର ବିଷୟ ପାଲଟିଛି ।ଏଥିପାଇଁ ସରକାରୀସ୍ତରରେ ଯେତିକି ଗଛ କଟା ଯାଉଛି ଅନ୍ତତଃ ପକ୍ଷେ ତାଠାରୁ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ବିନୋଦ ନାୟକ ମତପୋଷଣ କରିଛନ୍ତି ।



# ଜୁଣଗଡ଼ିରେ ଚକ୍ଷୁ ଚିକିତ୍ସା ଶିବିର




**ରାଜନଗର,୨୯।୪(ସମିସ):** ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଜୁଣଗଡି ଗ୍ରାମରେ ଥିବା ବାବା ଅନାଦି କୃଷକ ଉତ୍ପାଦନ କମ୍ପାନୀ କାର୍ଯ୍ୟାଳୟ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ବାବା ଅନାଦି କୃଷକ ଉତ୍ପାଦନ କମ୍ପାନୀ ଆନୁକୂଲ୍ୟରେ ଭିଜନ ସ୍ପ୍ରିଙ୍ଗ୍ ଓ ମୌନ ଧ୍ୱନୀ ସହଯୋଗରେ ଏହି ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୭୦ରୁ ଊର୍ଦ୍ଧ୍ୱର୍ ବ୍ୟକ୍ତି ଚକ୍ଷୁ ପରୀକ୍ଷା କରାଇଥିଲେ । ସେଥିମଧ୍ୟରୁ ୫୫ଜଣଙ୍କୁ ସୁଲଭ ମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ବାବା ଅନାଦୀ କୃଷକ ଉତ୍ପାଦନ କମ୍ପାନୀର ସିଇଓ ଗୋବର୍ଦ୍ଧନ ପ୍ରଧାନ, ସମରେନ୍ଦ୍ର ମିଶ୍ର, ସୁଶାନ୍ତ ନାୟକ, ଦେବେନ୍ଦ୍ର ରାଉଳ, ସୁଦର୍ଶନ ପ୍ରଧାନ, ଅଜିତ୍ ନାଥଙ୍କ ସମେତ ଯୁବ ବିକାଶର ପ୍ରତିଷ୍ଠାତା ଗୋବିନ୍ଦ ବଲ୍ଲଭ ଦଳାଇ ଓ ଭିଜନ ସ୍ପ୍ରିଙ୍ଗର ସଦସ୍ୟମାନେ ସହଯୋଗ କରିଥିଲେ ।

ବାସଗୃହ 'ଘର' ପଦବାଚ୍ୟ ନୁହେଁ, ଯଦି ସେଥିରେ ଉଭୟ ମନ ଓ ଶରୀର ପାଇଁ ଅଗ୍ନି ଓ ଖାଦ୍ୟର ବ୍ୟବସ୍ଥା ନ ଥାଏ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ଓଡ଼ିଶାରେ ପ୍ରଚଣ୍ଡ ଝାଞ୍ଜି ପ୍ରବାହ

# ସତର୍କ ପ୍ରଶାସନ ଓ ଜନସଚେତନତା ଜରୁରୀ

ଓଡ଼ିଶା ପାଇଁ ଝାଞ୍ଜିପ୍ରବାହ ନୂଆ କଥା ନୁହେଁ। ଗ୍ରୀଷ୍ମ ପ୍ରବଣ ଏହି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳ ଅନ୍ୟାନ୍ୟ ଇଲାକାଠାରୁ ଅପେକ୍ଷାକୃତ ଶୀତଳ। ଏ ବର୍ଷର ବ୍ୟତିକ୍ରମ ହେଲା ପଶ୍ଚିମ ତଥା ଆଭ୍ୟନ୍ତରୀଣ ଅଞ୍ଚଳର ତାପମାତ୍ରାଠାରୁ ଉପକୂଳବର୍ତ୍ତୀ ଅଞ୍ଚଳର ତାପମାତ୍ରା ଅଧିକ ରେକର୍ଡ କରାଯାଉଛି। ଏପ୍ରିଲ ମଧ୍ୟଭାଗରୁ ରାଜ୍ୟରେ ଅଭୂତପୂର୍ବ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି ଏବଂ ରାଜଧାନୀ ଭୁବନେଶ୍ୱର ଓ କଟକ ସମେତ ଉପକୂଳବର୍ତ୍ତୀ ଅନେକ ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ରୁ ୪୪ ଡିଗ୍ରୀ ସେଲ୍‌ଫସିୟସ ମଧ୍ୟରେ ରହୁଛି। ସମଗ୍ର ରାଜ୍ୟରେ ଏହି ଗ୍ରୀଷ୍ମ ପ୍ରବାହ ମଇ ପ୍ରଥମ ସପ୍ତାହ ଯାଏଁ ଅବ୍ୟାହତ ରହିବ ବୋଲି ପାଣିପାଗ ବିଭାଗ କହୁଛି।

ଉତ୍ତାପର ହ୍ରାସ ଓ ବୃଦ୍ଧି ସର୍ବଦା ଏକ ସ୍ଥାନୀୟ ଘଟଣା। ତେବେ ସମଗ୍ର ରାଜ୍ୟ ଅସମୟରେ ତତଲା କଡ଼େଇ ପାଲଟିବା ନିଶ୍ଚୟ ଉଦ୍‌ବେଗର ବିଷୟ। ଅତ୍ୟଧିକ ତାପମାତ୍ରା ଜନଜୀବନକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ ଓ ଲୋକେ ପାନୀୟଜଳ ସମେତ ଆହୁରି ଅନେକ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଖୋଦ ରାଜଧାନୀର ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ଫସିୟସ ଟପିବା ନିଶ୍ଚୟ ଚିନ୍ତାଜନକ। ପାଣିପାଗ ବିଭାଗର ରେଡ୍‌ଆଲର୍ଟ ଲୋକଙ୍କୁ ଅବଶ୍ୟ ସତର୍କ କରୁଛି। ତେବେ ପୂର୍ବ ଅଭିଜ୍ଞତା ଭିତ୍ତିରେ ଲୋକେ ଖରା ସମୟରେ ବାହାରକୁ ବିଶେଷ ବାହାରୁ ନଥିବାରୁ ଅଂଶୁଘାତ ମୃତ୍ୟୁ ପ୍ରାୟ ଏଥର ନାହିଁ। ତେବେ ଖରାଦିନେ ଦିନର ସ୍ୱାଭାବିକ ସର୍ବୋଚ୍ଚ ତାପମାତ୍ରା ୪ ରୁ ୬ ଡିଗ୍ରୀ ସେଲ୍‌ଫସିୟସ ବଢ଼ିବା ନିଶ୍ଚିତ ଏକ ବଡ଼ ବିପଦ ଏବଂ ଆଗକୁ ତାପମାତ୍ରା ୪୬ / ୪୭ ଡିଗ୍ରୀ ସେଲସିୟସ ପହଞ୍ଚିବା ସମ୍ଭାବନାକୁ ପାଣିପାଗ ବିଭାଗ ଅସ୍ୱୀକାର କରୁନାହିଁ।

ପାଣିପାଗ ଏବେ ଅନୁକୂଳ ନାହିଁ। ଏବେ ରାଜ୍ୟକୁ ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହେଉଛି। ଶୁଷ୍କ ବାୟୁ ସାଙ୍ଗକୁ ପ୍ରଖର ସୂର୍ଯ୍ୟକିରଣ ବିଭିନ୍ନ ସ୍ଥାନର ତାପମାତ୍ରା ବଢ଼ାଉଛି। ଦକ୍ଷିଣ ଦିଗରୁ ସମୁଦ୍ରରୁ ସ୍ଥଳଭାଗକୁ ପ୍ରବାହିତ ଶୀତଳ ବାୟୁ ପ୍ରବାହ ପଶ୍ଚିମ ଓ ଉତ୍ତର-ପଶ୍ଚିମ ତତଲା ପବନ ଯୋଗୁଁ ବ୍ୟାହତ ହେଉଛି। ଫଳରେ ଖରାଦିନିଆ ବର୍ଷା ଓ ମେଘ ଧୂମାଳ (କାଳ ବୈଶାଖୀ) ସୃଷ୍ଟି ହେଉ ନାହିଁ। ଏସବୁ ଭୌଗୋଳିକ ବ୍ୟାପାର। ଏହା ଉପରେ ମଣିଷର ହାତ ନାହିଁ। ତେଣୁ ହୁସିଆର ରହି ଖରାକୁ ଏଡ଼ାଇ ଜୀବନ ବଞ୍ଚାଇବା ବୁଦ୍ଧିମାନର କାର୍ଯ୍ୟ। କହିବା ବାହୁଲ୍ୟ ଯେ ବିଶ୍ୱର ଜଳବାୟୁ ପରିବର୍ତ୍ତନର ପ୍ରଭାବ ସର୍ବତ୍ର ଅନୁଭୂତ ହେଲାଣି। ଓଡ଼ିଶାରେ ଆମେ ତାହା ଅଙ୍ଗେ ନିଭାଉଛନ୍ତି। ବର୍ଷା ଦିନର ସମୟ ହ୍ରାସ ପାଉଛି। ଶୀତ କମିଛି। ବର୍ଷାଭାବ ଯୋଗୁଁ ଜଳଭଣ୍ଡାର ସମେତ ଜଳ ଉତ୍ସଗୁଡ଼ିକ ନାହିଁ ନଥିବା ଚାପର ସମ୍ମୁଖୀନ। ପାନୀୟଜଳ ଏବେ ମଣିଷ ଓ ଜୀବଜନ୍ତୁଙ୍କର ପ୍ରଥମ ଆବଶ୍ୟକତା। ଏଥିରେ ପୁଣି ଦେଶରେ ସାଧାରଣ ନିର୍ବାଚନ ସହିତ ରାଜ୍ୟରେ ବିଧାନସଭା ନିର୍ବାଚନ ଚାଲିଛି। ସରକାରଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ ନିଶ୍ଚୟ।

ଏବେ ଗାଁଠାରୁ ଆରମ୍ଭ କରି ସହର ଯାଏଁ ସବୁଠି ପାଣି ଏବଂ ବିଜୁଳିର ନିରବଚ୍ଛିନ୍ନ ଯୋଗାଣ ପ୍ରଥମ ଆବଶ୍ୟକତା। ତେବେ ଏହି ଦୁଇଟି ଉପରେ ଚାପ ଏତେ ଅଧିକ ଯେ ତାହାକୁ ପୂରଣ କରିବା ଏକପ୍ରକାର ଅସମ୍ଭବ। ରାଜ୍ୟରେ ଦୈନିକ ଯେତିକି ବିଜୁଳି ହାରାହାରି ଆବଶ୍ୟକ, ଖରାଦିନେ ତାହା ବଢ଼େ। ଏହାଛଡ଼ା ପିକ୍‌ଲୋଡ୍ ସମୟରେ ବିଜୁଳି ଚାହିଦା ବଢୁଥିବାରୁ କମ୍ପାନୀମାନେ ଅତିରିକ୍ତ ବିଜୁଳି ଦେଇପାରୁନାହାନ୍ତି। ଫଳରେ ଲୋ-ଭୋଲ୍‌ଟେଜ୍ ଓ ବିଜୁଳି ଟ୍ରିପ୍ ଭଳି ଘଟଣା ବାରମ୍ବାର ଘଟୁଛି। ଅଧିକ ବିଜୁଳି ଉତ୍ପାଦନ ମଧ୍ୟ ସମ୍ଭବ ହେଉ ନାହିଁ ଏବଂ ଆମର ଯେଉଁ ଉତ୍ପାଦନ ବ୍ୟବସ୍ଥା ଅଛି ତାହା ଅତିରିକ୍ତ ଆବଶ୍ୟକତା ପୂରଣ କରିବାକୁ ଏବେ ଅସମର୍ଥ। ସେହିଭଳି ବିଜୁଳି ନଥିଲେ ଜଳଯୋଗାଣ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥାଏ। ବର୍ଷାଭାବ ଓ ଭୂତଳ ଜଳ ଉତ୍ସର ମାତ୍ରାଧିକ ବ୍ୟବହାର ଜଳକଷ୍ଟ ବଢ଼ାଉଛି।

ଏସବୁ କାରଣ ଯେ ନୂଆ ବା ଅଜଣା ତାହା ନୁହେଁ। ଏବେ ସରକାରଙ୍କ ଆଗରେ ବଡ଼ ସମସ୍ୟା ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବାକୁ ବିଭିନ୍ନ ପଦକ୍ଷେପ ନେବା। କୋଇଲା ପୋଡ଼ି ଅଧିକ ବିଜୁଳି ଉତ୍ପାଦନ କଲେ ଜଳବାୟୁ ଓ ଜଙ୍ଗଲ ସମ୍ପଦ ପ୍ରଭାବିତ ହେବା ସହ ପ୍ରଦୂଷଣ ବଢ଼ିବ ଓ ତାପମାତ୍ରା ବୃଦ୍ଧି ପାଇବ। ତେଣେ ଦେଶରେ ଲୋକଙ୍କ ବିଜୁଳି ଚାହିଦା ହୁ ହୁ ହୋଇ ବଢୁଛି। ଏସିର ବ୍ୟବହାର ବିକ୍ରି ବଢୁଛି ଯାହା ଅଧିକ ଶକ୍ତି ବ୍ୟବହାର କରିବା ସହ ବାୟୁ ପ୍ରଦୂଷଣ ବଢ଼ାଉଛି। ଏଭଳି ସ୍ଥିତିରେ ସୌର ଶକ୍ତିର ସର୍ବାଧିକ ଉପଯୋଗ ଓ ରୁଫ୍‌ଟପ୍ ସୋଲାର ପ୍ୟାନେଲ ସର୍ବୋତ୍କୃଷ୍ଟ ବ୍ୟବସ୍ଥା। ତେବେ ଏହା ଅତ୍ୟନ୍ତ ବ୍ୟୟବହୁଳ। ସରକାରୀ ରିହାତି ସତ୍ତ୍ୱେ ସାଧାରଣ ଲୋକଙ୍କ କ୍ଷମତାର ଏହା ବାହାରେ। ସରକାର ଏ ସମ୍ପର୍କରେ ନୀତିଗତ ନିଷ୍ପତ୍ତି ନେବା ଆବଶ୍ୟକ।

ଦ୍ୱିତୀୟ କଥା ହେଲା ବର୍ଷାପାଣି ଓ ମଧୁର ଜଳର ସଂରକ୍ଷଣ ଏବଂ ଉପଯୁକ୍ତ ବ୍ୟବହାର। କୃଷି, ଶିଳ୍ପ ବ୍ୟତୀତ ସାଧାରଣ ଜନତାଙ୍କ ପାଇଁ ଜଳ ଯୋଗାଣକୁ ନିଶ୍ଚିତ କରିବାକୁ ପଡ଼ିବ। ଏବେ ଯେଉଁ ଜଳ ଯୋଗାଣ ଯୋଜନା ଦେଶବ୍ୟାପୀ ଚାଲିଛି, ତାହାକୁ ରାଜ୍ୟ ସରକାରମାନେ ତ୍ୱରାନ୍ୱିତ କରିବା ସହ ଜଳ ଉତ୍ସଗୁଡ଼ିକର ସୁରକ୍ଷା ଉପରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବା ଆବଶ୍ୟକ। ପାନୀୟ ଜଳ ପାଇଁ ଦେଶର ସବୁ ପ୍ରମୁଖ ଡ୍ୟାମର ସ୍ୱତନ୍ତ୍ର ଯୋଗାଣ ବ୍ୟବସ୍ଥା ରହିବା ସହିତ ଆବଶ୍ୟକ ସ୍ଥଳେ ଏହାର ପାଇପ୍‌ଲାଇନ୍ ନେଟ୍‌ୱାର୍କ ତିଆରି ହେବା ଆବଶ୍ୟକ।

ଜଳବାୟୁ ପରିବର୍ତ୍ତନ ଯେତେବେଳେ ଏକ ବାସ୍ତବତା ପାଲଟିଛି, ସେତେବେଳେ ସୃଷ୍ଟ ନୂଆ ପରିସ୍ଥିତିର ସମ୍ମୁଖୀନ ଆମକୁ ହେବାକୁ ପଡ଼ିବ। ଏଥିପାଇଁ ସରକାରୀ ସ୍ତରରେ ତ ଉଦ୍ୟମ ଚାଲିଛି। ତେବେ ସରକାର ସବୁ କାମ କରିଦେବେ ଏ ବିଚାର ଠିକ୍ ନୁହେଁ। ଆମକୁ ଆମ ଜଳଉତ୍ସ, ବଗିଚା, ଗଛ ଓ ପରିବେଶକୁ ସୁରକ୍ଷିତ ରଖିବାକୁ ପଡ଼ିବ। ତାତିରୁ ରକ୍ଷା ପାଇଁ ସ୍ଥାନୀୟ ଭାବେ ମିଳୁଥିବା ନଡ଼ା, ଝାଡ଼ ଓ ଅନ୍ୟାନ୍ୟ ସାମଗ୍ରୀକୁ ବ୍ୟବହାର କରି ଘରକୁ ଥଣ୍ଡା ରଖିବାକୁ ହେବ। ପାନୀୟ ଜଳର ସଂରକ୍ଷଣ ଓ ସଦ୍‌ବ୍ୟବହାର ସହିତ ଜୀବଜନ୍ତୁଙ୍କ ଆବଶ୍ୟକତା ପୂରଣ କରିବାକୁ ହେବ। ପ୍ରକୃତି ସଦା ନିଷ୍ଠୁର ଓ ଭୟଙ୍କର। ଏହା ସହିତ ତାଳମିଳାଇ ଚାଲିଲେ ଏହା ଆମ ପାଇଁ କମନୀୟ ହେବ। ତେଣୁ ନୂଆ ପରିସ୍ଥିତିରେ କିପରି ବଞ୍ଚିବାକୁ ହେବ, ସେଥିପାଇଁ ସରକାରୀ ସ୍ତରରେ ମାଷ୍ଟର ପ୍ଲାନ ସହିତ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ମଧ୍ୟ ଲୋଡ଼ା। ବର୍ଷାକାଳ ପର୍ଯ୍ୟନ୍ତ ଆମକୁ ସମ୍ଭାଳି ହୋଇ ରହିବାକୁ ପଡ଼ିବ। ●

# ଭାରତର ବାହ୍ୟ ଋଣ ଓ ବୈଦେଶିକ ମୁଦ୍ରା ଭଣ୍ଡାର



ଅରବିନ୍ଦ ରାଉତରାୟ
କଟକ, ମୋ: ୯୪୩୭୧୩୪୪୦୦

ସମ୍ପ୍ରତି ଆମ ଦେଶର ଋଣ ଭାର ଏତେ ବଢ଼ିଗଲାଣି ଯେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍)କୁ ସତର୍କ ସୂଚନା ଦେବା ପାଇଁ ପଡ଼ିଲାଣି। ଋଣର ଏହି ଊର୍ଦ୍ଧ୍ୱମୁଖୀ ଧାରା ଜାରି ରହିଲେ ଭାରତୀୟ ଅର୍ଥନୀତିର ସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି ଆଇଏମ୍‌ଏଫ୍ ଆଶଙ୍କା କରିଛି। ଭାରତର ଅର୍ଥନୀତି ଦୃଢ଼ ସ୍ଥିତିରେ ଥାଇ ମଧ୍ୟ ବିଗତ ଦଶନ୍ଧି ମଧ୍ୟରେ ବାହ୍ୟ ଋଣ ପରିମାଣ ଅଢ଼େଇ ଗୁଣ ବୃଦ୍ଧି ପାଇଛି। ଏଥିସହ ଆଗାମୀ ଦିନରେ ମଧ୍ୟ ଏହି ଋଣ ଭାରତ ଆହୁରି ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏକ ବିକାଶଶୀଳ ରାଷ୍ଟ୍ରର ଅଥନୈତିକ ବିକାଶ ଧାରାକୁ ନିରବଚ୍ଛିନ୍ନ ରଖିବା ଓ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରର ମାନ୍ୟତା ଦେବାର ଲକ୍ଷ୍ୟ ହାସଲ ପାଇଁ ପର୍ଯ୍ୟାପ୍ତ ପୁଞ୍ଜିର ଆବଶ୍ୟକତା ରହିଛି। ତେଣୁ ରାଜସ୍ୱ ବ୍ୟୟ ବାବଦ ନିଅଣ୍ଟ ହ୍ରାସ ସହିତ ପୁଞ୍ଜି ବ୍ୟୟ ବରାଦ ସାମ୍ପ୍ରତିକ ଅର୍ଥନୈତିକ ପରିବେଶରେ ଅପରିହାର୍ଯ୍ୟ ହୋଇପଡ଼ିଛି।

ବିଶ୍ୱରେ ଚତୁର୍ଥ ବୃହତ ଆର୍ଥିକ ଶକ୍ତି ଜାପାନ୍ ଏହି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ସେ ଦେଶର ମୁଣ୍ଡପିଛା ଆୟକୁ ୩୪.୫୫ ପ୍ରତିଶତ କରିପାରିଛି, ଯାହାକି ୫ମ ବୃହତ ଅର୍ଥନୈତିକ ଶକ୍ତି ଭାରତ ତୁଳନାରେ ଷୋହଳ ଗୁଣରୁ ଅଧିକ। ଏହାଛଡ଼ା ଶିକ୍ଷା, ଶିଳ୍ପ, କୁଶଳୀ ମାନବ ଶକ୍ତି ଓ ରୋଜଗାର ଆଦି କ୍ଷେତ୍ରରେ ଜାପାନ୍ ତୁଳନାରେ ଭାରତ ବହୁ ପଛରେ। ଜାତୀୟ ଉତ୍ପାଦନ ମୁଣ୍ଡପିଛା ଆୟ ଭିତ୍ତିରେ ଜାପାନ ଏସିଆ ମହାଦେଶର ୩୦ଟି ଧନୀ ରାଷ୍ଟ୍ର ତାଲିକାରେ ଏକାଦଶ ସ୍ଥାନରେ ରହିଛି। ଏହି ତାଲିକାର ଶୀର୍ଷରେ ସିଙ୍ଗାପୁର ଓ ସପ୍ତଦଶ ସ୍ଥାନରେ ଚୀନ୍ ରହିଛି। ତାଲିକାର ଶେଷସ୍ଥାନରେ ରହିଛି ଭାରତ, ଯାହାର ମୁଣ୍ଡପିଛା ଜିଡିପି ଆୟ ମାତ୍ର ୯ ହଜାର ୧୮୩ ଟଙ୍କାରେ ସୀମିତ।

ହଁ ଏହା ସତ୍ୟ ଯେ ଅର୍ଥନୈତିକ ଅଭିବୃଦ୍ଧି ହାର କ୍ଷେତ୍ରରେ ବିଶ୍ୱର ଆନୁମାନିକ ସ୍ଥିତିଠାରୁ ୨୦୨୪-୨୫ରେ ଭାରତ ଊର୍ଦ୍ଧ୍ୱରେ। ସମଗ୍ର ବିଶ୍ୱରେ ଏହି ସ୍ଥିତି ୩.୧ ପ୍ରତିଶତ ହେବ ବୋଲି ଆକଳନ କରାଯାଉଥିବା ବେଳେ ଭାରତ ୬.୫ ସ୍ତରରେ ପହଁଚିବ ବୋଲି ଆଶା ପ୍ରକଟ କରିଛି। ଏଣେ ଦରଦାମ୍ ବୃଦ୍ଧି, ଉତ୍କଟ ବେକାରୀ ସମସ୍ୟା ଓ ଅହେତୁକ ମୁଣ୍ଡ ପିଛା ଋଣ ଭାର ବୃଦ୍ଧି ଏବଂ ମୁଣ୍ଡ ପିଛା ଆୟ ବୃଦ୍ଧିରେ ଶିଥିଳତା ଏ କ୍ଷେତ୍ରରେ ଦାଉ ସାଧିବ ନାହିଁ ତ ? କାରଣ ଦେଶର ବାହ୍ୟ ଋଣ ପରିମାଣ ୨୦୨୪ ମାର୍ଚ୍ଚ ସୁଦ୍ଧା ୧୭୨ ଲକ୍ଷ ୩୭ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ୨୦୨୫ର ସେହି ସମୟରେ ୧୮୭ ଲକ୍ଷ ୩୫ କୋଟିରେ ପହଁଚିବ ବୋଲି ଆକଳନ କରାଯାଇଛି। କାରଣ ବିଗତ ଦଶ ବର୍ଷ ମଧ୍ୟରେ ଭାରତର ମୁଣ୍ଡ ପିଛା ଋଣ ଭାର ଅଢ଼େଇ ଗୁଣ ବଢ଼ିଯାଇଛି। ୨୦୧୪ ପୂର୍ବରୁ




ମୁଣ୍ଡ ପିଛା ଋଣ ହାର ୪୩ ହଜାର ଟଙ୍କା ଥିବା ବେଳେ ୨୦୨୩ ସୁଦ୍ଧା ତାହା ୧ ଲକ୍ଷ ୯ ହଜାର ଟଙ୍କାରେ ପହଁଚି ଦେଶର ସାମଗ୍ରିକ ଋଣ ବୋଝକୁ ୧୫୫ ଲକ୍ଷ କୋଟି ଟଙ୍କାରେ ପହଁଚାଇ ଦେଇଛି।

ବସ୍ତୁତଃ ସରକାରଙ୍କୁ ଋଣ ବାବଦ ସୁଧ ପୈଠ କରିବା ପାଇଁ ବଜେଟରେ ସାମଗ୍ରିକ ରାଜସ୍ୱ ବ୍ୟୟର ଏକ-ପଞ୍ଚମାଂଶ ବରାଦ କରିବାକୁ ପଡୁଛି। ଏହି ସ୍ଥିତି ଅବ୍ୟାହତ ରହିଲେ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ନୂଆଦିଲ୍ଲୀ ବିଶ୍ୱର ସର୍ବବୃହତ ଅର୍ଥନୈତିକ ଶକ୍ତି ହାସଲ କରିବାକୁ ଯେଉଁ ଆଶା ପ୍ରକଟ କରୁଛି ତାହା ଫସର ଫାଟି ଯିବନି ତ ? ମାତ୍ର କେନ୍ଦ୍ର ଅର୍ଥମନ୍ତ୍ରାଳୟ ଦେଶର ସାମଗ୍ରିକ ଉତ୍ପାଦନ ଓ ମୋଟ୍ ଋଣ ଅନୁପାତ ଏତେଟା ଚିନ୍ତାଜନକ ନୁହେଁ ବୋଲି ସୂଚାଇ ଦେଇଛି।

ଏବେ ଆମେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ସତର୍କ ସୂଚନା ପ୍ରତି ଧ୍ୟାନ ଦେବା। ଭାରତର ସାମ୍ପ୍ରତିକ ଋଣ ବୃଦ୍ଧିର କାରଣ ଓ ନିରାକରଣ ସମ୍ପର୍କିତ ପ୍ରସଙ୍ଗ ଉପରେ ମୁଦ୍ରା ପାଣ୍ଠି ଦର୍ଶାଇଛି ଯେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଓ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟକ୍ଷତି ଭରଣା ଲକ୍ଷ୍ୟ ହାସଲ ପାଇଁ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଭାରତ ବହୁ ପଛରେ ରହିଛି। ଏହି ଦୁଇ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିକୁ ସର୍ବାଧିକ ନିୟନ୍ତ୍ରଣ କରିବା ସ୍ଥିତିରେ ଭାରତ ନ ପହଁଚିଲେ ସାମଗ୍ରିକ ଜାତୀୟ ଉତ୍ପାଦନ ସ୍ଥିତି ବହୁଗୁଣିତ ନ ହେବାର ପ୍ରଶ୍ନ ଉଠୁ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ବାହ୍ୟ ଋଣର ଆବଶ୍ୟକତା ମଧ୍ୟ କ୍ରମାଗତ ମନ୍ଥର ହୋଇଯିବ। ଏଠାରେ ବିଶ୍ୱର ଋଣମୁକ୍ତ ଦେଶ ଭାବେ ହଂକଂର ଉଦାହରଣ ଦିଆଯାଇପାରେ। ଏହି ଦେଶର ସାମଗ୍ରିକ ଉତ୍ପାଦନ ଓ ଋଣ ଅନୁପାତ ଅତି ନଗଣ୍ୟ ସ୍ଥିତିରେ ରହିଛି। କେବଳ ସେତିକି ନୁହେଁ, ବିତ୍ତୀୟ ବ୍ୟବସ୍ଥାର ସୁପରିଚାଳନା ଓ ସର୍ବାଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ବିଦେଶୀ ପୁଞ୍ଜି ନିବେଶ ବୃଦ୍ଧି ହଂକଂ କୁ ଏହି ଅର୍ଥନୈତିକ ଦୃଢ଼ତା ଯୋଗାଇ ଦେଇଛି। ଅବଶ୍ୟ ଭାରତ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଋଣ ଭାରକୁ ୨୦୦୦ ମଇରୁ ପରିଶୋଧ କରିସାରିଛି। ମାତ୍ର ଭାରତୀୟ ରିଜର୍ଭ ବ୍ୟାଙ୍କ୍ ମୁଦ୍ରାପାଣ୍ଠିର ଏ ପ୍ରକାର ସତର୍କ ସୂଚନାକୁ ଗ୍ରହଣ କରୁନାହିଁ।

ସମଗ୍ର ବିଶ୍ୱରେ ଆମେ ଯଦି ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଭୂମିକା ପ୍ରତି ଦୃଷ୍ଟି ଦେବା, ତାହା ୧୯୦ ଟି ସଦସ୍ୟଭୁକ୍ତ ରାଷ୍ଟ୍ର ମଧ୍ୟରେ ସୀମିତ। ସଦସ୍ୟ ରାଷ୍ଟ୍ରମାନଙ୍କର ଦୀର୍ଘ ମିଆଦୀ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆର୍ଥିକ ନୀତିରେ ସହୟତା, ବିତ୍ତୀୟ ସ୍ଥିରତା, ଆର୍ଥିକ ସହାୟତା, ଉତ୍ପାଦନ ଶକ୍ତିରେ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଲୋକଙ୍କ ଆର୍ଥିକ ଆବଶ୍ୟକତା ପୂରଣ ଦିଗରେ ଏହା ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଛି। ବିଶେଷତଃ ଭାରତ ଭଳି ବିକାଶଶୀଳ ରାଷ୍ଟ୍ରରେ ସ୍ଥୂଳ ବା ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧି, ଦାରିଦ୍ର୍ୟ ଦୂରୀକରଣ ଓ ଅର୍ଥନୈତିକ ସ୍ଥିରତା, ନୀତିଗତ ସହାୟତା, ମୁଦ୍ରା ବିନିମୟ ହାର କ୍ଷେତ୍ରରେ ସ୍ଥିରତା ଆଦି କ୍ଷେତ୍ରରେ ମୁଦ୍ରାପାଣ୍ଠି ସହାୟକ ହୋଇ ଆସୁଛି। ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରେ ଆର୍ଥିକ ବୈଷମ୍ୟ ଦୂର ମଧ୍ୟ ମୁଦ୍ରାପାଣ୍ଠିର ଅଗ୍ରାଧିକାର ପରିସରଭୁକ୍ତ ହୋଇଛି। ଏପରିକି ବଜାରରେ ପ୍ରଚଳିତ ସୁଧ ଠାରୁ ସ୍ୱଳ୍ପ ହାରରେ ଦୀର୍ଘମିଆଦୀ ଆର୍ଥିକ ସହାୟତା ଯୋଗାଣ ଉପରେ ଏହା ଗରୁତ୍ୱ ଦେଇଆସୁଛି।

ଦେଶରେ ଋଣ ଭାର ବୃଦ୍ଧି କ୍ଷେତ୍ରରେ ଅରୁଣାଚଳପ୍ରଦେଶ ଶ୍ରେଷ୍ଠ ସ୍ଥାନରେ ଥିବା ବେଳେ ପଞ୍ଜାବ, ନାଗାଲାଣ୍ଡ, ମଣିପୁର ଓ ମେଘାଳୟ ଭଳି ରାଜ୍ୟ ପରବର୍ତ୍ତୀ ସ୍ଥାନରେ ରହିଛନ୍ତି। ମାତ୍ର ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା ଜାତୀୟ ଉତ୍ପାଦନଭିତ୍ତିକ ଋଣ ଅନୁପାତ କ୍ଷେତ୍ରରେ ବହୁ ନିମ୍ନରେ ରହିଛି। ବିତ୍ତୀୟ ନିଅଣ୍ଟ ମଧ୍ୟ ଅଣାୟତ୍ତ ହୋଇନାହିଁ। ସୁସ୍ଥ ବିତ୍ତୀୟ ପରିଚାଳନା ଏହି ସଫଳତାର ମୂଳମନ୍ତ୍ର ହୋଇଥିବାରୁ ଏ କ୍ଷେତ୍ରରେ ଓଡ଼ିଶା ସ୍ୱତନ୍ତ୍ର ସ୍ଥାନରେ ରହିଛି। ଏହାପଛରେ ଶିଳ୍ପସମୃଦ୍ଧ ଗୁଜୁରାଟ ଓ ମହାରାଷ୍ଟ୍ର ରହିଛନ୍ତି ସତ, ହେଲେ ବିତ୍ତୀୟ ନିଅଣ୍ଟ ପରିଚାଳନା କ୍ଷେତ୍ରରେ ଓଡ଼ିଶାଠାରୁ ବହୁ ପଛରେ।

ବିକଶିତ ରାଷ୍ଟ୍ରର ସ୍ୱପ୍ନ ଦେଖୁଥିବା ଭାରତ ମୁଣ୍ଡ ପିଛା ଋଣ ଭାର ହ୍ରାସ କରିବା ପାଇଁ ବହୁବିଧ ପଦକ୍ଷେପ ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁତ୍ୱ ଦେଇଛନ୍ତି। ଟିକସ୍ ସଂଗ୍ରହ ପରିସର ବୃଦ୍ଧି ମାଧ୍ୟମରେ ପୁଞ୍ଜି ସଂରକ୍ଷଣ ବଢ଼ାଇବା, ସାଧାରଣ ବ୍ୟୟ ବ୍ୟବସ୍ଥାକୁ ଅଧିକ ଉତ୍ପାଦନ ଭିତ୍ତିକ କରାଇବା, ବିତ୍ତୀୟ ନିଅଣ୍ଟକୁ ନିମ୍ନଗାମୀ କରାଇବା ଓ ସର୍ବୋପରି ଦେଶର ଉତ୍ପାଦନ ଦକ୍ଷତାକୁ ଊର୍ଦ୍ଧ୍ୱଗାମୀ କରିବା ଆଦି ପଦକ୍ଷେପ ଋଣଭାର ବୃଦ୍ଧିକୁ ସୁନିୟନ୍ତ୍ରିତ କରିପାରିବ - ଏଥିରେ ସନ୍ଦେହ ନାହିଁ ବୋଲି ଅର୍ଥମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ଦେଖିବାକୁ ଗଲେ ନିମ୍ନ ସୁଧହାର ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଟିକସ ରାଜସ୍ୱ ବୃଦ୍ଧି ଦିଗରେ ବିଶେଷ ସହାୟକ ହୋଇପାରିବ। ଋଣ ପରିଶୋଧ କ୍ଷମତାରେ ବ୍ୟାପକ ପରିବର୍ତ୍ତନ ଏବଂ ଏ କ୍ଷେତ୍ରରେ ସୁପରିଚାଳନା ଦେଶର ଋଣ ଭାର ହ୍ରାସ କ୍ଷେତ୍ରରେ ସଫଳ ହେବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି। ●

# ଅଗ୍ନିତତ୍ତ୍ୱର ଆଧ୍ୟାତ୍ମିକ ଓ ବୈଜ୍ଞାନିକ ଆଧାର



ଡ.ଇଂ.ସଞ୍ଜୟ କୁମାର ପଣ୍ଡା
ବୌଦ୍ଧ, ମୋ: ୯୪୩୭୦୭୯୦୯୯

ପ୍ରାଚୀନକାଳରୁ ଜୀବସତ୍ତା ସହ ଅଗ୍ନିର ସମ୍ବନ୍ଧ ଏକ ଓ ଅଭିନ୍ନ। ପ୍ରସ୍ତର ଯୁଗରେ ମନୁଷ୍ୟର ଅରଣ୍ୟ ସଭ୍ୟତା ଅଗ୍ନି ସହ ସହାବସ୍ଥାନ ହେତୁ ପରିପୁଷ୍ଟ ଓ କ୍ରମଃବିବର୍ଦ୍ଧିତ। ସଭ୍ୟତାର ବିକାଶ ସହିତ ଅଗ୍ନିର ବ୍ୟବହାର ମଣିଷ ଜୀବନକୁ ସହଜ ଓ ଉପଭୋଗ୍ୟ କଲା। ଆଦିବାସୀ ସଭ୍ୟତାରେ ନିଜକୁ ଅଭୟ ରଖିବା ଲକ୍ଷ୍ୟରେ ମାନବ ପଞ୍ଚଭୂତକୁ ପୂଜା କରିବା ଆରମ୍ଭ କଲା।

ଜଳ ସଦୃଶ୍ୟ ଅଗ୍ନିର ବିଶୋଧନ ଗୁଣାବଳୀ ଏ ସମାଜକୁ ନିତ୍ୟ ନୂତନ ଜୀବନ ପ୍ରଦାନ କରୁଛି। ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ପ୍ରଥମେ ଜଳରୁ ସୃଷ୍ଟି ହୋଇଥିବା ବୈଦିକ ବର୍ଣ୍ଣନା ଥିବାବେଳେ ଉଭୟ ଜଳ ଓ ଅଗ୍ନି ପରସ୍ପରର ପରିପୂରକ ହେବା ନିଶ୍ଚିତ। ଜଳରୁ ଅଗ୍ନିର ଓ ଅଗ୍ନିରୁ ଜଳର ସୃଷ୍ଟି ସିଦ୍ଧାନ୍ତ ବୈଦିକ ସଂହିତାର ଉପଜୀବ୍ୟ ଥିବା ବେଳେ ଏହାର ପ୍ରମାଣ ମଧ୍ୟ ବିଜ୍ଞାନରେ ଯଥେଷ୍ଟ ଉପଲବ୍ଧ। ଜଳକୁ ସ୍ଫୁଟନାଙ୍କଠାରୁ ଯଥେଷ୍ଟ ଅଧିକ ଗରମ କଲେ ଜଳରେ ଥିବା ଉଦ୍‌ଯାନ ଓ ଅମ୍ଳଜାନର ବିଭାଜୀକରଣ ହୋଇଥାଏ। ଏହି ଦୁଇ ରାସାୟନିକ ପଦାର୍ଥ ଜ୍ୱଳନଶୀଳ ଥିବାରୁ ବାୟୁଚାପ ସଂସ୍ପର୍ଶରେ ଆସି ବିସ୍ଫୋରଣ ସୃଷ୍ଟି କରନ୍ତି, ଯାହାକି ପରମାଣୁ ରିଆକ୍ଟର କେନ୍ଦ୍ରରେ ଦେଖାଯିବାର ସମ୍ଭାବନା ଯଥେଷ୍ଟ। ଚେର୍ଣ୍ଣୋବିଲ ଓ ଫୁକୁସିମା ପରମାଣୁ ରିଆକ୍ଟର ବିସ୍ଫୋରଣ ଏହାର ସଦ୍ୟ ଉଦାହରଣ। ଦ୍ରବ୍ୟ, ଧାତୁ, ଶରୀର, ପୃଥିବୀର ରସାୟନ ପଦାର୍ଥ ଓ ଅନ୍ୟ ଉପାଦାନର ବିଶୋଧନ ରୂପେ ଅଗ୍ନି ପରିଚିତ।

ବୈଜ୍ଞାନିକ ମତବାଦ ଅନୁସାରେ ପ୍ରାୟ ୪୭୦୦ ଲକ୍ଷ ବର୍ଷ ପୂର୍ବରୁ ମଧ୍ୟଯୁଗରେ ଅଗ୍ନିର ଉପସ୍ଥିତି ଜ୍ଞାତ ହେଲା। ଏହି ଯୁଗରେ ଭୂପୃଷ୍ଠର ବୃକ୍ଷରାଜି ଦ୍ୱାରା ନିର୍ଗତ ଅମ୍ଳଜାନ ବାୟୁମଣ୍ଡଳରେ ଗଚ୍ଛିତ ହେବାକୁ ଲାଗିଲା। ଏହା ଯେତେବେଳେ କ୍ରମଶଃ ବୃଦ୍ଧି ପାଇ ବାୟୁମଣ୍ଡଳର ସଂକେନ୍ଦ୍ରଣ ୧୩%କୁ ବୃଦ୍ଧି ପାଇଲା, ସେତେବେଳେ ଅରଣ୍ୟ ଅଗ୍ନିର ସୃଷ୍ଟି ହେଲା, ଯାହାକି ୪୨୦୦ଲକ୍ଷ ବର୍ଷ ପୂର୍ବେ ବୋଲି ଜୀବାଶ୍ମ ଗବେଷଣାରୁ ଜଣାପଡ଼ିଲା। ଏହା ସହ ୬୦ ରୁ ୭୦ ଲକ୍ଷ ବର୍ଷ ପୂର୍ବେ ଘାସର ପ୍ରଚୁର ଉପସ୍ଥିତି ହେତୁ ଅମ୍ଳଜାନ ବିକିରଣର ମାତ୍ରା ବୃଦ୍ଧି ହେବା ସହ ପରିବେଶକୁ ପ୍ରଭାବିତ କରିଥିଲା। ଏହି ଘାସ ମଧ୍ୟ ଅତ୍ୟଧିକ ଅଗ୍ନି ସୃଷ୍ଟିର କାରଣ ହୋଇଥିଲା। ଏହି ଅଗ୍ନିର ମାନବୀୟ ବ୍ୟବହାର ୧୦ଲକ୍ଷ ବର୍ଷ ପୂର୍ବେ ଆରମ୍ଭ ହୋଇ ଖାଦ୍ୟ ପ୍ରସ୍ତୁତିକରଣ ହେଲା। ଖାଦ୍ୟ ପ୍ରସ୍ତୁତି ସହ ଶକ୍ତି ଓ ଆଲୋକର ଉଦ୍ଭାବନରେ ଅଗ୍ନି ସହାୟକ ହେଲା। ଶୀତରୁ ରକ୍ଷା ପାଇବାରେ ମଧ୍ୟ ବ୍ୟବହୃତ ହେଲା।

ଅଗ୍ନି ବ୍ୟବହାର ବୃଦ୍ଧି ପାଇବାରୁ ମାନବ ସଭ୍ୟତା ବିକାଶ ହେବା ସହ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିଲା। ପୁନଶ୍ଚ ଶିଳ୍ପ, ଯୁଦ୍ଧ, ଯାନ୍ତ୍ରିକ ଯାନ, ଘରୋଇ ବ୍ୟବହାର, ପରମାଣୁ କେନ୍ଦ୍ର ଆଦିରେ ଅଗ୍ନିର ବ୍ୟବହାର ମାନବ ସଭ୍ୟତାକୁ ଯେତେ ବିକଶିତ କଲା, ଏହାର ଦୁର୍ବ୍ୟବହାର ବିନାଶ ଦିଗକୁ ମଧ୍ୟ ଆମନ୍ତ୍ରଣ କଲା। ଏ ସବୁରୁ ରକ୍ଷା ପାଇବା ପାଇଁ ଅଗ୍ନି ପରି ସମସ୍ତ ପଞ୍ଚଭୂତର ସନ୍ତୁଳିତ ବ୍ୟବହାର ନିତାନ୍ତ ଆବଶ୍ୟକ। କୌଣସି ଅଞ୍ଚଳରେ ଜଙ୍ଗଲ କାଟି ମରୁଭୂମିରେ ଜଙ୍ଗଲ ସୃଷ୍ଟି କଲେ ଜଳବାୟୁ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଋତୁଚକ୍ର ପ୍ରଭାବିତ ହେଲେ କେଉଁଠି ହିମାଚଳ ସୃଷ୍ଟି ହେବ ତ କେଉଁଠି ହିମ ତରଳି ଯିବ। ଗ୍ରୀଷ୍ମ ଓ ବର୍ଷାର ପ୍ରଭାବ ମଧ୍ୟ ବଦଳି ଯିବ। ଅତଏବ ଭୂତତ୍ତ୍ୱ ସର୍ବଦା ସନ୍ତୁଳିତ ହେବା ବିଧେୟ।

ଧର୍ମୀୟ ଧାରା ସିଦ୍ଧାନ୍ତ ଅନୁସାରେ ଅଗ୍ନିର ଯଥେଷ୍ଟ ଗୁରୁତ୍ୱ ଦେବତା ମାନ୍ୟତା ଭାବେ ରହିଛି। ପୌରାଣିକ ତଥ୍ୟ ଅନୁସାରେ ପ୍ରଜାପିତା ବ୍ରହ୍ମାଙ୍କ ସନ୍ତାନ ଅଟନ୍ତି ଅଗ୍ନି ଓ ତାଙ୍କର ଜମଜ ଭ୍ରାତା ହେଉଛନ୍ତି ଇନ୍ଦ୍ର ଓ ଭଗ୍ନୀ ଅଟନ୍ତି ଲୁନା। ସ୍ୱାହା ତାଙ୍କର ସ୍ତ୍ରୀ ଥିବା ବେଳେ ତିନିପୁତ୍ର ପାବକ, ପବମାନକ ଓ ସୂଚି। ଅଗ୍ନିଙ୍କର ୪୫ଜଣ ପୌତ୍ର ଥିବା ବେଳେ ଏ ସମସ୍ତଙ୍କ ନାମ ଅଗ୍ନିଙ୍କ ବିଭିନ୍ନ ବ୍ୟବହାରିକ ନାମ ସହ ସଂଯୋଜିତ। ଅଗ୍ନି ପ୍ରଜାପତି ବ୍ରହ୍ମାଙ୍କ କପାଳରୁ ଜନ୍ମିତ ହୋଇଥିଲେ।ଅଗ୍ନିଙ୍କୁ ସାତଜିହ୍ୱା, ତିନିପାଦ, ଚତୁଃସିଂଘ, ସପ୍ତହସ୍ତ ଓ ଦ୍ୱିମସ୍ତକ ଯୁକ୍ତ ଦେବତା ରୂପେ ବିବେଚନା କରାଯିବା ସହ ମେଷ କିମ୍ବା ଅଶ୍ୱ ତାଙ୍କର ବାହନ ହୋଇଥା'ନ୍ତି। ଅଗ୍ନିଙ୍କ ଏକ ମସ୍ତକ ଅମରତ୍ୱ ଓ ଅନ୍ୟ ଏକ ମସ୍ତକ ସାମାନ୍ୟ ଜୀବନର ସଙ୍କେତ ବହନ କରୁଥାଏ। ଏହା ଇନ୍ଦ୍ର ଓ ବରୁଣ, ଭଗବାନ ଓ ମାନବ ଏବଂ ଆକାଶ ଓ ପୃଥିବୀ ସହ ସଂଯୋଗକୁ ପ୍ରତୀକ ରୂପେ ବର୍ଣ୍ଣିତ। ସାତ ଜିହ୍ୱା ଯଜ୍ଞରେ ଘୃତ ଓ ସମର୍ପିତ ପବିତ୍ର ଶାକଲ୍ୟ ବସ୍ତୁ ଗ୍ରହଣ ପାଇଁ ନିୟୋଜିତ ଏବଂ ସାତହସ୍ତ ସପ୍ତଅଗ୍ନି ସ୍ୱରୂପ ଅଟନ୍ତି।

ଅଗ୍ନିଙ୍କ ତିନୋଟି ଜନ୍ମ ପୌରାଣିକ ବର୍ଣ୍ଣନାରେ ରହିଛି। ପ୍ରଥମ ଜନ୍ମ ଆକାଶରେ ବିଜୁଳି ଭାବେ, ଦ୍ୱିତୀୟ ଜନ୍ମ ପୃଥିବୀରେ ଜାତବେଦ ଭାବେ ଓ ତୃତୀୟ ଜନ୍ମ ଜଳଭାବରେ ହୋଇଛି। ଜାତବେଦଙ୍କୁ ଯଜ୍ଞକାର୍ଯ୍ୟରେ ପୂଜା କରାଯାଏ। ଏହା ସହିତ ସୂର୍ଯ୍ୟ କିରଣରୁ ଯବକାଚ ମାଧ୍ୟମରେ କିମ୍ବା କାଷ୍ଠ ଘର୍ଷଣରେ ଅଗ୍ନିଜାତ କରାଯାଇ ଏକ କୁଶକୁ ଜଳାଇ ହୋମକୁଣ୍ଡ ଚତୁଃପାର୍ଶ୍ୱରେ ପ୍ରଦକ୍ଷିଣ କରାଯାଇ ଜଳ ସିଞ୍ଚନ କରାଯାଇ କ୍ରବ୍ୟାଦ ଅଗ୍ନିଙ୍କୁ ପୂଜା କରାଯାଏ। କ୍ରବ୍ୟାଦ ଅଗ୍ନିଙ୍କ ବ୍ୟବହାର ଶ୍ମଶାନରେ ଓ ପିତୃଯଜ୍ଞରେ ବ୍ୟବହାର କରାଯାଏ।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଏକ ଯଜ୍ଞରେ ଅଗ୍ନି, ସପ୍ତର୍ଷି ଓ ସପ୍ତର୍ଷିଙ୍କ ସହଧର୍ମିଣୀମାନେ ଯୋଗ ଦେଇଥିଲେ। ପୂର୍ବରୁ ଦକ୍ଷରାଜାଙ୍କ କନ୍ୟା ସ୍ୱାହା ଅଗ୍ନିଙ୍କୁ ପାଇବା ଆଶାରେ ଛଦ୍ମବେଶରେ ଅଙ୍ଗିରାଙ୍କ ସ୍ତ୍ରୀ ଭାବେ ଆସିଥିଲେ ଓ ରୂପରେ ଅଗ୍ନିଙ୍କୁ ବିମୋହିତ କରିଥିଲେ। ଏହାପରେ ଅଗ୍ନି ଦେବତା ସ୍ୱାହାଙ୍କୁ ବିବାହ କଲେ। ଯଜ୍ଞରେ ସ୍ୱାହା ଶବ୍ଦ ଉଚ୍ଚାରଣ ନ କଲେ ଅଗ୍ନି କୌଣସି ଯାଚନା କରିବେ ନାହିଁ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅନ୍ୟ ଏକ ପୌରାଣିକ ତଥ୍ୟ ଅନୁଯାୟୀ ଭୃଗୁ ଋଷିଙ୍କୁ ଅପମାନିତ କରିବାରୁ ଅଗ୍ନିଙ୍କୁ ସର୍ବଦା କ୍ଷୁଧାସକ୍ତ ହେବା ସହ ଭକ୍ଷ, ଅଭକ୍ଷ ଗ୍ରହଣ କରିବାର ଅଭିଶାପ ଦେଲେ ଭୃଗୁ ଋଷି। କିନ୍ତୁ ବ୍ରହ୍ମାଙ୍କ ଦୟାରୁ କେବଳ ପବିତ୍ର ଦ୍ରବ୍ୟ ଅଗ୍ନି ଗ୍ରହଣ କରିବାର ସୌଭାଗ୍ୟ ପ୍ରାପ୍ତି ହେଲେ। ଏହିପରି ଅନେକ ପୌରାଣିକ ତଥ୍ୟ ଅଗ୍ନିଙ୍କ ଆବିର୍ଭାବର ବର୍ଣ୍ଣନା କରିଛି। ପବିତ୍ର ଶିବରାତ୍ରିରେ ଅଗ୍ନିସ୍ତମ୍ଭ ଭାବରେ ଶିବ ଉଭା ହୋଇଥିବାରୁ ଅଗ୍ନିଙ୍କୁ ଶିବଙ୍କ ରୂପ କୁହାଯାଏ। ଜଳକୁ ଯୋନି ବା ଶକ୍ତି ବା ମାତା ପାର୍ବତୀ କୁହାଯାଏ। ଏଣୁ ଜଳ ଓ ଅଗ୍ନିର ସମ୍ବନ୍ଧ ଅନୁମେୟ। ଏଣୁ ଅଗ୍ନିଙ୍କ ଅନ୍ୟନାମ ଶୈବନାମାଗ୍ନି ରୂପେ ଶିବ ଓ ଶକ୍ତି ପୂଜାରେ ହୋମରେ ଆବାହନ କରାଯାଏ। ବିଷ୍ଣୁଙ୍କ ପୂଜା ବୈଷ୍ଣବ ନାମାଗ୍ନି ରୂପେ ପୂଜା ମଧ୍ୟ ହୁଏ।

ଆୟୁର୍ବେଦରେ ମଧ୍ୟ ଅଗ୍ନିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଋଷି ଶକପୁନିଙ୍କ ମତରେ ଅ-ଆଗମନ କରିବା, ଗ୍-ପ୍ରଜ୍ୱଳିତ, ନି-ଅଗ୍ରସିତ ହେବା। ଅର୍ଥାତ୍ ଅଗ୍ନିଦେବତା ଆଗମନ କରି ପ୍ରଜ୍ୱଳିତ ହେବା ସହ ଅଗ୍ରସିତ ହୋଇଥା'ନ୍ତି। ଆଚାର୍ଯ୍ୟ ଶୃତଙ୍କ ମତରେ ଅଗ୍ନି ଓ ପିତ୍ତ ସମାନ ଅଟେ। ଆୟୁର୍ବେଦରେ ଅଗ୍ନି ଖାଦ୍ୟ ହଜମ ଓ ଶାରୀରିକ ଶକ୍ତି ପ୍ରଦାନରେ ସହାୟକ ହୁଏ। ଏହାକୁ ଜଠରାଗ୍ନି ମଧ୍ୟ କୁହାଯାଏ। ଏଣୁ ଚରକଙ୍କ ମତରେ ଅଗ୍ନି ଜୀବନର ମୂଳ ଅଟେ। ଅଗ୍ନିଙ୍କ ଉପସ୍ଥିତିରେ ଶରୀରରେ ଧାତୁ ପରମାଣୁ ସୃଷ୍ଟି ହେଉଥିବାରୁ ଜୈବିକ ଶକ୍ତି ଶରୀରରେ ସୃଷ୍ଟି ହୋଇଥାଏ ଫଳରେ ଶରୀରରେ ପ୍ରାଣ ସଞ୍ଚାର ହୋଇଥାଏ। ଅତଏବ ଅଗ୍ନି ନିଜ ଭିତରେ ସବୁଧାରଣ କରି ସର୍ବତ୍ର ବିରାଜମାନ ହୋଇ ଜାଜ୍ୱଲିତ ହୋଇଥାଏ। ଆୟୁର୍ବେଦ ମତରେ ଜଠରାଗ୍ନି (ପାକଅଗ୍ନି), ଭୂତାଗ୍ନି (ପଞ୍ଚଭୂତ ଅଗ୍ନି) ଓ ଧାତ୍ୱାଗ୍ନି (ସାତ ଧାତୁରେ ସାତ ଅଗ୍ନି) ରହିଛି। ଭୂତାଗ୍ନି ନାମ କରଣରୁ ଏହା ସ୍ୱଷ୍ଟ ଯେ ପଞ୍ଚଭୂତ ମଧ୍ୟ ଅଗ୍ନି ଅଟନ୍ତି। ଆମ ଶରୀର କୋଷରେ ପଞ୍ଚମହାଭୁତ ରହିଛି। ଜଠରାଗ୍ନିରେ ଚାରି ପ୍ରକାର ଯଥା - ବିଶମାଗ୍ନି, ତୀକ୍ଷଣାଗ୍ନି, ମନ୍ଦାଗ୍ନି ଓ ସାମାଗ୍ନି ରହିଛି। ସେହିପରି ଧାତ୍ୱାଗ୍ନିରେ ସାତ ପ୍ରକାର ଯଥା - ରସାଗ୍ନି, ରକ୍ତାଗ୍ନି, ମାଂସାଗ୍ନି, ମେଦାଗ୍ନି, ଅସ୍ଥ୍ୟାଗ୍ନି, ମଜ୍ଜାଗ୍ନି, ଶୁକ୍ରାଗ୍ନି ରହିଥାଏ।

ପୌରାଣିକ ତଥ୍ୟ ଅନୁଯାୟୀ ଅଗ୍ନି ଜନ୍ମ ସମୟରେ ବରୁଣ ଓ ପ୍ରଜ୍ୱଳିତ ହେବା ସମୟରେ ମିତ୍ର ରୂପେ ଆବିର୍ଭାବ ହେଲେ। ତେଣୁ ଅଗ୍ନିଙ୍କୁ ସନ୍ଧ୍ୟା ସମୟରେ ବରୁଣ ଓ ପ୍ରାତଃ କାଳରେ ମିତ୍ର ରୂପେ ପୂଜା କରାଯାଏ। ଅଗ୍ନି ଇନ୍ଦ୍ରଙ୍କ ସହୋଦର ହୋଇଥିବାରୁ ଓ ଇନ୍ଦ୍ର ଜଳ ଦେବତା ହୋଇଥିବାରୁ ଜଳ ଓ ଅଗ୍ନିଙ୍କ ସମ୍ପର୍କ ସହଜେ ଅନୁମେୟ। ଅଥର୍ବ ବେଦର ଅନୁଚ୍ଛେଦ ୧୩.୩ ରେ ବର୍ଣ୍ଣିତ ଅଛି ଯେ ଯଦି ଅଗ୍ନି ଆକାଶରେ ପ୍ରଜ୍ୱଳିତ ହୁଅନ୍ତି (ବିଜୁଳି) ତାହାହେଲେ ତାଙ୍କୁ ଇନ୍ଦ୍ର କୁହାଯାଏ। ଅଗ୍ନିଙ୍କୁ ମଧ୍ୟ ବିଶ୍ୱବେଦାଃ ରୂପେ ବର୍ଣ୍ଣନା କରାଯାଏ, ଯାହାକି ଇନ୍ଦ୍ର ଓ ଅଗ୍ନିଙ୍କ ସମଷ୍ଟି। ବାୟୁ ଓ ସୋମ (ଜଳ) କୁ ମଧ୍ୟ ଅଗ୍ନି ରୂପେ ପୂଜା କରାଯାଏ।

ଅଗ୍ନି ଦେବତାଙ୍କୁ ସୁଖ, ସମୃଦ୍ଧି, ଶାନ୍ତି, ସ୍ୱାସ୍ଥ୍ୟର ପ୍ରତୀକ ରୂପେ ବିବେଚନା କରାଯାଇ ଅଗ୍ନି ଗାୟତ୍ରୀ ମନ୍ତ୍ରରେ ପୂଜା କରାଯାଏ। ଅଗ୍ନି ଦୟା ଓ ପବିତ୍ରତାର ଦେବତା ହୋଇଥିବାରୁ ଅଗ୍ନି ଗାୟତ୍ରୀ ମନ୍ତ୍ର ପୂଜନରେ ଅପୂର୍ବ ବର ପ୍ରାପ୍ତ କରିଥା'ନ୍ତି। ମାଘ ମାସରେ ଶିବରାତ୍ରିରେ ଏକ ଅଗ୍ନି ସ୍ତମ୍ଭର ଆବିର୍ଭାବକୁ ପୂଜା କରାଯାଇଥାଏ। ପୁନଶ୍ଚ ଶିବ ବିଷପାନ କରିଥିବାରୁ ତାଙ୍କୁ ଦୁଗ୍ଧ, ଜଳ, ଘୃତ, ମହୁ, ଆଖୁରସ ଆଦିରେ ଅଭିଷେକ କରାଯାଏ। ଫାଲଗୁନ ମାସରେ ହୋଲିକା ଦହନ, କାମନା ଦହନ ପର୍ବ ସହ ରଙ୍ଗଖେଳ ଜଳ ଓ ଅଗ୍ନିର ସଂଯୋଗକୁ ସୂଚୀତ କରୁଛି।

ବୈଶାଖମାସରେ ଓଡ଼ିଶାର ପୁରପଲ୍ଲୀରେ ଶୈବ ସଂସ୍କୃତି ଆଧାରରେ ଦଣ୍ଡଯାତ୍ରା ପାଳନ କରାଯାଏ। ପାଣିଦଣ୍ଡ, ଧୂଳିଦଣ୍ଡ, ଅଗ୍ନିଦଣ୍ଡର ପାରମ୍ପରିକତାର ବୈଶିଷ୍ଟ୍ୟ ଅନୁଶୀଳନ ଯୋଗ୍ୟ। ପଣା ସଂକ୍ରାନ୍ତି ଦିନ ଝାମୁଯାତ୍ରା, ଅଗ୍ନିକୁଣ୍ଡ ଉପରେ ପାଟଦଣ୍ଡୁଆ, ପାଟଭୁକ୍ତା କିମ୍ବା ମୁଖ୍ୟ ଦଣ୍ଡୁଆକୁ ଓଲଟା ଝୁଲାଇବା ଓ ନାକର ରକ୍ତଟୋପା ଅଗ୍ନିକୁଣ୍ଡରେ ପଡ଼ିବା ପର୍ଯ୍ୟନ୍ତ ଏପରି ରଖିବା, ଝୁଣାଖେଳ ନିଆଁରଡରେ ଚାଲିବା ଆଦି ଅଗ୍ନିଦେବତା ବୈଶିଷ୍ଟ୍ୟ ପ୍ରତିପାଦିତ କରିବା ସହ ପଣାର ସମର୍ପଣ ଓ ଆମୋଦିତ କ୍ରିୟା ଅତ୍ୟନ୍ତ ଆହ୍ଲାଦନା ସୃଷ୍ଟି କରିଥାଏ।

ହିନ୍ଦୁଧର୍ମ ହେଉଛି ବୈଜ୍ଞାନିକ ଧର୍ମ। ଯାହା ପୂର୍ବରୁ ବେଦ, ଉପନିଷଦରେ ବର୍ଣ୍ଣିତ ଆଜି ବିଜ୍ଞାନର ଗବେଷଣାର ଆଧାର। ପଞ୍ଚଭୂତ ହିଁ ଉଭୟଙ୍କ ମୂଳପିଣ୍ଡ। ପଞ୍ଚଭୂତର ସଠିକ୍ ଉପଯୋଗ ଧର୍ମୀୟ ଭାବନା ଜାଗ୍ରତ କରିବା ସହ ବୈଜ୍ଞାନିକ ବିକାଶର ମୂଳମନ୍ତ୍ର ହେବ, ଏହା କାମ୍ୟ। ଧର୍ମର ଜୟ ହେଉ, ବିକାଶରେ ଲୟ ହେଉ, ମାନବିକତା ଧ୍ୟେୟ ହେଉ। ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାରିପଦାରେ ପାରଦ...

ପାଲଟିଛି । ବଡ଼ କଥା ହେଉଛି ଯେ ବାରିପଦାରେ ଆଜି ତାପମାତ୍ରା ସ୍ୱାଭାବିକ ତୁଳନାରେ ୭.୩ ଡିଗ୍ରୀ ଅଧିକ ରହିଛି । ଏଭଳି ତାତିରୁ ବର୍ତ୍ତମାନ ପରିସ୍ଥିତିରେ ଆଶ୍ୱସ୍ତି ମିଳିବାର କୌଣସି ସୁରାକ ମିଳୁ ନ ଥିବା ବେଳେ ମଙ୍ଗଳବାର ଓ ବୁଧବାର ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ସତର୍କ କରାଇଛି ।

ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଆସନ୍ତା ୫ ଦିନ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବ । ଏଥିପାଇଁ ଦିନ ୧୧ଟାରୁ ୩ଟା ମଧ୍ୟରେ ବାହାରକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି । ବିଶେଷକରି ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ଅନୁଗୁଳ ଓ କଟକ ଜିଲ୍ଲାରେ ମଙ୍ଗଳବାର ଭୀଷଣ ଗ୍ରୀଷ୍ମ ଲହରୀର ଆଶଙ୍କା ରହିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ କିଛି ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଟପିବା ସହ ଅନେକ ସ୍ଥାନରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବାର ଆଶଙ୍କା ରହିଛି । ଯାହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି । ସେହିପରି ସମ୍ବଲପୁର, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ବଲାଙ୍ଗିର, ସୋନପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ନବରଙ୍ଗପୁର, ଦେବଗଡ଼, ନୂଆପଡ଼ା, ସୁନ୍ଦରଗଡ଼, ରାୟଗଡ଼ା ଓ ଝାରସୁଗୁଡ଼ାରେ ଗ୍ରୀଷ୍ମ ପ୍ରବାହ ପାଇଁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମଙ୍ଗଳବାର ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା ଓ ଢେଙ୍କାନାଳରେ ତାପମାତ୍ରା ଆହୁରି ୨ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି । ଏହାଦ୍ୱାରା ରାଜ୍ୟରେ ସବୁଠାରୁ ଅଧିକ ଉତ୍ତପ୍ତ ରହିବାର ସମ୍ଭାବନା ରହିଛି । ମେ' ୧ରେ ଏହି ସବୁ ଜିଲ୍ଲାରେ ତାତି ରହିବା ବେଳେ ଗଞ୍ଜାମ, ନୟାଗଡ଼, ଗଜପତି, ଅନୁଗୁଳ ଓ ବୌଦ୍ଧରେ ପ୍ରାୟ ୧ରୁ ୨ଡିଗ୍ରୀ ବଢ଼ିପାରେ । ସେହିପରି ୨ ଗୁରୁବାର ରାଜ୍ୟର କେତେକ ସ୍ଥାନରେ (ଭୁବନେଶ୍ୱର ସମେତ) ତାପମାତ୍ରା କମିପାରେ । ମଙ୍ଗଳବାରରେ ଦକ୍ଷିଣ ଉପକୂଳରେ କିଛି ବର୍ଷା ବା ମେଘୁଆ ପାଗ ହେତୁ ତାପମାତ୍ରା ବୃଦ୍ଧି ହୋଇ ନ ପାରେ । ଭୁବନେଶ୍ୱର ସମେତ ଅନୁଗୁଳ, ତାଳଚେର, ବାରିପଦା, ଝାରସୁଗୁଡ଼ା ଓ ବୌଦ୍ଧ ମଙ୍ଗଳବାର ଏବଂ ବୁଧବାର ତାପମାତ୍ରା ୪୪ରୁ ୪୬ ଡିଗ୍ରୀ ରହିବାର ସମ୍ଭାବନା ରହିଛି । ତେବେ ଭୁବନେଶ୍ୱରରେ ମେ ୨ତାରିଖରୁ ଓ ଖୁବ୍‌ସମ୍ଭବତଃ ୪ ତାରିଖରୁ ତାପମାତ୍ରା କ୍ରମଶଃ କମିବାର ସମ୍ଭାବନା ରହିଛି । ଉପକୂଳ ଓ ସଂଲଗ୍ନ ଅଞ୍ଚଳ ବ୍ୟତୀତ ରାଜ୍ୟର ବାକି ସବୁ ଅଞ୍ଚଳରେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ତାପମାତ୍ରା କମିବାର ସମ୍ଭାବନା ନାହିଁ । ବଙ୍ଗ ପଶ୍ଚିମ ଓ ଦକ୍ଷିଣ ଆଭ୍ୟନ୍ତରୀଣରେ ଏହା କ୍ରମଶଃ ବଢ଼ିବ, ଅନକ ସ୍ଥାନରେ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

## 'ଅସ୍ମିତା' ଛଳନା...

ପରବର୍ତ୍ତୀ ସମୟରେ ଯେତିକି ଅର୍ଥ ଦେଇଛନ୍ତି ତାହା ଅତ୍ୟନ୍ତ ନଗଣ୍ୟ ।

ସଂସଦରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୨୦୧୯-୨୦ରୁ ୨୦୨୨-୨୩ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଆ ଭାଷା ପାଇଁ ମୋଟ ୨.୪୩ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । ମାତ୍ର ଏହି ସମୟରେ ଅନ୍ୟ ଶାସ୍ତ୍ରୀୟ ଭାଷା ତାମିଲକୁ ୪୩ କୋଟି, ତେଲୁଗୁକୁ ୫.୨୮ କୋଟି କନ୍ନଡକୁ ୪.୯୩ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଆ ଭାଷାକୁ ଯେଉଁ ଅନୁଦାନ ମିଳିଛି, ତାହା ଅନ୍ୟ ଶାସ୍ତ୍ରୀୟ ଭାଷା ତୁଳନାରେ ସର୍ବନିମ୍ନ । ଏହା ସତ୍ତ୍ୱେ ଓଡ଼ିଆ ଭାଷା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଓଡ଼ିଶାର ୮ ଜଣ ସାଂସଦଙ୍କ ମଧ୍ୟରୁ ଜଣେ ମଧ୍ୟ ଏହାକୁ ନେଇ ସଂସଦରେ ପ୍ରତିବାଦ କରିନାହାନ୍ତି କିମ୍ବା ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ନିକଟରେ ଓଡ଼ିଆ ଭାଷାର ବିକାଶ ନିମନ୍ତେ ଅଧିକ ଅନୁଦାନ ପ୍ରଦାନ କରିବାକୁ ଦାବି କରି ନାହାନ୍ତି । ଓଡ଼ିଆ ଭାଷା ଓ ଅସ୍ମିତା କହୁଥିବା ଓଡ଼ିଆ କେନ୍ଦ୍ରମନ୍ତ୍ରୀ ମଧ୍ୟ ଏଥିନେଇ ଥରଟିଏ ମୁହଁ ଖୋଲି ନାହାନ୍ତି ।

ଓଡ଼ିଶା ଗସ୍ତ ସମୟରେ ବିଜେପିର କେନ୍ଦ୍ରୀୟ ନେତାମାନେ ଓଡ଼ିଆରେ ଭାଷଣ ଆରମ୍ଭ କରି ଓଡ଼ିଶାର ଲୋକଙ୍କ ମନ ଜିଣିବାକୁ ଚେଷ୍ଟା କରୁଛନ୍ତି । କଥା କଥାକେ ଓଡ଼ିଆ ଭାଷା ଓ ଅସ୍ମିତା କଥା ଉଠାଉଛନ୍ତି । ବିଡ଼ମ୍ବନା ହେଉଛି, ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସମୟରେ ଓଡ଼ିଆ ଭାଷା ସର୍ବକାଳୀନ ପ୍ରତାରଣାର ଶିକାର ହୋଇଛି । ଶାସ୍ତ୍ରୀୟ ଭାଷା ଭାବରେ ଓଡ଼ିଆ କେନ୍ଦ୍ର ସରକାରଙ୍କ ଠାରୁ ଗୁରୁତ୍ୱ ପାଇବା ବଦଳରେ ଉପେକ୍ଷାର ଶିକାର ହୋଇଛି । ଏପରିକି ୨୦୨୦ ଫେବୃଆରୀ ମାସରେ ତତ୍‌କାଳୀନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଉତ୍କର୍ଷ ସ୍ଥାପନ ନିମନ୍ତେ ବିଚାର କରାଯାଉଥିବା ସଂସଦରେ ଦେଇଥିବା ଉତ୍ତର ଏବେ ବି ସେହି 'ବିଚାର' ମଧ୍ୟରେ ଅଟକି ଯାଇଛି । ନା ଓଡ଼ିଆ ଭାଷାକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ନା ଶାସ୍ତ୍ରୀୟ ଓଡ଼ିଆ ଭାଷାର ଉତ୍କର୍ଷ କେନ୍ଦ୍ର ସ୍ଥାପନ ହୋଇପାରିଛି; ଯାହାକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଗତବର୍ଷ ଓଡ଼ିଆ ଭାଷା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ପ୍ରସଙ୍ଗରେ ରାଜ୍ୟସଭାରେ ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ ତୀବ୍ର ସମାଲୋଚନା କରିଥିଲେ ଓ ଓଡ଼ିଆ ଭାଷା ନିମନ୍ତେ ଅନୁଦାନ ବୃଦ୍ଧି ନିମନ୍ତେ ଦାବି କରିଥିଲେ । ସେହିପରି ଶ୍ରୀ ମଙ୍ଗରାଜ ଟ୍ୱିଟ୍ କରି କେନ୍ଦ୍ର ସରକାରଙ୍କ ଏହି ଅବହେଳାକୁ କଟୁ ସମାଲୋଚନା କରିଥିଲେ । ଭାରତର ୬ଟି ଶାସ୍ତ୍ରୀୟ ଭାଷା ମଧ୍ୟରୁ ଓଡ଼ିଆ ଅନ୍ୟତମ । ଏପରିକି ହିନ୍ଦୀ ଓ ବଙ୍ଗଳା ଭାଷାକୁ ମଧ୍ୟ ଏହି ମାନ୍ୟତା ମିଳିନାହିଁ । ମାତ୍ର ଦୁର୍ଭାଗ୍ୟର ହେଉଛି, ଓଡ଼ିଆ ଭାଷାର ଉନ୍ନତି ଲାଗି କେନ୍ଦ୍ର ସରକାର ଆଦୌ ଯତ୍ନବାନ ନୁହନ୍ତି । ୨୦୧୯-୨୦ ବର୍ଷରେ ଓଡ଼ିଆ ଭାଷା ପାଇଁ କେନ୍ଦ୍ରରୁ ଟଙ୍କାଟିଏ ମଧ୍ୟ ମିଳି ନ ଥିବାବେଳେ ପରବର୍ତ୍ତୀ ୩ ବର୍ଷ ହେଲା ନଗଣ୍ୟ ଅନୁଦାନ ମିଳିଛି । ଦେଶର ଅନ୍ୟ ଭାଷାଗୁଡ଼ିକ ତୁଳନାରେ ଓଡ଼ିଆ ଭାଷାକୁ କେନ୍ଦ୍ର ସରକାରଙ୍କ ଏତେ ଅବହେଳା କାହିଁକି? ସଂସ୍କୃତ ଭାଷାକୁ ଏତେ ଅଧିକ ଅନୁଦାନ ଦେଉଥିବା କେନ୍ଦ୍ର ପାଇଁ ଓଡ଼ିଆ ଭାଷା କ'ଣ ସାବତ ପୁଅ ମାନସ ପ୍ରଶ୍ନ କରିଥିଲେ । ସେହିପରି ବିଜେଡିର ତତ୍‌କାଳୀନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ମଧ୍ୟ ଏହି ପ୍ରସଙ୍ଗକୁ ନେଇ କ୍ଷୋଭ ବ୍ୟକ୍ତ କରିଥିଲେ ଓ କେନ୍ଦ୍ରର ବିଜେପି ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଥିଲେ । ଅନ୍ୟପକ୍ଷରେ ଅନ୍ୟ ଶାସ୍ତ୍ରୀୟ ଭାଷାକୁ ଉପେକ୍ଷା କରି କେବଳ ସଂସ୍କୃତ ଭାଷା ବିକାଶ ପାଇଁ ୬୪୦ କୋଟି ଟଙ୍କା ଅନୁଦାନକୁ ନେଇ କଂଗ୍ରେସ ସାଂସଦ ଜୟରାମ ରମେଶ ପ୍ରଶ୍ନ ଉଠାଇ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଥିଲେ । ଜୟରାମଙ୍କ ଏହି ବକ୍ତବ୍ୟକୁ ପୂର୍ବତନ ସାଂସଦ ତଥାଗତ ଶତପଥୀ ସୋସିଆଲ ମିଡିଆରେ ପୋଷ୍ଟ କରି କେନ୍ଦ୍ର ସରକାରଙ୍କ ଓଡ଼ିଆ ବିରୋଧୀ ଆଭିମୁଖ୍ୟକୁ ମଧ୍ୟ ସମାଲୋଚନା କରିଥିଲେ । ଏହା ସତ୍ତ୍ୱେ ରାଜ୍ୟର ବିଜେପି ନେତାମାନେ ଏହି ପ୍ରସଙ୍ଗରେ ତୁଣ୍ଡରେ ତୁଣ୍ଡି ଦେଇ କେନ୍ଦ୍ରର ଓଡ଼ିଆ ବିରୋଧୀ ମାନସିକତାକୁ ନିରବରେ ସହ୍ୟ କରିଥିଲେ । ଏବେ ନିର୍ବାଚନ ସମୟରେ ବିଜେପିର ରାଜ୍ୟ ଓ ଜାତୀୟ ନେତାମାନେ କିପରି ଓଡ଼ିଆ ଭାଷା ଓ ଅସ୍ମିତା ପ୍ରସଙ୍ଗରେ ନିର୍ଲଜ ଭାବରେ ପ୍ରଶ୍ନ କରୁଛନ୍ତି, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଆଜି ନାମାଙ୍କନ...

ଶାସନ ଭାର ଦେବାକୁ ସମସ୍ତେ ଉତ୍ସାହର ସହିତ ସମର୍ଥନ ଜଣାଇବେ ବୋଲି ଆଗଧାଡ଼ିର କର୍ମୀମାନେ କହିଛନ୍ତି । ଏଥିଲାଗି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି ।

ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ମେ' ୨୦ତାରିଖରେ ନିର୍ବାଚନ ହେବ । ଏଥିଲାଗି ୨୬ତାରିଖଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଷଷ୍ଠଥର ପାଇଁ ହିଞ୍ଜିଳି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ନରସିଂହପୁର ଛକଠାରେ ଅବତରଣ କରିବେ । ସେଠାରୁ ସେ ଦକ୍ଷିଣ ଓଡ଼ିଶାର ଆରାଧ୍ୟ ଦେବୀ ମା' ତାରାତାରିଣୀଙ୍କ ମନ୍ଦିର ଅଭିମୁଖେ ଯିବେ । ମା'ଙ୍କ ଆଶିଷ ଭିକ୍ଷା କରି ନାମାଙ୍କନ ଦାଖଲ ନିମନ୍ତେ ଛତ୍ରପୁର ଅଭିମୁଖେ ବାହାରିବେ । ମଧ୍ୟାହ୍ନ ୧୨ଟା ୧୦ସମୟରେ ଛତ୍ରପୁର ସ୍ଥିତ ଅନସ୍ଲୋ ହାଇସ୍କୁଲ ପଡ଼ିଆରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇ ମୁଖ୍ୟମନ୍ତ୍ରୀ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବା ପାଇଁ ପହଞ୍ଚିବେ । ମଧ୍ୟାହ୍ନ ୧୨ଟା ୩୫ ମିନିଟ୍‌ରେ ନାମାଙ୍କନ ପତ୍ର ଦାଖଲ କରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ । ମୁଖ୍ୟମନ୍ତ୍ରୀ ନାମାଙ୍କନ ପତ୍ର ଦାଖଲ ଏବଂ ଗଞ୍ଜାମ ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଛି । ସୁରକ୍ଷା ଦୃଷ୍ଟିରୁ ଗଞ୍ଜାମ ପୁଲିସ ପକ୍ଷରୁ ପୁରୁଷୋତ୍ତମପୁର ଥାନା ଅଧୀନ ନରସିଂହପୁର ଛକଠାରୁ ତାରାତାରାଣୀ ଏବଂ ଛତ୍ରପୁର ଅଞ୍ଚଳରେ ୧୩ ପ୍ଲାଟୁନ୍ ପୁଲିସ ମୁତୟନର ବ୍ୟବସ୍ଥା କରାଯାଇଛି । ସେହିପରି ୩ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୮ଜଣ ଡିଏସ୍‌ପି, ୧୭ ଇନ୍ସପେକ୍ଟର, ୬୨ଜଣ ଏସଆଇ/ସବ୍ ଇନ୍ସପେକ୍ଟର ଏବଂ ୨ଟି ଏସ୍କୋର୍ଟ ଗାଡ଼ିର ବ୍ୟବସ୍ଥା କରାଯାଇଛି । ଏନେଇ ସୋମବାର ଅପରାହ୍ନରେ ଗଂଜାମ ପୁଲିସ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଉଭୟ ସ୍ଥାନକୁ ଗଂଜାମ ଏସପି ଜଗମୋହନ ମୀନା ଏବଂ ବରିଷ୍ଠ ପୁଲିସ ଅଧିକାରୀ ମାନେ ବୁଲି ଅନୁଧ୍ୟାନ କରିଥିଲେ । ସେହିଭଳି ସନ୍ଧ୍ୟାରେ ବିଜୁ ଜନତା ଦଳର ନେତା ତଥା '୫-ଟି' ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନଙ୍କ ଚିକିଟି ଗସ୍ତ ରହିଛି । ଚିକିଟିପେଣ୍ଠରେ ଆୟୋଜିତ ବିରାଟ ଜନସଭାକୁ ସେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ଏଥିଲାଗି ଉକ୍ତ ଅଞ୍ଚଳରେ କର୍ମୀ, ମହିଳା ଓ ଯୁବକଙ୍କ ମଧ୍ୟରେ ଅନେକ ଉତ୍ସାହ ଦେଖିବାକୁ ମିଳିଛି ।

## ଦଳ ଛାଡ଼ିଲେ...

ବେଳେ ଏହି ପରାଜୟ ଧାରାକୁ ୨୦୧୯ ମସିହାରେ ନିତେଶ ଭାଙ୍ଗିଥିଲେ । ବିଜେଡିର ହେଭିୱେଟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପରାସ୍ତ କରି ସମ୍ବଲପୁରରେ ପ୍ରଥମଥର ଗେରୁଆ ବାନା ଉଡ଼ାଇଥିଲେ । ତେବେ ତାଙ୍କୁ ଦଳ ଅଣଦେଖା କରି ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିବା ପରେ ସେ ଏହାକୁ ସହଜରେ ଗ୍ରହଣ କରିପାରିନଥିଲେ । ଏପରିକି ନୀତେଶଙ୍କୁ ଦଳରେ ହତାଦାର କରାଯିବାକୁ ନେଇ ତାଙ୍କ ଧର୍ମପତ୍ନୀ ବାମଣ୍ଡା ରାଜପରିବାରର ରାଣୀ ଅରୁନ୍ଧତୀ କୁମାରୀ ଦେବୀ ମଧ୍ୟ ଅସୁଖୀ ଥିଲେ । ନିକଟରେ ସେ ବିଜେପି ପରିତ୍ୟାଗ କରି ବିଜେଡି ରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ । ଉଭୟ ପତି ଓ ପତ୍ନୀ ସମ୍ବଲପୁର ଜିଲ୍ଲା ରାଜନୀତିରେ ବେଶ୍ ପ୍ରଭାବ ରଖୁଥିବା ବେଳେ ଉଭୟେ ଦଳ ଛାଡ଼ିବା ଦଳ ପାଇଁ ବେଶ୍ କ୍ଷତିକାରକ ବୋଲି ସ୍ଥାନୀୟ ରାଜନୀତିକ ମହଲରେ ମତପ୍ରକାଶ ପାଇଛି ।

## ପ୍ରଗତିର ନବୀନ...

ଆସିଛି । ମାଲକାନଗିରି ନିର୍ବାଚନମଣ୍ଡଳୀରେ ୧୨୭ କୋଟି ଟଙ୍କାର କାମ ଚାଲିଛି । ମଠ, ମନ୍ଦିର, ପର୍ଯ୍ୟଟନ ସ୍ଥଳ, ଡାକ୍ତରଖାନା, ସ୍କୁଲ, କଲେଜ, ରାସ୍ତାଘାଟ ସବୁଠି ରୂପାନ୍ତରଣର ସ୍ୱାକ୍ଷର ରହିଛି । ଆଦିବାସୀମାନଙ୍କର ସର୍ବାଙ୍ଗୀଣ ବିକାଶ ସୁନିଶ୍ଚିତ ହୋଇଛି । ବିରୋଧୀ ଆଖି ଖୋଲି ଦେଖନ୍ତୁ, ବିକାଶ କିପରି ହୁଏ । ମାଲକାନଗିରି ହେଉଛି ତାର ସାକ୍ଷୀ । କିନ୍ତୁ ବିରୋଧୀଙ୍କୁ ଏହା ଦେଖାଯାଉ ନାହିଁ । ଲୋକଙ୍କୁ ମନଗଢ଼ା କାହାଣୀ ଶୁଣାଉଛନ୍ତି । ମାତ୍ର ବାସ୍ତବ ହେଉଛି ଓଡ଼ିଶାର ବିକାଶକୁ ପ୍ରଗତି ପଥରେ ଆଗେଇ ନେଉଛି ନବୀନ ଇଞ୍ଜିନ୍ । ଓଡ଼ିଶା ଲୋକଙ୍କର ଡବଲ୍ କିମ୍ବା ସିଙ୍ଗିଲ୍ ଇଞ୍ଜିନ୍ ଦରକାର ନାହିଁ । ଏଠି ନବୀନ ଇଞ୍ଜିନ୍ ସବୁଠାରୁ ଶକ୍ତିଶାଳୀ । ନବୀନ ଇଞ୍ଜିନ୍ କେବେ ଫେଲ୍ ମାରି ନାହିଁ କି ମାରିବ ନାହିଁ । ନବୀନ ଇଞ୍ଜିନ୍ ସବୁବେଳେ ଚାଲିବ ଆଉ ଲୋକଙ୍କ ସମସ୍ୟାର ସମାଧାନ କରିବ । ଓଡ଼ିଶା ପରିବାରର ମୁଖିଆ ହେଉଛନ୍ତି ନବୀନ ପଟ୍ଟନାୟକ । ଆପଣମାନଙ୍କ ମଙ୍ଗଳ ପାଇଁ ସେ ଦିନ ରାତି କାମ କରୁଛନ୍ତି । ଏହା ହେଉଛି ଆପଣମାନଙ୍କ ସରକାର । ଆପଣମାନେ ଯାହା ଚାହିଁବେ ତାହା ହେବ । ସେଥିପାଇଁ ବିଜେଡି ପ୍ରାର୍ଥୀମାନଙ୍କୁ ୯୫%ରୁ ଅଧିକ ଭୋଟରେ ବିଜୟ ଦିଅନ୍ତୁ, ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ଆକୁଣ୍ଠ ସମର୍ଥନ ଦିଅନ୍ତୁ । ଆଜି ମାଲକାନଗିରିରେ ଦଳୀୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ବିକାଶ କାମର ହିସାବ ଦେବା ସହ ବିରୋଧୀଙ୍କ ନକରାତ୍ମକ ରାଜନୀତିକୁ କରିଛନ୍ତି ବଜ୍ରାଘାତ । ଏହି ଅବସରରେ ସେ ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀଙ୍କ ସହିତ ମାଲକାନଗିରି ବିଧାନସଭା ପ୍ରାର୍ଥୀ ମାନସ ମାଡକାମି, ଚିତ୍ରକୋଣ୍ଡା ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାୟକ ଏବଂ କୋଟପାଡ ବିଧାନସଭା ପ୍ରାର୍ଥୀ ଚନ୍ଦ୍ରଶେଖର ମାଝୀଙ୍କ ପାଇଁ ଡବଲ ଶଙ୍ଖରେ ବଟନ ଦବାଇ ଭୋଟ ଦେବାକୁ ଅନୁରୋଧ କରିଛନ୍ତି । ମାଲକାନଗିରିର ବିଭିନ୍ନ ସ୍ଥାନରେ ଶ୍ରୀ ପାଣ୍ଡିଆନ୍‌ଙ୍କୁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଭବ୍ୟ ସ୍ୱାଗତ ଜଣାଇବା ସହ ଯୋଡ଼ି ଶଙ୍ଖନାଦକୁ ସ୍ୱୀକୃତି ଦେଇଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମାଲକାନଗିରିକୁ ମୁଖ୍ୟମନ୍ତ୍ରୀ ସବୁଠୁ ବେଶି ଭଲ ପାଆନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ବିଶାଳ ହୃଦୟରେ ଜନଜାତିମାନଙ୍କୁ ସବୁଠାରୁ ବଡ ସ୍ଥାନ ଦେଇଛନ୍ତି । ଜନଜାତି ମାନଙ୍କ ପାଇଁ ସବୁଠାରୁ ଅଧିକ ହଷ୍ଟେଲ ଓଡ଼ିଶାରେ ହିଁ ହୋଇଛି । ୫ ଲକ୍ଷରୁ ଅଧିକ ଜନଜାତି ଝିଅମାନେ ପାଠ ପଢ଼ି ବାପମାଙ୍କ ସ୍ୱପ୍ନ ପୂରଣ କରୁଛନ୍ତି । ଜନଜାତି ଭାଷା, ସଂସ୍କୃତି, ପୂଜାସ୍ଥଳୀ, ଜାହିରାର ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କରିଛନ୍ତି । ମୁଖ୍ୟମନ୍ତ୍ରୀ ସବୁ ବଡ ବଡ ଯୋଜନା ସେ ମାଲକାନଗିରିରୁ ହିଁ ଆରମ୍ଭ କରିଛନ୍ତି । ଦୁଇ ଟଙ୍କିଆ ଚାଉଳ, ଟଙ୍କିକିଆ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଲକ୍ଷ୍ମୀ ଯୋଜନା ସବୁକିଛି ମାଲକାନଗିରିରୁ ହିଁ ଆରମ୍ଭ ହୋଇଛି । ଆମ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏ କାମର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତାଙ୍କ ନିର୍ଦ୍ଦେଶରେ ମୁଁ ଆଜି ଆପଣଙ୍କୁ ସବୁ କାମର ହିସାବ ଦେଉଛି । ମାଲକାନଗିରି ନିର୍ବାଚନମଣ୍ଡଳୀରେ ୧୨୭ କୋଟି ଟଙ୍କାର କାମ ଚାଲିଛି । ଲକ୍ଷ୍ମୀ ବସ୍ ଯୋଜନାରେ ଜିଲ୍ଲାର ୪.୫୦ ଲକ୍ଷ ଲୋକ ଉପକାର ପାଇଛନ୍ତି । ଜିଲ୍ଲାର ସବୁ ହାଇସ୍କୁଲର ୫-ଟି ରୂପାନ୍ତର କରାଯାଇଛି । ମଲ୍ଲିକେଶ୍ୱର ମନ୍ଦିର ଓ ରାସ୍ତା ପାଇଁ ୨.୯୦ କୋଟି, ହରିଚାନ୍ଦ ଆଶ୍ରମ ପାଇଁ ୧.୨୮ କୋଟି, ନରନାରାୟଣ ଆଶ୍ରମ ପାଇଁ ଜମିପଟ୍ଟା ଦିଆଯିବା ସହିତ ୪୮ ଲକ୍ଷ ଟଙ୍କାର ବିକାଶ କାମ ହୋଇଛି । ମନ୍ୟମକୁଣ୍ଡା ଗୁମ୍ଫା ବିକାଶ ପାଇଁ ୧ କୋଟି, ମା ଭୈରବୀ ମନ୍ଦିର ପାଇଁ ୫୦ ଲକ୍ଷ, ଅଲେଖ ମହିମା ଆଶ୍ରମ ପାଇଁ ୧୪ ଲକ୍ଷ, ସାଇ ମନ୍ଦିର ପାଇଁ ୪୦ ଲକ୍ଷ ଟଙ୍କା ଦିଆଯାଇଛି । ପୁରୁଣା ମାଲକାନଗିରିରୁ ମୋଟୁ ରାସ୍ତା ପାଇଁ ୧୬.୪୩ କୋଟି, ପୋଲୁରୁ-କୃଷ୍ଣପାଲି ରାସ୍ତା ପାଇଁ ୧୩ କୋଟି, ଭୁବନପାଲିରୁ କୁନାପାଲି ରାସ୍ତା ପାଇଁ ୯ କୋଟି, କୋଟାଗୁଡାରୁ ଆଲ୍‌ମା ରାସ୍ତା ପାଇଁ ୭.୬୦ ଲକ୍ଷ, ଏମ୍.ଭି-୬୧ରୁ କୁର୍ଦ୍ଦୀ ରାସ୍ତା ପାଇଁ ୫ କୋଟି, ମୁରଲିଗୁଡାରୁ ପେଟା ପର୍ଯ୍ୟନ୍ତ ୫ କୋଟି, ସତୀଗୁଡା ଡ୍ୟାମ ପାଇଁ ୨ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଦେଇଛନ୍ତି ।

ଚିତ୍ରକୋଣ୍ଡାରେ ବିକାଶ ସମ୍ପର୍କରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଚିତ୍ରକୋଣ୍ଡା ଓ କରୋକୁଣ୍ଡା ବ୍ଲକର ୧୮ ଟି ପଞ୍ଚାୟତରେ ସେତୁ ଯୋଜନାରେ ୧୦୦ କୋଟି ଟଙ୍କା ବିନିଯୋଗ କରାଯାଇ ଲୋକଙ୍କ ସାମାଜିକ ଓ ଆର୍ଥିକ ରୂପାନ୍ତର କାମ ଚାଲିଛି । ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ୪୦୦୦ କୋଟି, ଗୋବିନ୍ଦପାଲୀ ଜଗନ୍ନାଥ ମନ୍ଦିର, ଦାମଲଦେଇ ମନ୍ଦିର, ୧୦ଟି ମହିମା ଆଶ୍ରମ, ଶିବ ମନ୍ଦିର, ମା କାଣିବୁଢୀ ମନ୍ଦିର ଆଦି ସବୁ ମନ୍ଦିରର ଉନ୍ନତିକରଣ ପାଇଁ ୨.୧୦ କୋଟି ଟଙ୍କା, ଆଦିବାସୀ ସମାଜ ଭବନ ପାଇଁ ୫୦ ଲକ୍ଷ, ଚିତ୍ରକୋଣ୍ଡାରେ ୧୦୦ ଶଯ୍ୟାବିଶିଷ୍ଟ ଉପଖଣ୍ଡ ଚିକିତ୍ସାଳୟ ପାଇଁ ୫୦ କୋଟି, ମାଛକୁଣ୍ଡ ଉପରେ ସେତୁ ପାଇଁ ୩୫ କୋଟି, କାଳିଆଗଡ଼ ନଳା ଉପରେ ସେତୁ ପାଇଁ ୧୬ କୋଟି, ମାଥିଲି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ୫ କୋଟି ୫୦ ଲକ୍ଷ, ହନ୍ତାଳଗୁଡା ପର୍ଯ୍ୟଟନ ପାଇଁ ୭୬ ଲକ୍ଷ, ୨୬ଟି ଗ୍ରାମଞ୍ଚାୟତରେ ପାଇପ ପାଣି ପାଇଁ ୩୨୦ କୋଟି ଟଙ୍କା ଏବଂ ବଡପଡ଼ା ଓ ରେମେଟଲାର ୨୪ଟି ଗାଁରେ ପାଇ ପାଣି ପାଇଁ ୨୦ କୋଟି ଟଙ୍କା ଦିଆଯାଇଛି । ଆପଣଙ୍କ ବିକାଶ ପାଇଁ ଆହୁରି କାମ କରିବାକୁ ଅଛି । ତେଣୁ ୯୫ ପ୍ରତିଶତ ଭୋଟଦାନ କରି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ ସହ ଡବଲ ଶଙ୍ଖରେ ଭୋଟ ଦେଇ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବାକୁ ଶ୍ରୀ ପାଣ୍ଡିଆନ ଅନୁରୋଧ କରିଛନ୍ତି ।

## ମିଠା କଥା...

ବିରୋଧୀ କେନ୍ଦ୍ରମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ମିଠା କଥା କହି ଭୋଟ ମାଗୁଥିବା ଠକଙ୍କ ପ୍ରତି ସାବଧାନ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ସେ କହିଛନ୍ତି ଯେ ଏହି ବିଶାଳ ସମାବେଶ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆପଣମାନଙ୍କ ସ୍ନେହ ଓ ଭଲ ପାଇବାର ପ୍ରତୀକ । ଆପଣମାନଙ୍କ ଏପରି ସ୍ନେହ ଓ ସମର୍ଥନ ବିରୋଧୀଙ୍କ ନିଦ ହଜାଇ ଦେଇଛି । ସେଥିପାଇଁ ମିଠାମିଠା କଥା କହି ଆପଣମାନଙ୍କ ମନ ମୋହିବାକୁ ସେମାନେ ଉଦ୍ୟମ କରିବେ । ବିଜେପିକୁ ସିଧା ସମାଲୋଚନା କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଓଡ଼ିଶାର ଜଣେ କେନ୍ଦ୍ରମନ୍ତ୍ରୀ ଏଯାଏ ତାଙ୍କର ନାମାଙ୍କନ ଦାଖଲ କରିନାହାନ୍ତି । ମାତ୍ର ମା' ମାନଙ୍କ ଦୁବାଇ ଗସ୍ତକୁ ବନ୍ଦ କରି ଦେଇଛନ୍ତି । ଚିନ୍ତା କରନ୍ତୁ, ସେ ଯଦି କ୍ଷମତାକୁ ଆସିବେ କ'ଣ କ'ଣ କରିବେ । ବିଜେପି କ୍ଷମତାକୁ ଆସିଲେ ମିଶନ ଶକ୍ତି ବନ୍ଦ କରିଦେବେ, ଓଡ଼ିଶାବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସଞ୍ଜିବନୀ ପାଲଟିଥିବା ବିଏସ୍‌କେୱାଇ ବନ୍ଦ କରିଦେବେ, ମାମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେବେ, ମହିଳାମାନଙ୍କୁ ପୁଣି ଗୃହ ମଧ୍ୟରେ ବନ୍ଦ କରିବାକୁ ପ୍ରୟାସ କରିବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ସେହିପରି ମାଲକାନଗିରିରେ ସେ କହିଛନ୍ତି ଯେ ଏଠି ଆପଣଙ୍କ ଜଣେ ବିଧାୟକ ଅଛନ୍ତି, ଯାହାକୁ ଆପଣ ଦେଖିବାକୁ ପାଉ ନାହାନ୍ତି । ଏମିତି ଲୋକ ଆପଣଙ୍କ ଦରକାର, ନା ଆପଣଙ୍କ ସହିତ ଦିନରାତି ରହି ଆପଣଙ୍କ ସୁଖଦୁଃଖର ସାଥି ହେବ, ସେ ଲୋକ ଦରକାର । ସେ ନିଷ୍ପତ୍ତି ଆପଣଙ୍କ ହାତରେ । ପଡୋଶୀ ଛତିଶଗଡ଼ର ଉଦାହରଣ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ, ଦେଖନ୍ତୁ ସେଠାରେ ବାରମ୍ବାର ଡବଲ ଇଞ୍ଜିନ ସିଙ୍ଗଲ ଇଞ୍ଜିନ ଚାଲିଛି, କିନ୍ତୁ ଶାନ୍ତି ନାହିଁ । ସବୁବେଳେ ବୋମା ଫୁଟୁଛି । ନବୀନ ବାବୁଙ୍କ ନେତୃତ୍ୱ ଓ କଠିନ ପରିଶ୍ରମରେ ମାଲକାନଗିରିରେ ଶାନ୍ତି ଫେରିଛି । ଶାନ୍ତି ଆସିଲେ ପ୍ରଗତି ଆସିବ ଉନ୍ନତି ଆସିବ । ପୁଞ୍ଜି ଆସିବ, ପିଲା ନିଯୁକ୍ତି ପାଇବେ । ମାଲକାନଗିରିର ଏକ ବିଶାଳ ଅଞ୍ଚଳ ଦିନେ ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ ଥିଲା । ଏବେ କିନ୍ତୁ ତାର ନୂଆ ପରିଚୟ ହୋଇଛି ସ୍ୱାଭିମାନ ଅଞ୍ଚଳ । ଏଠାରେ ରୂପାନ୍ତର ଆସିଛି, ବିକାଶର ଧାରା ଜୋରଦାର ହୋଇଛି । ନବୀନ ଇଞ୍ଜିନ୍ ବିକାଶର ଇଞ୍ଜିନ୍ । ଏହି ଇଞ୍ଜିନ୍ ଅବିରତ ଚାଲିଛି । ଏହା କେବେ ଫେଲ୍ ମାରିନାହିଁ କି ଫେଲ୍ ମାରିବ ନାହିଁ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ ।

## ସିବିଆଇ ତଦନ୍ତ...

କୋର୍ଟଙ୍କୁ ବୁଝାଇବା ଦରକାର ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗ ସରକାର ରାଜ୍ୟରେ ଶିକ୍ଷକ ଏବଂ ଗ୍ରୁପ୍ ସି ଓ ଗ୍ରୁପ୍ ଡି'ରେ ୨୫୦୦୦ ଅଣ-ଶିକ୍ଷକ ଷ୍ଟାଫଙ୍କୁ ଦେଇଥିବା ନିଯୁକ୍ତିରେ ଅନିୟମିତତା କରିଥିବା ପ୍ରମାଣିତ ହେବାରୁ କୋଲକାତା ହାଇକୋର୍ଟ ସମଗ୍ର ନିଯୁକ୍ତି ପ୍ରକ୍ରିୟାକୁ ବେଆଇନ ତଥା ଅସିଦ୍ଧ ଦର୍ଶାଇ ରଦ୍ଦ କରିଥିଲେ ଓ ଏହି ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଆଦେଶ ଦେଇଥିଲେ । ତେବେ ଏହି ମାମଲାରେ ସିବିଆଇ ତଦନ୍ତ ହେଲେ ରାଜ୍ୟର ସବୁ ମନ୍ତ୍ରୀ ଏବଂ ଉଚ୍ଚାଧିକାରୀ କୋର୍ଟକୁ ଟଣା ହେବା ଭୟରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ ।

## ଚାରି ଆସନରେ...

୨୩ ହଜାରରୁ କିଛି ଅଧିକ ଭୋଟରେ ବିଜୟୀ ହୋଇଥିଲେ । ମାତ୍ର ଚଳିତ ନିର୍ବାଚନରେ ରାଜନୀତିର ଗଣିତ ଅତ୍ୟନ୍ତ ଜଟିଳ । ଜଟଣୀ ବିଧାୟକ ତଥା ବର୍ଷୀୟାନ ନେତା ସୁରେଶ ରାଉତରାୟଙ୍କ ପୁଅ ମନ୍ମଥ ପ୍ରଥମଥର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ଓ ସବୁ ରାଜନୈତିକ ସମୀକରଣ ତାଙ୍କ ସପକ୍ଷରେ ଯାଉଥିବା କୁହାଯାଉଛି । ବିଜେଡିର ଶକ୍ତି ଓ ଦଳୀୟ ପ୍ରାର୍ଥୀ ମନ୍ମଥଙ୍କ ବାପା ସୁରଙ୍କ ପ୍ରଭାବ, ବିଜେପିରେ ଆଭ୍ୟନ୍ତରୀଣ ବିଦ୍ରୋହ, ଦଳୀୟ କନ୍ଦଳ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବ ବୋଲି ରାଜନୀତିକ ସମୀକ୍ଷକ ମତ ଦେଇଛନ୍ତି ।

ସେହିପରି ତୃତୀୟ ପର୍ଯ୍ୟାୟରେ ପୁରୀ ଲୋକସଭା ପାଇଁ ମତଦାନ ହେବାକୁ ଥିବାବେଳେ ଏଠାରୁ ମଧ୍ୟ ଏକ ବଡ଼ ଲଢ଼େଇ ଦେଖିବାକୁ ମିଳିବ । ଏଠାରୁ ବିଜେପି ପକ୍ଷରୁ ଦଳର ରାଷ୍ଟ୍ରୀୟ ମୁଖପାତ୍ର ତଥା ଗତଥରର ପ୍ରାର୍ଥୀ ଡ. ସମ୍ବିତ ପାତ୍ର ରଣାଙ୍ଗନକୁ ଓହ୍ଲାଇଛନ୍ତି ଓ ତାଙ୍କ ବିପକ୍ଷରେ ପୂର୍ବତନ ଆଇପିଏସ୍ ଅରୂପ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି ବିଜେଡି । ପୂର୍ବତନ ମୁମ୍ବାଇ ପୁଲିସ କମିଶନର ତଥା ବର୍ତ୍ତମାନ ଓଡ଼ିଶା ମୋ ପରିବାରର ଆବାହାକ ଭାବେ ଅରୂପ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି । ଗତଥର ଭୁବନେଶ୍ୱର ସଂସଦୀୟ ଆସନରୁ ଅରୂପ ଖୁବ୍ କମ ବ୍ୟବଧାନରେ ପରାସ୍ତ ହୋଇଥିଲେ । ଏଠାରୁ କଂଗ୍ରେସ ସୁଚରିତା ମହାନ୍ତିଙ୍କୁ ପ୍ରାର୍ଥୀ କରିଥିବା ବେଳେ ଏଠାରେ ସମ୍ବିତ-ଅରୂପଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି । ଅପରପକ୍ଷେ ଚଳିତ ପର୍ଯ୍ୟାୟରେ କଟକ ଲୋକସଭା ଆସନ ମଧ୍ୟ ଚର୍ଚ୍ଚାରେ ରହିଛି । କଟକରୁ ବିଜେପି ଭର୍ତ୍ତୃହରି ମହତାବଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ସଂତୃପ୍ତ ମିଶ୍ରଙ୍କୁ ପ୍ରାର୍ଥୀ କରିଛି । ସେହିପରି ସୁରେଶ ମହାପାତ୍ର କଂଗ୍ରେସ ପକ୍ଷରୁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ଏହି ଆସନରେ ବର୍ତ୍ତମାନ ସୁଦ୍ଧା ସବୁ ଗଣିତ ସନ୍ତୃପ୍ତଙ୍କ ସପକ୍ଷରେ ଯାଉଥିବା ଆକଳନ କରାଯାଉଛି ବୋଲି ବିଜେଡି ସମର୍ଥକମାନେ ଦାବି କରିଛନ୍ତି ।

## 'ଦ କିଙ୍ଗ୍ ଅଫ୍...

ଜଙ୍ଗଲ ମଧ୍ୟରେ ପୁଲିସ ଚଢ଼ଉ କରିଥିଲା । ଏହା ଦେଖି ସୁବାସ ଓ ତା'ର ସହଯୋଗୀ ପ୍ରଥମେ ପୁଲିସ୍ ଉପରକୁ ଅତର୍କିତ ଗୁଳି ଚଳାଇବା ସହ ବୋମାମାଡ଼ କରିଥିଲେ । ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରିଥିଲା । ଏଥିରେ ସୁବାସର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା । ସେ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲା । ପରେ ପୁଲିସ୍ ତାକୁ କାବୁ କରିବା ସହିତ ସେ ବ୍ୟବହାର କରୁଥିବା ପିସ୍ତଲକୁ ଜବତ କରିଥିଲା । ତାକୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାସ୍ଥଳରୁ ଜୟ ଶ୍ରୀରାମ ଲେଖାଥିବା ଗେରୁଆ ଗାମୁଛା, ଖଣ୍ଡା, ୨ଟି ବିୟର ବୋତଲ, ଗୋଟିଏ ଦେଶୀ ବନ୍ଧୁକ, ଗୁଳି ଇତ୍ୟାଦି ଜବତ କରିଛି । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ଛାନଭିନ୍ ଚଳାଇଛି । ଅପରପକ୍ଷେ, ସୁବାସର ୩ଜଣ ସହଯୋଗୀ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ପୁଲିସ କହିଛି ।

ସୁବାସ ଏକ କୁଖ୍ୟାତ ଅପରାଧୀ ହୋଇଥିବା ବେଳେ ତା' ନାମରେ ରାଜ୍ୟରେ ଥିବା ବିଭିନ୍ନ ଥାନାରେ ୧୮ରୁ ଊର୍ଦ୍ଧ୍ୱ ମାମଲା ରହିଛି । କାମାକ୍ଷାନଗର ସହରରେ ଗଢ଼ି ଉଠିଥିବା ଅସାମାଜିକ ସଂଗଠନ 'ଦ କିଙ୍ଗ ଅଫ ଫରେଷ୍ଟ'ର ମୁଖ୍ୟ ଆଳତୁମା ଗ୍ରାମର ସୁବାସ ବହୁଦିନ ଧରି ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଥାନା, ଫାଣ୍ଡି ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚୋରି, ଡକାୟତି, ରାହାଜାନି ଓ ହତ୍ୟା ଧମକ ଦେଇ ବିଭିନ୍ନ ଶିଳ୍ପପତି ଓ ବ୍ୟବସାୟୀଙ୍କଠାରୁ ମୋଟା ଅଙ୍କର ବଟି ଆଦାୟ କରୁଥିଲା ।

ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଅପରାଧୀମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କୁଖ୍ୟାତ ଅପରାଧୀକୁ ଗିରଫ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା । ଏହି ପୁଲିସ ଟିମ ବିଶେଷ ସୂତ୍ରରୁ ଖବର ପାଇ ଖୁଣ୍ଟାପଶି-ଗୁଣ୍ଡିଚାନାଳୀ ଜଙ୍ଗଲ ମଧ୍ୟରେ ରହିଥିବାର ଖବର ପାଇ ପୁଲିସ ସୋମବାର ଭୋର୍‌ରେ ଉକ୍ତ ସ୍ଥାନରେ ଚଢଉ କରି ସୁବାସକୁ ଏନ୍‌କାଉଣ୍ଟର୍ କରିଥିଲା । ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଛନ୍ତି ।

ଗତ କିଛି ବର୍ଷ ହେବ 'କିଙ୍ଗ ଅଫ ଫରେଷ୍ଟ ଗ୍ୟାଙ୍ଗ' କାମାକ୍ଷାନଗର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଚାଲିଛି । ବାଲି ମାଫିଆ, ବଡ଼ ବ୍ୟବସାୟୀ, ଖଣି ମାଫିଆଙ୍କଠାରୁ ଦାଦାବଟି ଆଦାୟ କରି ନିଜର ପ୍ରଭାବ ବୃଦ୍ଧି କରୁଥିବା ବେଳେ ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା । ସୁବାସ ପୂର୍ବରୁ କାମାକ୍ଷାନଗରରେ ବ୍ୟବସାୟୀ କାହ୍ନୁ ସାହୁଙ୍କ ଗାଡ଼ି ଉପରେ ବୋମାମାଡ଼ ଓ ଗୁଳିମାଡ଼ ଘଟଣା, ଖଣି ମାଫିଆ ନୀର ସାହୁ ହତ୍ୟା ମାମଲା ଓ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ପୁଲିସ କହିଛି । ଗ୍ୟାଙ୍ଗର ମୁଖିଆ ରାକେଶ ନାଥ ଖଣିମାଫିଆ ନୀର ସାହୁ ହତ୍ୟା ମାମଲାରେ ଜେଲରେ ଥିବା ବେଳେ ତାହାର କିଛି ସହଯୋଗୀ ଏବେ ମଧ୍ୟ ଜେଲ୍‌ରେ ଅଛନ୍ତି । କିନ୍ତୁ ସୁବାସ ଖୁଣ୍ଟିଆ ଅନ୍ୟ କିଛି ଅପରାଧୀଙ୍କ ଦ୍ୱାରା ଗ୍ୟାଙ୍ଗ ଚଳାଉଥିଲା ।

ଢେଙ୍କାନାଳ ଏସ୍‌ପି ମଡ଼କର ସନ୍ଦୀପଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଏନ୍‌କାଉଣ୍ଟର୍‌ରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କାମାକ୍ଷାନଗର ଏସ୍‌ଡିପିଓ ସ୍ନେହାଶିଷ ସାହୁ, କାମାକ୍ଷାନଗର ଥାନା ଅଧିକାରୀ ଧିରେନ ବେହେରା, ପ୍ରଦୀପ୍ତ ପାତ୍ର, ସୌଭାଗ୍ୟ ପାଣି, ଚନ୍ଦ୍ରକାନ୍ତ ସେଠୀ, ସାରଥୀ ଦେହୁରୀ ପ୍ରମୁଖ ଅଧିକାରୀମାନେ ସାମିଲ ଥିଲେ ।

■ ଅନିଚ୍ଛା ସତ୍ତ୍ୱେ ଯୁବତୀଙ୍କ ଗର୍ଭପାତ କରାଇବା ମାମଲା

# ଦୋଷୀକୁ ୭ ବର୍ଷ ଜେଲ୍

ବାଲେଶ୍ୱର, ୨୯।୪(ସମିସ): ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ଗର୍ଭପାତ କରାଇବା ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଜଜ୍ ଲିଲିପ୍ସା ପଶାୟତ ଅଭିଯୁକ୍ତ ସଦର ଥାନା ଅର୍ନ୍ତଗତ ସିନ୍ଧିଆ ଗ୍ରାମର ସମୀର କୁମାର ପରିଡ଼ାକୁ ୭ବର୍ଷ ଜେଲ୍ ଓ ୧୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୭ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ୧୨ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି । ଅଭିଯୋଗ ଅନୁସାରେ, ୨୦୨୦ ମସିହାରେ ବାଲେଶ୍ୱର ଟାଉନ ଥାନା ଅର୍ନ୍ତଗତ ରାଜାବଗିଚା ଅଞ୍ଚଳର ଜଣେ ଯୁବତୀଙ୍କ ସହ ସମୀରଙ୍କ ଏକ ବୈଠକରେ ଦେଖା ହୋଇଥିଲା । ସେ ଏକ କମ୍ପାନୀର ରିକଭରି ଏଜେଣ୍ଟ ଭାବେ କାମ କରିବା ସହ ଗୋଟିଏ କୋଚିଂ ସେଣ୍ଟର୍ ବି ଚଳାଉଥିଲେ । ସେମାନଙ୍କ ମଧ୍ୟରେ ମୋବାଇଲ୍ ନମ୍ବର ଦିଆନିଆ ଓ ପରେ ପ୍ରେମ ସଂପର୍କ ହୋଇଥିଲା । ଏପରିକି, ସମୀର ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ ମଧ୍ୟ ରଖିଥିଲେ । ତେବେ ଯୁବତୀଜଣଙ୍କ ଗର୍ଭବତୀ ହୋଇଯିବାରୁ ସମୀରଙ୍କ ଆଚରଣରେ ପରିବର୍ତ୍ତନ ଦେଖାଦେଇଥିଲା । ଗର୍ଭପାତ ନ କଲେ ବିବାହ କରିବେ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲେ । ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ସେ ତାଙ୍କର ଗର୍ଭପାତ କରାଇଥିଲେ । ଏହା ସତ୍ତ୍ୱେ ସେ ଓ ତାଙ୍କ ପରିବାର ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ । ଏନେଇ ଯୁବତୀଜଣଙ୍କ ଚାନ୍ଦିପୁର ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ସୀମରକୁ ଗିରଫ କରିଥିଲା । ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ସୁଲଳିତ କର ଏହି ମାମଲା ପରିଚାଳନା କରୁଥିଲେ ।

## ବାଇକ୍‌କୁ ଧକ୍କା ଦେଲା ଟ୍ରେନ୍; ବର୍ତ୍ତିଲେ ଚାଳକ

ବସ୍ତା, ୨୯।୪(ସମିସ): ବସ୍ତା ରେଳ ଷ୍ଟେସନର ଦକ୍ଷିଣ କ୍ୟାବିନ ନିକଟରେ ଜଣେ ବ୍ୟକ୍ତି ବାଇକ୍‌ରେ ଧାରଣା ପାର୍ ହେଉଥିବା ବେଳେ ସେତିକିବେଳେ ଆସୁଥିବା ଏକ ଟ୍ରେନ୍ ଧକ୍କା ଦେବାରୁ ବାଇକ୍‌ଟି ଭାଙ୍ଗି ଚୂରମାର୍ ହୋଇଯାଇଥିଲା । କିନ୍ତୁ ସୌଭାଗ୍ୟବଶତଃ ଆରୋହୀଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଥିଲେ । ସୋମବାର ମଧ୍ୟାହ୍ନରେ ଏହି ଅଘଟଣ ଘଟିଥିଲା । ଆରୋହୀଙ୍କ ପରିଚୟ ମିଳି ପାରି ନଥିବା ବେଳେ ତାଙ୍କ ଘର ବିଦ୍ୟାଧରପୁର ଅଞ୍ଚଳର ବୋଲି କୁହାଯାଉଛି । ଖବର ପାଇ ରେଳବାଇ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି । ପ୍ରକାଶ ଯେ ଏଭଳି ଦୁର୍ଘଟଣାକୁ ଲୋକେ ଅନେକଥର ସମ୍ମୁଖୀନ ହେଉଥିବା ପୂର୍ବରୁ ଦେଖିବାକୁ ମିଳିଛି । ବସ୍ତା ଦକ୍ଷିଣ କ୍ୟାବିନ ନିକଟରେ ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦାବି ଜୋର୍ ଧରିଛି ।

## ୨ଶହ ଫୁଟ୍ ତଳକୁ ଖସିଲା ଟ୍ରକ୍

ଖଲ୍ଲିକୋଟ, ୨୯ ।୪(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବଡ଼ଘାଟିରେ ସୋମବାର ଭୋରରେ ଭାରସାମ୍ୟ ହରାଇ ଦୁଇ ଶହ ଫୁଟ୍ ତଳକୁ ଏକ ପେପର ରୋଲ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି । ଗାଡ଼ିଟି ସଂପୂର୍ଣ୍ଣ ଚୂରମାର୍ ହୋଇଯାଇଥିବା ବେଳେ ସୌଭାଗ୍ୟବଶତଃ ଟ୍ରକ୍‌ର ଚାଳକ ଓ ହେଲପର୍ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ତେଲେଙ୍ଗାନାରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏହି ଟ୍ରକ୍ ଭୋର ୪ଟାରେ ୧୬ନମ୍ବର ଜାତୀୟ ରାଜପଥର ବଡ଼ଘାଟି ଅତିକ୍ରମ କରୁଥିବା ବେଳେ ହଠାତ୍ ବ୍ରେକ୍ ଫେଲ୍ ହୋଇଯାଇଥିଲା । ଫଳରେ ଭାରସାମ୍ୟ ହରାଇ ଦୁଇଶହ ଫୁଟ ତଳକୁ ଖସି ପଡ଼ିଥିଲା । ହାଇୱେପାଟ୍ରୋଲିଂପୁଲିସପହଞ୍ଚିଖଲ୍ଲିକୋଟଥାନାକୁଖବରଦେଇଥିଲେ ।

## ବଜ୍ରପାତରେ ଜଣେ ମୃତ

**ପାତ୍ରପୁର, ୨୯ ।୪(ସମିସ):** ପାତ୍ରପୁର ବ୍ଲକ ଅଞ୍ଚଳରେ ସୋମବାର ବଜ୍ରପାତ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ, ପାତ୍ରପୁର ଗ୍ରାମର ସୀମା ସାହୁ (୫୫) । ଶଙ୍କର ସାହୁ, ପଦ୍ମା ସାହୁଙ୍କ ସମେତ ଅନ୍ୟ ଜଣେ ଆହତମାନେ ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନାନୁସାରେ, ରାଶି ଅମଳ କରିବା ପାଇଁ ସମସ୍ତେ ଗ୍ରାମ ନିକଟସ୍ଥ ଜମିକୁ ଯାଇଥିବା ବେଳେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି, ପବନ ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା । ବର୍ଷା ଆସିବା ଦେଖି କାମ ବନ୍ଦ କରି ଘରକୁ ଫେରିବା ବେଳେ ସମସ୍ତେ ବଜ୍ରପାତର ଶିକାର ହୋଇଥିଲେ । ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେଠାରେ ସୀମାଙ୍କୁ ମୃତ ଘୋଷଣା କରିଥିଲେ । ଆହତ ୩ଜଣଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି । ସୀମା ଜଣେ ରାଜମିସ୍ତ୍ରି ଭାବେ ଅଞ୍ଚଳରେ ବେଶ ଜଣାଶୁଣା ଥିବା ବେଳେ ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ବିଜେଡି ପକ୍ଷରୁ ୧୩ଜଣଙ୍କୁ ନୂତନ ନିଯୁକ୍ତି

**ଭୁବନେଶ୍ୱର, ୨୯ ।୪(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ଜନତା ଦଳ ପକ୍ଷରୁ ୧୩ ଜଣଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସର୍ବାଧିକ ୫ଜଣଙ୍କୁ ନିଯୁକ୍ତି କରାଯାଇଛି । ଏହାର ପର୍ଯ୍ୟବେକ୍ଷକ ଭାବେ ଗୌତମ ଆଚାର୍ଯ୍ୟ ଓ ନିତ୍ୟାନନ୍ଦ ଭୋଇ ଏବଂ ନିର୍ବାଚନ ସଂଯୋଜକ ଭାବେ ଅଂଶୁ ତ୍ରିପାଠୀ, ଶୁଶ୍ରୀ ମମତା ଓ ପ୍ରିୟଦର୍ଶିନୀ ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି କୁଚିଣ୍ଡା ଓ ଦେବଗଡ଼ ବିଧାନସଭାର ନିର୍ବାଚନ ପ୍ରଭାରୀ ଭାବେ ସଞ୍ଜିତ ମହାନ୍ତି, ଉମରକୋଟ ବିଧାନସଭା ସଂଯୋଜକ ଭାବେ ପଦ୍ମିନୀ ଦିଆନ, ପାଟନା ବିଧାନସଭା ସଂଯୋଜକ ଭାବେ କାନନ ବିହାରୀ ପହି, ଆନନ୍ଦପୁର ବିଧାନସଭା ସଂଯୋଜକ ଭାବେ ରାକେଶ କୁମାର ରାମ, ତେଲକୋଇ ବିଧାନସଭା ସଂଯୋଜକ ଭାବେ ଲଳିତ ମୋହନ ପ୍ରଧାନ, ପଦ୍ମପୁର ବିଧାନସଭା ସଂଯୋଜକ ଭାବେ ବିଶ୍ୱନାଥ ନାୟକଙ୍କୁ ନୂତନ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି କେନ୍ଦୁଝର ଜିଲ୍ଲା ମିଡିଆ ସଂଯୋଜକ ଭାବେ ଡ. ହରିଶ ଚୌଧୁରୀ ଓ ତୁରେକେଲା ବ୍ଲକ ନିର୍ବାଚନ ସଂଯୋଜକ ଭାବେ ପ୍ରଶାନ୍ତ ସେଠୀ ନିଯୁକ୍ତ ହୋଇଛନ୍ତି । ଏ ସମ୍ପର୍କରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

## ବିଜୁ ଯୁବ ଓ ଛାତ୍ର ଜନତା ଦଳରେ ୬ଜଣଙ୍କୁ ନୂତନ ଦାୟିତ୍ୱ

**ଭୁବନେଶ୍ୱର, ୨୯ ।୪(ସମିସ):** ବିଜୁ ଯୁବ ଓ ଛାତ୍ର ଜନତା ଦଳରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ୬ଜଣଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ ସଭାପତି ଭାବେ ପ୍ରିୟରଞ୍ଜନ ଜେନା ଓ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ସ୍ମୃତିରଞ୍ଜନ ସ୍ୱାଇଁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ସେହିପରି ବିଜୁ ଛାତ୍ର ଜନତା ଦଳରେ ରାଜ୍ୟ ଉପସଭାପତି ଭାବେ ସନ୍ତୋଷ ମହାପାତ୍ର, ସମ୍ବିତ ବେହେରା, ଦେବାଶିଷ ସ୍ୱାଇଁ ଏବଂ ରାଜ୍ୟ ସମ୍ପାଦକ ଭାବେ ସଚିନ କୁମାର ପଣ୍ଡା ନୂତନ ଦାୟିତ୍ୱ ପାଇଛନ୍ତି । ଏ ସମ୍ପର୍କରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

## ମନ୍ଦିର ପ୍ରସାଦ ଖାଇ ୨୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

**ବେତନଟୀ, ୨୯ ।୪(ସମିସ):** ମନ୍ଦିର ପ୍ରସାଦ ଖାଇ ୨୦ରୁ ଊର୍ଦ୍ଧ୍ୱ ଅସୁସ୍ଥ । ଏଭଳି ଅଘଟଣ ଘଟିଛି ବେତନଟୀ ବ୍ଲକ୍ ଅନ୍ତର୍ଗତ ସଠିଲୋ ଗ୍ରାମରେ । ଅସୁସ୍ଥମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ, ରବିବାର ସଠିଲୋ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ଶ୍ରାଦ୍ଧବାର୍ଷିକୀ ଥିବା ବେଳେ ମନ୍ଦିରରୁ ପ୍ରସାଦ ଆଣିଥିଲେ । ପୂଜା ପରେ ଘରକୁ ଆସିଥିବା ପାଖପଡ଼ୋଶୀ, ବନ୍ଧୁବାନ୍ଧବ, ସମ୍ପର୍କୀୟ ମନ୍ଦିର ପ୍ରସାଦ ଖାଇଥିଲେ । ପରେ ବଳକା ଥିବା ପ୍ରସାଦକୁ ସାହିରେ ବାଣ୍ଟିଥିଲେ । ପ୍ରସାଦ ଖାଇବା ପରେ ରବିବାର ବିଳମ୍ବିତ ରାତିରେ ସମସ୍ତେ ଅସୁସ୍ଥ ହୋଇପଡ଼ିଥିଲେ । ଭୀଷଣ ପେଟବ୍ୟଥା ହେବା ସହିତ ଭୋରୁ ଝାଡ଼ାବାନ୍ତି ଆରମ୍ଭ ହୋଇଯାଇଥିଲା । କିଛି ସମୟ ପରେ ଜଣକ ପରେ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ପରେ ସମସ୍ତଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଖବର ପାଇ ସଠିଲୋ ସମିତି ସଭ୍ୟ କିଶୋର କୁମାର ନାୟକ, ସଂଗଠକ ସୁଧାକର ପଣ୍ଡା ଏବଂ ଉଜ୍ଜ୍ୱଳ କୁମାର ବେହେରା ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ।

LOST

ମୁଁ ବିନୟ ରଞ୍ଜନ ନାୟକ, ପିତା- ପହଲି ନାୟକ, ଅଧରପୁର, ଶ୍ରୀମାରେନ୍, ମୋର ବାପାଙ୍କ ନାମରେ ଥିବା ଜମି, ପଟ୍ଟା ହଜି ଯାଇଛି, ଯାହାର ଖାତା ନଂ- ୨୯୧/୨୯୪, ପ୍ଲଟ ନଂ-୧୦୭୦/୧୩୪୪, ନାମ- ପହଲି ନାୟକ, ପିତା- କୁବେର ନାୟକ ୟୁନିଟ ନଂ-୩୦, ଅଧରପୁର, ଥାନା- ମଧୁପାଟଣା, ତହସିଲ- କଟକ, ଜିଲ୍ଲା- କଟକ । ଆମେ ରହୁଥିବା ସ୍ଥାନ ରାଜେନ୍ଦ୍ର ନଗର ରୁ କଲେଜ ସ୍କୋୟାର ଅନ୍ୟତ୍ର ଏକ ଭଡା ଗୃହକୁ ପରିବର୍ତ୍ତନ ସମୟରେ ହଜିଯାଇଅଛି । ଗତ ତା. ୨୬/୦୪/୨୦୨୪ ରିଖ ଦିନ ମଧୁପାଟଣା ପୋଲିସ୍ ଥାନାରେ ଅଭିଯୋଗ ଦିଆ ଯାଇଅଛି । ଯାହାର ଅଭିଯୋଗ ନଂ-୪୬୨, ଯଦି କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଲେଖା ଯାଇଥିବା ପଟ୍ଟା ପାଇଛନ୍ତି ତେବେ ନିମ୍ନ ଲିଖିତ ଫୋନ ନଂ ରେ ସାତଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ । ଶ୍ରୀ ପ୍ରଭାକର ପଟ୍ଟନାୟକ ଫୋନ ନଂ- ୯୭୭୮୦୭୦୫୯୦

AFFIDAVIT

By virtue of an affidavit C.F No.107, before the Executive Magistrate, Bhubaneswar, dtd. 09/02/2024.I Debajani Das, W/o-Dipti Ranjan Das, resident of plot no.397, Behera sahi, Near laxmi Mandap, Baramunda, P.O- Delta, P.S- Khandagiri,BBSR, Pin- 751003, Dist- Khurda, Odisha. have changed my surname from Rina Behera To Debajani Das. Henceforth I shall be known as **DEBAJANI DAS** for all future purposes.

AFFIDAVIT

I, Sanjit Kumar Rowlo, S/o- Gopal Krishna Rawlo, resident of Plot No.30, Ananda Sarani, Near Kali Temple, New Bus Stand, Berhampur, Pin-760004, Odisha declare by this affidavit No.817, dtd.-29/04/2024 that now onwards I shall be known as **SANJEET KUMAR RAWLO** for all future purposes.

**IN THE HIGH COURT OF ORISSA: CUTTACK**

**W.P.(C) No: 874/2022**

**Suresh Chandra Dash & others... ... ... Petitioner**

**Versus**

**The Commissioner, Consolidation & Settlement, Board of Revenue, Odisha & Others ... ... Opp. Parties**

**NOTICE UNDER ORDER-5, RULE-20 CPC**

To

Opp. Party No.10(a)- Babaji Charan Mangaraj, aged about 58 Years, S/o Late Nityananda Mangaraj;

Opp. Party No. 10(b)- Sushanta Kumar Mangaraj, aged about 40 years, S/o Late Nityananda Mangaraj;

Opp. Party No. 11(c)- Prasanta Mangaraj, aged about 52 years, S/o Late Sadananda Mangaraj;

All are Vill/PO Antarakiari, PS. Banapur, Dist.: Khurda.

Take notice that the above writ petition has been presented in this court by Mr. Pabitra Kumar Nayak, Advocate and Associates against the order of the Commissioner Consolidation & Settlement, Sambalpur in Revision case no : 58/2015.

You are hereby directed to appear before this Hon'ble Court in the above noted case on 12.07.2024 at 10.30 AM either in person or through your Advocate/ Representative and participate in the hearing of the above case. In case of failure to appear in the case on the date and time as above, the Hon'ble Court will decide the matter on its' own merit in your absence exparte in accordance with law. Signed and sealed by order of this Hon'ble Court this 9th day of April 2024.

By the Order of this Court
Registrar Judicial,
Orissa High Court, Cuttack.

### ଜିଲ୍ଲା ଗଠନର ୩୦ ବର୍ଷ ପରେ ବି ଖାଲିପଡ଼ିଛି ରେକର୍ଡ ରୁମ୍

# କଟକରୁ ଫେରୁନି ଜିଲ୍ଲାର ଆବଶ୍ୟକ ଜମିଜମା ଦଲିଲ୍

## ୧୯୩୦ର ଜମିଜମା ରେକର୍ଡ କଟକରୁ ଜଗତସିଂହପୁରକୁ ସ୍ଥାନାନ୍ତର ଦାବି






**ଜଗତସିଂହପୁର,୨୯।୪(ସମିସ)**

ଜଗତସିଂହପୁର ଜିଲ୍ଲା ଗଠନକୁ ୩୦ ବର୍ଷ ପୁରିଥିଲେ ମଧ ଏବେବି ଜିଲ୍ଲାବାସୀ ନିଜ ନିଜର ଜମିଜମା ସମ୍ପର୍କୀୟ ରେକର୍ଡ ପତ୍ର ପାଇବାକୁ କଟକ ଜିଲ୍ଲା ରେକର୍ଡରୁମ ଉପରେ ନିର୍ଭର କରୁଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେଥିବା ଜମିଜମା ସମ୍ପର୍କୀତ ରେକର୍ଡ ରୁମ୍ ଏବେ ମଧ ଫାଙ୍କା ପଡିଥିବା ଜଣାପଡିଛି। କଟକ ରେକର୍ଡରୁମ୍‌ରୁ ଏଠାକୁ କିଛି ଜମିଜମା ଫାଇଲ ଫେରିଥିଲେ ମଧ ଜିଲ୍ଲାର ବହୁ ପୁରୁଣା ସାବକ ଓ ହାଲ ରେକର୍ଡ ଗୁଡିକ ଏପର୍ଯ୍ୟନ୍ତ ଫେରିପାରିନାହିଁ। ସମୁଦାୟ ଦୁଇ ଥରରେ କଟକରୁ ମାତ୍ର ୩୦/୪୦ ପ୍ରତିଶତ ଜମିଜମା ରେକର୍ଡ ଜଗତସିଂହପୁର ରେକର୍ଡ ରୁମକୁ ଫେରିଥିବା ବେଳେ, ଅତି ଆବଶ୍ୟକ ୧୯୨୯-୩୦ ମସିହାର ସାବକ (ପୁରୁଣାପଟ୍ଟା) ଏଯାଏ ଫେରିପାରିନଥିବା ଜଣାପଡିଛି। ଜିଲାର ଜମିଜମା ସାବକ ଓ ହାଲ ରେକର୍ଡ ଗୁଡିକ କଟକ ଅଫିସ ରେକର୍ଡ ରୁମରେ ଗଛିତ ରହୁଥିବାରୁ ଜଗତସିଂହପୁର ଅଧିବାସୀ ଏହାକୁ ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମିଜମା ତଥ୍ୟ ଦରକାର ପଡ଼ିଲେ ଲୋକଙ୍କୁ କଟକକୁ ଯିବାକୁ ପଡ଼ିବା ସହିତ ଏଥିପାଇଁ ଅଯଥା ଖର୍ଚ୍ଚାନ୍ତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ତଥ୍ୟ ଅନୁସାରେ ୧୯୯୩ ଏପ୍ରିଲ ପହିଲାରେ ଜଗତସିଂହପୁର ଜିଲ୍ଲା ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଲାଭ କରିଥିଲା। ଜିଲ୍ଲା ଗଠନପରେ ବହୁ ବର୍ଷର୍ ପର୍ଯ୍ୟନ୍ତ ଜିଲ୍ଲାରେ ସ୍ୱତନ୍ତ୍ର ରେକର୍ଡରୁମ ପ୍ରତିଷ୍ଠା ହୋଇପାରିନଥିଲା। ବହୁ ଦାବି ପରେ ୩୦, ଜୁନ , ୨୦୨୦ ରେ ତତ୍କାଳୀନ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ପ୍ରଶାନ୍ତ ମୁଦୁଲି ଓ ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହର ଉପ ମହଲାରେ ନବନିର୍ମିତ ରେକର୍ଡ ରୁମକୁ ଉଦଘାଟନ କରିଥିଲେ। ଏହି ରେକର୍ଡରୁମକୁ ଦୁଇଟି ଦଫାରେ କଟକରୁ କିଛି ଜମିଜମା ରେକର୍ଡ ଆସିଥିଲା। ମାତ୍ର ଜିଲ୍ଲା ରେକର୍ଡ ରୁମରେ ସ୍ଥାନର ଅଭାବ ଦର୍ଶାଇ କଟକ ରେକର୍ଡରୁମରୁ ଆବଶ୍ୟକ ଫାଇଲ ଆଣିବାକୁ ଏହାପରେ ଆଉ କୌଣସି ଉଦ୍ୟମ ହୋଇନଥିବା ଜଣାପଡିଛି।

ରେକର୍ଡ ରୁମର ସ୍ଥାନ ଅଭାବକୁ ପୂରଣ କରିବାକୁ ଏହା ନିକଟରେ ଅନ୍ୟ ଏକ ଗୃହ ନିର୍ମାଣ କରାଯାଇଥିଲେ ମଧ ଏହାକୁ ଏପର୍ଯ୍ୟନ୍ତ ରେକର୍ଡ ରୁମକୁ ହସ୍ତାନ୍ତର କରାଯାଇ ପାରିନଥିବା ଜଣାପଡିଛି। ସେହିପରି ଉକ୍ତ ନୁଆ ଘରେ ଆସବାବପତ୍ରର ବନ୍ଦୋବସ୍ତ ହୋଇନଥିବାରୁ ରେକର୍ଡରୁମ ସମ୍ପ୍ରସାରିତ ହୋଇପାରୁନଥିବା ସୂଚନା ମିଳିଛି। ସେହିପରି ପ୍ରଚଣ୍ଡ ଖରା ଓ ଗରମରେ ଲୋକମାନେ ରେକର୍ଡ ରୁମକୁ ଆସୁଥିବା ସମୟରେ ଛିଡା ହେବାକୁ ମଧ କୋ÷ଣସି ବ୍ୟବସ୍ଥା ନଥିବା ଦେଖିବାକୁ ମିଳିଛି। ପ୍ରବଳ ଖରା ଓ ଗରମରେ ଲୋକଙ୍କୁ ରେକର୍ଡରୁମ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଛିଡା ହେବାକୁ ପଡୁଛି। ତେବେ ପବ୍ଲିକ ୱେଟିଂସେଡ୍ ନିର୍ମାଣ ପାଇଁ ଆର ଆଣ୍ଡ ବିକୁ ବିଭାଗ ପକ୍ଷରୁ ପତ୍ର ଲେଖାଯାଇଥିଲେ ମଧ ଏପର୍ଯ୍ୟନ୍ତ ଏହାର କୌଣସି ବ୍ୟବସ୍ଥା ହୋଇନଥିବା ସୂଚନା ମିଳିଛି।

ସୂଚନା ଅନୁସାରେ ଜିଲ୍ଲାର ୮ ଟି ତହସିଲ ଅଧିନରେ ୭୬ ଆର.ଆଇ. ସର୍କଲ ରହିଛି । ସେହିପରି ୧୯୪ଟି ଗ୍ରାମ ପଞ୍ଚାୟତ ଅଧିନରେ ୧, ୩୨୧ ରାଜସ୍ୱ ଗ୍ରାମ ରହିଛି। ୧୯୩୦ ମସିହାରୁ ଏପର୍ଯ୍ୟନ୍ତ ଜମିଜମାର ରେଡର୍କ, ନକ୍ସା, ଚକବନ୍ଦୀ, ବନ୍ଦୋବସ୍ତ ଓ ସେଟେଲମେଣ୍ଟର ରେକର୍ଡ ଫେରି ପାଇବାକୁ ବହୁ ଲୋକ ପ୍ରତିଦିନ ଜଗତସିଂହପୁର ରେକର୍ଡରୁମକୁ ଆସି ନିରାଶରେ ଫେରୁଛନ୍ତି। ଏପର୍ଯ୍ୟନ୍ତ ମାତ୍ର ସ୍ୱଳ୍ପ ସଂଖ୍ୟକ ରାଜସ୍ୱ ଗ୍ରାମର ରେକର୍ଡ କଟକରୁ ଫେରିଥିବା ବେଳେ ୭୦ ପ୍ରତିଶତରୁ ଅଧିକ ରାଜସ୍ୱ ଗ୍ରାମର ରେକର୍ଡ କଟକ ରେକର୍ଡ ରୁମରେ ରହିଥିବା ସୂଚନା ମିଳିଛି। କେବଳ ଏକମାତ୍ର ତିର୍ତ୍ତୋଲ ତହସିଲ ଅଧିନ ଜମିଜମାର ୯୫ ପ୍ରତିଶତ ସାବକ ପଟ୍ଟା ଜିଲ୍ଲା ରେକର୍ଡରୁମକୁ ଆସିଥିବା ସମୟରେ ଅନ୍ୟ ୭ଟି ତହସିଲ ଅଧିନ ଜମିଜମାର ହାଲ ପଟ୍ଟା ମିଳିଥିବା ସମୟରେ ସାବକପଟ୍ଟା ଆସିନଥିବା ସୂଚନା ମିଳିଛି। ବହୁ ଜମିଜମାର ରେକର୍ଡ ଫାଇଲ ଫେରିନଥିବା ସମୟରେ ଜିଲ୍ଲା ପ୍ରଶାସନ ଏତିକିରେ ସନ୍ତୋଷ ପ୍ରକାଶ କରି ହାତବାନ୍ଧି ବସିଥିବା ଅଭିଯୋଗ ହେଉଛି। କଟକ ରେକଡ ର୍ରୁମରେ ଅଟକି ରହିଥିବା ଜିଲ୍ଲାର ଜମିଜମା ତଥ୍ୟକୁ ଫେରାଇଆଣିବାକୁ ପ୍ରଶାସନର ଆନ୍ତରିକତାରେ ଅଭାବ ରହିଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ଜଗତସିଂହପୁର ସହିତ ସମାନ ସମୟରେ କଟକ ଜିଲ୍ଲାରୁ ପୃଥକ ହୋଇଥିବା ଅନ୍ୟ ଜିଲ୍ଲା ଗୁଡିକ କଟକ ରେକର୍ଡରୁମରେ ଗଚ୍ଛିତ ଥିବା ଜମିଜମାର ରେକର୍ଡ ଗୁଡିକୁ ସେମାନଙ୍କ ଜିଲ୍ଲାକୁ ଫେରାଇ ଆଣିଥିବା ବେଳେ ଜଗତସିଂହପୁର ଜିଲ୍ଲା ଏକ୍ଷେତ୍ରରେ ଏପର୍ଯ୍ୟନ୍ତ ପଛରେ ରହିଛି। ଏପରିକି ସାଧାରଣ ଜମିଜମା ରେକର୍ଡ ଜିଲ୍ଲା ରେକର୍ଡରୁମରୁ ମିଳିବା ବଦଳରେ ଜିଲ୍ଲାବାସୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହୋଇ କଟକ ଯିବାକୁ ପଡୁଛି। କଟକ ରେକର୍ଡରୁମର କିଛି ଅସାଧୁ କର୍ମଚାରୀ ଏହି ସୁଯୋଗରେ ଜଗତସିଂହପୁରର ଜମିଜମା ତଥ୍ୟ ପ୍ରଦାନ ପାଇଁ ଲୋକଙ୍କ ନିକଟରୁ ବେଶ ମୋଟା ଅଙ୍କର ଅର୍ଥ ଆଦାୟ ଆଦାୟ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି।

ଜଗତସିଂହପୁର ଜିଲ୍ଲା ରେକର୍ଡ ରୁମରେ ୫ଜଣ କର୍ମଚାରୀଙ୍କ ଆବଶ୍ୟକ ଥିବା ବେଳେ, ବର୍ତ୍ତମାନ ଜଣେ କିରାଣି ଓ ଜଣେ ଚପରାଶିଙ୍କୁ ମିଶାଇ ଦୁଇଜଣ ନିୟମିତ କର୍ମଚାରୀ ଅଛନ୍ତି। ରେକର୍ଡ ର୍ରୁମରେ ଅମିନ ନିଯୁକ୍ତିର ଆବଶ୍ୟକତା ରହିଥିବା ବେଳେ ଜଣେ ଅବସରପ୍ରାପ୍ତ ଅମିନ ଓ ଅନ୍ୟଜଣେ ଠିକା କର୍ମଚାରୀଙ୍କ ମାଧ୍ୟମରେ କାମ କରାଯାଉଛି। ଗୋଟିଏ ତହସିଲ ରେକର୍ଡ ରୁମରେ ୫ରୁ ୭ଜଣ କର୍ମଚାରୀ ରହିଥିବା ବେଳେ ଜିଲ୍ଲା ରେକର୍ଡରୁମରେ ମାତ୍ର ୪ କର୍ମଚାରୀଙ୍କୁ ନିଯୁକ୍ତି ମିଳିଥିବାରୁ ଏହି ରେକର୍ଡରୁମ ନିଜ ଲକ୍ଷ୍ୟଠାରୁ ଦୂରେଇ ଯାଇଥିବା ଅଭିଯୋଗ ହେଉଛି। କଟକ ରେକର୍ଡରୁମରୁ ଯଥାଶୀଘ୍ର ଫାଇଲ ଫେରାଇ ଆଣିବାକୁ ଅଜୟ କୁମାର ମହାନ୍ତି, କେଶବ ଚନ୍ଦ୍ର ଦାଶ , କ୍ଷେତ୍ରମୋହନ ସେଠି, ସୁଶାନ୍ତ କୁମାର ପରିଡା, ନିରଞ୍ଜନ ଦାସ ପ୍ରମୁଖ ଦାବି କରିଛନ୍ତି।

ଏ ସଂପର୍କରେ ରେକର୍ଡରୁମ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଳାଙ୍କୁ ପଚାରିବାରୁ ସେ କହନ୍ତି, ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ଜମିଜମା ରେକର୍ଡ ଆସିଥିବା ସମୟରେ ଆଉ ଗୋଟିଏ ପର୍ଯ୍ୟାୟରେ ଜମିଜମା ରେକର୍ଡ କଟକ ରେକର୍ଡରୁମରୁ ଜିଲ୍ଲାକୁ ଆଣିବାକୁ ଆମେ ପ୍ରୋଗ୍ରାମ କରିଛୁ। ନୂଆ ରୁମ ଆମକୁ ହସ୍ତାନ୍ତର ହେବା ସହିତ ରେକର୍ଡ ରଖିବାକୁ ଆବଶ୍ୟକ ସଂରଞ୍ଜାମ ମିଳିଗଲେ ଏଥିପାଇଁ ସୁବିଧା ହେବ ବୋଲି ସେ କହିଛନ୍ତି। ଜିଲ୍ଲାର କେବଳ ତିର୍ତ୍ତୋଲ ତହସିଲକୁ ଛାଡିଲେ ଅନ୍ୟ ତହସିଲ ଅଞ୍ଚଳର ଲୋକମାନେ ଜମିଜମା ତଥ୍ୟ ପାଇବାକୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗକୁ ସେ ସ୍ୱିକାର କରିବା ସହିତ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଚୋରା କୋଇଲା ଟ୍ରକ୍ ଜବତ, ୨ ଅଟକ

**ପାରାଦୀପ, ୨୯।୪ (ସମିସ):** ଆଜି ପୂର୍ବାହ୍ନ ସମୟରେ ପାରାଦୀପ ଟର୍ମିନାଲ ଛକ ନିକଟରୁ ଏକ ୧୬ ଚକିଆ ଚୋରା କୋଇଲା ବୋଝେଇ ଟ୍ରକ କୁ ଜବତ କରିଛି ଆଦର୍ଶ ଥାନା ପୁଲିସ। ଟ୍ରକର ଡ୍ରାଇଭରକୁ ଆଣି ପଚରା ଉଚରା କରିବା ସହ ଟ୍ରକଟି କେଉଁଠୁ ଆସିଲା ସେ ସମ୍ପର୍କରେ ଜାଣିବା ପାଇଁ ଡ୍ରାଇଭରକୁ ନେଇ ଏକ ଡେମୋ କରାଯାଇଛି ।ଡେମୋ ପରେ ଡ୍ରାଇଭର କହିବା ଅନୁଯାୟୀ ଆଉ ଦୁଇ ଜଣଙ୍କୁ ପୁଲିସ ଉଠାଇ ଆଣି ଅଟକ ରଖିଛି ।ତେବେ ବନ୍ଦର ନିଷିଦ୍ଧାଞ୍ଚଳରୁ ଏହି ଚୋରା କୋଇଲା ଟ୍ରକ ଆସିଥିବା ପୁଲିସ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ ପୂର୍ବାହ୍ନରେ ବନ୍ଦର ମୁଖ୍ୟ ଫାଟକ ପାରହୋଇ ଏକ ୧୬ ଚକିଆ ଚୋରା କୋଇଲା ଟ୍ରକ ଟର୍ମିନାଲଛକ ନିକଟରେ ଯାଉଥିବା ଖବର ଏକ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଜାଣିବାକୁ ପାଇଥିଲେ ।ତେବେ ଗାଡିଟିକୁ ଅଟକାଇବା ସହିତ ଆଦର୍ଶ ଥାନାକୁ ଜଣାଇଥିଲେ ।ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଅଟକାଇବା ସହିତ ଡ୍ରାଇଭରକୁ ଥାନାକୁ ଆଣିଥିଲେ ।ଅଧିକ ତଦନ୍ତ ପାଇଁ ଡ୍ରାଇଭରକୁ ନେଇ ଡେମୋ କରାଇଥିଲେ ।ଡେମୋ ପରେ ପୁଲିସ ଆଉ ଦୁଇ ଜଣକୁ ଉଠାଇ ଆଣିଥିବା ଜଣାପଡିଛି ।ଏହି ଚୋରି କୋଇଲା ଟ୍ରକ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଆସିଥିବା ଜଣାପଡିଛି।

## ଆଇନଜୀବୀ ବ୍ରଜମୋହନ ବିଶ୍ୱାଳଙ୍କ ଦେହାନ୍ତ



**ବିରିଡି,୨୯।୪(ସମିସ):** ବିରିଡି ବ୍ଲକ ମହତୋଳା ଗ୍ରାମର ବରିଷ୍ଠ ଆଇନଜୀବୀ ବ୍ରଜମୋହନ ବିଶ୍ୱାଳ(୭୭)ଙ୍କର କଟକ ସିଡିଏ ସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘଦିନ ହେବ କର୍କଟ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ବୀଣାପାଣି ଜେନା, ଭଉଣୀ କ୍ଷେତ୍ରମଣି ନାୟକ, ଭିଣୋଇ ରତ୍ନାକର ନାୟକ , ସାନଭାଇ ଅଞ୍ଜନ କୁମାର ବିଶ୍ୱାଳ , ଭାଇବୋହୂ ସାରଥି ବିଶ୍ୱାଳ , ପୁତୁରା ସୌମ୍ୟ ରଞ୍ଜନ ବିଶ୍ୱାଳ, ଝିଆରୀ ଲିପିକା ଲେଙ୍କା ,ଦୀପିକା ପ୍ରଧାନ , ଜ୍ୱାଁଇଁ ଆଲୋକ ଲେଙ୍କା , ତନ୍ମୟ ପ୍ରଧାନ ଙ୍କ ସମେତ ଅଶୋକ ବିଶ୍ୱାଳ , ନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେ ଜଣେ ଦକ୍ଷ ଆଇନଜୀବୀ ଭାବେ ପରିଚିତ ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜନ୍ମସ୍ଥାନ ଗାଁ ଶ୍ମଶାନ ମହତୋଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ପୁତୁରା ସୌମ୍ୟ ମୁଖାଗ୍ନି ଦେଇଥିଲେ।

## ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦ ପକ୍ଷରୁ ମଧୁବାବୁ ଜୟନ୍ତୀ




**ତିର୍ତ୍ତୋଲ,୨୯।୪(ସମିସ):** ତିର୍ତ୍ତୋଲସ୍ଥ ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦ ପକ୍ଷରୁ ଶାରଳାରୋଡସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସଂସଦର କାର୍ଯ୍ୟକାରୀ ସଭାପତି ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଡ.ବିଷ୍ଣୁପ୍ରିୟା ଦାସ, ମୁଖ୍ୟବକ୍ତା ସାହିତ୍ୟକ ଝୁଲରାମ ଦାସ, ଅତିଥି କବି ଦିଗମ୍ବର ରାଉତ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ନାରାୟଣ ନାୟକ, କବୟିତ୍ରୀ ପଦ୍ମାବତୀ ମିଶ୍ର ଓ ସବିତା ନାୟକ ଯୋଗଦେଇ ମଧୁବାବୁଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେ ପ୍ରମୁଖ ବିନ୍ଧାଣୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦିକା ଅଧାପିକା ରାଜଶ୍ରୀ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାହିତ୍ୟକ ଅଞ୍ଜନା ମହାନ୍ତି, ବିକାଶ ଚନ୍ଦ୍ର ପରିଜା, ପ୍ରଭାତ ପରିଜା, ପଣ୍ଡିତ ବାସବ ନନ୍ଦ, ପ୍ରଶାନ୍ତ କୁମାର ଦାସ, ସଙ୍ଗଠନ ସମ୍ପାଦକ ନିତ୍ୟାନନ୍ଦ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସାଇ ରତ୍ନପର୍ଣ୍ଣା ପରିଡା ଧନ୍ୟବାଦ ଦେଇଥିଲେ।

## ଗୋପବନ୍ଧୁ ଚୌଧୁରୀଙ୍କ ଶ୍ରାଦ୍ଧୋତ୍ସବ




**ତିର୍ତ୍ତୋଲ,୨୯।୪(ସମିସ):** ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ୬୬ତମ ଶ୍ରାଦ୍ଧବାର୍ଷିକୀ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୁଳିସିଂହସ୍ଥିତ ସେଣ୍ଟଣ୍ଟଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆ.ର୍ଯ୍ୟ ଏଥିରେ ସଭାପତିତ୍ୱ କରି ସ୍ୱାଧୀନତା ସଂଗ୍ରାମର ମୁକ୍ତିତୀର୍ଥ ଜଗତସିଂହପୁରର ଅଳକାଶ୍ରମ ଠାରୁ ଯାଜପୁରର ବରୀ ଆଶ୍ରମ ପର୍ଯ୍ୟନ୍ତ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ମୁଖ୍ୟ ଆଲୋଚିକା ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମହାରଣା ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ଚୌଧୁରୀଙ୍କ ତ୍ୟାଗ ଓ ଦେଶପ୍ରେମର ତୁଳନା ନାହିଁ ବୋଲି କହିବା ସହିତ ଉତ୍ତରପିଢିର ଦାୟାଦମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ସଞ୍ଜା ସଂଜୀବନୀ, ବିନତୀ ସାହୁ ଓ ଅଭିଭାବକ ସଞ୍ଜୟ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସାହିସ୍ତା ପରୱିନ୍ ଧନ୍ୟବାଦ ଦେଇଥିଲେ।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ



**ପାରାଦୀପ, ୨୯।୪ (ସମିସ):** ପାରାଦୀପଗଡରେ ଏଥର ରଜ ମହୋତ୍ସବକୁ ଆଡମ୍ବରରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା ।ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଙ୍କ ସଭାପତିତ୍ୱ ରେ ଆୟୋଜିତ ବୈଠକରେ ପାରାଦୀପ ଗଡ ସମେତ ପଞ୍ଚାୟତର ବହୁ ମୁଖିଆ ଲୋକ ଏଥିରେ ଉପସ୍ଥିତ ଥିଲେ ।ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଏହି ୩ୟ ବାର୍ଷିକ ରଜ ମହୋତ୍ସବ୍ ଆସନ୍ତା ଜୁନ ମାସ ୧୦ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ସାତଦିନ ବ୍ୟାପି ପାରାଦୀପ ଗଡ ହାଇସ୍କୁଲ ପଡିଆରେ ଆୟୋଜନ କରାଯିବ ।ଏଥର ବାହାର ରାଜ୍ୟର କଳାକାର ଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯିବା ସହ ଅଧିକ ସଂଖ୍ୟକ ବ୍ୟବସାୟୀ ଙ୍କୁ ଅଣାଯିବ ଓ ମୀନା ବଜାର, ରାମ ଦୋଳି ଆଦି ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ । ରଜ ମହୋତ୍ସବ ଅବସରରେ ରାଜା କୁଇନି, କବାଡି, ଝୋଟି, କବିତା, ଗୀତ, ନାଚ, ମ୍ୟୁଜିକ ଚେୟାର, ଆଦି ପ୍ରତିଯୋଗିତା ଆୟୋଜନ କରାଯିବ ।ଏହି ବୈଠକ ରେ ସରପଞ୍ଚ ସସ୍ମିତା ବେହେରା ଙ୍କ ସମେତ ବିଷ୍ଣୁ ଚରଣ ସାହୁ, ଚନ୍ଦ୍ର ଶେଖର ଚୌଧୁରୀ, ଜୟନ୍ତ ସେନାପତି, ନିରଞ୍ଜନ ପରିଡ଼ା, ମନୋଜ ରାଉତ, ସତ୍ୟନାରାୟଣ ମହାପାତ୍ର, ରାଜେନ୍ଦ୍ର ବେହେରା, ଗୋଲାପ ରାଣୀ ସାହୁ, ଦେବଦୁଲ୍ଲଭ କର, ସୁବାସ ସେନାପତି, ଶୁଶାନ୍ତ ସାମଲ, ଅଲେଖ ମହାରଥୀ, ସଂଗ୍ରାମ ବେହେରା, ମନୋଜ ସ୍ୱାଇଁ, ସନ୍ତୋଷ ଦୋରା, ରମେଶ ବେହେରା, ଉଲ୍ଲାସ ମହାରଥୀ ପ୍ରମୁଖ ଉପସ୍ଥିତ ରହି ରଜ ମହୋତ୍ସବକୁ ସରସ ସୁନ୍ଦର କରିବାକୁ ମତାମତ ଦେଇଥିଲେ। ମହୋତ୍ସବରେ କିଭଳି ପାରାଦୀପ ଅଞ୍ଚଳ ରୁ ଅଧିକ ସଂଖ୍ୟକ ଲୋକ ଯୋଗ ଦେଇ ଏହାର ମଜା ନେଇ ପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ




**ପାରାଦୀପ, ୨୯ ।୪ (ସମିସ) :** ପାରାଦୀପଗଡର ପ୍ରସିଦ୍ଧ ଶ୍ରୀ ଶ୍ରୀ ଲୋକନାଥ ମନ୍ଦିର ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ଉତ୍ସବ ସାରସ୍ୱତ ପରିକ୍ରମା ପକ୍ଷରୁ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ଗୋଲାପ ରାଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ତଥା ସାହିତ୍ୟିକ ପ୍ରଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ନିରଞ୍ଜନ ରାଉତ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଓଡିଶା ଗଠନରେ ମଧୁବାବୁଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଦେଇଥିଲେ ।କବି ରଞ୍ଜିତା ସାହୁ, ରୀନା ବେହେରା, ମଧୁସ୍ମିତା ମହାନ୍ତି, ଆରତୀ ଦାସ, ଚିତ୍ରସେନ ମହାନ୍ତି, ରାଜଶ୍ରୀ ସାହୁ, ସ୍ୱାଗତିକା ମୁଦୁଲି, ଯଶୋବନ୍ତୀ ନାୟକ, ଗୋଲାପ ରାଣୀ ସାହୁ, ରଜୀତ କୁମାର ଦାସ, ନିରଞ୍ଜନ ରାଉତ, ବିଦ୍ୟୁତ ପ୍ରଭା ରଥ, ଅଳକା ବତୀ ରଥ, ଚିତ୍ର ସେନ ମହାନ୍ତି, ଦିବ୍ୟାଶୀ ରଥ, ଗୀତାଞ୍ଜଳି ସାହୁ, ରମେଶ ଚନ୍ଦ୍ର ତ୍ରିପାଠୀ ଓ ସୁବାସ ସେନାପତି ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।ଏହି ଅବସରରେ ଶ୍ରେଷ୍ଠ କବିତା ରଚନା ପାଇଁ କବି ଅଳକା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପସଭାପତି ରଜୀତ କୁମାର ଦାସ ଧନ୍ୟବାଦ ଦେଇଥିଲେ ।ଏହି ଆସରକୁ ସାରସ୍ୱତ ପରିକ୍ରମାର କାର୍ଯ୍ୟକାରୀ ସଦସ୍ୟ ଦେବ ଦୁର୍ଲଭ କର ପରିଚାଳନା କରିଥିଲେ।

## ଗୋପବନ୍ଧୁ ଚୌଧୁରୀଙ୍କ ତିରୋଧାନ ଦିବସ ପାଳିତ

**ଜଗତସିଂହପୁର,୨୯।୪(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ଗାନ୍ଧୀବାଦୀ, ସ୍ୱାଧୀନତା ସଂଗ୍ରାମୀ ତଥା ତ୍ୟାଗବୀର ଗୋପବନ୍ଧୁ ଚୌଧୁରୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାର ବଙ୍ଗଳା ଛକ ଓ ଖେରସ ଛକରେ ଥିବା ଏହି ମହାନ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ନିର୍ବାହୀ



ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ପୌର ପରିଷଦ ମୁଖ୍ୟ ସହାୟକ ଦୀପକ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଜଇପୁର ପ୍ରଧାନ ସାହିକୁ ରାସ୍ତା ନିର୍ମାଣ ହେବ କେବେ

**ରଘୁନାଥପୁର, ୨୯ ।୪(ସମିସ):** ରଘୁନାଥପୁର ବ୍ଲକ ଅଧିନ ଛପଡା ଗ୍ରାମ ପଞ୍ଚାୟତ ୪ନଂ ୱାର୍ଡ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ଜଇପୁର - ଜଗତସିଂହପୁର ମୁଖ୍ୟ ରାସ୍ତାର ୪୦୦ମିଟର ପରେ ମୁଖ୍ୟରାସ୍ତାରୁ ୪ନଂ ୱାର୍ଡ ପ୍ରଧାନ ସାହିକୁ ୨୫୦ମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାଟି ଯାଇଛି। ଏହି ରାସ୍ତା ଉପରେ ମୋଟ ୯ଗୋଟି ପରିବାର ନିର୍ଭର କରନ୍ତି। ମୁଖ୍ୟ ରାସ୍ତାରୁ ଲାଗି କରି ୧୦୦ମିଟର ମାଟି ରାସ୍ତା ହୋଇଥିବା ବେଳେ ଶେଷ ଆଡକୁ ୧୫୦ମିଟର କଂକ୍ରିଟ ରାସ୍ତା ଅଟେ। ବର୍ଷାଦିନେ ଏହି ରାସ୍ତାଟି ଆଣ୍ଠୁଏ କାଦୁଅରେ ହୋଇଥିବା ଦେଖିବାକୁ ମିଳେ। ଏହି ରାସ୍ତାରେ ଏପରିକି ଆମ୍ବୁଲାନ୍ସ ଟିଏ ଯିବା ଅସମ୍ଭବ ହୋଇ ପଡ଼େ। ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧି ଓ ପୂର୍ବର ଲୋକ ପ୍ରତିନିଧିଙ୍କୁ ସ୍ଥାନୀୟ ଅଧିବାସୀମାନେ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ରାସ୍ତା ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନିଆନଯିବାରୁ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ବସନ୍ତ ମହାନ୍ତି , ଗୌରାଙ୍ଗ ପ୍ରଧାନ, ବିଶ୍ୱନାଥ ପ୍ରଧାନ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବରଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ, ୩୦ ଆହତ

**ବାଲିକୁଦା,୨୯।୪(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ତିହୁଡି ମରିଚପୁର ମୁଖ୍ୟ ରାସ୍ତାର ଶୋଭା ପେଟ୍ରୋଲ ପମ୍ପ ନିକଟରେ ଏକ ବରଯାତ୍ରୀବସ ଦୁର୍ଘଟଣା ଘଟି ୩୦ରୁ ଅଧିକ ଜଣ ଆହତ ହୋଇଛନ୍ତି। ଏଥିରେ ବସ କଣ୍ଡକ୍ଟରଙ୍କ ସମେତ ତିନି ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତି ପ୍ରାୟ ଅଢେଇଟା ସମୟରେ ବନ୍ଦର ସାମୁଦ୍ରିକ ଥାନା ଅନ୍ତର୍ଗତ ଧନୁହରବେଲାରୀ ଗ୍ରାମର ଗୋବିନ୍ଦ କାଣ୍ଡିଙ୍କ ପୁତ୍ର ମଳୟ କାଣ୍ଡି ବାଲିକୁଦା ଥାନା ଅନ୍ତର୍ଗତ ବୁଦ୍ଧିସାହି ଗ୍ରାମର ଛବିନା ଭୋଇଙ୍କ କନ୍ୟାଙ୍କୁ ବୈଦିକ ରୀତିରେ ବିବାହ କରିବା ପାଇଁ ବରଯାତ୍ରୀ ମାନଙ୍କୁ ନେଇ ଯାଇଥିଲେ ।ବରଯାତ୍ରୀ ମାନଙ୍କୁ ନେଇ ଯାଉଥିବା ବାବାମଣି ନାମକ ବସ ପ୍ରାୟ ୪୫ ବରଯାତ୍ରୀମାନଙ୍କୁ ନେଇ ଧନୁହରବେଲାରୀ ଗ୍ରାମକୁ ଫେରୁଥିବା ବେଳେ ତିହୁଡି ମରିଚପୁର ମୁଖ୍ୟ ରାସ୍ତା ଶୋଭା ପେଟ୍ରୋଲପମ୍ପ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ବାଲିକୁଦା ପୁଲିସ ସମେତ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାଲିକୁଦା ମେଡିକାଲ ପଠାଇଥିଲେ। ପରେ ସେମାନଙ୍କୁ ଜଗତସିଂହପୁର ମେଡିକାର ସ୍ଥାନାନ୍ତରିତ କରାଯାଇଥିଲା ।ଗୁରୁତର ଥିବା ୩ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ କଣ୍ଡକ୍ଟରଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଡ୍ରାଇଭର ସମ୍ପର୍କରେ କୌଣସି ସୂଚନା ମିଳୁ ନଥିବା ବେଳେ ସେ ଫେରାର ହୋଇ ଯାଇଥିବା କୁହାଯାଉଛି।



# ଜିଲ୍ଲାପାଳଙ୍କ ଅଚାନକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

**ଜଗତସିଂହପୁର, ୨୯।୪(ସମିସ)**

ଜଗତସିଂହପୁର ଜିଲ୍ଲାପାଳ ଅନୁପମ ସାହା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ପରିଦର୍ଶନ କରିଛନ୍ତି। ଏ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥିତ ରୌଦ୍ରତାପଜନିତ ଶାରୀରିକ ଅସୁସ୍ଥତାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ କକ୍ଷ, ଅନ୍ତର୍ବିଭାଗ, ଡାଏଲେସିସ ବିଭାଗ, ବହିର୍ବିଭାଗ, ରୋଗୀଙ୍କ ବିଶ୍ରାମ ଗୃହ, ନିରାମୟ ଓ ରୋଗୀ ପଞ୍ଜିକରଣ ବିଭାଗ, ନବନିର୍ମିତ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ପିଇବା ପାଣି, ବିଦ୍ୟୁତ୍ ଯୋଗାଣ, ଖାଦ୍ୟ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜରୁରିକାଳୀନ ଚିକିତ୍ସା ବିଭାଗରେ ବାୟୁ ଚଳାଚଳ ନିମିତ୍ତ ଉପଯୁକ୍ତ ବ୍ୟବସ୍ଥା କରିବା ଓ ଖୁବ୍‌ଶୀଘ୍ର ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ତଥା ଶିଶୁ ବିଭାଗର କାର୍ଯ୍ୟ ନବନିର୍ମିତ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ରରେ କରାଇବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡ଼ା. ପ୍ରମୋଦ କୁମାର ବାରିକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାଶ, ଭାରପ୍ରାପ୍ତ ଅଧୀକ୍ଷକ ଡା ସରୋଜ କୁମାର ଜେନା, ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଚକ୍ରଧର ଜେନା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ଚିକିତ୍ସାଳୟର ଉପଯୁକ୍ତ ସ୍ଥାନରେ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ।



## କେବୁଲ ଚୋରି ଅଭିଯୋଗରେ ଜଣେ ଗିରଫ

ପାରାଦୀପ, ୨୯।୪ (ସମିସ): ଆଇଓସିଏଲରୁ କପର କେବୁଲ ଚୋରି କରି ଆଣୁଥିବା ସମୟରେ ସିଆଇଏସଏଫ ହାବୁଡ଼ରେ ପଡ଼ି ପାଇପ ଲାଇନ ଡିଭିଜନରେ କାମ କରୁଥିବା ଆକାଶ ସ୍ୱାଇଁ (୨୭) ନାମକ ଜଣେ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛି। ତାଙ୍କ ନିକଟରୁ ୩ କେଜିର କପର କେବୁଲ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧୮ ହଜାର ଟଙ୍କା ହେବ। ଯୁବକ ଜଣଙ୍କ ଡ୍ୟୁଟି ସାରି ବ୍ୟାଗ୍‌ରେ କେବୁଲ ପୂରାଇ ଆସୁଥିବାବେଳେ ୪ ନମ୍ବର ଗେଟ୍‌ରେ ଧରାପଡ଼ିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ସିକ୍ୟୁରିଟି ଗାର୍ଡଙ୍କ କ୍ୟାବିନ୍ ଜାଳିଦେଲେ ଦୁର୍ବୃତ୍ତ

ପାରାଦୀପ, ୨୯।୪ (ସମିସ): ପାରାଦୀପ ଜେଏସଡବ୍ଲ୍ୟୁ ପ୍ରକଳ୍ପର ନୂଆଗାଁ ସାଇଟ ୮ ନଂ ଗେଟ୍ ନିକଟରେ ସିକ୍ୟୁରିଟି ଗାର୍ଡଙ୍କ ଥିବା କ୍ୟାବିନକୁ କେହି ଦୁର୍ବୃତ୍ତ ଜାଳିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ସିକ୍ୟୁରିଟି ସୁପରଭାଇଜର ସୁବାସ ଚନ୍ଦ୍ର ରାୟ ଅଭୟଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ସିଦ୍ଧ ମହାପୁରୁଷଙ୍କ ପୀଠରେ ନିମ୍ନମାନର କାମ ଅଭିଯୋଗ



ପଞ୍ଚୁପାଣ୍ଡବ, ୨୯।୪ (ସମିସ): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ସିଦ୍ଧ ମହାପୁରୁଷଙ୍କ ପୀଠରେ ନିମ୍ନମାନର ଢଳେଇ କାମ ହୋଇଥିବା ଅଭିଯୋଗ ଆସିଛି। ଠିକାଦାର ଓ ପଞ୍ଚାୟତ ଅଧିକାରୀ ମିଳିତ ଭାବେ ନିମ୍ନମାନର କାର୍ଯ୍ୟ କରି ଟଙ୍କା ହଡ଼ପ କରିଛନ୍ତି। ସିଦ୍ଧ ମହାପୁରୁଷଙ୍କ ପୀଠରେ ଆମ ଗାଁ ଆମ ବିକାଶ ଯୋଜନାରେ ଘର ହୋଇଥିଲା। ୨୦୨୨-୨୩ରେ ପଞ୍ଚାୟତ ସମିତି ପକ୍ଷରୁ ଠାକୁରଙ୍କ ପୀଠର ଉନ୍ନତି ପାଇଁ ୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି କାମ କରିବା ଆଗରୁ ସୂଚନା ଫଳକ ନ ଲଗାଇ ନିମ୍ନମାନର ଢ଼ଳେଇ କରିବା ପରେ ସୂଚନା ଫଳକ ଲଗାଯାଇଛି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ଏହାର ତଦନ୍ତ କରି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି।

## ମଧୁବାବୁଙ୍କ ପ୍ରତିମୂର୍ତ୍ତି କରି ଶିଳ୍ପୀ ସମ୍ବର୍ଦ୍ଧିତ



ଆଳି, ୨୯।୪(ସମିସ): ଦଶିପୁର ପଞ୍ଚାୟତ ପାରିନୂଆପଡ଼ା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ଏହାକୁ ଗଢ଼ିଥିଲେ ଶିଳ୍ପୀ ଯତୀନ ଦାସ। ସେଠାରେ ଏକ ସମ୍ବର୍ଦ୍ଧନା ସଭା କରାଯାଇ ବାଲୁକା ଶିଳ୍ପୀ ଯତୀନ ଦାସଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସଭାପତି ଡାକ୍ତର ଗୋପାଳ କୃଷ୍ଣ ପରିଡ଼ା, ଚକ୍ରଧର ବେହେରା, ମୁଖ୍ୟବକ୍ତା ବିଜୟ କୁମାର ବିଶ୍ୱାଳ, ଶିକ୍ଷାବିତ୍ ଯୁଧିଷ୍ଠିର ରାଉତ, ଯୁଧିଷ୍ଠିର ବେହୁରା, ସମ୍ମାନୀୟ ଅତିଥି ସମାଜସେବୀ ଭାବେ ଧନେଶ୍ୱର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ସରିଲା ପବିତ୍ରପଡ଼ା ଶ୍ରୀରାମନବମୀ ମହୋତ୍ସବ



ଡେରାବିଶ, ୨୯।୪ (ସମିସ): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପବିତ୍ରପଡ଼ାସ୍ଥ ବଟମହାପୁରୁଷଙ୍କ ପୀଠରେ ପବିତ୍ର ଶ୍ରୀରାମ ନବମୀ ଦିନଠାରୁ ବଟମହାପୁରୁଷ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଚାଲିଥିବା ଶ୍ରୀରାମନବମୀ ମହୋତ୍ସବ ଆଜି ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ୯ ଦିନ ଧରି ସମ୍ପୂର୍ଣ୍ଣ ରାମାୟଣର ନିର୍ବାକ ନୃତ୍ୟ ଅଭିନୟ କରାଯାଇଥିଲା। ବଚନିକା ଓ ସଙ୍ଗୀତ ମାଧ୍ୟମରେ ସମ୍ପୂର୍ଣ୍ଣ ରାମାୟଣକୁ ପରିବେଷଣ କରାଯାଇଥିଲା। ଏହି ବଚନିକା କାର୍ଯ୍ୟକ୍ରମକୁ ଭରତ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। ରାମାୟଣ ଅଭିନୟରେ ଗ୍ରାମର କଳାକାର ହବିଷ୍ୟାନ୍ନରେ ରହି ପବିତ୍ରତାର ସହ ରାମାୟଣକୁ ଅଭିନୟ କରିଥିଲେ। ଏହି ଅନୁଷ୍ଠାନଟି ଦୀର୍ଘ ୬୦ ବର୍ଷରୁ ସମୟରେ ହୋଇଆସୁଥିବାବେଳେ ଏଥିରେ ପୂର୍ବରୁ ଅଭିନୟ କରିଆସୁଥିବା ରଶ୍ମିରଞ୍ଜନ ଦାସ, ଜଗବନ୍ଧୁ ଦାସ, ବିଶ୍ୱଜିତ ମହାନ୍ତି, ସୌମେନ୍ଦ୍ର ସାହୁ, ଦିବଂଗତ ଅଭିନେତା ଭାବେ ସ୍ୱର୍ଗତ ନଗେନ୍ଦ୍ର ଦାସ, ତାର୍ଜନ ଦାସ, ଶେଷଦେବ ମହାନ୍ତି, ବଟକୃଷ୍ଣ ବେହରା ଓ ସମାଜସେବା କ୍ଷେତ୍ର ଅନବଦ୍ୟ କୃତୀ ପାଇଁ ରଘୁନାଥ ଦାସ ଓ ଅନାମ ଚରଣ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ମାରକ ମହାନ୍ତି ପରିଚାଳନା କରିଥିବାବେଳେ ହିମାଂଶୁ ଶେଖର ରାଉଳ, ଶୁଭକାନ୍ତ ଦାସ, ଚନ୍ଦନ କୁମାର ସାହୁ, ପରେଶ ଦାସ, ଗଣେଶ୍ୱର ସାହୁ, ଜୟନ୍ତ ଦାସ, ଅଶୋକ ସାହୁ, ସୁଧାସାଗରିକା ମହାନ୍ତି, ବଟକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଅଣ୍ଡରା ପଞ୍ଚାୟତରେ ବିଜେଡିର ବନ୍ଧୁମିଳନ ଉତ୍ସବ

# ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଆହ୍ୱାନ

ପଟ୍ଟାମୁଣ୍ଡାଇ, ୨୯।୪(ସମିସ)





ପଟ୍ଟାମୁଣ୍ଡାଇ ବ୍ଲକ ୧୨ ପଞ୍ଚାୟତର ବିଜେଡି ଲୋକ ପ୍ରତିନିଧି, ନେତା ଓ କର୍ମକର୍ତ୍ତାଙ୍କୁ ନେଇ ଅଣ୍ଡରା ପଞ୍ଚାୟତର ଅଣ୍ଡରା ହାଟ ପାଖ ପଡ଼ିଆରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାନସଭା ବିଜେଡି ସଂଯୋଜକ ଦୁର୍ଗାଶିଷ ମହାନ୍ତିଙ୍କ ପୌରୋହିତ୍ୟ ଓ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ସମାଜସେବୀ ଓ ସମବାୟବିତ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ପଟ୍ଟାମୁଣ୍ଡାଇ ମାଟିର ପୁଅ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଲୋକସଭା ପ୍ରାର୍ଥୀ ମାଟିର ପୁଅ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

ପଟ୍ଟାମୁଣ୍ଡାଇ ମାଟିର ଅନ୍ୟତମ ସୁଯୋଗ୍ୟ ସନ୍ତାନ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଆମ ଗର୍ବ ଓ ଗୌରବର ପ୍ରତୀକ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ବିଜୟୀ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ। କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମୁଁ ଲୋକସଭା ପ୍ରାର୍ଥୀ ହୋଇଛି। ପୂର୍ବ ସାଂସଦଙ୍କ ଭଳି ଜନମାନସରୁ ଅଦୃଶ୍ୟ ନ ହୋଇ ନିଷ୍ଠାର ସହିତ ଏ ମାଟି ଓ ଅଞ୍ଚଳବାସୀଙ୍କ ସେବା କରିବି ବୋଲି ପ୍ରତିଶ୍ରୁତି ଦେଇ ରେକର୍ଡ ଭୋଟରେ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ। କେନ୍ଦ୍ରାପଡ଼ା ବିଧାନସଭା ବିଜେଡି ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବାରମ୍ବାର ନିର୍ବାଚନ ହାରିଥିଲେ ମଧ୍ୟ କେବେ ଜନ ସେବା ଓ ଜନସମସ୍ୟାରୁ ଦୂରେଇ ଯାଇନାହାନ୍ତି। କେନ୍ଦ୍ରାପଡ଼ା ବିକାଶ ପାଇଁ ତାଙ୍କର ନିରନ୍ତର ସଂଗ୍ରାମ ଜାରି ରହିଛି। ନବୀନଙ୍କ ଆଶୀର୍ବାଦରେ ବିକାଶ ପ୍ରକ୍ରିୟା ଦ୍ୱିଗୁଣିତ ହେବ ବୋଲି ଦୃଢ଼ ଆଶା ପୋଷଣ କରି ଅନୁଗତ ଓ ନବାଗତଙ୍କୁ ନେଇ ଗଠିତ ବିଜୁ ପରିବାର ଏକାଠି ହୋଇ ବିରୋଧୀଙ୍କୁ ଉଚିତ ଶିକ୍ଷା ଦେବା ସହିତ ନବୀନ ପଟ୍ଟନାୟକଙ୍କ ଟେକ ବଜାୟ ରଖିବାକୁ ଯୋଡ ହସ୍ତରେ ନିବେଦନ କରିଥିଲେ।

ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦିକା ସୁପ୍ରିତା ନାଥଶର୍ମା, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ରାଉରକେଲା ବିଜେଡି ପ୍ରାକ୍ତନ ସଭାପତି ଆନନ୍ଦ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନସ ପରିଡ଼ା, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ ଓ ଜ୍ୟୋତିର୍ମୟୀ ବେହେରା, ଅଣ୍ଡରା ସମବାୟ ସମିତି ସଭାପତି ବୃନ୍ଦାବନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ କୁଳମଣି ମଲିକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଧନେଶ୍ୱର ପ୍ରଧାନ, ନିରଞ୍ଜନ ସୁନ୍ଦରରାୟ, ବୃନ୍ଦାବନ ମଲ୍ଲିକ, ରଶ୍ମୀରଞ୍ଜନ ସ୍ୱାଇଁ, ଅଭିଷେକ ବିଶ୍ୱାଳ, ବିଶ୍ୱଜିତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଯୋଡ଼ି ଶଙ୍ଖକୁ ରେକର୍ଡ ଭୋଟରେ ଜିତାଇବାକୁ କର୍ମୀଙ୍କ ଶପଥ




ପାରାଦୀପ, ୨୯।୪ (ସମିସ)

ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡି କର୍ମୀ ସମ୍ମିଳନୀ କରି ପ୍ରଚାର ଆରମ୍ଭ କରିଛି। ଗୋଟିଏ ମଞ୍ଚରେ ସମସ୍ତ ନେତା ଓ କର୍ମୀ ଏକାଠି ହୋଇଥିଲେ। ଡଃ ଦାମୋଦର ରାଉତଙ୍କ ପରିବାର ସହ ପାରାଦୀପର ସମସ୍ତ ନେତା ଏକାଠି ରହିବା ନେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଯୋଡ଼ି ଶଙ୍ଖକୁ ପାରାଦୀପ ନିର୍ବାଚନମଣ୍ଡଳୀରେ ରେକର୍ଡ ଭୋଟରେ ଜିତାଇବାକୁ ଶପଥ ନେଇଛନ୍ତି। ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପ୍ରଥମେ ପ୍ରାର୍ଥିନୀ ଶ୍ରୀମତୀ ରାଉତରାୟ ଓ ବିଜୁ ସମ୍ମୁଖ୍ୟର

### ବିଜେଡିର କର୍ମୀ ସମ୍ମିଳନୀ

କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସର୍ଖେଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟଙ୍କ ସହିତ ମୋନିଦୀପା ସର୍ଖେଲ, ପାରାଦୀପ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସନ୍ତୋଷ ବେଜ, ନାରୀନେତ୍ରୀ ସବିତା ମହାପାତ୍ର, ସମ୍ବିତ ରାଉତରାୟ, କୁମରବର ନାୟକ, ଜ୍ୟୋତିକାନ୍ତ ପରିଡ଼ା, ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ, କୈଳାସ ଚନ୍ଦ୍ର ସାହୁ, ସମୀର ବିଶ୍ୱାଳ, ଅନୁପ ସାହାଣୀ, ରାକେଶ ପଟ୍ଟନାୟକ, ଗୋଲେଖ ଚନ୍ଦ୍ର ସାହୁ, ମାନସ ବିଶ୍ୱାଳ, ସୁଶୀଳ ମହାପାତ୍ର, ମନୋଜ ବେହେରା, ଆଲୋକ ମହାପାତ୍ର ଓ ଅଟଳ ପରିଡ଼ାଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## ବିଜେଡି ବିଧାୟକ ପ୍ରାର୍ଥୀ ରମାକାନ୍ତଙ୍କ ରୋଡ ଶୋ’



ତିର୍ତ୍ତୋଲ, ୨୯।୪(ସମିସ): ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଡ.ରମାକାନ୍ତ ଭୋଇ ଇବ୍ରିସିଂ ପଞ୍ଚାୟତରେ ରୋଡ ଶୋ’ ଜରିଆରେ ପ୍ରଚାର କରିଛନ୍ତି। ଏକ ଖୋଲା ଜିପରେ ଡ.ରମାକାନ୍ତ ଭୋଇ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ଜିଲ୍ଲା ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ ପ୍ରମୁଖ ଦଳୀୟ କର୍ମୀଙ୍କ ବାଇକ ଶୋଭାଯାତ୍ରା ଗହଣରେ ଇବ୍ରିସିଂ ପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କ ଆଶୀର୍ବାଦ ଲୋଡିଥିଲେ। ପଞ୍ଚାୟତ ବିଜେଡି ସଭାପତି ନିରଞ୍ଜନ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ମଲ୍ଲିକ, ଯୁବ ନେତା ସୁକାନ୍ତ ଦାସ, ସୁଶାନ୍ତ ସ୍ୱାଇଁ, ସୁରେଶ ଦାସ, ରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡ.ଭୋଇ ପ୍ରସିଦ୍ଧ ଉତ୍ତେରଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ମା’ଙ୍କ ଆର୍ଶୀବାଦ ନେଇଥିଲେ।

## ରାଜନଗର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ରାଜନଗର, ୨୯।୪(ସମିସ)

ରାଜନଗର ବ୍ଲକ ସଦରମହକୁମା ପଞ୍ଚାୟତ ରାଜନଗର ଗ୍ରାମପଞ୍ଚାୟତର ବିଜେଡି ପକ୍ଷରୁ ବନ୍ଧୁମିଳନ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥବଜାରସ୍ଥିତ ସାଂସଦ ପ୍ରାର୍ଥୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ରାଜନଗର ନିର୍ବାଚନମଣ୍ଡଳୀର ବିଧାନସଭା ପ୍ରାର୍ଥୀ ଧ୍ରୁବ ସାହୁ ଯୋଗଦେଇ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନରେ ବିକଶିତ ଓଡ଼ିଶାର ବିଭିନ୍ନ ଚିତ୍ର ଉପସ୍ଥାପନ କରିଥିଲେ। ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ମଜବୁତ କରିବା ପାଇଁ ପଞ୍ଚାୟତ, ୱାର୍ଡ ଓ ବୁଥ୍ କମିଟି ଗଢିବାକୁ ପରାମର୍ଶ ଦେଇଥିଲେ। ଏହାସହିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ କହିଥିଲେ। ଏହି କର୍ମୀ ସମ୍ମିଳନୀରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ରାଜନଗର ବ୍ଲକ ବିଜୁ ଜନତା ଦଳ ମୁଖପାତ୍ର କୈଳସ ଚନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କୁମାର ଜେନା, ଅନନ୍ତ କୁମାର ସେଠୀ, ନରହରି ଜେନା, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଯୋଗଦେଇ ସାଧାରଣ ନିର୍ବାଚନରେ ଡବଲ ଶଙ୍ଖରେ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ଭୋଟ ଦେବାକୁ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବନ୍ଧୁମିଳନ ଓ କର୍ମୀ ସମ୍ମିଳନୀରେ ରାଜନଗର ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ନାରାୟଣ ଦାସ, ବରିଷ୍ଠନେତା ଚିତ୍ତରଞ୍ଜନ ଦାସ, ରମଣୀ ରଞ୍ଜନ ମହାପାତ୍ର, ବାଇଧର ସେଠୀ, ସତ୍ୟବାନ ସେଠୀ, ବିଚିତ୍ର ମଲିକ, ପବିତ୍ର କୁମାର ସେଠୀ, ରବୀନ୍ଦ୍ର ଦଳାଇ, ମାନସ କୁମାର ସେଠୀ, ଧ୍ରୁବ ଚରଣ ଲେଙ୍କା, ଭିକାରୀ ବଳ, ଉମେଶ ଚନ୍ଦ୍ର ଦାସ, ଖଗେଶ୍ୱର ସେଠୀ, ବିଜୟ କୁମାର ଦାସ, ପ୍ରଦୀପ କୁମାର ଲେଙ୍କା, ନିରାକାର ସେଠୀ, ରଞ୍ଜନ କୁମାର ରାଉତ, ଶରତ କୁମାର ମଳିକ, ପ୍ରଶାନ୍ତ କୁମାର ବିଶ୍ୱାଳ, ଜୟୀରାମ ସେଠୀ, ବାବାଜୀ ମିଶ୍ର, ଅନାଥ ପ୍ରଧାନ, ନିମାଇଁ ଦାସ, ଅନିରୁଦ୍ଧ ପରିଡ଼ା, ଗଙ୍ଗାଧର ସେଠୀ, ରାଜକିଶୋର ମଳିକ, ଅକ୍ଷୟ ମଳିକ, ବାପିନା ମଳିକ, ପ୍ରଫୁଲ୍ଲ ସେଠୀ, ପଞ୍ଚାନନ ବାରିକ ପ୍ରମୁଖ ଯୋଗଦେଇଥିଲେ।

## ‘ସୁଧାକରଙ୍କ ନାଟକରେ ଥିଲା ନିଚ୍ଛକ ସାମାଜିକ ଜୀବନର ପ୍ରତିଛବି’

ଜଗତସିଂହପୁର, ୨୯।୪(ସମିସ)



ବହୁ ପ୍ରାଚୀନ କାଳରୁ ଯାତ୍ରା ମଞ୍ଚ ନାଟକ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ଭାବେ ରହିଛି। ଓଡ଼ିଶାର ଅନେକ ନାଟ୍ୟକାର ତାଙ୍କ ରଚିତ ନାଟକ ଦ୍ୱାରା ଓଡ଼ିଆ ଯାତ୍ରା ନାଟକକୁ ନୂଆ ଦିଶା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ସୃଷ୍ଟି ସମ୍ଭାର ଓଡ଼ିଆ ଯାତ୍ରା ନାଟକକୁ ଋଦ୍ଧିମନ୍ତ କରିଛି। ତାଙ୍କ ନାଟକରେ ନିଚ୍ଛକ ସାମାଜିକ ଜୀବନର ପ୍ରତିଛବି ରହିଥିଲା ବୋଲି ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୪ତମ ଜୟନ୍ତୀ ସମାରୋହରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ମତପୋଷଣ କରିଛନ୍ତି।

ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସୁନାମଧନ୍ୟ ନାଟ୍ୟକାର ହର ବାରିକ ଯୋଗଦେଇ ସୁଧାକର ଦ୍ୱିବେଦୀଙ୍କ ନାଟକ କେବଳ ମନୋରଞ୍ଜନ ନ ଥିଲା, ବରଂ ସମାଜକୁ ସୁଶିକ୍ଷା ଓ ସଚେତନ କରାଇବା ପାଇଁ ଅଭିପ୍ରେତ ଥିଲା। ମାତ୍ର ୩୨ ବର୍ଷ ଭିତରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ୨୦ ଖଣ୍ଡ ଉଚ୍ଚମାନର ନାଟକ ଲେଖି ନାଟ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରଖିଯାଇଛନ୍ତି ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ତାଙ୍କ ବକ୍ତବ୍ୟରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଚର୍ଚ୍ଚିତ ନାଟକ ଗୃହଲକ୍ଷ୍ମୀ, ଶପଥ ନୁହେଁ କଳଙ୍କ, ଶଙ୍ଖା ଶାଢ଼ୀ ସିନ୍ଦୁର, ଚମ୍ବଲ ଡାକୁ, ରଘୁ ଅରକ୍ଷିତ ଓ ବିପ୍ଳବୀର ଅପମୃତ୍ୟୁ ଆଦି ନାଟକ ଉପରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସୁରେଶ ଚନ୍ଦ୍ର ରାଉତ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଯୋଗଦେଇ ସ୍ୱର୍ଗତ ସୁଧାକର ଦ୍ୱିବେଦୀଙ୍କ ନାଟକରେ ତତ୍କାଳୀନ ସମାଜର ବାସ୍ତବ ଚିତ୍ର ଅତି ନିଖୁଣ ଭାବେ ପ୍ରତିଫଳିତ ହୋଇଥିଲା ବୋଲି କହିବା ସହ ତାଙ୍କ ନାଟକ ଉତ୍ତରପିଢ଼ିର ନାଟ୍ୟକାରଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଯତୀନ୍ଦ୍ର ମିଶ୍ର, ସୁଶ୍ରୀ ଗୀତା ରଥ, ଶିକ୍ଷକ ରାମନାରାୟଣ ନାୟକ ପ୍ରମୁଖ ସୁଧାକର ଦ୍ୱିବେଦୀଙ୍କ ନାଟ୍ୟ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ବିଶିଷ୍ଟ ନାଟ୍ୟକାର ଶରତ କୁମାର ମହାପାତ୍ର ଓ ଯାତ୍ରା ଅଭିନେତା ଶ୍ରୀକାନ୍ତ ଦ୍ୱିବେଦୀଙ୍କୁ ସୁଧାକର ଦ୍ୱିବେଦୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏ ଅବସରରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ଦେଶାତ୍ମବୋଧକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଯୁଗ୍ମ ସମ୍ପାଦକ ବିଜନ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ପରିଷଦର ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏ ଉପଲକ୍ଷେ ଆୟୋଜିତ କବିତା ଆସରରେ କବୟିତ୍ରୀ ତିଲୋତ୍ତମା ଦାଶ, ପ୍ରତିଭାରାଣୀ ରାୟ, ରମାକାନ୍ତ ଦାସ, ସଞ୍ଜୁବାଳା ନାୟକ, ସ୍ମୃତିରଞ୍ଜନ ରାଉତଙ୍କ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

## ଶିଶୁ ସାହିତ୍ୟିକ ପର୍ଶୁରାମ ବେହେରା ସମ୍ମାନିତ




ଆଳି, ୨୯।୪(ସମିସ)

ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ଓଡ଼ିଶା ପକ୍ଷରୁ ଆୟୋଜିତ ଦ୍ୱାବିଂଶ ସମାବର୍ତ୍ତନ ଉତ୍ସବ ୨୦୨୪ରେ ଶ୍ରେଷ୍ଠ ଶିଶୁ ସାହିତ୍ୟିକ ଭାବେ ପର୍ଶୁରାମ ବେହେରାଙ୍କୁ ‘ଜୟକୃଷ୍ଣ ସାହୁ ଶିଶୁ ସାହିତ୍ୟ ସମ୍ମାନ’ରେ ସମ୍ମାନିତ କରାଯାଇଛି। କଟକ ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଆୟୋଜିତ ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି, ନେପାଳର ବରିଷ୍ଠ ଶିଶୁ ସାହିତ୍ୟିକ ବିଜୟରାଜ ଆଚାର୍ଯ୍ୟ, ନରେନ୍ଦ୍ର ପ୍ରସାଦ ଦାସ ଓ କାର୍ଯ୍ୟକ୍ରମ ପରିଚାଳକ ତଥା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଶ୍ରୀ ବେହେରାଙ୍କୁ ଉତ୍ତରୀୟ ଓ ମାନପତ୍ର ଓ ସମ୍ମାନ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ ବରିଷ୍ଠ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ସାମନ୍ତରାୟ, ଦିବ୍ୟଜ୍ୟୋତି ପାଣି, ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ।

## ସମାଜସେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା

**ପାଣିକୋଇଲି, ୨୯।୪(ସମିସ):** ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ନମଟିକିରୀ ଗ୍ରାମର ସମାଜସେବୀ ବାବାଜୀ ଚରଣ କବିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଅଦୈତ୍ୟ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରକାଶ ଦାସ ଯୋଗଦେଇ ସ୍ୱର୍ଗତ କବିଙ୍କ ରାଜନୈତିକ ଜୀବନ ଓ ସମସ୍ତଙ୍କୁ ଭଲ ପାଇବାର ଶୈଳୀ ଓ ଅଶୋକ ଦାସଙ୍କ ସହ ତାଙ୍କର ନିବିଡ଼ତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। କୋରେଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭିକାରୀ ଚରଣ ବରାଳ, ବ୍ୟଙ୍ଗ କବି ବାଇଧର ମାଝୀ, କବି ଭୁବନ ମୋହନ ମହାନ୍ତି, ଡା. ନିର୍ମଳ ରଥ, ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ତାରିଣୀ ପଟ୍ଟନାୟକ, ଦୈତାରୀ ଧଳ, ରାଜକିଶୋର ସ୍ୱାଇ. ଦିଲ୍ଲୀପ ଧଳ, ଶ୍ରମିକ ନେତା ରଘୁନାଥ ମାଝୀ, ଗଣେଶ ମହାପାତ୍ର, କାର୍ତ୍ତିକ ସ୍ୱାଇଁ, ଅକ୍ଷୟ ମହାନ୍ତି, କଳ୍ପତରୁ ମହାପାତ୍ର, ଦେବେନ୍ଦ୍ର ନନ୍ଦ, ମଧୁସୂଦନ ସାହୁ, ସୂର୍ଯ୍ୟମଣି ପଣ୍ଡା, କୈଳାସ ଦାସଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗତ କବିଙ୍କ ସ୍ମୃତିଚାରଣ କରିଥିଲେ। ଅକ୍ଷୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଚ୍ଚି ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବରୀ,୨୯।୪(ସମିସ):** ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା ସଚ୍ଚି ଦାସଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ରମ୍ଭା ପଞ୍ଚାୟତ ଆନନ୍ଦପୁରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସମାଜସେବୀ ସତ୍ୟରଞ୍ଜନ କର ସଭାପତିତ୍ୱ କରିଥିଲେ। ନିହାର ରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡଃ ରଶ୍ମି ଦାସ ସଚ୍ଚି ଦାସ ଜଣେ ବ୍ୟକ୍ତି ନ ଥିଲେ, କଳା ଜଗତରେ ଏକ ଅନୁଷ୍ଠାନ ଥିଲେ ବୋଲି କହିଥିଲେ। ବରୀ ବିଜୁ ଜନତା ଦଳ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ, ବରୀ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଅଶୋକ କୁମାର ସାମଲ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅପରପକ୍ଷରେ ବରୀ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନୈତିକ ନେତୃମଣ୍ଡଳୀ ଏହି ସ୍ମୃତିଚାରଣ ସଭାରେ ଯୋଗ ଦେଇ ଡଃ ଦାସଙ୍କ ଯାତ୍ରା ଓ ସିନେମା ପ୍ରତି ଅତୁଳନୀୟ ଅବଦାନ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସ୍ମୃତିଚାରଣ ସଭାରେ ଡଃ ଗୋକୁଳାନନ୍ଦ ଦାସ, ନିର୍ଦ୍ଦେଶକ ବାଦଲ ସିକଦାର, ନାଟ୍ୟକାର ରବି ସାହୁ, ଇଂ ମହେଶ୍ୱର ବେହେରା, ବରିଷ୍ଠ ଶିକ୍ଷାବିତ କୁଞ୍ଜବିହାରି ଦାଶ, କବି କୁମାର ସରୋଜ, ଶିକ୍ଷାବିତ ମକର ଚରଣ ଘଡ଼େଇ, ସୋମନାଥ ଦ୍ୱିବେଦୀ, ବିଚିତ୍ରାନନ୍ଦ ଦାସ, ସୁବାସ ମହାପାତ୍ର, ଅମିତାଭ ଜେନା ପ୍ରମୁଖ ଯୋଗଦେଇ ସଚ୍ଚି ଦାସଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ବିଶ୍ୱକେତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବରୀ ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବଙ୍କ ଜୟନ୍ତୀ ପାଳିତ

**ବରୀ,୨୯ ।୪(ସମିସ):** ବରୀ ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ବରୀ ତହସିଲ କାର୍ଯ୍ୟାଳୟରେ ପାଳନ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ଆଇନଜୀବୀ ରାଜକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥନନ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟାନନ୍ଦ ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ କୁଞ୍ଜବିହାରୀ ଦାଶ ଯୋଗ ଦେଇଥିଲେ। ସଂଘର ଉପସଭାପତି ହରିଶ ଚନ୍ଦ୍ର ଧଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଧୀରେନ୍ଦ୍ର ସ୍ୱାଇଁ ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ଚିତ୍ତରଞ୍ଜନ ଓଝା, ଭବାନୀ ପ୍ରସାଦ ପଣ୍ଡା, ତପନ ଜେନା, ସରୋଜ ପଣ୍ଡା, ଗୁଣନିଧି ନାୟକ, ବାଞ୍ଛାନିଧି ସାହୁ, ପ୍ରଶାନ୍ତ ବେଉରା, ସଂଯୁକ୍ତା ସେଠୀ ପ୍ରମୁଖ ଉପସ୍ଥିତ ରହି ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଅମିତାଭ ଜେନାଙ୍କ ନେତୃତ୍ୱରେ ଦାଶରଥୀ ନାଟ୍ୟ କଳା ପରିଷଦର କୁନି କୁନି ପିଲାଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଶିକ୍ଷୟିତ୍ରୀ ପଙ୍କଜିନୀ ଉପାଧ୍ୟାୟ କବିତା ପାଠ କରି ମଧୁବାବୁଙ୍କ ଜୀବନୀ ବଖାଣି ଥିଲେ। ଆଶିଷ କୁମାର ନାଥଶର୍ମା, ବିରୂପାକ୍ଷ ଦ୍ୱିବେଦୀ, ଶିବପ୍ରସାଦ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ପବିତ୍ର କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସ୍ମୃତି ଓ ପ୍ରଣତି' ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ

**ଯାଜପୁର ଟାଉନ, ୨୯।୪(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ନେଇ କାର୍ଯ୍ୟ କରୁଥିବା ସ୍ମୃତି ଓ ପ୍ରଣତି ଅନୁଷ୍ଠାନ ପକ୍ଷରୁ ଉତ୍କଳ ଗୌରବ ମଧୂସୁଦନ ଦାସଙ୍କ ଜୟନ୍ତୀ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ଭୂମିକା ସମ୍ପାଦନ କରିଥିବା ବିଚିତ୍ରାନନ୍ଦ ଦାସଙ୍କ ସ୍ମରଣ ଦିବସ ସ୍ଥାନୀୟ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିଶିର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ ସୁରେନ୍ଦ୍ର ରାୟ, କେଦାର ନାୟକ, ଅଧ୍ୟାପିକା ଡଃ ପ୍ରଣତୀ ସାମଲ, ଦିଲ୍ଲୀପ କୁମାର ଦଳାଇ, ଅଧିକାରୀ ନବକିଶୋର ଦାସ, ଆନନ୍ଦ ଚନ୍ଦ୍ର ସାମଲ, ହିମାଂଶୁ ଦାସ, ଆଡଭୋକେଟ ଶୁଭ୍ରାଂଶୁ ରାୟ, ଶିକ୍ଷାବିତ ସୁକାନ୍ତୀ ସାମଲ ପ୍ରମୁଖ ଯୋଗଦେଇ ଓଡିଆ ଭାଷା, ସଂସ୍କୃତି, ଐତିହ୍ୟକୁ ଚରମ ସୀମାରେ ପହଞ୍ଚାଇବାକୁ ଆମ ସମସ୍ତଙ୍କ ପ୍ରୟାସ ଲୋଡ଼ା ବୋଲି କହିଥିଲେ। ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ପ୍ରାକ୍ ସୂଚନା ଦେଇଥିବାବେଳେ ସଂଗଠନ ସମ୍ପାଦକ ଅଧ୍ୟାପକ ଦାମୋଦର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥେଲ। କାର୍ଯ୍ୟକାରିଣୀ ସଭ୍ୟ ଶେଖ୍ ମନିରୁଦ୍ଦିନ, ପ୍ରଭାତ ତ୍ରିପାଠୀ, ଯତୀନ୍ଦ୍ର କୁମାର କର, ତୃପ୍ତି ଜେନା, ମିହିର କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ କର୍ମକର୍ତ୍ତା ସୁବାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୀର୍ଘଦିନ ଧରି ସୌରଚାଳିତ ନଳକୂପ ଅଚଳ

# ଗବଡିହରେ ଜଳକଷ୍ଟ; ବିଭାଗୀୟ ଅଧିକାରୀଙ୍କ ନାହିଁ ନିଘା



**ବିଞ୍ଝାରପୁର,୨୯।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଆଉଁରୀ ପଞ୍ଚାୟତର ପଡ଼ାଗ୍ରାମ ଗବଡିହରେ ପାନୀୟ ଜଳକଷ୍ଟ ଦେଖାଦେଇଛି। ଗ୍ରାମରେ ଖୋଳାଯାଇଥିବା ସୌରଚାଳିତ ନଳକୂପଟି ଖରାପ ହୋଇଯାଇଥିଲେ ମଧ୍ୟ ଆରଡବ୍ଲ୍ୟୁଏସଏସ ବିଭାଗ ଅଧିକାରୀଙ୍କ ଆଦୌ ନଜର ପଡୁନି। ଦୀର୍ଘ ଏକବର୍ଷରୁ ଅଧିକ ଦିନ ଧରି ଏହା ଅଚଳ ହୋଇପଡିଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଅଭିଯୋଗ ସତ୍ତ୍ୱେ ଏଥିପ୍ରତି ନଜର ପଡୁ ନ ଥିବା ଅଭିଯୋଗ ହୋଇଛି। ଏଥିସହ ଗ୍ରାମର ଲୋକମାନେ ପିଇବା ପାଇଁ ପାଣି ମୁନ୍ଦାଏ ପାଉ ନ ଥିବାରୁ ଏକ କିଲୋମିଟର ଦୂରରେ ଥିବା ଖଣ୍ଡିପାଳ ଗ୍ରାମକୁ ଯାଇ ସେଠାରେ ଥିବା ନଳକୂପ ପାଣି ଆଣି ବ୍ୟବହାର କରୁଛନ୍ତି। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଏହି ଗ୍ରାମରେ ଏକ ଡିପ୍ ବୋରୱେଲ ଖୋଳାଯିବା ପାଇଁ ଦେଇଥିବା ପ୍ରତିଶ୍ରୁତି ସେହି ପ୍ରତିଶ୍ରୁତିରେ ରହିଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସହିତ ଗ୍ରାମରେ ଲାଗି ରହିଥିବା ଜଳକଷ୍ଟ ସ୍ଥାନୀୟ ଲୋକଙ୍କୁ ହତାଶ କରିଛି । ତୁରନ୍ତ ଏ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ପାନୀୟଜଳ ପ୍ରକଳ୍ପ ଅଚଳ, ଲୋକେ ହୀନସ୍ତା

**ଚଢ଼େଇଧରା ,୨୯ ।୪(ସମିସ) :** ଧର୍ମଶାଳା ବ୍ଲକ ଅନ୍ତର୍ଗତ ସମ୍ପାରୁ ପଞ୍ଚାୟତର କାଦୁଅମାଗୁରା ଗ୍ରାମରେ କରାଯାଇଥିବା ପାନୀୟଜଳ ପ୍ରକଳ୍ପ ଏବେବି କାର୍ଯ୍ୟକ୍ଷମ ହୋଇନାହିଁ। ପାନୀୟଜଳ ପ୍ରକଳ୍ପ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଦୁଇ ଦୁଇଥର ବ୍ୟୟବରାଦ ହୋଇଥିଲେ ହେଁ ଅଦ୍ୟାବଧି ଗ୍ରାମର ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ପାନୀୟଜଳ ପ୍ରକଳ୍ପ ନିର୍ମାଣ ପାଇଁ ବୋରିଂ ହେଲା, ଘର ନିର୍ମାଣ ହେଲା ଓ ଗ୍ରାମରେ ପ୍ରତି ସାହିରେ ପାଣି ପାଇପ ବିଛାଗଲା। ତେବେ ଠିକାଦାର ନିମ୍ନମାନର ପ୍ରକଳ୍ପ ନିର୍ମାଣ କଲେ। ଫଳରେ ଉକ୍ତ ଗ୍ରାମର କେହି ଲୋକ ପାଣି ପାଉନାହାନ୍ତି। ବିଭାଗ ପକ୍ଷରୁ ଠିକ୍ ଭାବେ ତଦାରଖ କରାଗଲାନି। ଫଳରେ ଠିକାଦାର ନିଜ ଇଚ୍ଛାରେ ଉକ୍ତ ପାନୀୟ ପ୍ରକଳ୍ପ ଚଣ୍ଡିଖୋଲ ଡିଭିଜନ ଅଧୀନରେ ନିର୍ମାଣ ହେଲା। ପିଇବା ପାଣି ତ ଲୋକମାନେ ଅଦ୍ୟାବଧି ପାଇଲେ ନାହିଁ। ଯେଉଁ ପାଇପ ବିଛାଗଲା ତାହା ମଧ୍ୟ ନିମ୍ନମାନର। ଯେଉଁ ପାଣି ନେବା ପାଇଁ ପ୍ରତି ସ୍ଥାନରେ ଟ୍ୟାପ ବସିଲା, ତାହା ମଧ୍ୟ ଭାଙ୍ଗିଗଲାଣି। ଯେଉଁ ସ୍ଥାନରେ ବୋରିଂ ଓ ଘର ହୋଇଛି ତାହା ଭାଙ୍ଗି ନଷ୍ଟ



ହେଉଥିବା ଜଣାପଡ଼ିଛି। ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ପାନୀୟ ଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ଅତ୍ୟନ୍ତ ତତ୍ପର ଥିଲେ ମଧ୍ୟ ଏଠାରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

### ଡିନାମାଇଟ ପରେ କୀଟନାଶକ ପକାଇ ଧରାଯାଉଛି ମାଛ

## ପ୍ରଦୂଷିତ ହେଉଛି ନଦୀ ପାଣି

**କବାଟବନ୍ଧ,୨୯।୪ (ସମିସ):** ବ୍ରାହ୍ମଣୀ ନଦୀରୁ ମାଛ ଧରିବା ପାଇଁ କେତେକ ଅସାମାଜିକ ବ୍ୟକ୍ତି ବିଭିନ୍ନ ଅସ୍ୱାଭାବିକ କୌଶଳକୁ ଆପଣାଉଥିବା ଦେଖିବାକୁ ମିଳିଛି। ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଅଞ୍ଚଳରେ ନଦୀ କୂଳରୁ ବିଭିନ୍ନ ସ୍ଥାନରେ ମାରାତ୍ମକ କୀଟନାଶକ ଔଷଧକୁ ମାଛ ଧରିବା ପାଇଁ ବ୍ୟବହାର କରାଯାଉଥିବା ଜଣାପଡିଛି। କିଛିଦିନ ପୂର୍ବରୁ ଡିନାମାଇଟ ବ୍ୟବହାର କରି ରାଇଛନ୍ଦା ପଞ୍ଚାୟତର କଣ୍ଟାପାଟଣା ଓ ରେଖିଦେଇପୁରଠାରେ ବ୍ରାହ୍ମଣୀ ନଦୀରୁ ମାଛ ଧରାଯାଉଥିବା ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ସ୍ଥାନୀୟ ରେଖିଦେଇପୁର ଅଞ୍ଚଳର କିଛି ଦୋକାନୀ ଏଭଳି କାମ କରୁଥିବା ଶୁଣିବାକୁ ମିଳୁଛି। ଡିନାମାଇଟ ବ୍ୟବହାର ଦ୍ୱାରା ପ୍ରଚଣ୍ଡ ଶବ୍ଦ କାରଣରୁ ଉକ୍ତ ବ୍ୟକ୍ତି ମାଛ ଧରିବା ତରିକା ବଦଳାଇ ଦେଇଛନ୍ତି। ବିଭିନ୍ନ ପ୍ରକାର ଫସଲ ଓ ପନିପରିବାରେ ବ୍ୟବହାର ହେଉଥିବା କୀଟନାଶକକୁ ନଦୀ ପାଣିରେ ପକାଇ ଦେଉଛନ୍ତି। କୀଟନାଶକ ପଡିବାର କିଛି ସମୟ ପରେ ଜଳ ବିଷାକ୍ତ ହୋଇ ପାଣିରେ ମାଛ ମରି ଭାସୁଛନ୍ତି। ନଦୀ ଜଳରେ ମାଛ ମରି ଭାସିବା ଦ୍ୱାରା ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଛ ପାଣିରେ ପଡ଼ି ପଡ଼ି ପଚି ଯାଇ ଦୁର୍ଗନ୍ଧ ହେଉଛି। ଗାଈଗୋରୁ ଏହି ପାଣିକୁ ପିଉଛନ୍ତି। ନଦୀ ଜଳ ପ୍ରଦୂଷିତ ହେବା ସହିତ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାର ସମ୍ଭାବନା ରହିଛି। ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ରାତିଅଧିଆ ମାଟି ପରୀକ୍ଷାକୁ ବିରୋଧ

**ଯାଜପୁର,୨୯।୪ (ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶିଳ୍ପ ସ୍ଥାପନ ପାଇଁ ଛୋଟ ବଡ଼ କମ୍ପାନୀଙ୍କ ଧାଡି ଛୁଟୁଛି। ଜମି ଅଧିଗ୍ରହଣ ଆଇନର ନିର୍ଦ୍ଦେଶାବଳୀକୁ କମ୍ପାନୀ ଉଲ୍ଲଂଘନ କରି ଲୋକଙ୍କ ବିନା ସହମତି ଓ ପଲ୍ଲୀସଭାରେ ଲୋକଙ୍କୁ କ୍ଷତିପୂରଣ ନ ଦେଇ ବଳପୂର୍ବକ ଜମି ଅଧିଗ୍ରହଣ ପାଇଁ ରାତିଅଧିଆ ଯୋଜନା କରାଯାଉଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରୁଥିବାବେଳେ କମ୍ପାନୀ କ୍ଷତିପୂରଣ ନ ଦେଇ ଜମି ଅଧିଗ୍ରହଣ ଆଇନକୁ କିପରି, କାହିଁକି ଓ କାହା ନିର୍ଦ୍ଦେଶରେ ଉଲ୍ଲଂଘନ କରୁଛି; ତାହା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବିସ୍ମିତ କରୁଛି।

ସୂଚନା ମୁତାବକ, ପଚାଶ ଏକର ଜମିରେ ସନଭିରା ଲିମିଟେଡ଼ ନାମକ ଏକ କମ୍ପାନୀ ଶିଳ୍ପ ସ୍ଥାପନା ପାଇଁ ରାତିଅଧିଆ ମାଟି ପରୀକ୍ଷା ଯୋଜନାକୁ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଥିବା ଦେଖିବାକୁ ମିଳିଛି। ଇଡ୍‌କୋଠାରୁ ପଚାଶ ଏକର ଜମି ନେଇଥିବା ସୂଚନା ମିଳିଥିବାବେଳେ କୌଣସି ଜନଶୁଣାଣି ନ କରି ରବିବାର ରାତିରେ କାର୍ଯ୍ୟ ଆରମ୍ଭ କରିଛି। କାର୍ବନ ଇଲେକ୍ଟ୍ରଡ ପେଷ୍ଟ ମାନୁଫାକଚରିଂ ପ୍ଲାଣ୍ଟ ପାଇଁ ପଚାଶ ଏକର ଜମିର ଆବଶ୍ୟକତା ରହିଛି। ଯାହା ଇଡ୍‌କୋଠାରୁ ୧୨ କୋଟି ୮୯ ଲକ୍ଷ ଟଙ୍କାରେ ହାତେଇବା ପରେ ଚଞ୍ଚକତା କରି ରାତି ଅଧରେ କାର୍ଯ୍ୟ ଆରମ୍ଭ କରିବାକୁ ମସୁଧା କରିଛି। ସ୍ଥାନୀୟ ଲୋକେ ବିରୋଧ କରିବା ପରେ କମ୍ପାନୀର ମନମୁଖୀ ନୀତି ଲୋକଲୋଚନକୁ ଆସିଛି। କମ୍ପାନୀ ପକ୍ଷରୁ ଜଣେ ଠିକାଦାର ଜରିଆରେ ତରବରିଆ ଭାବେ ସଏଲ ଟେଷ୍ଟ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଯଖପୁରା ପଞ୍ଚାୟତ ସନ୍ନିକୋଟ ଅଞ୍ଚଳରେ ପଚାଶ ଏକର ପରିମିତ ଜାଗାରେ ପ୍ଲାଣ୍ଟ ସ୍ଥାପନା ପାଇଁ ପ୍ରସ୍ତାବ ପାରିତ ହୋଇଛି। କିନ୍ତୁ ଆଇନର ଧାରାକୁ ଅଣଦେଖା କରି ରାତି ଅଧରେ ଟେଷ୍ଟ ନାଁରେ ଜମି ଅକ୍ତିଆର ପାଇଁ କମ୍ପାନୀ ମସୁଧା କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।




## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

**ଶଙ୍କଚିଲା, ୨୯।୪(ସମିସ):** କୋରେଇ ବ୍ଲକ ଖମଣ ପଞ୍ଚାୟତ ରାଧାନଗର ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୁଅ ସଞ୍ଜୟ ସାହୁଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସଞ୍ଜୟ ଆଜି ଖରାବେଳେ ଖାଇ ସାରି ଶୋଇଥିଲେ। ଦୀର୍ଘ ସମୟ ଧରି ସେ ନ ଉଠିବାରୁ ତାଙ୍କୁ ନିଦରୁ ଉଠାଇବାକୁ ଘର ଲୋକ ଚେଷ୍ଟା କରିଥିଲେ ହେଁ ସେ ଉଠି ନ ଥିଲେ। ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅତ୍ୟଧିକ ଗରମ ଯୋଗୁଁ ଅଂଶୁଘାତଜନିତ ହୃଦଘାତରେ ତାଙ୍କର ପରଲୋକ ହୋଇଥିବା ପରିବାର ଲୋକ ସୂଚନା ଦେଇଛନ୍ତି। ସଞ୍ଜୟ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣା ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ● ଆମ୍ଭୋର-ଜଅଁର ନାଳ ଉପରେ ପୋଲ

## ଠିକାଦାରଙ୍କ ଅବହେଳା; ଆଗେଇପାରୁନି କାମ

**ଟମକା,୨୯।୪(ସମିସ):** ଜନସାଧାରଣଙ୍କ ଗମନାଗମନର ସୁବିଧା ପାଇଁ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନାରେ ନଦୀ, ନାଳ ଉପରେ ପୋଲ ନିର୍ମାଣ ଲାଗି କୋଟି କୋଟି ଅର୍ଥ ମଞ୍ଜୁର ହୋଇଛି। ଅଧିକାଂଶ ସ୍ଥାନରେ କାର୍ଯ୍ୟ ତ୍ୱରାନିତ ହେଉଥିବାବେଳେ ଆଉ କେତେକ ଠିକାଦାରଙ୍କ ଅବହେଳା ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନ ଥିବା ଅଭିଯୋଗ ହେଉଛି। ଦାନଗଦି ବ୍ଲକର ବାଙ୍ଗରକୋଟା ଓ ଗୋବର୍ଦ୍ଧନପୁର ପଞ୍ଚାୟତକୁ ସଂଯୋଗ କରୁଥିବା ଆମ୍ଭୋର ଗ୍ରାମରୁ ଜଅଁର ଗ୍ରାମ ପର୍ଯ୍ୟନ୍ତ ଏକ ନାଳ ଉପରେ ପୋଲ କ୍ଷେତ୍ରରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଦାବି ଅନୁସାରେ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ବିଜୁ ସେତୁ ଯୋଜନାରେ ୪ କୋଟି ଟଙ୍କା ମଞ୍ଜୁର କରିଥିଲେ। ଗତ ଜାନୁଆରୀ ୧୪ ତାରିଖରୁ ନୂତନ ପୋଲ କାମର ଶୁଭ ଦିଆଯାଇଥିବାବେଳେ ଠିକାଦାର ଙ୍କ ଅବହେଳା ପାଇଁ ପୋଲ କାମ ଆଗେଇ ପାରୁ ନ ଥିବା ଦୁଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଆଗକୁ ବର୍ଷାଋତୁ ଥିବାରୁ ପୋଲ କାର୍ଯ୍ୟ ବିଳମ୍ବ ହେବା ଜଣାପଡୁଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।



## ନୁରୁଗାଁ ମା' ହିଙ୍ଗୁଳାଙ୍କ ଯଜ୍ଞ ଓ ମହୋତ୍ସବ ଉଦ୍‌ଯାପିତ

**ଷଠିପୁର, ୨୯।୪(ସମିସ):** ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ନୁରଗାଁ ଗ୍ରାମର ଆଦ୍ୟାଶକ୍ତି ମା' ହିଙ୍ଗୁଳାଙ୍କ ଚାଲିଥିବା ୫୮ତମ ଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ଗତ ୨୨ ତାରିଖରେ ମା'ଙ୍କ ଶୁଭାଧିବାସ ହୋଇଥିବାବେଳେ ୨୪ ତାରିଖରେ ପୂର୍ଣ୍ଣାହୁତି ହୋଇଥିଲା। ୨୫ ତାରିଖରେ ଅଷ୍ଟପ୍ରହର ନାମଯଜ୍ଞର ଶୁଭାଧିବାସ ହୋଇଥିବାବେଳେ ୨୭ ତାରଖରେ ଉଦ୍‌ଯାପିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ କମିଟିର ସଭାପତି ସତ୍ୟବ୍ରତ ପଣ୍ଡା, ସମ୍ପାଦକ ନିରଦ ପ୍ରସାଦ ଦେଓ, କୋଷାଧ୍ୟକ୍ଷ ସୁବାସ ସାହୁ, ସଦସ୍ୟ କ୍ଷେତ୍ରବାସୀ ସାହୁ, କୁଳମଣି ସମେଲ, ମାଧବ ସାହୁ, ପଙ୍କଜ ଧଳ, ନିର୍ମଳ ସାମଲ, ବିଜୟ ସାହୁ, ସତ୍ୟବ୍ରତ ଜେନା, ସତ୍ୟାନନ୍ଦ ବାରିକ, ବିଜୟ ସାମଲ, ପ୍ରମୋଦ ଧଳ, ଅଶୋକ ଜେନା, ସନାତନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ମଧୁବାବୁଙ୍କ ଜୟନ୍ତୀ ସମାରୋହ

# 'ମଧୁବାବୁ ଥିଲେ ଓଡ଼ିଆ ଜାତିର ରକ୍ଷା କବଚ'

**ଯାଜପୁର,୨୯।୪(ସମିସ):** ମଧୁବାବୁ ଥିଲେ ସ୍ୱାଭିମାନୀ ଓଡ଼ିଆ ଜାତିର ରକ୍ଷା କବଚ ଓ ମାତୃଭୂମିର ମନ୍ତ୍ରଦାତା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ତାଙ୍କ ପ୍ରାଣପାତ ଉଦ୍ୟମର ସଫଳ ପ୍ରତିଶ୍ରୁତି ବୋଲି ରାଜ୍ୟସ୍ତରୀୟ ମଧୁବାବୁଙ୍କ ଜୟନ୍ତୀ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି।

ଉତ୍କଳୀୟ ସ୍ୱାଭିମାନର ପ୍ରତୀକ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଜନ୍ମଦାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜନ୍ମବାର୍ଷିକୀ ଉପଲକ୍ଷେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମବାର୍ଷିକୀ କମିଟି ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚ ସଭାପତି ସାହିତ୍ୟିକ ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହକୁ ଅବସରପ୍ରାପ୍ତ ଭାରତ ସରକାରଙ୍କ ଆୟକର ବିଭାଗ ମୁଖ୍ୟ ଆୟୁକ୍ତ କବି ନୃସିଂହ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଡା. ଜଗଦାନନ୍ଦ ମିଶ୍ର ମୁଖ୍ୟଅତିଥି, କବି ଶରତ କୁମାର ଦାଶ ମୁଖ୍ୟବକ୍ତା, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ କବି ଲାବଣ୍ୟ ଶବର ବିଶିଷ୍ଟ ଅତିଥି ଓ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶିକ୍ଷାବିତ୍ ଡ. ବଟକୃଷ୍ଣ ମହାପାତ୍ର, ଡା. ଗୋପାଳଚନ୍ଦ୍ର ମିଶ୍ର, ଶିକ୍ଷାବିତ ଡ. ଦେବସ୍ମିତା ସାହୁ, ରାଜ୍ୟ ଆଇନଜୀବୀ ପରିଷଦ ଉପାଧ୍ୟକ୍ଷ ଅଧିବକ୍ତା ରାଜୀବ ମହାନ୍ତି, ନୃତ୍ୟଗୁରୁ ଆଶିଷ କୁମାର ଦାସ ଓ ଔପନ୍ୟାସିକ ଡା. ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁବାବୁଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଏଥିରେ କବି ସୁବ୍ରତ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିବାବେଳେ କବିୟିତ୍ରୀ ତୁହିନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିରଜା କଲଚରାଲ ଏକାଡେମୀର ନୃତ୍ୟଶିଳ୍ପୀ ପ୍ରତୀମା ମିଶ୍ରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୃତ୍ୟ ମାଧ୍ୟମରେ ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଂଗୀତ ପରିବେଷଣ କରିଥିଲେ। ଦେଶମାତୃକାର ସେବାରେ ନିଜକୁ ସମର୍ପିତ କରିଥିବା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପ୍ରତିଭାବାନ୍ ବ୍ୟକ୍ତିବିଶେଷଙ୍କ ସମେତ ସାହିତ୍ୟ, ସାମ୍ବାଦିକ, ସଂସ୍କୃତି କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୭୭ ଜଣଙ୍କୁ 'ଉତ୍କଳ ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା।




## ବ୍ୟାସନଗରରେ ଆଇନଜୀବୀ ଦିବସ ପାଳିତ



**ବ୍ୟାସନଗର,୨୯ ।୪(ସମିସ):** ସ୍ଥାନୀୟ ବ୍ୟାସନଗର କୋର୍ଟ ପରିସରରେ ବ୍ୟାସନଗର ବାର ଆସୋସିଏସନ ପକ୍ଷରୁ ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡାଙ୍କ ସଭାପତିତ୍ୱରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଯାଜପୁରରୋଡ୍ ଅତିରିକ୍ତ ଜିଲ୍ଲା ଜଜ୍ ହୃଷିକେଶ ଆଚାର୍ଯ୍ୟ, ସବଜଜ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବ୍ରତ ଆଚାର୍ଯ୍ୟ ଅତିଥି ରୂପେ ଯୋଗ ଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୁଧାଂଶୁ ଦାସ, ନାରାୟଣ ପ୍ରସାଦ ପତି, ସରକାରୀ ଓକିଲ ରଜତ ରାଉତ, ସୁବାସ ବଳସାମନ୍ତ, ରବି ନାୟକ, କିଶୋର ସେନାପତି, ରାମଚନ୍ଦ୍ର ପହି, ଧନେଶ୍ୱର ସାହୁ, ପ୍ରୀତିପ୍ଲାଜା ମହାପାତ୍ର, ନିହାର ରଞ୍ଜନ ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ। ଆଇନଜୀବୀ ବିଶ୍ୱମ୍ବର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# କମ୍ ଭୋଟ ହାର ଯୋଗୁଁ କେନ୍ଦ୍ରରେ ୪ଥର ବଦଳିଛି ସରକାର

ସାରା ଦେଶରେ ଭୋଟ ହାର ହ୍ରାସ ରାଜନୈତିକ ଦଳଗୁଡ଼ିକ ପାଇଁ ଚିନ୍ତାର କାରଣ ପାଲଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୧୯୮୦ରୁ ୨୦୦୪ ମସିହା ମଧ୍ୟରେ ୫ଟି ସାଧାରଣ ନିର୍ବାଚନରେ ଭୋଟ ହାର ହ୍ରାସ ୪ଥର କେନ୍ଦ୍ରରେ ସରକାର ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଛି। ଏପରିକି ୨୦୦୪ରେ ତତ୍କାଳୀନ ବିଜେପି ସରକାର ସପକ୍ଷରେ ସମଗ୍ର ଦେଶବ୍ୟାପୀ ହାୱା ଥିବାବେଳେ ଭୋଟ ହାର ହ୍ରାସ ସରକାର ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଥିଲା। ଏହା ହିଁ ବିଜେପି ପାଇଁ ଚିନ୍ତାର କାରଣ ହୋଇଛି।

୧୯୫୧-୫୨ ନିର୍ବାଚନକୁ ବାଦ ଦେଲେ ୧୯୫୭ରୁ ୨୦୧୯ ମଧ୍ୟରେ ଦେଶରେ ୧୭ଟି ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ନିର୍ବାଚନ ମଧ୍ୟରୁ ୬ଥର ମତଦାନ ହ୍ରାସ ପାଇଛି ଓ ୧୦ ଥର ପୂର୍ବାପେକ୍ଷା ବୃଦ୍ଧି ପାଇଛି। ୧୦ଥର ମତଦାନ ବୃଦ୍ଧି ସମୟରେ କ୍ଷମତାସୀନ ଦଳ ୬ ବାର ପୁନର୍ବାର ସରକାରକୁ ଫେରିଛି ଓ ୪ଥର ସରକାର ପରିବର୍ତ୍ତନ ହୋଇଛି। ସେହିପରି ଯେଉଁ ୬ଥର ମତଦାନ ହ୍ରାସ ପାଇଛି, ସେଥିରୁ ୪ ଥର ସରକାର ପରିବର୍ତ୍ତନ ଘଟିଛି।

କେନ୍ଦ୍ରରେ ଜନତା ପାର୍ଟି ସରକାର କ୍ଷମତାସୀନ ଥିବାବେଳେ ୧୯୮୦ ମସିହାରେ ଅନୁଷ୍ଠିତ ହୋଇଥିଲା ସାଧାରଣ ନିର୍ବାଚନ। ସେତେବେଳେ ଭୋଟ ହାର ୩.୫୭% ହ୍ରାସ ଶାସକ ଜନତା ପାର୍ଟି ପାଇଁ ଅଭିଶାପ ପାଲଟିଥିଲା। ଦେଶର ମାତ୍ର ୫୬.୦୨% ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ ଓ ନିର୍ବାଚନ ଫଳ କଂଗ୍ରେସ ସପକ୍ଷରେ ଯାଇଥିଲା। ସଂଖ୍ୟା ଗରିଷ୍ଠତା ସହ କଂଗ୍ରେସ ସରକାର ଗଢ଼ିଥିଲା।

୧୯୮୯ ମସିହାରେ ଅନୁରୂପ ଘଟଣାର ପୁନରାବୃତ୍ତି ହୋଇଥିଲା। ଭୋଟ ହାର ମାତ ୬୧.୯୫% ରହିଥିଲା ଓ ପୂର୍ବ ନିର୍ବାଚନଠାରୁ ଏହା ୨.୦୬% ହ୍ରାସ ପାଇଥିଲା। କ୍ଷମତାସୀନ କଂଗ୍ରେସ ଦଳ ପରାଭବର ସମ୍ମୁଖୀନ ହୋଇଥିଲା ଓ କେନ୍ଦ୍ରରେ ସରକାର ପରିବର୍ତ୍ତନ ଘଟିଥିଲା। କ୍ଷମତାକୁ ଜନତା ଦଳ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲା। ୧୯୯୧ ମସିହାରେ ଭୋଟ ହାର ହ୍ରାସ ପୁଣି କେନ୍ଦ୍ରରେ କ୍ଷମତାସୀନ ରାଜନୈତିକ ଦଳ ପାଇଁ ଅହିତକର ସାବ୍ୟସ୍ତ ହୋଇଥିଲଶ। ୫.୨୨% ଭୋଟ ହାର ହ୍ରାସ ଯୋଗୁଁ ଜନତା ଦଳ କ୍ଷମତା ହରାଇଥିଲା ଓ କଂଗ୍ରେସ ପୁନର୍ବାର କ୍ଷମତାସୀନ ହୋଇଥିଲା। ଅନୁରୂପ ଭାବରେ ୨୦୦୪ ମସିହାରେ ଦେଶରେ ମତଦାନ ହାର ମାତ୍ର ୫୮.୦୭%ରେ ଅଟକି ଯାଇଥିଲା। ପୂର୍ବ ନିର୍ବାଚନଠାରୁ ଭୋଟ ହାର ୨% କମିଥିଲା ଓ ଲୋକପ୍ରିୟ ବାଜପେୟୀ ସରକାରର ପତନ ଘଟିଥିଲା। କ୍ଷମତାସୀନ ହୋଇଥିଲା କଂଗ୍ରେସ ନେତୃତ୍ୱାଧୀନ ୟୁପିଏ। ଚଳିତ ନିର୍ବାଚନରେ ଦୁଇଟି ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଛି ଓ ବିଭିନ୍ନ ରାଜ୍ୟରେ ମତଦାନ ହାର ଯଥେଷ୍ଟ ହ୍ରାସ ଘଟିଛି। ରିପୋର୍ଟ ଅନୁସାରେ ୫୧ଟି ଲୋକସଭା କ୍ଷେତ୍ରରେ ୦-୩% ପର୍ଯ୍ୟନ୍ତ ମତଦାନ ହ୍ରାସ ପାଇଥିବାବେଳେ ୪୩ଟି ଲୋକସଭା ଅଞ୍ଚଳରେ ୩%ରୁ ୫% ପର୍ଯ୍ୟନ୍ତ ମତଦାନ ହାର କମିଛି। ୪୧ଟି ଲୋକସଭା କ୍ଷେତ୍ରରେ ୫%ରୁ ୭% ପର୍ଯ୍ୟନ୍ତ କମ୍ ମତଦାନ ହୋଇଛି। ୨୪ଟି ଲୋକସଭା ଆସନରେ ୭ରୁ ୧୦% ପର୍ଯ୍ୟନ୍ତ ଓ ୧୧ଟି ଲୋକସଭା ଆସନରେ ୧୦%ରୁ ଊର୍ଦ୍ଧ୍ୱ କମ୍ ମତଦାନ ହୋଇଛି। ଏହା ହିଁ କେନ୍ଦ୍ରରେ କ୍ଷମତାସୀନ ରାଜନୈତିକ ଦଳ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି।




ମତଦାନ ହାର ହ୍ରାସ ପାଇଁ ଯଦିଓ ବିଭିନ୍ନ କାରଣ ଥିବା କୁହାଯାଉଛି, ଏହା ମଧ୍ୟରୁ ତାପମାତ୍ରା ବୃଦ୍ଧିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଭାରତୀୟ ପାଣିପାଗ ବିଭାଗ ଏପ୍ରିଲ-ଜୁନ୍ ମଧ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆଲର୍ଟ ଜାରି କରିଛି। ଦେଶର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ୪ରୁ ୬ ଡ଼ିଗ୍ରୀ ଉପରେ ରହିଛି। ଉତ୍ତରାଖଣ୍ଡ ପରି ପାହାଡ଼ିଆ ରାଜ୍ୟରେ ମଧ୍ୟ ତାପମାତ୍ରା ରେକର୍ଡ଼ ଭାଙ୍ଗିଛି। ଏପ୍ରିଲ-ଜୁନ ମଧ୍ୟରେ ୨୦ ଦିନ ପର୍ଯ୍ୟନ୍ତ ଲୁ ବହିବାର ଆଶଙ୍କା ସୃଷ୍ଟି ହୋଇଛି। ଯଦିଓ ତାପମାତ୍ରା ବୃଦ୍ଧି ସହ ମତଦାନର ସିଧାସଳଖ ସମ୍ପର୍କ ନାହିଁ, ତଥାପି ଅଧିକାଂଶ ସ୍ଥାନରେ ଭୋଟର ଗରମରେ ମତଦାନ ପାଇଁ ଆଗ୍ରହ ପ୍ରକାଶ କରୁ ନଥିବା କୁହାଯାଉଛି। ଏପରିକି ବିଜେପି ନେତା ରାଜନାଥ ସିଂହ ଭୋଟ ହାର ହ୍ରାସ ପାଇଁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦାୟୀ କରିଛନ୍ତି।

ସହରାଞ୍ଚଳରେ ଭୋଟରମାନଙ୍କର ଉଦାସୀନତା ଭୋଟ ହାର ହ୍ରାସର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକରେ ମଧ୍ୟବିତ୍ତ, ଉଚ୍ଚ ମଧ୍ୟବିତ୍ତ ଓ ଧନୀ ଭୋଟରମାନେ ମତଦାନ ନିମନ୍ତେ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଦେଶର ଅର୍ଥନୀତିକୁ ବଡ଼ ଯୋଗଦାନ ଦେଉଥିବା ଏହି ଆୟକରଦାତାମାନେ ସେମାନଙ୍କ ପାଇଁ ସରକାର କିଛି କରିନାହିଁ ବୋଲି ଅନୁଭବ କରୁଛନ୍ତି। ସେହିପରି ଏହି ବର୍ଗର ଲୋକମାନେ ନିଜ ଆୟର ଏକ ବଡ଼ ଅଂଶ ଖର୍ଚ୍ଚ କରିଥାଆନ୍ତି ଓ ଏ ବାବଦରେ ବିପୁଳ ପରିମାଣର ଜିଏସ୍‌ଟି ପ୍ରଦାନ କରୁଛନ୍ତି। ତେଣୁ ସେମାନେ ଭୋଟ ପ୍ରଦାନରେ ଆଗ୍ରହ ପ୍ରକାଶ କରୁନାହାନ୍ତି।

ସ୍ଥାନୀୟ ପ୍ରସଙ୍ଗରେ ଅସନ୍ତୋଷ ଭୋଟରମାନଙ୍କୁ ମତଦାନରୁ ବିରତ କରିଛି। ପ୍ରଥମ ପର୍ଯ୍ୟାୟରେ ନାଗାଲାଣ୍ଡର ୬ ଜିଲ୍ଲାରେ ଗୋଟିଏ ବି ଭୋଟ ଗ୍ରହଣ ହୋଇପାରିଲା ନାହିଁ। ସୀମାନ୍ତ ନାଗାଲାଣ୍ଡ କ୍ଷେତ୍ର ଦାବି କରି ସ୍ଥାନୀୟ ସଙ୍ଗଠନର ବନ୍ଦ ଦାବିକୁ ସମର୍ଥନ କରି ଲୋକମାନେ ଭୋଟ ଦେଲେ ନାହିଁ। ଫଳରେ ୨୦ ବିଧାୟକଙ୍କ ସମେତ ପ୍ରାୟ ୪ ଲକ୍ଷ ମତଦାତା ମତଦାନରେ ଅଂଶଗ୍ରହଣ କଲେ ନାହିଁ। ଅନୁରୂପ ଭାବରେ ପଶ୍ଚିମ ଉତ୍ତରପ୍ରଦେଶରେ ହିନ୍ଦୀ ଅଞ୍ଚଳ କୁହାଯାଉଥିବା କିଛି ଅଞ୍ଚଳରେ ଜାଠ୍ ଓ ରାଜପୁତଙ୍କ ମଧ୍ୟରେ ଅସନ୍ତୋଷ ଭୋଟ ହାର ହ୍ରାସ କରିଛି। ବିଭିନ୍ନ ଦଳର ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ, ପ୍ରାର୍ଥୀମାନେ ପ୍ରଚାରକୁ ଗୁରୁତ୍ୱ ନ ଦେବା ଯୋଗୁଁ ଏପରି ସ୍ଥିତି ଉପୁଜିଛି।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜାତୀୟ ନିର୍ବାଚନ କମିଶନଙ୍କ ପ୍ରତି ଭରସା ହ୍ରାସ। ସିଏସ୍‌ଡ଼ିଏସ୍-ଲୋକନୀତି ସର୍ବେକ୍ଷଣ ଅନୁସାରେ ନିର୍ବାଚନ କମିଶନଙ୍କ ପ୍ରତି ଭୋଟରଙ୍କ ଭରସା ଓ ବିଶ୍ୱାସ କମୁଛି। ୨୦୧୯ ନିର୍ବାଚନ ପରେ ଅନୁଷ୍ଠିତ ଏକ ସର୍ଭେରେ ୫୦%ରୁ ଊର୍ଦ୍ଧ୍ୱ ଭୋଟର ଜାତୀୟ ନିର୍ବାଚନ କମିଶନଙ୍କ ଉପରେ ଭରସା ପ୍ରକଟ କରିଥିଲେ। ମାତ୍ର ଏହା ୨୦୨୪ରେ ୨୪%କୁ ହ୍ରାସ ପାଇଛି। ଏପରିକି ୧୪% ଲୋକ ବେଶୀ ଭରସା ନାହିଁ ବୋଲି କହିଥିବାବେଳେ ୯% ଆଦୌ ଭରସା ନ ଥିବା କହିଛନ୍ତି।

## ମତଦାନ କମିଲେ ମନ୍ତ୍ରୀ ପଦ ମିଳିବ ନାହିଁ: ଶାହା



ଯେଉଁ ବିଜେପି ନେତାଙ୍କ ଲୋକସଭା କ୍ଷେତ୍ରରେ ମତଦାନ ହାର ହ୍ରାସ ପାଇବ ସେମାନଙ୍କୁ ମନ୍ତ୍ରୀ ପଦ ମିଳିବ ନାହିଁ ବୋଲି ସଫାସଫା କହିଛନ୍ତି ବିଜେପିର ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହା। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଭୋପାଳ ଗସ୍ତରେ ଥିବା ଶ୍ରୀ ଶାହା ମଧ୍ୟପ୍ରଦେଶର ଦଳୀୟ ସଙ୍ଗଠନର ନେତା ଓ ନିର୍ବାଚନ ପ୍ରଭାରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହ ସେମାନଙ୍କ ଅଞ୍ଚଳରେ ମତଦାନ ହାର ଯେପରି ନ କମେ ସେଥିପାଇଁ ଦୃଷ୍ଟି ଦେବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ଯେଉଁ ମନ୍ତ୍ରୀମାନଙ୍କ ଅଞ୍ଚଳରେ ଭୋଟ ହାର କମିବ, ସେମାନଙ୍କୁ ମନ୍ତ୍ରୀପଦ ମିଳି ନ ପାରେ ବୋଲି ମଧ୍ୟ ସେ କହିଥିଲେ।

---

### ଦେଶରେ ୨୫୦୦ରୁ ଅଧିକ ରାଜନୈତିକ ଦଳ

## ୧୦ ଦଳ ପାଖରେ ୮୬% ଲୋକସଭା ଆସନ

ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତରେ ଦୁଇଟି ପର୍ଯ୍ୟାୟରେ ମତଦାନ ଶେଷ ହୋଇସାରିଲାଣି। ଏହି ଲୋକସଭା ନିର୍ବାଚନରେ ୯୭ କୋଟି ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ଏହି ଭୋଟରଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ୪୭ କୋଟି ଏବଂ ପୁରୁଷଙ୍କ ସଂଖ୍ୟା ୪୯ କୋଟି ରହିଛି। ଦେଶରେ ୨୫୦୦ରୁ ଅଧିକ ରାଜନୈତିକ ଦଳ ରହିଛନ୍ତି। ମାତ୍ର ଏବେ କେବଳ ୧୦ ଦଳଙ୍କ ପାଖରେ ଲୋକସଭାର ୮୬ ପ୍ରତିଶତ ଆସନ ରହିଛି। ଚଳିତ ଥର ମଧ୍ୟ କିଛି ପ୍ରମୁଖ ଦଳଙ୍କ ମଧ୍ୟରେ ମୁକାବିଲା ହେଉଛି।



---

### ସରିଲାଣି ଦ୍ୱିତୀୟ ପର୍ଯ୍ୟାୟ ମତଦାନ

## ୨୮୨୩ ପ୍ରାର୍ଥୀ ମଧ୍ୟରେ ମାତ୍ର ୮% ମହିଳା

ଲୋକସଭା ନିର୍ବାଚନର ଦୁଇ ପର୍ଯ୍ୟାୟ ମତଦାନ ଶେଷ ହୋଇ ସାରିଲାଣି। ଅନ୍ୟ ପର୍ଯ୍ୟାୟ ମତଦାନ ପାଇଁ ବିଭିନ୍ନ ଦଳ ରଣନୀତି ବନାଇବାକୁ ଲାଗି ପଡ଼ିଛନ୍ତି। ଏହା ମଧ୍ୟରେ ରାଜନୀତିରେ ମହିଳାଙ୍କ ସହଭାଗିତା ବଢ଼ାଇବାକୁ ବଡ଼ ବଡ଼ ଭାଷଣ ମାରୁଥିବା ଦଳଙ୍କ ଅସଲ ଚେହେରା ସାମ୍ନାକୁ ଆସି ଯାଇଛି। ଏହି ଦଳମାନଙ୍କ ସବୁ ଦାବି ଫମ୍ପା ମାଠିଆ ସଦୃଶ ହୋଇଛି। ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ଏହାର ଚିତ୍ର ଦେଖିବାକୁ ମିଳିଛି। ଉଭୟ ପର୍ଯ୍ୟାୟରେ ମୋଟ ୨୮୨୩ ପ୍ରାର୍ଥୀ ମୈଦାନକୁ ଓହ୍ଲାଇ ଥିଲେ। ତେବେ ଏମାନଙ୍କ ମଧ୍ୟରେ ମହିଳାଙ୍କ ପ୍ରତିନିଧିତ୍ୱ ମାତ୍ର ୮ ପ୍ରତିଶତ ଥିଲା। ଅର୍ଥାତ୍ କେବଳ ୨୩୫ ମହିଳା ନିର୍ବାଚନ ଲଢୁଥିଲେ। ରାଜନୈତିକ ବିଶେଷଜ୍ଞମାନେ ଏହା ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ବିଚାରାଧୀନ ପର୍ଯ୍ୟାୟରେ ବିଜେପି ସର୍ବାଧିକ ମହିଳାଙ୍କୁ ଟିକଟ ଦେଇଛି। ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ମୋଟ ୧୬୨୫ ପ୍ରାର୍ଥୀ ଥିଲେ। ତେବେ ଏମାନଙ୍କ ମଧ୍ୟରେ ମାତ୍ର ୧୩୫ ମହିଳା ସାମିଲ ରହିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୧୬୨୫ ପ୍ରାର୍ଥୀଙ୍କ ମଧ୍ୟରେ ମାତ୍ର ୧୦୦ ମହିଳା ରହିଥିଲେ।

### ତାମିଲନାଡୁ, କେରଳରୁ ସର୍ବାଧିକ ମହିଳା

ପ୍ରଥମ ପର୍ଯ୍ୟାୟର ୧୩୫ ମହିଳା ମୈଦାନକୁ ଓହ୍ଲାଇ ଥିଲେ। ଏମାନଙ୍କ ମଧ୍ୟରୁ ତାମିଲନାଡୁର ସର୍ବାଧିକ ୭୬ ମହିଳା ଥିଲେ। ତେବେ ଏହା ରାଜ୍ୟର ମୋଟ ପ୍ରାର୍ଥୀଙ୍କ ତୁଳନାରେ କେବଳ ୮ ପ୍ରତିଶତ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କେରଳରେ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ସବୁଠାରୁ ଅଧିକ ୨୪ ଥିଲା। ଉଭୟ ପର୍ଯ୍ୟାୟରେ ବିଜେପିରେ ମହିଳା ପ୍ରତିନିଧିତ୍ୱ ସଂଖ୍ୟା ଅଧିକ ରହିଥିଲା। ଏହି ଦଳ ୬୯ ଜଣଙ୍କୁ ଏବଂ କଂଗ୍ରେସ ୪୪ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ରାଜନୀତିରେ ମହିଳାଙ୍କ ଏହି ଲିଙ୍ଗାନୁପାତ ଉପରେ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ଦଳଗୁଡିକ ମହିଳା ସଂରକ୍ଷଣ ଆଇନକୁ ଅପେକ୍ଷା ନ କରି ପ୍ରତିନିଧିତ୍ୱ ସଂଖ୍ୟା ବଢ଼ାଇବା ଉଚିତ ବୋଲି କହିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ସୁଶୀଳା ରାମାସ୍ୱାମୀ କହିଛନ୍ତି ଯେ ମହିଳା ପ୍ରାର୍ଥୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଦଳଗୁଡିକ ଠୋସ୍ ପଦକ୍ଷେପ ନେବା ଉଚିତ। ସେହିପରି ଅଲିଗଡ଼ ମୁସଲିମ ୟୁନିଭର୍ସିଟିର ଆସୋସିଏଟ ପ୍ରଫେସର ଡ. ଇଫ୍ତିଖାର ଅହମ୍ମଦ କହିଛନ୍ତି ଯେ ଭାରତୀୟ ଭୋଟରଙ୍କ ମଧ୍ୟରେ ପ୍ରାୟ ଅଧେ ମହିଳା ଅଛନ୍ତି। କିନ୍ତୁ ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ ଅନେକ ପ୍ରଶ୍ନ ସୃଷ୍ଟି କରୁଛି।



---

### ଏନ୍‌ସିପି(ଅ) ଓ ଏନ୍‌ସିପି(ଶ), ଶିବସେନା (ସି) ଓ ଶିବସେନା (ଉ)ର ଲଢ଼େଇ ନୁହେଁ

# ମହାରାଷ୍ଟ୍ରରେ ମୋଦୀ ବନାମ ରାହୁଲ

ମହାରାଷ୍ଟ୍ରର ବାରାମତି ସଂସଦୀୟ କ୍ଷେତ୍ରରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି ସୁନେତ୍ରା ପାୱର ଓ ସୁପ୍ରିୟା ସୁଲେ। ସୁନେତ୍ରା ହେଉଛନ୍ତି ଏନସିପି(ଅଜିତ ପାୱାର ଗୋଷ୍ଠୀ)ର ପ୍ରାର୍ଥୀ। ସୁପ୍ରିୟା ହେଉଛନ୍ତି ଏନସିପି(ଶରଦ ପାୱାର ଗୋଷ୍ଠୀ)ର ପ୍ରାର୍ଥୀ। ବିଜେପି-ଏନସିପି(ଅଜିତ ପାୱାର ଗୋଷ୍ଠୀ)-ଶିବସେନା(ସିନ୍ଦେ ଗୋଷ୍ଠୀ): ଏହି ୩ଦଳଙ୍କ ମେଣ୍ଟକୁ ମହାଯୁତି କୁହାଯାଉଛି। କଂଗ୍ରେସ-ଶିବସେନା(ଉଦ୍ଧବ ଗୋଷ୍ଠୀ)- ଏନସିପି(ଶରଦ ପାୱାର ଗୋଷ୍ଠୀ): ଏହି ୩ଦଳଙ୍କ ମେଣ୍ଟ ହେଉଛି ମହାବିକାଶ ଆଘାଡ଼ି। ଅର୍ଥାତ ସୁନେତ୍ରା ମହାଯୁତି ପ୍ରାର୍ଥୀ ଓ ସୁପ୍ରିୟା ମହାବିକାଶ ଆଘାଡ଼ି ପ୍ରାର୍ଥୀ। ବିଜେପି ନେତା ସୁନେତ୍ରାଙ୍କ ପାଇଁ ପ୍ରଚାର କରିବାକୁ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବୀଶ ଏପ୍ରିଲ ୫ରେ ଇନ୍ଦାପୁର ଯାଇ ସେଠାରେ ସଭା କରିଥିଲେ। ସଭାରେ କହିଲେ, ଏ ଲଢ଼େଇ ସୁନେତ୍ରା ଓ ସୁପ୍ରିୟାଙ୍କ ମଧ୍ୟରେ ନୁହେଁ, ଏନସିପିର ଦୁଇ ଗୋଷ୍ଠୀ ମଧ୍ୟରେ ନୁହେଁ, ଦୁଇ ଆଞ୍ଚଳିକ ରାଜନୈତିକ ଦଳଙ୍କ ମଧ୍ୟରେ ନୁହେଁ, ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ଲଢ଼େଇ ହେଉଛି। ସୁନେତ୍ରା ସଂଖ୍ୟାଧିକ ଭୋଟ ପାଇ ଜିତିଲେ ମୋଦୀ ପୁଣି ଥରେ ପ୍ରଧାନମନ୍ତ୍ରୀ ହେବେ। ଗତ ସପ୍ତାହରେ ଫଡ଼ନାବୀଶ କୋହ୍ଲାପୁରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ର୍‌ୟାଲିରେ ତାହା ଦୋହରାଇ କହିଲେ, ଏଠାରେ ଲଢ଼େଇ ମହାଯୁତି ପ୍ରାର୍ଥୀ ଅର୍ଚ୍ଚନା ପାଟିଲ ଓ ମହାବିକାଶ ଆଘାଡ଼ି ପ୍ରାର୍ଥୀ ଓମରାଜେ ନିମ୍ବାଲକରଙ୍କ ମଧ୍ୟରେ ନୁହେଁ: ଲଢ଼େଇ ପ୍ରଧାନମନ୍ତ୍ରୀ ମୋଦୀ ଓ ରାହୁଲଙ୍କ ମଧ୍ୟରେ ହେଉଛି। ମହାରାଷ୍ଟ୍ରରେ ବିଶେଷକରି ପଶ୍ଚିମ ମହାରାଷ୍ଟ୍ରରେ ଓ ମରାଠାୱାଡ଼ା ଅଞ୍ଚଳର ସଂସଦୀୟ କ୍ଷେତ୍ରଗୁଡ଼ିକରେ ମହାବିକାଶ ଆଘାଡ଼ି ବେଶ୍ ଟାଣୁଆ ପ୍ରାର୍ଥୀ ଦେଇଛି। ତେଣୁ ଟକ୍କର ଜୋରଦାର ହେବ। ବିଜୟ କେଉଁ ପଟକୁ ବି ଯାଇପାରେ। ତେଣୁ ସମ୍ଭବତଃ ଅଧିକ ରିସ୍କ୍ ନେବାକୁ ନଚାହିଁ, ବିଜେପି ମହାରାଷ୍ଟ୍ରରେ ଏହି ଲୋକସଭା ନିର୍ବାଚନକୁ ମୋଦୀ ବନାମ ରାହୁଲ ଲଢ଼େଇର ରୂପ ଦେବାକୁ ଚାହିଁଛି। ଫଡ଼ନାବୀଶଙ୍କ ଅନୁସରଣରେ ଏବେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ମଧ୍ୟ ଏହି ବାର୍ତ୍ତା ଦେବା ଆରମ୍ଭ କଲେଣି ଯେ ଲଢ଼େଇ ହେଉଛି ମୋଦୀ ଓ ରାହୁଲଙ୍କ ମଧ୍ୟରେ। ପ୍ରଧାନମନ୍ତ୍ରୀ ମୋଦୀଙ୍କର ଗତ ୧୦ବର୍ଷର ଶାସନ ରେକର୍ଡ ଓ ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଦୃଢ଼ ନିଷ୍ପତ୍ତି ନେବାର ସାମର୍ଥ୍ୟ ଆଗରେ ରାହୁଲ ଫିକା ପଡ଼ିବେ, ଭୋଟର ମୋଦୀ ବନାମ ରାହୁଲ ବିଷୟ ଚିନ୍ତା କଲେ ମୋଦୀ ହିଁ ଅଧିକାଂଶଙ୍କ ଅଧିକ ପସନ୍ଦର ପାତ୍ର ହେବେ। ମହାରାଷ୍ଟ୍ରରେ ୨୦୧୪ ଓ ୨୦୧୯ରେ ମୋଦୀ ଫ୍ୟାକ୍ଟର ବିଜେପି ପାଇଁ ଅତ୍ୟନ୍ତ ଲାଭପ୍ରଦ ହୋଇଥିଲା। ଉଭୟ ଲୋକସଭା ନିର୍ବାଚନରେ ମୋଦୀ ବନାମ ରାହୁଲ ପ୍ରଚାରରେ ବିଜେପି ୨୩ ଆସନ ଜିତିଥିବା ବେଳେ ୨୦୧୯ରେ ଅବିଭାଜିତ ଶିବସେନା ଜିତିଥିଲା ୧୮ ଓ କଂଗ୍ରେସ ଜିତିଥିଲା ମାତ୍ର ଗୋଟିଏ ଆସନ।

ନିର୍ବାଚନର ତୃତୀୟ ପର୍ଯ୍ୟାୟ(ମେ'୭)ରେ ମହାରାଷ୍ଟ୍ରର ୧୧ଟି ସଂସଦୀୟ କ୍ଷେତ୍ରରେ ମତଦାନ ହେବ। ମହାବିକାଶ ଆଘାଡ଼ି ଭୋଟରଙ୍କୁ କହୁଛି ଷଡ଼ଯନ୍ତ୍ର ଓ ବିଶ୍ୱାସଘାତକତାର କାହାଣୀ। ବିଜେପି କିପରି କୂଟକପଟ, ଛଳ କରି ଉଭୟ ଶିବସେନା ଓ ଏନସିପିକୁ ଅଗଣତାନ୍ତ୍ରିକ ଉପାୟରେ ଭାଙ୍ଗି ମହାରାଷ୍ଟ୍ରର ଅସ୍ମିତା ଓ ସ୍ୱାଭିମାନ ସହ ଖେଳିଛି ତା'ର ବ୍ୟାଖ୍ୟାନ ଶୁଣାଇ ମହାବିକାଶ ଆଘାଡ଼ି ଭୋଟରଙ୍କ ସମ୍ବେଦନା ହାସଲର ପ୍ରୟାସ କରୁଥିବା ବେଳେ ଲଢ଼େଇକୁ ମୋଦୀ ବନାମ ରାହୁଲ ରୂପରଙ୍ଗ ଦେଇ ଭୋଟରଙ୍କ ପ୍ରଥମ ପସନ୍ଦ ହେବାକୁ ବିଜେପି ଚାହିଁଛି ଓ ସେ ଅନୁଯାୟୀ ରଣନୀତି ଆପଣାଇଛି।




---

## ମଧ୍ୟପ୍ରଦେଶ: ନାମାଙ୍କନ ପ୍ରତ୍ୟାହାର କରି ବିଜେପିରେ ଯୋଗଦେଲେ କଂଗ୍ରେସ ପ୍ରାର୍ଥୀ



ଇନ୍ଦୋର,୨୯ ।୪(ଏଜେନ୍ସି)

ମଧ୍ୟପ୍ରଦେଶର ଇନ୍ଦୋର ଲୋକସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଅକ୍ଷୟ କାନ୍ତି ବାମ ଆଜି ତାଙ୍କ ନାମାଙ୍କନ ପ୍ରତ୍ୟାହାର କରି ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଯାଇଛନ୍ତି। ଆଜି ଥିଲା ନାମାଙ୍କନ ପ୍ରତ୍ୟାହାରର ଶେଷ ଦିବସ। ନାମାଙ୍କନ ପ୍ରତ୍ୟାହାର କରିନେବା ପରେ ସେ ଅବିଳମ୍ବେ ବିଜେପିରେ ଯୋଗ ଦେଇଛନ୍ତି। ବିଜେପି ତରଫରୁ ତାଙ୍କୁ ମଧ୍ୟପ୍ରଦେଶ ମନ୍ତ୍ରୀ କୈଳାସ ବିଜୟବର୍ଗୀୟ ସ୍ୱାଗତ କରିଛନ୍ତି। ବର୍ତ୍ତମାନ ଇନ୍ଦୋରର ସାଂସଦ ଅଛନ୍ତି ବିଜେପିର ଶଙ୍କର ଲାଲୱାନୀ। ଲାଲୱାନୀ ଏଥର ମଧ୍ୟ ବିଜେପି ଟିକେଟରେ ଇନ୍ଦୋରରୁ ପ୍ରାର୍ଥୀ ହୋଇଛନ୍ତି। ଇନ୍ଦୋରରେ ଚତୁର୍ଥ ପର୍ଯ୍ୟାୟରେ ମେ' ୧୩ରେ ମତଦାନ ହେବ। ଏପ୍ରିଲ ୨୧ରେ କଂଗ୍ରେସର ସୁରାଟ ପ୍ରାର୍ଥୀ ନୀଲେଶ କୁମ୍ଭାନୀଙ୍କ ଓ କଂଗ୍ରେସ ବିକଳ୍ପ ପ୍ରାର୍ଥୀ ସୁରେଶ ପଦଶାଳା-ଉଭୟଙ୍କ ପ୍ରାର୍ଥୀପତ୍ର ଯାଞ୍ଚ ବେଳେ ନାକଚ ହୋଇଥିଲା। ଉଭୟଙ୍କ ପ୍ରସ୍ତାବକମାନଙ୍କ ସ୍ୱାକ୍ଷରରେ ମେଳ ନଥିଲା ଓ ଅନ୍ୟ ତ୍ରୁଟିବିଚ୍ୟୁତି ଥିଲା। କୁମ୍ଭାନୀଙ୍କ ୩ ପ୍ରସ୍ତାବକ ରିଟର୍ଣ୍ଣିଂ ଅଫିସରଙ୍କୁ ଲିଖିତ ଭାବେ ଜଣାଇଥିଲେ ଯେ ସେମାନେ କୁମ୍ଭାନୀଙ୍କ ପ୍ରାର୍ଥିପତ୍ରରେ ସ୍ୱାକ୍ଷର କରିନାହାନ୍ତି। ସେମାନଙ୍କ ସ୍ୱାକ୍ଷର ଜାଲ୍ କରାଯାଇଛି। ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଓ କଂଗ୍ରେସର ବିକଳ୍ପ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହେବା ପରେ ବିଜେପି ପ୍ରାର୍ଥୀଙ୍କ ବିପକ୍ଷରେ ପ୍ରାର୍ଥୀ ଥିବା ଅନ୍ୟ ସମସ୍ତେ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ। ବିଜେପି ପ୍ରାର୍ଥୀ ମୁକେଶ ଦଲାଲ ଏକମାତ୍ର ପ୍ରାର୍ଥୀ ଥିବାରୁ ଏପ୍ରିଲ ୨୨ରେ ସେ ନିର୍ବିରୋଧରେ ନିର୍ବାଚିତ ବୋଲି ଘୋଷଣା କରାଯାଇଥିଲା। ସୁରାଟ ପରେ ଏବେ କଂଗ୍ରେସକୁ ଇନ୍ଦୋର ଝଟକା ଲାଗିଛି। ଇନ୍ଦୋରର କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିନେଇ ବିଜେପିରେ ତତକ୍ଷଣାତ୍ ଯୋଗଦେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କିଛି ଦିନ ତଳେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁରେଶ ପଚୌରୀ, ପୂର୍ବତନ ସାଂସଦ ଗଜେନ୍ଦ୍ର ସିଂହ ରାଜୁଖେଡ଼ିଙ୍କ ସମେତ କଂଗ୍ରେସର ୫ ନେତା ବିଜେପିରେ ଯୋଗ ଦେଇଥିଲେ। ବିଜେପି ମୁଖ୍ୟାଳୟରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ରାଜ୍ୟ ବିଜେପି ସଭାପତି ଭିଡି ଶର୍ମା, ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଉପସ୍ଥିତିରେ ପଚୌରୀ, ରାଜୁଖେଡ଼ି ଓ କଂଗ୍ରେସର ଅନ୍ୟ ୩ଜଣ ପୂର୍ବତନ ବିଧାୟକ ଶାସକ ଦଳ ବିଜେପିରେ ମିଶିଥିଲେ।



# ଡାକ୍ତରାଣୀଙ୍କ ଚିକିତ୍ସାରେ କମିଥାଏ ମୃତ୍ୟୁ ହାର!

କଥାରେ ଅଛି, ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ। ତାଙ୍କର ଉପଯୁକ୍ତ ଚିକିତ୍ସା ଯୋଗୁଁ ରୋଗୀକୁ ନୂଆ ଜୀବନ ମିଳିଥାଏ। ତେବେ ରୋଗୀ ସେବାରେ ଉଭୟ ପୁରୁଷ ଓ ମହିଳା ଡାକ୍ତର ନିୟୋଜିତ ହୋଇଥାନ୍ତି। ଏବେ କିନ୍ତୁ ମହିଳା ଡାକ୍ତରଙ୍କୁ ନେଇ ଯେଉଁ ଅଧ୍ୟୟନ କରାଯାଇଛି, ତାହାର ନିଷ୍କର୍ଷ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏହି ଅଧ୍ୟୟନ 'ଆନାଲ୍ସ ଅଫ୍ ଇଣ୍ଟରନାଲ ମେଡିସିନ୍'ରେ ପ୍ରକାଶିତ। ଉକ୍ତ ଅଧ୍ୟୟନରୁ ଜଣାପଡ଼ିଛି ଯେ, ପୁରୁଷ ଡାକ୍ତରଙ୍କ ତୁଳନାରେ ମହିଳା ଡାକ୍ତରଙ୍କ ଚିକିତ୍ସା ଦ୍ୱାରା ରୋଗୀଙ୍କ ମୃତ୍ୟୁ ହାର ଏବଂ ପୁଣି ଥରେ ହସ୍‌ପିଟାଲକୁ ଆସିବା ଆଶଙ୍କା କମ୍ ଥାଏ। ଗବେଷଣାରେ ୭୭୬ ହଜାରରୁ ଅଧିକ ଲୋକଙ୍କୁ ସାମିଲ କରାଯାଇଥିଲା। ଏଥିରେ ୪୫୮,୧୦୦ ମହିଳା ରୋଗୀ ଥିବା ବେଳେ ପୁରୁଷ ରୋଗୀଙ୍କ ସଂଖ୍ୟା ଥିଲା ୩୧୮,୮୦୦ରୁ ଅଧିକ। ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ଚିକିତ୍ସିତ ହୋଇଥିବା ରୋଗୀଙ୍କୁ ଏଥିରେ ସାମିଲ କରାଯାଇଥିଲା। ତେବେ ଯେଉଁ ମହିଳାମାନଙ୍କୁ ମହିଳା ଡାକ୍ତର ଚିକିତ୍ସା କରିଥିଲେ, ସେମାନଙ୍କ ମୃତ୍ୟୁ ହାର ୮.୧୫ ପ୍ରତିଶତ ଥିଲା। ସେହିପରି ପୁରୁଷ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ମହିଳା ରୋଗୀଙ୍କ ମୃତ୍ୟୁ ହାର ୮.୩୮ ପ୍ରତିଶତ ଥିଲା। ସେହିଭଳି ମହିଳା ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସିତ ହେଉଥିବା ପୁରୁଷ ରୋଗୀଙ୍କ ମୃତ୍ୟୁହାର ୧୦.୧୫ ପ୍ରତିଶତ ଥିବାବେଳେ ପୁରୁଷ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସିତ ପୁରୁଷ ରୋଗୀଙ୍କ ମୃତ୍ୟୁ ହାର ୧୦.୨୩ ପ୍ରତିଶତ ଥିଲା। ଗବେଷକମାନଙ୍କ ମତରେ, ଡାକ୍ତରାଣୀ ଚିକିତ୍ସାର ଗୁଣାତ୍ମକ ଦିଗ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି। ମହିଳା ଡାକ୍ତର ରୋଗୀଙ୍କ ସହ କଥାବାର୍ତ୍ତା କରିବା, ସେମାନଙ୍କ ରେକର୍ଡ ଦେଖିବା ଏବଂ ପ୍ରକ୍ରିୟାକୁ ବୁଝିବା ପାଇଁ ପୁରୁଷ ଡାକ୍ତରଙ୍କ ଅପେକ୍ଷା ଅଧିକ ସମୟ ନେଇଥାନ୍ତି। ଏହାବାଦ୍ ମହିଳା ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇବା ଦ୍ୱାରା ବିଶେଷକରି ମହିଳା ରୋଗୀ ଅଧିକ ସହଜ ଅନୁଭବ କରନ୍ତି ଏବଂ ନିଜ ସମସ୍ୟା ଜଣାଇବାରେ ସଙ୍କୋଚ କରି ନ ଥାନ୍ତି। ସେହିପରି ୨୦୦୨ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ପୁରୁଷ ଡାକ୍ତରମାନେ ଜଣେ ରୋଗୀ ସହ ୨୧ ମିନିଟ୍ ବିତାଉଥିବାବେଳେ ମହିଳା ଡାକ୍ତର ୨୩ ମିନିଟ୍ ବିତାଇଥାନ୍ତି। ଏହି ଅଧ୍ୟୟନ ଗୋଟିଏ କଥା ସ୍ପଷ୍ଟ କରୁଛି ଯେ, ମହିଳା ଚିକିତ୍ସକଙ୍କ ସଂଖ୍ୟା ବଢ଼ିଲେ କେବଳ ମହିଳା ରୋଗୀ ଉପକୃତ ହେବେ ନାହିଁ, ବରଂ ସ୍ୱାସ୍ଥ୍ୟ ସେବାକୁ ଏଥିରୁ ଲାଭ ମିଳିବ।

## ୫୫ ଘଣ୍ଟାରେ ୯୦ ଜଣଙ୍କ ସାକ୍ଷାତକାର

ଅନେକ ସମୟରେ ଲୋକେ ବହୁ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ବିଶ୍ୱରେକର୍ଡ କରିବାର ନଜିର ରହିଛି। ନିକଟରେ ନାଇଜେରିଆର ଜଣେ ମହିଳା ୫୫ ଘଣ୍ଟା ୨୪ ସେକେଣ୍ଡ ପର୍ଯ୍ୟନ୍ତ ସାକ୍ଷାତକାର ନେଇ ବିଶ୍ୱ ରେକର୍ଡ କରିଛନ୍ତି। ୟୁଟ୍ୟୁବ୍‌ରେ 'ୱେମନ୍ସ ୱାର୍ଲଡ୍ ଶୋ' ନାମକ ଏକ ଟକ୍ ଶୋ' ହୋଷ୍ଟ କରୁଥିବା କ୍ଲାରା କ୍ରୋନବୋର୍ଗ ଏହି ସମୟରେ ପାଖାପାଖି ୯୦ ଜଣ ଲୋକଙ୍କର ସାକ୍ଷାତକାର ନେଇଥିଲେ। ତେବେ ଏହି ସାକ୍ଷାତକାର ସ୍ପେନର ମାର୍ବେଲା ନାମକ ସ୍ଥାନରେ ଏକ ନୌକାରେ କରାଯାଇଥିଲା। ଏଥିରେ ଭାଗ ନେଇଥିବା ଅତିଥିମାନେ ନିଜ ନିଜ କ୍ଷେତ୍ରରେ କିପରି ସଫଳତା ପ୍ରାପ୍ତ କରିଥିଲେ ତାହା ଦର୍ଶକଙ୍କୁ ଜଣାଇବା ହିଁ ସାକ୍ଷାତକାରର ବିଷୟବସ୍ତୁ ଥିଲା। କ୍ଲାରା ଦୀର୍ଘ ସମୟ ଧରି ସାକ୍ଷାତକାର ନେଉଥିବା ସମୟରେ ପ୍ରତି ଘଣ୍ଟାଏରେ ତାଙ୍କୁ ପାଞ୍ଚ ମିନିଟ୍ ବିରତି ଦିଆଯାଇଥିଲା। ଏହି ସମୟରେ ସେ ପୋଷାକ ବଦଳାଇ ପାରିବେ କିମ୍ବା ବିଶ୍ରାମ ନେଇପାରିବେ ନଚେତ୍ ଶୌଚାଳୟ ଯାଇ ପାରିବା ନିୟମ ଥିଲା। ତେବେ ଏହି ରେକର୍ଡ କରିବା ସମୟରେ କ୍ଲାରାଙ୍କୁ ବହୁ କଷ୍ଟ ସହିବାକୁ ପଡ଼ିଥିଲା। ଏପରି ଦୀର୍ଘ ସମୟ ଧରି ସାକ୍ଷାତକାର ନେଉଥିବା କାରଣରୁ ତାଙ୍କର ତଣ୍ଟି ଶୁଖି ଯାଉଥିଲା। ସେ ହାଇଡ୍ରେଟ୍ ରହିବା ପାଇଁ ବହୁତ ପାଣି ପିଉଥିଲେ। ଦୀର୍ଘ ସମୟ ବସି ରହିବା ଯୋଗୁ ତାଙ୍କ ବେକ ଓ ଅଣ୍ଟାରେ ଖୁବ୍ ଯନ୍ତ୍ରଣା ଅନୁଭବ କରିଥିଲେ। ବାରମ୍ବାର ଶୌଚାଳୟ ନ ଯିବା ପାଇଁ ସେ ଡାଏପର୍ ପିନ୍ଧିଥିଲେ। ଏତେ ସବୁ ବାଧା ବିଘ୍ନ ପରେ ମଧ୍ୟ ସେ ନିଜର ସାକ୍ଷାତକାର କାର୍ଯ୍ୟ ଜାରି ରଖିଥିଲେ। ପରିଶେଷରେ ସେ ଏହି ରେକର୍ଡ଼ କରି ବେଶ୍ ଖୁସିଥିବା କହିଛନ୍ତି। ଏହାପୂର୍ବରୁ ଏହି ରେକର୍ଡ ଆମେରିକାର ରବ୍ ଓଲିବରଙ୍କ ନାମରେ ଥିଲା। ସେ ୨୦୨୨ରେ ୩୭ ଘଣ୍ଟା ୪୪ ମିନିଟ୍ ଧରି ସାକ୍ଷାତକାର ନେଇଥିଲେ।



## ଆଜିର ଇତିହାସ

- ୧୫୯୮ - ଆମେରିକାରେ ପ୍ରଥମ ଥର ଥିଏଟରର ଆୟୋଜନ କରାଗଲା।
- ୧୭୮୯ - ଜର୍ଜ ୱାଶିଂଟନ୍ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ।
- ୧୯୭୫ - ଭିଏତନାମ ଯୁଦ୍ଧର ଅନ୍ତ ଘଟିଲା।



- ୨୦୧୨ - ବ୍ରହ୍ମପୁତ୍ର ନଦୀରେ ନୌକା ବୁଡ଼ି ଯିବାରୁ ଅତିକମ୍‌ରେ ୧୦୩ ଲୋକଙ୍କ ମୃତ୍ୟୁ ହୋଇଥିଲା।
- ୨୦୨୦ - ବଲିଉଡ୍ ଅଭିନେତା ଋଷି କପୁରଙ୍କ ପରଲୋକ।

# ଗୋବିନ୍ଦାଙ୍କ ସହ କାମ କରିବା ପାଇଁ ଆଗ୍ରହୀ ଅନିସ୍



ସମୟ ଥିଲା ଯେତେବେଳେ ବଲିଉଡ୍ ଅଭିନେତା ଗୋବିନ୍ଦାଙ୍କ ଘର ବାହାରେ ନିର୍ଦ୍ଦେଶକଙ୍କ ଲମ୍ବା ଲାଇନ୍ ଲାଗୁଥିଲା। ନବେ ଦଶକରେ ଗୋବିନ୍ଦା ବଲିଉଡ୍‌ରେ ରାଜ୍ କରିଥିଲେ। କିନ୍ତୁ ବିଗତ କିଛି ବର୍ଷ ହେଲାଣି ସେ ପୂରାପୂରି ଫିଲ୍ମ ଲାଇନ୍‌ରୁ ଦୂରେଇ ଯାଇଛନ୍ତି। ଗୋବିନ୍ଦା ତାଙ୍କ ଜମାନାରେ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି, ଯାହାକୁ ଦର୍ଶକେ ଆଜି ବି ମନେ ପକାଉଛନ୍ତି। ବଲିଉଡ୍‌ର ଜଣେ ସଫଳ ନିର୍ଦ୍ଦେଶକ ଭାବେ ଜଣାଶୁଣା ଅନୀସ ବଜ୍‌ମି ଗୋବିନ୍ଦାଙ୍କୁ ନେଇ ଏବେ ଏକ ବଡ଼ ଖୁଲାସା କରିଛନ୍ତି। ଅନୀସ କହିଛନ୍ତି,ଯଦି ତାଙ୍କୁ ଗୋବିନ୍ଦାଙ୍କ ସହ କାମ ମିଳିବାକୁ ସୁଯୋଗ ମିଳେ ତେବେ ସେ ନିଶ୍ଚୟ କରିବେ। ଗୋବିନ୍ଦାଙ୍କ ଭଳି ଡ୍ୟାନ୍ସ ଓ କମେଡି କେହି କରିପାରିବେ ନାହିଁ ବୋଲି ସେ କହିଛନ୍ତି। ଦର୍ଶକେ ଅନେକ ଦିନରୁ ସେ ପରଦାକୁ ଫେରିବାକୁ ଅପେକ୍ଷା କରିଛନ୍ତି। ଯେତେବେଳେ ଗୋବିନ୍ଦାଙ୍କ ପାଇଁ ଭଲ କାହାଣୀ ମିଳିଯିବ, ସେ ନିଜେ ତାଙ୍କୁ ଯୋଗାଯୋଗ କରିବେ ବୋଲି ଅନୀସ୍ କହିଛନ୍ତି।

ଅନୀସ 'ସ୍ୟାଣ୍ଡୱିଚ୍' ଫିଲ୍ମରେ ଗୋବିନ୍ଦାଙ୍କ ସହ କାମ କରିଥିଲେ। ଏହି ଫିଲ୍ମ ୨୦୦୬ରେ ଆସିଥିଲା। ଏହାପୂର୍ବରୁ ଏଦୁହେଁ 'ଆଖେଁ', 'ରାଜା ବାବୁ' ଫିଲ୍ମରେ କାମ କରିଥିଲେ। ଗୋବିନ୍ଦାଙ୍କୁ ଶେଷ ଥର ପାଇଁ 'ରଙ୍ଗିଲା ରାଜା' ଫିଲ୍ମରେ ଦେଖାଯାଇଥିଲା, ଯାହା ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିପାରି ନଥିଲା।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

# ତରଭୁଜରେ ବିଭିନ୍ନ ରୋଗ

**ମୃତ୍ତିକାର ତାପମାତ୍ରା ବୃଦ୍ଧି, କମ୍ ଉର୍ବର ଜମି, ଅଧିକ ଜଳସେଚନ କାରଣରୁ ତରଭୁଜ ଫସଲରେ କବକ, ଜୀବାଣୁ ଜନିତ ଝାଉଁଳା ରୋଗ, ପତ୍ରପୋଡ଼ା ରୋଗ, ପାଉଁଶିଆ ରୋଗ ଦେଖାଯାଏ। ପତ୍ରରେ ହଳଦିଆ ଓ ଧୂସରିଆ ରଙ୍ଗ ପଡ଼ି ପତ୍ର ଓ ଫଳ ଶୁଖିଯାଏ। ଏହାଦ୍ୱାରା ତରଭୁଜ ଅମଳରେ ବାଧାସୃଷ୍ଟି ହୋଇଥାଏ। ତେଣୁ ଏହି ରୋଗ ନିୟନ୍ତ୍ରଣ ପାଇଁ ଆପଣାନ୍ତୁ ଏହି ଉପାୟ।**



- ଜୈବିକ ଉପାୟରେ ଟ୍ରାଇକୋଗ୍ରାମାଭିରିଡି ୪ରୁ ୫ ଗ୍ରାମ୍ ଲିଟର ପ୍ରତି ପାଣିରେ ମିଶାଇ ସିଞ୍ଚନ କରିପାରିବେ। ପାଉଁଶିଆ ରୋଗରେ ପତ୍ରଉପରେ ପାଉଁଶ ପଡ଼ିଲା ପରି ହୋଇଥାଏ। ପତ୍ର ଶୁଖିଯାଏ। ଏହାର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ ୦.୫-୦.୮ ଗ୍ରାମ୍ ପାଣିରେ ମିଶାଇ ପ୍ରୟୋଗ କରିପାରିବେ।
- ଜୀବାଣୁ ଜନିତ ପତ୍ର ଝାଉଁଳାରୋଗ ଦ୍ୱାରା ପତ୍ର ଝାଉଁଳି ପଡ଼େ, ତେଣୁ ମେଟାଲାକ୍ସି +ମାଙ୍କୋଜେବ ୧.୫ଗ୍ରାମ୍/ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ଜୀବାଣୁ ଜନିତ ଫଳଶଢ଼ା ରୋଗ ଦ୍ୱାରା ପତ୍ର ଶିରାରେ ନାଲି ରଙ୍ଗ ଦାଗ ପଡ଼େ, ଫଳରୁ ଅଠାଳିଆ ପଦାର୍ଥ ବାହାରେ, ଏହାର ନିରାକରଣ ପାଇଁ ଷ୍ଟ୍ରେପଟୋ ସଲଫେଟ୍ + ଟେଟ୍ରା ସାଇକ୍ଲିନ ହାଇଡ୍ରୋକ୍ଲୋରାଇଡ ୦.୨ଗ୍ରାମ/ ଲିଟର ମିଶାଇ ପ୍ରୟୋଗ କରନ୍ତୁ।
- ପତ୍ରରେ ରଙ୍ଗ ପରିବର୍ତ୍ତନ ଦେଖିଲେ, ଏହାର ରାସାୟନିକ ନିରାକରଣ ପାଇଁ ମେଟାଲାକ୍ସି +ମାଙ୍କୋଜେବ ୧-୧.୫ଗ୍ରାମ୍/ ଲିଟର ପାଣିରେ ମିଶାଇ ପତ୍ରସିଞ୍ଚନ କରନ୍ତୁ। କ୍ଲୋରୋଥାଲୋନିଲ+ମାଙ୍କୋଜେବ ଲିଟର ପ୍ରତି ୨ମିଲି ପତ୍ର ସିଞ୍ଚନ କରିବେ।
- କବକଜନିତ ପତ୍ରପୋଡ଼ା ରୋକିବାକୁ ମାଙ୍କୋଜେବ ୨.୫ଗ୍ରାମ ୨ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ।

# କୁଣ୍ଡରେ ବାରମାସୀ ଆମ୍ବ



ଏବେ ସହର ବାସିନ୍ଦା ସ୍ଥାନ ଅଭାବ ସତ୍ତ୍ୱେ ନିଜ ଛାତରେ ଆମ୍ବ ଫଳାଇ ପାରୁଛନ୍ତି। ବର୍ଷସାରା ରସାଳିଆ ଆମ୍ବର ମଜା ନେବାକୁ ସହାୟକ ହୋଇଛି ବଡ଼ ବଡ଼ କୁଣ୍ଡ। କୁଣ୍ଡରେ ବଢ଼ିପାରୁଥିବା କିସମର ଗଛ (୩ରୁ ୫ ଫୁଟ) ସାଙ୍ଗକୁ ଉନ୍ନତ କିସମ ଯଥା- ଆମ୍ରପାଲି, ମାଲିକା, ନିଲମ, ସଦାବହାର ଇତ୍ୟାଦି ବ୍ୟବହାର କରି ଏହି ଚାଷ ବାର ମାସ ସମ୍ଭବ ହୋଇପାରିଛି। ତେବେ ସ୍ୱଳ୍ପ ସ୍ଥାନରେ ଏହି ଆମ୍ବ ଚାଷ କରିବାକୁ ୪ରୁ୫ଫୁଟରେ କିଛି ପତ୍ର ଥିବା ଗଛ କିଣନ୍ତୁ। ଗଛ ଲଗାଇବାକୁ ଏକ ବଡ଼ ସାଇଜ୍‌ର କୁଣ୍ଡ ନେଇ ଏଥିରେ ମାଟି ଭର୍ତ୍ତି କରିଦିଅନ୍ତୁ। ମାଟିରେ ଗୋବର ଏବଂ ନିମଖତ ଦେଇ ମାଟିକୁ ପ୍ରସ୍ତୁତ କରନ୍ତୁ। ମାଟିରେ କଲମୀ ରୋପଣ କରିପାରିବେ। ରୋଇବା ପରେ ଏଥିରେ ହାଲୁକା ଜଳସିଞ୍ଚନ କରନ୍ତୁ। ଯଦି ଗଛରେ ନୂଆ ପତ୍ର କଅଁଳୁଛି ତେବେ ଗଛ ସୁସ୍ଥ ଅଛି ବୋଲି ଜାଣନ୍ତୁ। ନିୟମିତ ଗଛ ଓ ପତ୍ରରେ ଫିମ୍ପି ତଥା ଅନ୍ୟାନ୍ୟ ରୋଗପୋକ ଲାଗୁଛି କି ନାହିଁ, ନିରୀକ୍ଷଣ କରନ୍ତୁ। ସୂର୍ଯ୍ୟକିରଣ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। ମଝିରେ ମଝିରେ ଗଛକୁ ପୋଷକତତ୍ତ୍ୱ ଦେବା ସହ ପିମ୍ପୁଡ଼ି, ଜନ୍ଦା ଆଦି କବଳରୁ ରକ୍ଷା କରିବାକୁ କୁଣ୍ଡ ମାଟିରେ ନିମଖତ ଦେଇପାରିବେ। ମାଟିର ଆର୍ଦ୍ରତାକୁ ପରୀକ୍ଷା କରି ଗଛରେ ପାଣି ଦେଇପାରିବେ। ସଠିକ୍ ଯତ୍ନ ଦ୍ୱାରା ତିନି ବର୍ଷ ପରେ ଫଳ ଫଳିବାକୁ ଲାଗେ।



## ସୁବର୍ଣ୍ଣ

**ଏବେ ରାଜ୍ୟର ବିଭିନ୍ନ ସହର ଜଳୁଛି। ଗରମରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ମଣିଷଙ୍କ ପରି ଏଥିରୁ ତ୍ରାହି ପାଉନାହାନ୍ତି ବୃକ୍ଷଲତା ଓ ଜୀବଜନ୍ତୁ। ତେଣୁ ଏହି ସମୟରେ ଗଛ ଲତା ପାଇଁ ଅଧିକ ଦେଖାରଖା କରିବାର ଆବଶ୍ୟକତା ରହିଛି। ତେବେ ସ୍ମାର୍ଟସେଲ୍‌ଫ ଜଳସିଞ୍ଚନ ବିଧିରେ ଇନ୍‌ଡୋର ଗଛଲତାକୁ ପାଣି ଯୋଗାଇଲେ ଗଛ ଶୁଖିବା ସମସ୍ୟା ଦୂର ହେବା ସହ ପାଣି ଦେବାରେ ଅପଚୟ ହେଉଥିବା ସମୟକୁ ରୋକାଯାଇପାରେ।**



### ଗଛ ଶୁଷ୍କତା ଦୂର କରିବ

# ସ୍ମାର୍ଟ ସେଲ୍‌ଫ ଜଳସିଞ୍ଚନ

### କୁଣ୍ଡତଳେ ପାଣି

ମାଟି ଏବଂ ଗଛକୁ ସଠିକ୍ ପରିମାଣରେ ଜଳ ଯୋଗାଏ କୁଣ୍ଡତଳେ ପାଣି ଦେବା ପ୍ରଣାଳୀ। ଏଥିପାଇଁ କୁଣ୍ଡତଳେ ଏକ ବଡ଼ ପାତ୍ରରେ ପାଣି ଢ଼ାଳି ଗଛ ଲଗାଇଥିବା କୁଣ୍ଡକୁ ଏହା ଉପରେ କିଛି ସମୟ ରଖନ୍ତୁ, ଏଥିପାଇଁ କୁଣ୍ଡ ତଳପାର୍ଶ୍ୱରେ ଅଳ୍ପ କଣା ରହିଥିବା ଦରକାର। ତେବେ ଏହି ବିଧିରେ କୁଣ୍ଡରୁ ମାଟି ଅନ୍ୟପାତ୍ରରୁ ପାଣି ଗ୍ରହଣ କରୁଛି କି ନାହିଁ ଲକ୍ଷ୍ୟ କରନ୍ତୁ। ମାଟି ଆର୍ଦ୍ରତାକୁ ମାପି ସେହିପରି ଅନ୍ୟ ଗଛରେ ପାଣି ଦିଅନ୍ତୁ।

### ମାଟିର ଆର୍ଦ୍ରତା ଠିକ୍ ରଖେ ଝୋଟ ରଶି

ଗୋଟିଏ ପାଣି ଭର୍ତ୍ତି ବଡ଼ ପାତ୍ର ନିଅନ୍ତୁ। ସୂତା କପଡ଼ା, ଜୋତା ଫିତା କିମ୍ବା ଝୋଟର ସୂତାକୁ ଉପଯୋଗ କରି ଏହାକୁ ପାଣି ଭର୍ତ୍ତି ପାତ୍ରରେ ରଖନ୍ତୁ। ଧ୍ୟାନ ଦେବେ ଏହି ରଶି ଯେମିତି ସମସ୍ତ କୁଣ୍ଡକୁ ପାଣି ଯୋଗାଇବାରେ ସହାୟକ ହେବ। ଏପରି ପାଣି ଦେବା ଦ୍ୱାରା ମାଟିର ଆର୍ଦ୍ରତା ଠିକ୍ ରୁହେ। ଗଛ ଶୁଷ୍କ ସମସ୍ୟା ହୁଏନାହିଁ। କୁଣ୍ଡରେ ଝୋଟ ରଶି ନଡ଼ିଆ କତା ଆଦି ପକାଇ ପାଣିଦେଇପାରିବେ।

କୁଣ୍ଡ ଏବଂ ଗଛକୁ ଢାଙ୍କିବାକୁ ପ୍ଲାଷ୍ଟିକ୍ ବ୍ୟାଗ୍ କିମ୍ବା ବଡ଼ କଭର ବ୍ୟବହାର କରନ୍ତୁ। ଗଛକୁ ପ୍ଲାଷ୍ଟିକ୍ ନ ଛୁଇଁବାକୁ ବାଡ଼ିର ସାହାଯ୍ୟ ନିଅନ୍ତୁ। ଏହା ଉପରେ ହାଲୁକା ଜଳସିଞ୍ଚନ କରନ୍ତୁ। ସୂର୍ଯ୍ୟକିରଣରେ ପାଣି ବାଷ୍ପୀଭୂତ ହୋଇ ଗଛକୁ ପାଣି ବୁନ୍ଦା ଯୋଗାଇଥାଏ।

### ବୋତଲରେ ବୁନ୍ଦା ଜଳସିଞ୍ଚନ

ପ୍ଲାଷ୍ଟିକ୍ ବୋତଲର ଉପରପାର୍ଶ୍ୱରେ ଛୋଟ କଣା କରିଦିଅନ୍ତୁ। ବୋତଲରେ ପାଣି ଭରି ଏହାକୁ ଓଲଟାଇ ଦିଅନ୍ତୁ। ତୁରନ୍ତ ଅଳ୍ପ ଗଭୀର ମାଟି ଓ ଗଛ ନିକଟରେ ପୋତିଦିଅନ୍ତୁ। ଏହି ପ୍ରଣାଳୀରେ ଜଳସିଞ୍ଚନ କରିବା ପୂର୍ବରୁ ମାଟିରେ ପାଣି ଦେବା ଜରୁରି। ପ୍ଲାଷ୍ଟିକ୍ ବୋତଲରୁ ପାଣି ଅଳ୍ପ ଅଳ୍ପ କରି ବହୁତ ସମୟ ଗଛକୁ ମିଳିଥାଏ। ପ୍ରତି କୁଣ୍ଡ ପାଖେ ଏକ ପ୍ଲାଷ୍ଟିକ୍ ବୋତଲରୁ ସୂତା କପଡ଼ା ବା ରଶିକୁ ପାଣିରୁ ସିଧା ଗଛକୁ ସଂଯୋଗ କରିବା ଦ୍ୱାରା ମାଟିର ଆର୍ଦ୍ରତା ଠିକ୍ ରୁହେ। ଇନ୍‌ଡୋର ଗଛକୁ ସାଲାଇନ୍ ପାଇପ୍‌ରେ ଜଳଯୋଗାଇ ପାରିବେ।

### ମାଠିଆରୁ ଜଳଯୋଗାଣ

ବଡ଼ ମୁହଁ ଥିବା ମାଟିପାତ୍ର ତଳପାର୍ଶ୍ୱରେ ଅଳ୍ପ କଣା କରି ଏହାର ମୁହଁ ପାଖରେ ଅଠା ଦେଇ ଅନ୍ୟ ଏକ ସମାନ ମାଟିପାତ୍ରକୁ ମିଶାଇ ଦିଅନ୍ତୁ। ଗଛ ଲଗାଯାଇଥିବା ସ୍ଥାନରୁ ଅଳ୍ପ ଦୂରରେ ପାତ୍ରର ମୁହଁ ଅଳ୍ପ ମାଟି ବାହାରକୁ କାଢ଼ି ରଖି ପୋତି ଦେଇ ଏଥିରେ ପାଣି ଦିଅନ୍ତୁ। ଏହାଦ୍ୱାରା ମୃତ୍ତିକାକୁ ପାଣି ମିଳିବା ସହ ମାଟିର ଆର୍ଦ୍ରତା ଠିକ୍ ରୁହେ। ମାଠିଆ ଖାଲି ହେଲେ ଏଥିରେ ପାଣି ଭରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ପନିପରିବାରେ ଜଳ ସଂରକ୍ଷଣ କରିବା ପାଇଁ ନଡ଼ା, ଶୁଖିଲା ପତ୍ର ବା କରତ ଗୁଣ୍ଡ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ।
- ଧାନଫସଲରେ କେଣ୍ଡା ଅଷ୍ଟପଦୀ ପୋକର ନିରାକରଣ ପାଇଁ ଏକର ସ୍ପିରୋମେସିଫେନ୍ @ ୨୦୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



- ଲଗାତାର ଶୁଖିଲା ପାଗ ପରେ ବର୍ଷା ହେଲେ ମକା ଫସଲରେ ଫଲ ଆର୍ମି ୱାର୍ମ ପୋକ ଲାଗିବାର ସମ୍ଭାବନା ଥାଏ। ଏହାର ନିରାକରଣ ପାଇଁ ଏକର ପ୍ରତି ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫%ଏସ୍‌ଜି @ ୮୦ ଗ୍ରାମ୍ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସି, ୨୦୦ ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଲଙ୍କାମରିଚ ଫସଲରେ ଫଳଶଢ଼ା ଓ ଗମରା ରୋଗର ପରିଚାଳନା ପାଇଁ ଏକରପ୍ରତି ପ୍ରୋପିନେବ୍ ୭୦%ଡବ୍ଲ୍ୟୁପି @୫୦୦ ଗ୍ରାମ୍, ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଲାହୋର, କରାଚି, ରାୱଲପିଣ୍ଡିରେ ମ୍ୟାଚ୍

**କରାଚି,୨୯ ।୪(ଏଜେନ୍ସି):** ଆଇସିସି ଚାମ୍ପିଅନ୍ସ ଟ୍ରଫିର ୯ମ ସଂସ୍କରଣ ଆସନ୍ତାବର୍ଷ ପ୍ରାରମ୍ଭରେ ପାକିସ୍ତାନରେ ଖେଳାଯିବ। ଯେଉଁଥିରେ ଆଇସିସି ଏକଦିବସୀୟ ମାନ୍ୟତାର ଶ୍ରେଷ୍ଠ-୮ ଗୋଟି ଦଳ ଟ୍ରଫି ପାଇଁ ଲଢ଼େଇ କରିବେ। ଏହି ମେଗା ଇଭେଣ୍ଟ ଲାଗି ଆୟୋଜକ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ସୋମବାର ଭେନ୍ୟୁ ଘୋଷଣା କରାଯାଇଛି। କରାଚି, ଲାହୋର ଓ ରାୱଲପିଣ୍ଡିରେ ସମସ୍ତ ମ୍ୟାଚ୍ ଖେଳାଯିବ ବୋଲି ପିସିବି ପକ୍ଷରୁ ଏହି ଅବସରରେ କୁହାଯାଇଛି। ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ସୁଯୋଗ ହାସଲ କରିଥିବାରୁ

### ଚାମ୍ପିଅନ୍ସ ଟ୍ରଫି-୨୦୨୫

ଭାରତ ଏହି ବିଶ୍ୱସ୍ତରୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବ କି ନାହିଁ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ, ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ଖେଳିବା ଲାଗି ପାକିସ୍ତାନ ଗସ୍ତ କରିବ ନାହିଁ। କିନ୍ତୁ ବିସିସିଆଇର ପକ୍ଷରୁ କୌଣସି ଅଫିସିଆଲ ଘୋଷଣା କରାଯାଇନାହିଁ। ଗତ ବର୍ଷ 'ହାଇବ୍ରିଡ୍ ମଡେଲ'ରେ ଖେଳାଯାଇଥିବା ଏସିଆ କପ୍ ଭଳି ଏଥର ମଧ୍ୟ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରାଯାଉ ବୋଲି ବିସିସିଆଇ ଚାହୁଁଛି। କିନ୍ତୁ ପାକିସ୍ତାନ ପକ୍ଷରୁ କରାଚି, ଲାହୋର ଓ ରାୱଲପିଣ୍ଡିକୁ ଭେନ୍ୟୁ ଭାବେ ଘୋଷଣା କରାଯିବା ପରେ ଏବେ ବିସିସିଆଇର ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି। ଗତ ବର୍ଷ ପାକିସ୍ତାନ ଏସିଆ କପ୍ ଆୟୋଜନ ଅଧିକାର ହାସଲ କରିଥିଲା। କିନ୍ତୁ ଭାରତ ଏସିଆ କପ୍‌ରେ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା।

### ରାଞ୍ଚିରେ ଆଜିଠାରୁ ଜାତୀୟ ମହିଳା ହକି ଲିଗ୍

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା-ହରିୟାଣା ମୁକାବିଲା

**ଭୁବନେଶ୍ୱର, ୨୯।୪ (ସମିସ)**



୧୪ତମ ଜାତୀୟ ମହିଳା ହକି ଚାମ୍ପିଅନସିପ୍‌ର ଚାମ୍ପିଅନ ଓ ରନର୍ସଅପ୍ ଦଳ (ଫାଇଲ ଫଟୋ)

ହକି ଇଣ୍ଡିଆ ଆନୁକୂଲ୍ୟରେ ରାଞ୍ଚିର ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବ ପ୍ରଥମ ମହିଳା ହକି ଇଣ୍ଡିଆ ଲିଗ୍। ଭାରତରେ ମହିଳା ହକିର ବିକାଶ ଲାଗି ଜାତୀୟ ମହିଳା ହକି ଚାମ୍ପିଅନସିପ୍‌ରେ ପ୍ରଥମ ୮ଟି ସ୍ଥାନ ଅଧିକାର କରିଥିବା ଦଳକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟର ମ୍ୟାଚ୍ ଗୁଡ଼ିକ ଏପ୍ରିଲ ୩୦ରୁ ଆରମ୍ଭ ହୋଇ ମେ ୯ରେ ଶେଷ ହେବ। ଏହି ପ୍ରତିଯୋଗିତା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ଓ ଦଳ ଗୁଡିକ ଭଲ ଅଭ୍ୟାସ କରିଦେଇଛନ୍ତି। ଦେଶର ଶ୍ରେଷ୍ଠ ୮ଟି ମହିଳା ଦଳଗୁଡିକରେ ସ୍ଥାନ ପାଇଥିବା ୨୧ ବର୍ଷରୁ କମ ବୟସର ଖେଳାଳିମାନେ ବେଶ ଉପକୃତ ହେବେ ବୋଲି ହକି ଇଣ୍ଡିଆ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ସେହିପରି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏହି ପ୍ରତିଯୋଗିତାକୁ ଐତିହାସିକ ବର୍ଣ୍ଣନା କରିଛନ୍ତି। ଏହି ଲିଗ୍‌ରୁ ଆମେ ଭାରତୀୟ ମହିଳା ଦଳ ଲାଗି ବ୍ୟାକ୍‌ଅପ୍ ଖେଳାଳି ପ୍ରସ୍ତୁତ କରିପାରିବୁ ବୋଲି କହିଛନ୍ତି। କିନ୍ତୁ ୮ଟି ରାଜ୍ୟକୁ ବାଦ୍ ଦେଇ ଅନ୍ୟ ରାଜ୍ୟଗୁଡ଼ିକର ପ୍ରତିଭାବାନ ମହିଳା ଖେଳାଳିଙ୍କ ସମ୍ପର୍କରେ ହକି ଇଣ୍ଡିଆ ପକ୍ଷରୁ କିଛି ଯୋଜନା କରାଯାଇନାହିଁ। ଏଭଳି କ୍ଷେତ୍ରରେ ଦେଶରେ ଉପଲବ୍ଧ ସମସ୍ତ ପ୍ରତିଭାବାନ ଖେଳାଳିମାନେ ଏହି ପ୍ରତିଯୋଗିତାରୁ ଲାଭ ପାଇ ପାରିବେ ନାହିଁ।

### ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୮

ହକି ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ତମ ଜାତୀୟ ମହିଳା ହକି ପ୍ରତିଯୋଗିତାରେ ପ୍ରଥମ ୮ଟି ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକୁ ପ୍ରଥମ ଜାତୀୟ ମହିଳା ହକି ଲିଗ୍‌ରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା ମଧ୍ୟରେ ୮ମ ସ୍ଥାନ ଅଧିକାର କରିଥିବା ଓଡ଼ିଶା ଦଳ ସ୍ଥାନ ପାଇବାରେ ସମର୍ଥ ହୋଇଛି। ଅନ୍ୟ ୭ଟି ଦଳ ମଧ୍ୟରୁ ଚାମ୍ପିଅନ ହକି ହରିୟାଣା, ହକି ମହାରାଷ୍ଟ୍ର, ହକି ଝାଡଖଣ୍ଡ, ହକି ମଧ୍ୟପ୍ରଦେଶ, ହକି ବେଙ୍ଗଲ, ହକି ମିଜୋରାମ, ମଣିପୁର ହକିକୁ ସ୍ଥାନ ମିଳିଛି। ଏହି ଦଳ ଗୁଡ଼ିକ ଜାତୀୟ ହକି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ହକି ଆସୋସିଏସନ ଅଫ୍ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାଜିତ ହୋଇଥିଲା।

### ଫର୍ମାଟ ଓ ପଏଣ୍ଟ

ଉପରୋକ୍ତ ଏହି ୮ଟି ଅଂଶଗ୍ରହଣକାରୀ ଦଳଗୁଡ଼ିକ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳିବେ। ଅର୍ଥାତ ଗୋଟିଏ ଦଳ ପ୍ରଥମ ପର୍ଯ୍ୟାୟରେ ୭ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ୍‌ରେ ସର୍ବାଧିକ ପଏଣ୍ଟ ହାସଲ କରିଥିବା ୪ଟି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହେବ। ପ୍ରଥମ ପର୍ଯ୍ୟାୟରେ ମ୍ୟାଚ୍ ଜିତିବା ଲାଗି ଗୋଟିଏ ଦଳକୁ ୩ ପଏଣ୍ଟ ଓ ପରାଜିତ ଦଳକୁ କୌଣସି ପଏଣ୍ଟ ମିଳିବ ନାହିଁ। ମ୍ୟାଚ୍ ଡ୍ର ରହିଲେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ଭାଗ କରିବେ। କିନ୍ତୁ ଏହି ମ୍ୟାଚର ଫଳାଫଳ ଜାଣିବା ଲାଗି ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯିବ। ଏଥିରେ ବିଜୟୀ ହୋଇଥିବା ଦଳକୁ ଗୋଟିଏ ବୋନସ ପଏଣ୍ଟ ମିଳିବ। ଏହାର ଅର୍ଥ ଅମୀମାଂସିତ ରହିଥିବା ମ୍ୟାଚ୍‌ରେ ଯେଉଁ ଦଳ ପେନାଲ୍ଟି ସୁଟ୍‌ଆଉଟରେ ବିଜୟୀ ହେବ, ସେହି ଦଳକୁ ମୋଟ ୨ ଓ ପରାଜିତ ଦଳକୁ ଗୋଟିଏ ପଏଣ୍ଟ ମିଳିବ। ମୋଟ ୧୦ଦିନ ଧରି ଖେଳାଯିବାକୁ ଥିବା ଏହି ହାଇଲେଭଲ ଘରୋଇ ଟୁର୍ଣ୍ଣାମେଣ୍ଟରେ ମୋଟ ୨୮ଟି ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ଦ୍ୱିତୀୟ ପର୍ଯ୍ୟାୟରେ ନକ୍‌ଆଉଟ ମ୍ୟାଚ୍ ଅନୁଷ୍ଠିତ ହେବ।

#### ଓଡ଼ିଶାର ଖେଳସୂଚୀ

**୩୦/୪:** ପ୍ରଥମ ମ୍ୟାଚ୍ ବନାମ ହରିୟାଣା, ସକାଳ ୭ଟା
**୧/୫:** ଦ୍ୱିତୀୟ ମ୍ୟାଚ୍ ବନାମ ମଧ୍ୟପ୍ରଦେଶ, ସନ୍ଧ୍ୟା ୬ଟା
**୩/୫:** ତୃତୀୟ ମ୍ୟାଚ୍ ବନାମ ମଣିପୁର
**୪/୫:** ଚତୁର୍ଥ ମ୍ୟାଚ୍ ବନାମ ଝାଡଖଣ୍ଡ
**୬/୫:** ପଞ୍ଚମ ମ୍ୟାଚ୍ ବନାମ ମହାରାଷ୍ଟ୍ର
**୭/୫:** ଷଷ୍ଠ ମ୍ୟାଚ୍ ବନାମ ବେଙ୍ଗଲ
**୯/୫:** ସପ୍ତମ ମ୍ୟାଚ୍ ବନାମ ମିଜୋରାମ

### ପ୍ରଥମ ଦିନ ମୁକାବିଲା

ଏହି ପ୍ରତିଯୋଗିତାରେ ୮ଟି ଦଳ ମୋଟ ୨୮ଟି ମ୍ୟାଚ୍ ୭ ଦିନରେ ଖେଳିବେ। ଏହାର ଅର୍ଥ ପ୍ରତ୍ୟେକ ଦିନ ୪ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। କିନ୍ତୁ ମେ ୨, ୫ ଓ ୮ ତାରିଖକୁ ବିଶ୍ରାମ ଦିବସ ରଖାଯାଇଛି। ଏପ୍ରିଲ ୩୦ ତାରିଖ ପ୍ରଥମ ଦିନ ୪ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍ ଓଡ଼ିଶା ଓ ଚାମ୍ପିଅନ ହରିୟାଣା ମଧ୍ୟରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍‌ରେ ମହାରାଷ୍ଟ୍ର ସହ ମଣିପୁର, ତୃତୀୟ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ସହ ବେଙ୍ଗଲ ଓ ଚତୁର୍ଥ ମ୍ୟାଚରେ ଝାଡଖଣ୍ଡ ସହ ମିଜୋରାମର ମୁକାବିଲା ହେବ। ଏହି ମ୍ୟାଚ୍‌ଗୁଡିକ ଯଥାକ୍ରମେ ସକାଳ ୭ଟା, ଅପରାହ୍ଣ ୪ଟା, ସନ୍ଧ୍ୟା ୬ଟା ଓ ରାତି ୮ଟାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ମେ ୧ରୁ ରାଜମାତା ଜିଜାବାଇ ଟ୍ରଫି

# ୨୨ ଜଣିଆ ଓଡ଼ିଶା ଦଳ ଘୋଷିତ




**କଟକ,୨୯।୪(ସମିସ)**

୨୮ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ତଥା ଜିଜାବାଇ ଟ୍ରଫି ଆସନ୍ତା ମେ ପହିଲାରୁ ଆରମ୍ଭ ହେବ। କୋଲକାତାରେ ହେବାକୁ ଥିବା ଏହି ଟ୍ରଫି ନିମନ୍ତେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ସୋମବାର ୨୨ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତାର ଗ୍ରୁପ-ବିରେ ଓଡ଼ିଶା ସ୍ଥାନ ପାଇଛି। ଏହି ଗ୍ରୁପରେ ହରିୟାଣା, ମଣିପୁର, ସିକିମ, ଝାଡଖଣ୍ଡ, ମହାରାଷ୍ଟ୍ର ମଧ୍ୟ ରହିଛନ୍ତି। ମେ ୨ରେ ହରିୟାଣା ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଘୋଷିତ ରାଜ୍ୟ ଦଳରେ ସ୍ୱନ୍ଦିତା ଦାସ, ମଞ୍ଜୁ ଗଞ୍ଜୁ, ସାକ୍ରୋ ହେମ୍ବ୍ରମ, ଜୁଲି କିଶାନ, ଅମୃତା ନାୟକ, ପିପିଲି ମହାନ୍ତି, ଶିବାନୀ ମୁଣ୍ଡାରୀ, ସୁବାଶିନୀ ସାହା, ପ୍ରଜ୍ଞା କିଶାନ, ଦୀପା ନାୟକ, ସୁମିତ୍ରା ହେମ୍ବ୍ରମ, ମୁନିକା ମିଞ୍ଜ, ଜାହ୍ନବୀ କିଶାନ, ସତ୍ୟବତୀ ଖାଡିଆ, ବନ୍ୟା କବିରାଜ, ଶୀଲା ସିଂହ, ମାଳତୀ ମୁଣ୍ଡା, ଲିଣ୍ଡା କୋମ, ପ୍ରତିମା ଓରାମ, ପ୍ୟାରୀ ଖାଖା, ଶୁଭଦ୍ରା ସାହୁ, ମନୀଷା ନାୟକ ସ୍ଥାନ ପାଇଛନ୍ତି। କ୍ରିସପିନ ଛେତ୍ରୀ ମୁଖ୍ୟକୋଚ୍, ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ ଓ ଗାୟତ୍ରୀ ମଲ୍ଲିକ ସହକାରୀ କୋଚ୍, ସ୍ୱର୍ଣ୍ଣପ୍ରଭା ନାୟକ ମ୍ୟାନେଜର, ସୌରଭ ଭିରଡି ଗୋଲକିପର କୋଚ୍, ଲୋପାମୁଦ୍ରା ମହାରାଜ ଫିଜିଓ ଭାବେ ଦଳ ସହ ଯାତ୍ରା କରିଛନ୍ତି। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶୀର୍ଷ ମାନ୍ୟତା ଓ ଟପ୍ସକୁ ଫେରିଲେ ଦୀପିକା

**ନୂଆଦିଲ୍ଲୀ, ୨୯ ।୪ (ଏଜେନ୍ସି):** ଭାରତର ଜଣାଶୁଣା ମହିଳା ତୀରନ୍ଦାଜ ତଥା ବିଶ୍ୱର ପ୍ରାକ୍ତନ ଏକ ନମ୍ବର ଖେଳାଳି ଦୀପିକା କୁମାରୀ ସୋମବାର ଡବଲ୍ ସଫଳତା ପାଇଛନ୍ତି। ସେ ଭାରତର ଏକ ନମ୍ବର ମହିଳା ତୀରନ୍ଦାଜ ମାନ୍ୟତା ହାସଲ କରିଛନ୍ତି। ନିକଟରେ ସାଂଘାଇରେ ଅନୁଷ୍ଠିତ ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୧ରେ ୨୯ ବର୍ଷୀୟା ଦୀପିକା ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ବୃଦ୍ଧି ହୋଇଛି। ସେ ବିଶ୍ୱ ମାନ୍ୟତାରେ ଏକାଥରକେ ୧୦୦ଟି ସ୍ଥାନ ଉପରକୁ ଉଠି ଶ୍ରେଷ୍ଠ-୪୦ ମଧ୍ୟକୁ ପ୍ରବେଶ କରିଛନ୍ତି। ଏହାବାଦ୍ ଦୀପିକା କ୍ରୀଡ଼ା ବିଭାଗର ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ପୁନର୍ବାର ସାମିଲ ହୋଇଛନ୍ତି। ଦୀପିକାଙ୍କୁ ଟପ୍ସରେ ପୁଣିଥରେ ସାମିଲ କରିବା ଲାଗି ମିସନ ଅଲିମ୍ପିକ ସେଲ୍ (ଏମ୍‌ଓସି)ର ୧୩୩ତମ ବୈଠକରେ ନିଷ୍ପତ୍ତି ହୋଇଥିଲା। ଡିସେମ୍ବର ୨୦୨୨ରେ ଦୀପିକା ମାତୃତ୍ୱ ଲାଭ କରିବା ପରେ ପରବର୍ତ୍ତୀ ସିଜନ (୨୦୨୩) ସମ୍ପୂର୍ଣ୍ଣ ଭାବେ ଖେଳିପାରି ନ ଥିଲେ। ଯେଉଁଥି ପାଇଁ ତାଙ୍କୁ 'ଟପ୍ସ'ରୁ ବାଦ୍ ଦିଆଯାଇଥିଲା।

### ଓଡ଼ିଶା ରାଜ୍ୟ ଜୁ-ଜିତ୍‌ସୁ ସଂଘର ନିର୍ବାଚନ

# ଚିତ୍ତରଞ୍ଜନ ସଭାପତି, ହରିପ୍ରସାଦ ସମ୍ପାଦକ

**ଭୁବନେଶ୍ୱର, ୨୯।୪ (ସମିସ):** ଓଡ଼ିଶା ରାଜ୍ୟ ଜୁ-ଜିତ୍‌ସୁ ସଂଘର ବାର୍ଷିକ ବୈଠକ ସାଧାରଣ ନିର୍ବାଚନ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସଂଘର ନୂଆ କର୍ମକର୍ତ୍ତା ଆସନ୍ତା ୪ ବର୍ଷ ଅର୍ଥାତ୍ ୨୦୨୪ରୁ ୨୦୨୮ ପର୍ଯ୍ୟନ୍ତ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କ୍ରୀଡ଼ା ପ୍ରଶାସନରେ ଦୀର୍ଘଦିନ ରହିଆସିଥିବା ଇଂ ଚିତ୍ତରଞ୍ଜନ ସ୍ୱାଇଁ ସଭାପତି ଓ କରାଟେ ଗୁରୁ ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସଭାପତି ଚିତ୍ତରଞ୍ଜନଙ୍କୁ ସହାୟତା କରିବା ଲାଗି ୪ଜଣ ଉପସଭାପତି ଯଥା ଗୌରୀ ମହାନ୍ତି, ଶୁଭାଶିଷ ମହାପାତ୍ର, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଓ ଖାରବେଳ ମଲ୍ଲିକ ନିର୍ବାଚିତ ହୋଇଛନ୍ତି। ସେହିପରି ଦୀପକ କୁମାର ସାମନ୍ତରା ଓ ମୀରଅଜମତ ଅଲ୍ଲୀ ଯୁଗ୍ମସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସମସ୍ତ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବାରେ ସମର୍ଥ ହୋଇଛନ୍ତି। ଗତକାଲି ହୋଇଥିବା ରାଜ୍ୟ କରାଟେ ଡୋ ସଂଘ ନିର୍ବାଚନରେ ହରିପ୍ରସାଦ ପଟ୍ଟନାୟକ ସଭାପତି ଓ ଗୌରୀ ମହାନ୍ତି ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ।

ଅନ୍ୟ ନିର୍ବାଚିତ କର୍ମକର୍ତ୍ତାଙ୍କ ମଧ୍ୟରେ ହିମାଂଶୁ ଶେଖର ଦାସ କୋଷାଧ୍ୟକ୍ଷ, ଚିନ୍ମୟୀ ଭୂୟାଁ ଓ ସନ୍ଦୀପ ଦାସ କାର୍ଯ୍ୟନିର୍ବାହୀ ସଦସ୍ୟ ହୋଇଛନ୍ତି। ଏହି ନିର୍ବାଚନରେ ଆଡଭୋକେଟ ଶିବଶଙ୍କର ଚଇନି ନିର୍ବାଚନ ଅଫିସର ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ଏହି ବୈଠରେ ଏସିଆନ ଗେମ୍ସ ଜୁ-ଜିତ୍‌ସୁରେ ଭାଗ ନେଇଥିବା ଅନୁପମା ସ୍ୱାଇଁଙ୍କୁ ଏହି ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଅକୁଣ୍ଠ ସହଯୋଗ ଯୋଗାଇଦେଇଥିବାରୁ ସଂଘ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ବୋଲି ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।




### ଥମାସ କପ୍ ବ୍ୟାଡମିଣ୍ଟନ

# କ୍ୱାର୍ଟର ଫାଇନାଲରେ ଭାରତ

**ନୂଆଦିଲ୍ଲୀ, ୨୯।୪(ଏଜେନ୍ସି)**

ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ପୁରୁଷ ଦଳ ଥମାସ କପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍-ସି'ର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ୫-୦ ବ୍ୟବଧାନରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଦଳ ଥାଇଲାଣ୍ଡକୁ ୪-୧ ବ୍ୟବଧାନରେ ପରାସ୍ତ କରିଥିଲା। ଏବେ ଦଳ ତାହାର ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ୧୪ଥରର ଚାମ୍ପିଅନ ଇଣ୍ଡୋନେସିଆକୁ ଭେଟିବ। ଏହି ମୁକାବିଲା ପରେ ଗ୍ରୁପ୍-ସି'ରେ କେଉଁ ଦଳ ପ୍ରଥମ ଓ କେଉଁ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିବ ତାହା ଚୂଡାନ୍ତ ହୋଇଯିବ।

ଚୀନ୍‌ର ଚେଙ୍ଗଡୁ ସହରରେ ଚାଲିଥିବା ମହିଳା ଦଳଗତ ବିଭାଗ ଉବର କପ୍‌ରେ ମଧ୍ୟ ଭାରତ କ୍ରମାଗତ ୨ଟି ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିସାରିଛି। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ଯଥାକ୍ରମେ କାନାଡ଼ା ଓ ସିଙ୍ଗାପୁରକୁ ୪-୧ ବ୍ୟବଧାନରେ ପରାସ୍ତ କରିଥିଲା। ମଙ୍ଗଳବାର ଶକ୍ତିଶାଳୀ ଚୀନ ସହ ଦଳର ତୃତୀୟ ଗ୍ରୁପ୍ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରେ ଗ୍ରୁପ୍‌ରେ ଶୀର୍ଷସ୍ଥାନ କେଉଁଦଳ ହାସଲ କରିବ ତାହା ସ୍ଥିର ହେବ।




ପୁରୁଷ ବିଭାଗରେ ସୋମବାର ଖେଳାଯାଇଥିବା ଗ୍ରୁପ୍-ସି'ର ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ତାହାର ସମସ୍ତ ୫ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତର ଟପ୍ ଖେଳାଳି ଏଚ୍‌ଏସ୍ ପ୍ରଣୟ ୨୧-୧୫, ୨୧-୧୫



ସେଟ୍‌ରେ ହ୍ୟାରୀ ହୁଆଙ୍ଗଙ୍କୁ ପରାସ୍ତ କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମ ମ୍ୟାଚ୍‌ରେ ଦଳକୁ ଅଗ୍ରଣୀ ଦେବା ଆବଶ୍ୟକ ବୋଲି ପ୍ରଣୟ କହିଛନ୍ତି।

ଦ୍ୱିତୀୟ ମୁକାବିଲାରେ ତାରକା ଯୁଗଳ ଯୋଡ଼ି ସାତ୍ତ୍ୱିକସାଇରାଜ ଓ ଚିରାଗ ସେଟ୍ଟୀ ୨୧-୧୭, ୧୯-୨୧ ଓ ୨୧-୧୫ରେ ବେନ୍ ଲେନ୍ ଓ ସିନ୍ ଭେଣ୍ଡିଙ୍କ ଯୋଡିକୁ ହରାଇଥିଲେ । ଏହି ମ୍ୟାଚ୍‌ଟି ଦୀର୍ଘ ୧ ଘଣ୍ଟା ୫ ମିନିଟ୍‌ରେ ଶେଷ ହୋଇଥିଲା। ତୃତୀୟ ମୁକାବିଲାଟି ପୂର୍ବତନ ବିଶ୍ୱର ନଂ-୧ ଖେଳାଳି କିଦାମ୍ବି ଶ୍ରୀକାନ୍ତ ଓ ଇଂଲଣ୍ଡର ନଦୀମ ଡାଲଭିଙ୍କ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଶ୍ରୀକାନ୍ତ ୨୧-୧୬, ୨୧-୧୧ ସିଧାସଳଖ ସେଟ୍‌ରେ ବିଜୟୀ ହୋଇ ଭାରତକୁ ୩-୦ରେ ଅପରାଜେୟ ଅଗ୍ରଣୀ ଦେଇଥିଲେ। ଏହି ମ୍ୟାଚ୍‌ରେ ମୁଁ ଭଲ ଖେଳିଥିଲି। କିନ୍ତୁ ୨୦ ବର୍ଷ ବୟସର ଖେଳାଳିଙ୍କ ସହ ମୋତେ ତୁଳନା କରାଯିବା ଅନୁଚିତ୍। ଯାହାହେଲେ ମଧ୍ୟ ମୁଁ ସମସ୍ତ ମୁକାବିଲାରେ ମୋର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରୁଛି ବୋଲି ଶ୍ରୀକାନ୍ତ କହିଛନ୍ତି।

ଚତୁର୍ଥ ମୁକାବିଲାଟି ଦ୍ୱିତୀୟ ଯୁଗଳ ଯୋଡି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଧ୍ରୁବ କପିଳା ଓ ଏମ୍‌ଆର୍ ଅର୍ଜୁନଙ୍କ ଯୋଡି ୨୧-୧୭, ୨୧-୧୯ରେ ଇଂଲଣ୍ଡ ଯୋଡି ରୟ ଇଷ୍ଟନ ଓ ଆଲେକ୍ସ ଗ୍ରୀନ୍‌ଙ୍କୁ ପରାସ୍ତ କରିଥିଲେ। ଶେଷ ମୁକାବିଲାରେ କିରନ ଜର୍ଜ ୨୧-୧୮ ଓ ୨୧-୧୨ରେ ଚୋଲାନ କାୟାନଙ୍କୁ ପରାସ୍ତ କରି ଭାରତକୁ ୫-୦ରେ ଜିତାଇବାରେ ସମର୍ଥ ହୋଇଛନ୍ତି।

### ୬୭ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା

# ରଗ୍‌ବୀରେ ଓଡ଼ିଶାକୁ ଦ୍ୱୈତ ରୌପ୍ୟ ସଫଳତା



**ଭୁବନେଶ୍ୱର, ୨୯ ।୪ (ସମିସ)**

ପୁଣେର ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପଲେକ୍ସଠାରେ ଶେଷ ହୋଇଥିବା ଜାତୀୟ ବିଦ୍ୟାଳୟ କ୍ରୀଡ଼ାର ୬୭ତମ ସଂସ୍କରଣରେ ଓଡ଼ିଶା ରଗ୍‌ବୀ ଦଳ ଦ୍ୱୈତ ରୌପ୍ୟ ପଦକ ସଫଳତା ପାଇଛି। ଓଡ଼ିଶା ସିଏଚ୍‌ଏସ୍‌ଇ (ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ) ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ରଗ୍‌ବୀ ଦଳ ଉପବିଜେତା ହୋଇଛି। ଉଭୟ ବିଭାଗର ଫାଇନାଲରେ ବିହାର ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ହାତେଇନେଇଥିଲା। ବାଳକ ବିଭାଗ ଫାଇନାଲରେ ଓଡ଼ିଶା ୧୨-୧୭ ସ୍କୋରରେ ବିହାର ନିକଟରୁ ହାରି ରୌପ୍ୟରେ ସନ୍ତୁଷ୍ଟ ରହିଥିଲା। ସେହିଭଳି ବାଳିକା ଦଳ କିନ୍ତୁ ୦୫-୩୬ରେ ଏକପାଖିଆ ଭାବେ ବିହାରଠାରୁ ହାରି ଉପବିଜେତା ରହିଥିଲା। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିକଟରେ ଏହି ପ୍ରତିଯୋଗିତାର ୧୯ ବର୍ଷରୁ କମ୍ ବିଭାଗରେ ଓଡ଼ିଶା ସିଏସ୍‌ଏସ୍‌ଇ ବାଳିକା ରଗ୍‌ବୀ ଦଳ ମଧ୍ୟ ରୌପ୍ୟ ପଦକ ସଫଳତା ପାଇଥିଲା।

### ବରୁଣଙ୍କ ଚତୁର ବୋଲିଂ, ସଲ୍ଟଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ଦିଲ୍ଲୀକୁ ସହଜରେ ହରାଇଲା କୋଲକାତା

କୋଲକାତା, ୨୯ ।୪ (ଏଜେନ୍ସି)

ବରୁଣ ଚକ୍ରବର୍ତ୍ତୀ (୩/୧୬)ଙ୍କ ଚତୁର ବୋଲିଂ ଓ ଫିଲିପ୍ ସଲ୍ଟଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୪୭ତମ ଲିଗ୍ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସ ୭ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି । ଏହା ଫଳରେ ୯ମ ମୁକାବିଲାରୁ କୋଲକାତା ୬ଷ୍ଠ ବିଜୟ ହାସଲ କରି ପୂର୍ବପରି ଦ୍ୱିତୀୟସ୍ଥାନରେ ଥିଲେ ମଧ୍ୟ ନେଟରନ୍ ରେଟରେ ବୃଦ୍ଧି ଘଟିଛି । ଅନ୍ୟପକ୍ଷରେ ଦିଲ୍ଲୀ ୧୧ତମ ମୁକାବିଲାରେ ୬ଷ୍ଠ ପରାଜୟ ବରଣ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୯ ୱିକେଟରେ ୧୫୩ ରନ୍ କରିଥିଲା । ଜବାବରେ କୋଲକାତା ନାଇଟ୍ ରାଇଡର୍ସ ୧୬.୩ ଓଭରରେ ୩ ୱିକେଟ ହରାଇ ୧୫୭ ରନ୍ କରି ସହଜରେ ବିଜୟୀ ହୋଇଥିଲା । ଦଳ ପକ୍ଷରୁ ସଲ୍ଟ ଓ ସୁନୀଲ ନାରିନ୍ ପ୍ରଥମ ୱିକେଟ୍‌ରୁ ୬.୧ ଓଭରରେ ୭୯ ରନ୍ ଉଠାଇଥିଲେ । ୨୫ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିବା ସଲ୍ଟ ୩୩ ବଲ୍‌ରୁ ୭ ଚୌକା ଓ ୫ ଛକା ସହ ୬୮ ରନ୍‌ରେ ଆଉଟ ହୋଇଥିଲେ । ଏହା ପରେ ଦଳ ୧୦୦ ରନ୍‌ରେ ୩ ୱିକେଟ ହରାଇଥିଲା । କିନ୍ତୁ ଦୁଇ ଆୟର ଯଥା ଶ୍ରେୟସ (୨୩ବଲ୍‌ରେ ୩୩) ଓ ଭେଙ୍କଟେଶ (୨୩ବଲ୍‌ରେ ୨୬ରନ୍) ଆଉ ଅଧିକ କ୍ଷତି ହେବାକୁ ନ ଦେଇ କୋଲକାତାକୁ ବିଜୟୀ କରାଇଥିଲେ ।

## ସମ୍ମାନ ରଖିଲେ କୁଲଦୀପ ଯାଦବ

ଟସ୍ ଜିତି ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଆରମ୍ଭରୁ ଅଡୁଆ ସ୍ଥିତିରେ ପଡ଼ିଥିଲା । କୋଲକାତାର ମିଡିୟମ୍ ପେସ୍ ବୋଲର ବୈଭବ ଅରୋରା ଦିଲ୍ଲୀର ଦୁଇ ଖେଳାଳି ପୃଥ୍ୱୀ ଶ' (୧୩) ଓ ସାଇ ହୋପ୍ (୬)ଙ୍କୁ ଏବଂ ମିଚେଲ ଷ୍ଟାର୍କ ବିପଜ୍ଜନକ ଜେକ୍ ଫ୍ରେଜର-ମ୍ୟାକ୍‌ଗ୍ରୁକ୍‌ଙ୍କୁ ୧୨ ରନ୍‌ରେ ଆଉଟ କରିଥିଲେ । ଏହା ଫଳରେ ଚତୁର୍ଥ ଓଭରରେ ଦଳ ୩୭ ରନ୍‌ରେ ୩ ୱିକେଟ ହରାଇଥିଲା । ଅଭିଷେକ ପୋରେଲଙ୍କୁ ୧୮ ରନ୍‌ରେ ଆଉଟ କରିବା ଫଳରେ ଦିଲ୍ଲୀର ସ୍କୋର ୪ ୱିକେଟରେ ୬୮ ରନ୍‌ରେ ପହଞ୍ଚିଥିଲା । ଏହି ସମୟରେ ବରୁଣ ଚକ୍ରବର୍ତ୍ତୀ ବୋଲିଂ କରିବାକୁ ଆସି ସବୁକିଛି ବଦଳାଇ ଦେଇଥିଲେ । ସେ ଅଧିନାୟକ ଋଷଭ ପନ୍ତ (୨୭), ଟ୍ରିଷ୍ଟାନ ଷ୍ଟବ୍ସ (୪), କୁମାର କୁଶାଗ୍ର (୧)ଙ୍କୁ ଆଉଟ କରିବା ପରେ ଦିଲ୍ଲୀ ସମସ୍ତ ଓଭର ଖେଳି ପାରିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ଏହି ସମୟରେ କୁଲଦୀପ ଯାଦବ ବ୍ୟାଟିଂ କରିବାକୁ ଆସିବା ପରେ ଦଳ କିଛିଟା ଭଲ ପ୍ରଦର୍ଶନ କରିଥିଲା । ସେ ମିଚେଲ ଷ୍ଟାର୍କଙ୍କ ଓଭରରୁ ୱାଇଡ୍ ୫ ରନ୍ ସମେତ ୧୭ ରନ୍ ଉଠାଇବା ପରେ ତାଙ୍କ ଆତ୍ମବିଶ୍ୱାସ ବଢ଼ିଯାଇଥିଲା । ଗୋଟିଏ ପଟେ ୱିକେଟ ପଡୁଥିଲେ ମଧ୍ୟ କୁଲଦୀପ ଦୃଢ଼ତାର ସହ ବ୍ୟାଟିଂ କରି ଦିଲ୍ଲୀକୁ ୧୫୦ ରନ୍ ପୂରଣ କରିବାରେ ସହାୟତା କରିଥିଲେ । ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ଏହି ବାମହାତୀ ସ୍ପିନର ୨୬ଟି ବଲ୍‌ରୁ ୫ ଚୌକା ଓ ୧ଛକା ସହ ୩୫ ରନ୍ କରିଥିଲେ । ଏହା ଫଳରେ ଦିଲ୍ଲୀର ସମ୍ମାନ ରହିଯାଇଥିଲା । କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ମିଡଲ ଓଭରରେ ଚମତ୍କାର ବୋଲିଂ ପ୍ରଦର୍ଶନ କରି ୪ ଓଭରରେ ୧୬ ରନ୍ ଦେଇ ୩ଟି ୱିକେଟ ପାଇଥିଲେ । ସେହିପରି ଦୁଇ ଘରୋଇ ମିଡିୟମ୍ ପେସ୍ ବୋଲର ହର୍ଷିତ ରାଣା ଓ ବୈଭବ ଅରୋରା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ । ଚଳିତ ସିଜନରେ ଭଲ ଖେଳୁଥିବା ଅରୋରା ପାୱାର ପ୍ଲେ'ରେ ୭ଟି ୱିକେଟ ନେବାରେ ସମର୍ଥ ହୋଇଛନ୍ତି ।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ଲକ୍ଷ୍ନୌ- ମୁମ୍ବାଇ**

ସ୍ଥାନ- ଲକ୍ଷ୍ନୌ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା



### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୯ | ୮ | ୧ | ୧୬ | +୦.୬୯୪ |
| କୋଲକାତା | ୯ | ୬ | ୩ | ୧୨ | +୧.୦୯୬ |
| ଚେନ୍ନାଇ | ୯ | ୫ | ୪ | ୧୦ | +୦.୮୧୦ |
| ହାଇଦ୍ରାବାଦ | ୯ | ୫ | ୪ | ୧୦ | +୦.୦୭୫ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ | +୦.୦୫୯ |
| ଦିଲ୍ଲୀ | ୧୧ | ୫ | ୬ | ୧୦ | -୦.୪୪୨ |
| ଗୁଜରାଟ | ୧୦ | ୪ | ୬ | ୮ | -୧.୧୧୩ |
| ପଞ୍ଜାବ | ୯ | ୩ | ୬ | ୬ | -୦.୧୮୭ |
| ମୁମ୍ବାଇ | ୯ | ୩ | ୬ | ୬ | -୦.୨୬୧ |
| ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |

### ଗୋଟିଏ ଗ୍ରାଉଣ୍ଡରେ ନାରିନ୍‌ଙ୍କୁ ସର୍ବାଧିକ ୱିକେଟ

ଏହି ମ୍ୟାଚ୍‌ରେ କୋଲକାତା ସ୍ପିନର ସୁନୀଲ ନାରିନ୍, ମିଚେଲ ଷ୍ଟାର୍କଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା । ଅକ୍ଷର ପଟେଲଙ୍କୁ ଆଉଟ କରି ଇଡେନ ଗାର୍ଡେନ୍ସରେ ସର୍ବାଧିକ ୬୯ଟି ୱିକେଟ ନେବାର ରେକର୍ଡ କରିଛନ୍ତି । ପୂର୍ବରୁ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ଲାସିଥ ମାଲିଙ୍ଗା ସର୍ବାଧିକ ୬୮ଟି ୱିକେଟ ନେଇ ରେକର୍ଡର ଅଧିକାରୀ ହୋଇଥିଲେ ।

## ୨୦୦ ରନ୍ କରିବାରେ ଚେନ୍ନାଇର ବିଶ୍ୱରେକର୍ଡ



**ଚେନ୍ନଇ, ୨୯।୪(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମହେନ୍ଦ୍ର ସିଂ ଧୋନି/ଋତୁରାଜ ଗାଏକ୍‌ୱାର୍ଡଙ୍କ ନେତୃତ୍ୱରେ ଗଠିତ ଚେନ୍ନାଇ ସୁପର କିଙ୍ଗ୍‌ସ ଟି-୨୦ ଫର୍ମାଟରେ ବିଶ୍ୱର ଏକ ଶ୍ରେଷ୍ଠ ଦଳରେ ପରିଣତ ହୋଇଛି । ଏଠାରେ ରବିବାର ଖେଳାଯାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷ ମୁକାବିଲାରେ ଚେନ୍ନାଇ ୩ ୱିକେଟରେ ୨୧୨ ରନ୍ କରି ଏକ ବିଶ୍ୱରେକର୍ଡ କରିବାରେ ସମର୍ଥ ହୋଇଛି । ଟି-୨୦ କ୍ରିକେଟ ଇତିହାସରେ ଚେନ୍ନାଇ ୩୫ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ କରିବାରେ ସମର୍ଥ ହୋଇ ଏହି ରେକର୍ଡର ଅଧିକାରୀ ହୋଇଛି । ଏହି ସ୍କୋର ପରେ ଚେନ୍ନାଇର ବୋଲରମାନେ ହାଇଦ୍ରାବାଦ୍‌କୁ ୧୮.୫ ଓଭରରେ ୧୩୪ ରନ୍‌ରେ ଅଲଆଉଟ କରି ୭୮ ରନ୍‌ରେ ଦମ୍‌ଦାର ବିଜୟ ହାସଲ କରିଥିଲା । ଟି-୨୦ କ୍ରିକେଟରେ ଚେନ୍ନାଇ ୩୫ଥର ଏପରି ସଫଳତା ପାଇଥିଲାବେଳେ ଇଂଲିଶ କାଉଣ୍ଟି କ୍ରିକେଟ ଟିମ୍ ସମରସେଟ୍‌କୁ ପଛରେ ପକାଇଦେଇଛି । ସମରସେଟ୍ ୩୪ଥର ଏବଂ ତୃତୀୟ ସ୍ଥାନରେ ଥିବା ଭାରତ ୩୨ଥର ଗୋଟିଏ ପାଳିରେ ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ରେକର୍ଡ କରିଛି । ଏହା ପଛକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୩୧ଥର, ୟର୍କସାୟର ୨୯ଥର ଓ ସରେ ୨୮ଥର ଏହି ସଫଳତା ପାଇଛି । ଏହି ଦଳ ଗୁଡିକର ବ୍ୟାଟରମାନେ ଭୟଶୂନ୍ୟ ଖେଳିବାରୁ ଏହି ସଫଳତା ପାଇଛନ୍ତି । ଇଣ୍ଡିଆନ ପ୍ରିମିୟର ଲିଗ୍ ବିଶ୍ୱର ସବୁଠାରୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ହୋଇଥିବାରୁ ଏଠାରେ ୨୦୦ ରନ୍ କରିବା ସାଧାରଣତଃ କଷ୍ଟକର ହୋଇଥାଏ । ଚଳିତବର୍ଷ ଏହି ଧାରାରେ ପରିବର୍ତ୍ତନ ହୋଇଛି ।

## ୪ ଓଭରରେ ୪୦ ରନ୍ ସାଧାରଣ କଥା: ସିରାଜ



**ଅହମ୍ମଦାବାଦ୍, ୨୯।୪(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୪ ଓଭରରେ ୪୦ ରନ୍ ବ୍ୟୟ କରିବା ବ୍ୟୟବହୁଳ ବିବେଚନା କରାଯାଉଥିଲା । କିନ୍ତୁ ୨୦୨୪ରେ ଏହା ବଦଳିଯାଇଛି । ଏବେ ଜଣେ ବୋଲର ୪ ଓଭରରେ ୪୦ ରନ୍ ବ୍ୟୟ କରିବା ଏକ ସାଧାରଣ କଥାରେ ପରିଣତ ହୋଇଯାଇଛି ବୋଲି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୁରୁର ପେସ୍ ବୋଲର ମହମ୍ମଦ୍ ସିରାଜ କହିଛନ୍ତି । ଏଠାରେ ରବିବାର ଖେଳାଯାଇଥିବା ଗୁଜରାଟ ଜାଏଣ୍ଟସ ବିପକ୍ଷ ମୁକାବିଲାରେ ସିରାଜ ୪ ଓଭରରେ ୩୪ ରନ୍ ଦେଇଥିଲେ । ଏହାକୁ ଭଲ ପ୍ରଦର୍ଶନ ବୋଲି କୁହାଯାଉଛି । ମୁଁ ମଧ୍ୟ ଏହାକୁ ସ୍ୱୀକାର କରୁଛି ବୋଲି ସିରାଜ କହିଛନ୍ତି । ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସିରାଜ କହନ୍ତି, ଏବେ ବୋଲରଙ୍କୁ ପିଚ୍‌ରୁ କୌଣସି ସହାୟତା ମିଳୁନାହିଁ । ପଡ଼ିଆ ଗୁଡିକ ଛୋଟ ଓ ପିଚ୍ ଫ୍ଲାଟ ହୋଇଥିବାରୁ ବୋଲରମାନେ ନିର୍ମମ ପ୍ରହାର ଖାଉଛନ୍ତି । ପିଚ୍‌ରେ ବଲ ସୁଇଂ ହେଉଛି ନା ଟର୍ଣ୍ଣ, ବୋଲର ବଲ ପକାଇବା ମାତ୍ରେ ମାଡ ଖାଉଛି । ଚଳିତ ଆଇପିଏଲ୍‌ରେ ପ୍ରତ୍ୟେକ ମ୍ୟାଚରେ ୨୫୦ରୁ ୨୬୦ ରନ୍ ସ୍କୋର ହେଉଛି । ଏହାକୁ ଦେଖିଲେ ବୋଲରଙ୍କୁ କିଛି ସହାୟତା ମିଳୁଛି ବୋଲି କହିବା ଆଦୌ ଠିକ୍ ହେବନାହିଁ । ସୂଚନା ଯୋଗ୍ୟ ଆଇପିଏଲ୍ ଇତିହାସରେ ମାତ୍ର ୯ ଥର ଗୋଟିଏ ପାଳିରେ ୨୫୦ କିମ୍ବା ଉଦ୍ଧ୍ୱର୍ ରନ୍ ସଂଗୃହୀତ ହୋଇଛି । ତାହା ମଧ୍ୟରୁ କେବଳ ୭ଥର ଚଳିତ ଆଇପିଏଲ୍‌ରେ ଦେଖିବାକୁ ମିଳିଛି । ଏହି ଟୁର୍ଣ୍ଣାମେଣ୍ଟ ବୋଲରଙ୍କ ଲାଗି ଦୁଃସ୍ୱପ୍ନ ପାଲଟିଯାଇଛି ।

## ଛକାରେ ଡି ଭିଲର୍ସଙ୍କୁ ପଛରେ ପକାଇଲେ କୋହଲି

**ଅହମ୍ମଦାବାଦ, ୨୯ ।୪ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ଚମତ୍କାର ଫର୍ମରେ ଥିବା ବିରାଟ କୋହଲି ଆଉ ଏକ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି । ରବିବାର ଏଠାରେ ଘରୋଇ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଅପରାଜିତ ୭୦ ରନର ପାଳି ଖେଳି ସେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୯ ୱିକେଟ୍‌ରେ ଜିତାଇଥିଲେ । ଏହି ପାଳିରେ କୋହଲି ୪୪ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ମାରିଥିଲେ । ଏଥିସହ ଆଇପିଏଲ୍‌ରେ ସର୍ବାଧିକ ଛକା ମାରିବାରେ ପୂର୍ବତନ ସାଥୀ ଖେଳାଳି ଏବି ଡି ଭିଲର୍ସଙ୍କୁ ପଛରେ ପକାଇ ଦେଇଛନ୍ତି । କୋହଲି ବର୍ତ୍ତମାନ ଆଇପିଏଲ୍‌ରେ ୨୪୭ ମ୍ୟାଚ୍ ଖେଳି ୨୫୪ଟି ଛକା ମାରିଛନ୍ତି । ଏହିକ୍ରମରେ ଡି ଭିଲର୍ସ (୧୮୪ ମ୍ୟାଚରୁ ୨୫୧ ଛକା) ୪ର୍ଥ ସ୍ଥାନକୁ ଖସି ଯାଇଛନ୍ତି । ଆଇପଏଲ୍‌ରେ ସର୍ବାଧିକ ଛକା ମାରିବାରେ କ୍ରିସ୍ ଗେଲ୍ (୩୫୭ ଛକା) ଓ ରୋହିତ୍ ଶର୍ମା (୨୭୫) ଯଥାକ୍ରମେ ତାଲିକାର ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି ।

## ଭାରତ-ବାଂଲା ୨ୟ ମହିଳା ଟି-୨୦ ଆଜି

**ସିଲ୍‌ହେଟ୍, ୨୯ ।୪ (ଏଜେନ୍ସି):** ବାଂଲାଦେଶ ଗସ୍ତରେ ଥିବା ଭାରତୀୟ ବରିଷ୍ଠ ମହିଳା କ୍ରିକେଟ୍ ଦଳ ଟି-୨୦ ସିରିଜର ୨ୟ ମ୍ୟାଚ ମଙ୍ଗଳବାର ଏଠାରେ ଘରୋଇ ଦଳ ବିପକ୍ଷରେ ଖେଳିବ । ଅପରାହ୍ଣ ୩ଟା ୩୦ରୁ ଏହି ମ୍ୟାଚ୍ ଆରମ୍ଭ ହେବ । ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଏହି ମ୍ୟାଚ ଜିତି ସିରିଜରେ ଅଗ୍ରଣୀ ବ୍ୟବଧାନକୁ ୨-୦କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ପୂର୍ବରୁ ରବିବାର ଏଠାରେ ଖେଳାଯାଇଥିବା ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମୁକାବିଲାକୁ ଭାରତ ୪୪ ରନରେ ଜିତି ଅଭିଯାନ ଆରମ୍ଭ କରିଥିଲା । ପ୍ରଥମ ମ୍ୟାଚରେ ଭାରତ ୭ ୱିକେଟ୍‌ରେ ୧୪୫ ରନ କରିଥିଲା । ଦଳ ପକ୍ଷରୁ ଯଷ୍ଟିକା ଭାଟିଆ ୩୬, ଶେଫାଳି ବର୍ମା ୩୧, ଅଧିନାୟିକା କୌର ୩୦ ରନ କରିଥିଲେ । ଜବାବରେ ବାଂଲାଦେଶ ଅଧିନାୟିକା ନିଗାର ସୁଲତାନାଙ୍କ ୫୧ ରନ ସତ୍ତ୍ୱେ ୮ ୱିକେଟ୍‌ରେ ୧୦୧ ରନ କରି ପରାସ୍ତ ହୋଇଥିଲା । ୩ଟି ୱିକେଟ୍ ନେଇଥିବା ରେଣୁକା ଠାକୁର ସିଂ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

## ମାଦ୍ରିଦ୍ ଓପନ୍ | କ୍ୱାର୍ଟରରେ ସ୍ୱିଆଟେକ୍, ଜାବେଉର୍



ଇଗା ସ୍ୱିଆଟେକ

ମାଦ୍ରିଦ, ୨୯ ।୪ (ଏଜେନ୍ସି)

କ୍ଲେ କୋର୍ଟରେ ଏଠାରେ ଚାଲିଥିବା ମାଦ୍ରିଦ ଓପନ ଟେନିସ ପ୍ରତିଯୋଗିତାରେ ବିଶ୍ୱର ଏକ ନମ୍ବର ଖେଳାଳି ଇଗା ସ୍ୱିଆଟେକଙ୍କ ସମେତ ୯ମ ସିଡ୍ ଓନସ୍ ଜାବେଉର୍ ମହିଳା ଏକକର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ସୋମବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମୁକାବିଲାରେ ସ୍ୱିଆଟେକ୍ ୬-୧, ୬-୦ ସିଧାସଳଖ ସେଟ୍‌ରେ ଘରୋଇ ସ୍ପେନର ସାରା ସୋରିବେସ୍ ତୋରମୋଙ୍କୁ ପରାସ୍ତ କରିଥିଲେ । ୨୨ ବର୍ଷୀୟା ସ୍ୱିଆଟେକ ୨ୟଥର ପାଇଁ ମାଦ୍ରିଦ ଓପନ୍ କ୍ୱାର୍ଟରରେ ପ୍ରବେଶ କରିଛନ୍ତି । କ୍ୱାର୍ଟରରେ ତାଙ୍କର ମୁକାବିଲା ବିଶ୍ୱ ମାନ୍ୟତାର ୧୧ତମ ସ୍ଥାନରେ ରହିଥିବା ବ୍ରାଜିଲର ବେଟ୍ରିଜ ହାଡାଡ ମାଇଆଙ୍କ ସହ ହେବ । ଅନ୍ୟ ଏକ ପ୍ରି-କ୍ୱାର୍ଟରରେ ମାଇଆ ୬-୪, ୬-୪ ସିଧାସଳଖ ସେଟ୍‌ରେ ୫ମ ସିଡ୍ ମାରିଆ ସାକାରିଙ୍କୁ ହରାଇ ଅଗ୍ରଗତି କରିଛନ୍ତି । ମହିଳା ବିଭାଗର ଆଉ ଏକ ମୁକାବିଲାରେ ୨୦୨୨ ଚାମ୍ପିଅନ ଟ୍ୟୁନିସିଆର ଓନସ୍ ଜାବେଉର୍ ୬-୦, ୬-୪ ସେଟ୍‌ରେ ୯ମ ସିଡ୍ ଜେଲେନା ଓସ୍ତାପେଙ୍କୋଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି ।

### ରାଉଣ୍ଡ-୧୬ରେ ମେଦଭେଦେଭ



ଅପରପକ୍ଷରେ ପୁରୁଷ ବିଭାଗରେ କ୍ଲେ କୋର୍ଟର ରାଜା ଭାବେ ପରିଚିତ ଘରୋଇ ତାରକା ରାଫେଲ ନାଡାଲ, ରୁଷିଆର ଡାନିଲ ମେଦଭେଦେଭ, ଚେକ୍ ଗଣରାଜ୍ୟର ଜିରି ଲିହେକା ପ୍ରମୁଖ ରାଉଣ୍ଡ-୧୬ରେ ପ୍ରବେଶ କରିଛନ୍ତି । ରାଉଣ୍ଡ-୩୨'ର ଏକ ମ୍ୟାଚରେ ୩ୟ ସିଡ୍ ମେଦଭେଦେଭ ୫-୭, ୭-୬ (୪), ୬-୩ ସେଟ୍‌ରେ ଆମେରିକାର ସେବାଷ୍ଟିଆନ କୋର୍ଡାଙ୍କୁ ମାତ୍ ଦେଇଥିଲେ । ସେହିଭଳି ଘରୋଇ ତାରକା ନାଡାଲ ଓ ଆର୍ଜେଣ୍ଟିନାର ପେଡ୍ରୋ କାହିନଙ୍କ ମଧ୍ୟରେ ମ୍ୟାଚ୍ କଡ଼ା ସଂଘର୍ଷପୂର୍ଣ୍ଣ ଚାଲିଛି । ଅନ୍ୟ ଏକ ମ୍ୟାଚରେ ଜିରି ୬-୪, ୭-୬ ସେଟ୍‌ରେ ବ୍ରାଜିଲର ଥିଆଗୋ ମୋଣ୍ଟେଇରୋଙ୍କୁ ହରାଇଛନ୍ତି ।

### ସୌଦୀ ୭ମ, ବୋଲ୍ଟ ୫ମ ଟି-୨୦ ବିଶ୍ୱକପ୍ ଖେଳିବେ

## ୱିଲିୟମସନ ନ୍ୟୁଜିଲାଣ୍ଡ ଅଧିନାୟକ



ଟ୍ରେଣ୍ଟ ବୋଲ୍ଟ



ଟିମ୍ ସୌଦୀ

**ୱେଲିଂଟନ, ୨୯ ।୪ (ଏଜେନ୍ସି):** ଆଉ ଗୋଟିଏ ମାସ ପରେ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଲାଗି ସୋମବାର ନ୍ୟୁଜିଲାଣ୍ଡ ଦଳ ଘୋଷଣା ହୋଇଛି । ପ୍ରଥମ ଦଳ ଭାବେ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରିଛି । ଅଭିଜ୍ଞ କେନ୍ ୱିଲିୟମସନଙ୍କ ନେତୃତ୍ୱରେ ଘୋଷିତ ୧୬ ଜଣିଆ ଦଳରେ ଦ୍ରୁତ ବୋଲର ମ୍ୟାଟ୍ ହେନରୀ ଓ ଓପନର୍ ଡେଭିଡ୍ କନ୍‌ୱେଙ୍କୁ ସୁଯୋଗ ମିଳିଛି । ହେନରୀ ବର୍ତ୍ତମାନ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପକ୍ଷରୁ ଖେଳୁଛନ୍ତି । ନ୍ୟୁଜିଲାଣ୍ଡ ପକ୍ଷରୁ ୧୭ଟି ଟି-୨୦ ମ୍ୟାଚ୍ ଖେଳିସାରିଥିବା ହେନରୀଙ୍କ ପାଇଁ ଏହା ପ୍ରଥମ ଟି-୨୦ ବିଶ୍ୱକପ୍ ହେବ । ଆଘାତଜନିତ କାରଣରୁ ଦଳରୁ ବାଦ୍ ପଡ଼ିଥିବା ଅନ୍ୟତମ ଦ୍ରୁତ ବୋଲର ଆଦାମ ମିଲନେଙ୍କ ସ୍ଥାନରେ ତାଙ୍କୁ ଦଳରେ ସୁଯୋଗ ମିଳିଛି । ଘୋଷିତ ଦଳରେ ଅନ୍ୟ ଦ୍ରୁତ ବୋଲର ଭାବେ ଟିମ୍ ସୌଦୀ, ଟ୍ରେଣ୍ଟ ବୋଲ୍ଟ ଓ ଲକି ଫର୍ଗୁସନ ରହିଛନ୍ତି । ଫଳରେ ସୌଦୀଙ୍କ ଏହା ୭ମ ଓ ବୋଲ୍ଟଙ୍କ ୫ମ ଟି-୨୦ ବିଶ୍ୱକପ୍ ହେବ । ଅପରପକ୍ଷରେ କିୱି ଦଳରେ ସ୍ପିନର ଭାବେ ମିଚେଲ ସାଣ୍ଟନର, ଇଶ୍ ସୋଧୀ ରହିଛନ୍ତି । ସେହିଭଳି ଜିମ୍ମୀ ନିଶାମ, ଡାରୀଲ ମିଚେଲ, ଗ୍ଲେନ ଫିଲିପ୍ସ, ରାଚିନ ରବୀନ୍ଦ୍ର ଓ ମାର୍କ ଚାପ୍‌ମାନଙ୍କ ଭାବରେ ୪ଜଣ ଅଲ୍‌ରାଉଣ୍ଡଙ୍କୁ ଦଳରେ ନିଆଯାଇଛି । ଗ୍ୟାରୀ ଷ୍ଟେଡ୍ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଥିବାବେଳେ ବ୍ୟାଟିଂରେ ଲ୍ୟୁକ୍ ରୋଞ୍ଚି ଓ ବୋଲିଂରେ ଜାକବ ଓରାମ ପ୍ରଶିକ୍ଷକ ଦାୟିତ୍ୱ ନିଭାଇବେ । ଜୁନ ୭ରେ ଆଫଗାନିସ୍ତାନ ବିପକ୍ଷରେ ଖେଳି ନ୍ୟୁଜିଲାଣ୍ଡ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ । **ଘୋଷିତ ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଫିନ୍ ଆଲେନ, ଟ୍ରେଣ୍ଟ ବୋଲ୍ଟ, ମିଚେଲ ବ୍ରାସୱେଲ, ମାର୍କ ଚାପ୍‌ମାନ, ଡେଭନ କନୱେ, ଲକି ଫର୍ଗୁସନ, ମାଟ ହେନରୀ, ଡାରୀଲ ମିଚେଲ, ଜିମ୍ମୀ ନିଶାମ, ଗ୍ଲେନ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର, ଇଶ୍ ସୋଧୀ, ଟିମ୍ ସୌଦୀ ।

# ଆଇଏସ୍ଏଲ୍-୧୦ | ମୁମ୍ବାଇ-ମୋହନବାଗାନ ଫାଇନାଲ





ମୁମ୍ବାଇ, ୨୯ ।୪ (ଏଜେନ୍ସି)

ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍) ୧୦ମ ସଂସ୍କରଣର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି । ଟାଇଟଲ୍ ପାଇଁ ମୋହନ ବାଗାନ ଓ ମୁମ୍ବାଇ ସିଟି ମଧ୍ୟରେ ମେ ୪ (ଶନିବାର)ରେ ଲଢ଼େଇ ହେବ । ସୋମବାର ସ୍ଥାନୀୟ ମୁମ୍ବାଇ ସିଟି ଏରେନାରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲର ଦ୍ୱିତୀୟ ଚରଣ ମ୍ୟାଚରେ ଘରୋଇ ମୁମ୍ବାଇ ସିଟି ୨-୦ ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଥିଲା । ଏଥିପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲର ପ୍ରଥମ ଚରଣ ମ୍ୟାଚକୁ ମଧ୍ୟ ମୁମ୍ବାଇ ସିଟି ୩-୨ ଗୋଲରେ ବିଜୟୀ ହୋଇଥିଲା । ଫଳରେ ସେମିଫାଇନାଲର ଦୁଇ ଚରଣର ଫଳାଫଳକୁ ହିସାବକୁ ନେଇ ମୁମ୍ବାଇ ସିଟି ୫-୨ ଏଗ୍ରିଗେଟ୍ ସ୍କୋରରେ ଏଫ୍‌ସି ଗୋଆକୁ ମାତ୍ ଦେଇ ଫାଇନାଲରେ ପ୍ରବେଶ କରିଛି । ପୂର୍ବରୁ ପ୍ରଥମ ସେମିଫାଇନାଲରେ ମୋହନ ବାଗାନ ୩-୨ ଏଗ୍ରିଗେଟ୍ ସ୍କୋରରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରି ଫାଇନାଲ ଟିକଟ୍ ହାସଲ କରିଥିଲା । ପ୍ରଥମ ସେମିଫାଇନାଲର ପ୍ରଥମ ଚରଣ ମ୍ୟାଚକୁ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ ଏବଂ ଦ୍ୱିତୀୟ ମ୍ୟାଚକୁ ମୋହନ ବାଗାନ ୨-୦ ଗୋଲରେ ଜିତିଥିଲା ।

ସୋମବାର ମୁମ୍ବାଇ ସିଟି ଓ ଏଫ୍‌ସି ଗୋଆ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ଚରଣ ସେମିଫାଇନାଲ ମ୍ୟାଚ୍ କଡ଼ା ସଂଘର୍ଷପୂର୍ଣ୍ଣ ରହିଥିଲା । ଉଭୟ ଦଳ ପ୍ରଥମାର୍ଦ୍ଧରେ କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନ ଥିଲେ । ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା । ଏହାପରେ କିନ୍ତୁ ଦ୍ୱିତୀୟାର୍ଦ୍ଧରେ ମୁମ୍ବାଇ ଅଧିକ ଆକ୍ରମଣାତ୍ମକ ଖେଳି ୧୪ ମିନିଟ୍ ମଧ୍ୟରେ ୨ଟି ଗୋଲ୍ ଦେଇଥିଲା । ୬୯ତମ ମିନିଟ୍‌ରେ ଆର୍ଜେଣ୍ଟିନା ଷ୍ଟ୍ରାଇକର ଜୋରଜେ ଡିଆଜ ମୁମ୍ବାଇ ପାଇଁ ପ୍ରଥମ ଗୋଲ୍ ଦେଇଥିଲେ । ଏହାପରେ ୮୩ତମ ମିନିଟ୍‌ରେ ଲାଲିଆନଜୁଆଲ ଚାଙ୍ଗଟେଙ୍କ ଗୋଲ ଦଳର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇବା ସହ ଜିତାଇଥିଲେ ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA